


## ଏସିଆନ୍ ଆଥଲେଟିକ୍ସରେ ପୂଜାଙ୍କୁ ସ୍ୱର୍ଣ୍ଣ

ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
# THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 42 ◆ISSUE-332 ◆BHUBANESWAR ◆SATURDAY ◆31 MAY 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୨ ◆ସଂଖ୍ୟା-୩୩୨ ◆ଭୁବନେଶ୍ୱର ◆ଶନିବାର ◆୩୧ ମେ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

*We Offer :*

- Classroom Course
- Live/Online Classes
- SSC Technical Course
- Postal Study Package
- Online/Offline Test & Discussion
- Interview Guidance
- Skill Test
- Publication Books

# VANIK

National Helpline: 8093556677

● Best Faculty ● Best Study Material ● Best Test Series

VANIK Triumps over every challenges..!
Only Institute in Odisha with highest no. of selections.



Under the Guidance of
**Subrat Chhatoi**
Founder (Vanik Group)

## ADMISSION OPEN

**New Batch Starts from 02nd June 2025**

## IAS/OAS-2025

CRP BRANCH
(GENERAL STUDIES) (Prelims & Mains) Time-6.00pm-9.00pm
EXPERT FACULTIES FROM NEW DELHI

## EXCLUSIVE OAS-2025

(Prelims & Mains)
BERHAMPUR-Time : 7.00am-10.00am
CUTTACK-Time : 7.00am-10.00am
BALASORE-Time : 9.30am-1.45pm

**Contact : 8093083555, 8984111101**

**OCS SELECTIONS 2022**
RANK 1 SWETASHREE MOHAPATRA
RANK 2 PRINKIL PARBIN PARIDA
RANK 4 PRAJNA PARANGAMA
RANK 5 AZAD KUMAR SAHU

**OCS 2021 SELECTIONS**
RANK 2 SUCHISMITA PANIGRAHY
RANK 3 PRANAB RANJAN SAHU
RANK 5 SWETALEENA MAHANA

**OCS 2020 SELECTIONS**
RANK 1 TEJASWINI BEHERA
RANK 2 SUBHANKARI SUDESHNA DASH
RANK 4 DEBABRATA KAR
RANK 5 DEBABRATA MAHARANA

**MENTORS OF VANIK-IAS**

| | |
|---|---|
| B.M. Panda – Geography & Disaster Management | Abhaya Thakur – World & Indian History, International Relations |
| Sunil Gupta – Gov. & Social Issues, Public Administration | Saroj Samal – Sociology, Social Issue, Ethics |
| Naman Jain – Indian Economics | Jai Prakash Rou – Internal Security |
| Pramod Padhi – Odisha Economy, Current Af fairs | Vinay Tripathi – Environment & Ecology |
| Mansiz Sharma – General Science & Technology | Shantanu Roy – History, Polity |

**OAS PRELIM TEST SERIES**
(PAPER-I & II) 47 Tests | 3 VSTs

**OPTIONAL SUBJECTS**
● Political Science ● Sociology ● Geography
● Public Administration ● Odia ● Home Science
Only Institute provide optional in physical mode.

## ADMISSION OPEN

# BANK, SSC, RAILWAY, ASO, OSSC

**New Batch Starts from 05th June 2025**

**NEW OFFLINE BATCH 2025**

| | | | |
|---|---|---|---|
| CRP TIME : 10.30am to 1.45pm | ACHARYA VIHAR TIME : 7.00am to 10.30am | CUTTACK TIME : 10.30am to 1.45pm | BERHAMPUR TIME : 10.30am to 1.45pm |
| BALASORE TIME : 7.00am to 10.30am | SAMBALPUR TIME : 5.15pm to 08.30pm | ROURKELA TIME : 5.15pm to 08.30pm | JEYPORE TIME : 7.00am to 10.30am |

**MENTORS OF VANIK**

| Name | Designation | Subject |
|---|---|---|
| GANESH KHATUA | Academic Director | (Reasoning) |
| PRAMOD KUMAR PADHI | Asst. Director | (Current Affairs) |
| TAPAN BEHERA | Asst. Director | (English) |
| ALOK JENA | Asst. Director | (Math & Reasoning) |
| BRAJA MOHAN | HOD | (English) |
| BIKASH RANJAN DAS | HOD | (Computer) |
| MANAS BEHURIA | HOD-TET | (Reasoning) |
| DEEPAK MOHAPATRA | HOD-Tech. | (Phy,Che,Pol,Eco) |
| ANJAN NAYAK | HOD | (Reasoning) |
| RAJAT KUMAR ROUT | HOD-GS | (Phy, Che) |
| DEEPAK SAHOO | HOD | (Mathematics) |
| PABITRA GAYA | HOD-Pub. | (Reasoning,IT,GS) |
| BIDYASAGAR DAS | HOD-IAS & OAS | (Geography) |
| SUMAN S. SUTAR | HOD-Soc.Media | (Reasoning) |
| VIJAY RAM | Sr. Faculty | (Geography) |
| NILAMADHABA SAHOO | Sr. Faculty | (Computer) |
| ABHILASH ROUT | Sr. Faculty | (His,Geo) |
| SANJAY NANDA | Sr. Faculty | (Mathematics) |
| SANDHYARANI PANDA | Sr. Faculty | (Computer) |
| SUSHANTA MUKHERJEE | Sr. Faculty | (Mathematics) |
| AMIT RAI | Sr. Faculty | (Reasoning) |
| AMIT KUMAR | Sr. Faculty | (Mathematics) |
| ARVIND SINGH | Sr. Faculty | (Engish) |
| SANDIP SAMMADER | Sr. Faculty | (Mathematics) |
| HARISAMBHU MISHRA | Sr. Faculty | (His, Geo, Pol) |
| SUBRAT PAUL | Sr. Faculty | (Mathematics) |
| RAHUL PRAKASH | Sr. Faculty | (Reasoning) |
| AVIJIT ADHIKARI | Sr. Faculty | (Geo, Eco) |
| SANJEEB DUBEY | Sr. Faculty | (Geo,Pol) |
| JAY PRAKASH RAI | Sr. Faculty | (Economy) |
| JANMEJAY SAHU | Sr. Faculty | (His,Geo,Pol,Eco,Phy) |
| BIJAYA MOHANTY | Faculty | (Reasoning) |
| BASANTA BHANJA | Faculty | (Mathematics) |
| SWADHIN MAHANA | Faculty | (Science & Tech) |
| ASUTOSH BEHERA | Faculty | (English) |
| SOMYA R. NANDA | Faculty | (Computer) |
| SASMITA MOHANTY | Faculty | (Pedagogy, Odia) |
| KARTIK PATRA | Faculty | (History) |
| SIDDHARTH TRIPATHY | Faculty | (Polity) |
| SOURAV MUKHERJEE | Faculty | (CA,FA,ECO) |
| CHANDRAMANI DAS | Faculty | (History) |
| ASWINI KU. DHALL | Faculty | (His,Geo,Pol) |
| NITISH PATRA | Faculty | (His,Geo,Pol) |
| ROJALIN SAHOO | Faculty | (GS, Odia) |
| SRIKANT SAHOO | Faculty | (His,Geo,Pol) |

| Branch | Address | Phone |
|---|---|---|
| CRP | Plot-1441, Opp. IOCL Petrol Pump, CRP Square, Bhubaneswar | 8093556677, 9040456677 |
| Acharya Vihar | Near Pani Tanki, Acharya Vihar, Bhubaneswar | 8093083565, 9937436677 |
| Cuttack | Near Yamaha Showroom, Link Road, Cuttack | 8984556677, 9040656677 |
| Berhampur | OSRTC Depo, Infornt of SBR Women's College, Near Khalikot College | 7992556677, 8018036677 |
| Sambalpur | Plot-266, Unit-7, Modipada Sambalpur-768001 | 7377556677, 8093083575 |
| Balasore | Angargadia Balasore-756001 | 8093136677, 8093146677 |
| Rourkela | Koel Nagar Rourkela-769014 | 9938836677, 8093083549 |
| Jeypore | JCN Heights, Above Patra Electronics, Dhepaguda | 720556677 |
| Kolkata | Sealdah Market Complex, 6th Floor, Beliaghata Main Road, Kolkata | 7449556677, 6293556677 |

www.vanik.org
vanikbbsr@gmail.com
www.facebook.com/vanikbbsr

### ଅଙ୍କିତା ଭଣ୍ଡାରୀ ହତ୍ୟା ମାମଲା

# ବିଜେପି ନେତାଙ୍କ ପୁଅ ସମେତ ତିନି ଜଣଙ୍କୁ ଆଜୀବନ ଜେଲ୍



ଡେରାଡୁନ, ୩୦।୫ (ଏଜେନ୍ସି): ଦୀର୍ଘ ୨ ବର୍ଷ ୮ ମାସ ପରେ ଉତ୍ତରାଖଣ୍ଡର ବହୁଚର୍ଚ୍ଚିତ ଅଙ୍କିତା ଭଣ୍ଡାରୀ (୧୯) ହତ୍ୟାକାଣ୍ଡ ମାମଲାର ରାୟ ଆସିଛି। ବିଜେପି ନେତା ତଥା ପୂର୍ବତନ ମନ୍ତ୍ରୀଙ୍କ ପୁଅ ପୁଲକିତ ଆର୍ଯ୍ୟ ବ୍ୟତୀତ ଦୁଇ କର୍ମଚାରୀ ସୌରଭ ଭାସ୍କର ଏବଂ ଅଙ୍କିତ ଗୁପ୍ତାଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି। କୋଟଦ୍ୱାର ଜିଲ୍ଲା କୋର୍ଟ ତିନି ଦୋଷୀଙ୍କ ଉପରେ ୫୦ ହଜାର ଟଙ୍କା ଲେଖାଏଁ ଜୋରିମାନା ମଧ୍ୟ ଲଗାଇଛନ୍ତି। ସୂଚନା ଅନୁଯାୟୀ ପୌରି ଗ୍ରହୱାଲ ଜିଲ୍ଲାର ଯମକେଶ୍ୱର ଅଞ୍ଚଳ ସ୍ଥିତ ପୁଲକିତଙ୍କ ବାନାନତାରା ରେସ୍ତୋରାଁରେ ଅଙ୍କିତା ଅଭ୍ୟର୍ଥନାକାରୀ (ରିସିପିଓନିଷ୍ଟ) ଭାବେ କାମ କରୁଥିଲେ। ୨୦୨୨ ସେପ୍ଟେମ୍ବର ୧୮ରେ ଅଙ୍କିତା ନିଖୋଜ ଥିବା ଖବର ସାମ୍ନାକୁ ଆସିଥିଲା। ଏହି ଖବର ସାରା ଦେଶରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା। ଏହି ଘଟଣାର କିଛି ଦିନ ପରେ ଚିଲ୍ଲା କେନାଲରୁ ଅଙ୍କିତାଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଅଭିଯୁକ୍ତ ପୁଲକିତର ବାପା ବିଜେପି ନେତା ହୋଇଥିବାରୁ ଘଟଣାକୁ ଚପାଇ ଦେବା ପାଇଁ ବେଶ୍ ଉଦ୍ୟମ ହୋଇଥିଲା। ଏହାକୁ ନେଇ ରାଜନୀତି ମଧ୍ୟ ଜୋର ଧରିଥିଲା। ବିଜେପି କ୍ଷମତାରେ ଥିବାରୁ ଅଭିଯୁକ୍ତଙ୍କୁ ପୁଲିସ୍ ଘଣ୍ଟ ଘୋଡ଼ାଉଥିବା ଅଭିଯୋଗ ହୋଇଥିଲା।

**● ଅଙ୍କିତାଙ୍କୁ ହତ୍ୟା କରି କେନାଲକୁ ଫୋପାଡ଼ି ଥିଲେ ମୃତଦେହ**

**● ଅତିଥିଙ୍କୁ ସ୍ୱତନ୍ତ୍ର ସୁବିଧା ଦେବାକୁ ରାଜି ନ ହେବାରୁ ମାରିଥିଲେ**

ମାମଲା ଚାଲିଥିବାବେଳେ ଏହି ରେସ୍ତୋରାଁ ଭାଙ୍ଗିବାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଥିଲା। ପ୍ରମାଣ ନଷ୍ଟ କରିବା ପାଇଁ ଏପରି କରାଯାଉଥିବା ଅଭିଯୋଗ ହୋଇଥିଲା। ଶେଷରେ ବିଜେପି ପୁଲକିତର ବାପା ବିନୋଦ ଆର୍ଯ୍ୟଙ୍କୁ ଦଳରୁ ବହିଷ୍କାର କରିଥିଲା।

ଏହା ସତ୍ତ୍ୱେ ବିବାଦ ଥମି ନ ଥିଲା। ତେଣୁ ବାଧ୍ୟ ହୋଇ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ଏସଆଇଟି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏସଆଇଟି ଘଟଣାର ତଦନ୍ତ କରି ୫୦୦ ପୃଷ୍ଠାର ଆରୋପପତ୍ର ଦାଖଲ କରିଥିଲା। ଏଥିରେ ୯୭ ଜଣ ସାକ୍ଷୀଙ୍କ ନାମ ଥିବାବେଳେ ୪୭ ଜଣ ବୟାନ ରେକର୍ଡ କରିଥିଲେ। ଏହି ରିସୋର୍ଟରେ ରିସିପିଓନିଷ୍ଟ ଭାବେ କାମ କରୁଥିବା ଅଙ୍କିତାଙ୍କୁ ପୁଲକିତ ଓ ଆଉ ୨ ଜଣ କର୍ମଚାରୀ ବେଶ୍ୟାବୃତ୍ତିରେ ସାମିଲ ହେବାକୁ ବାରମ୍ବାର କହୁଥିଲେ। ଅତିଥିଙ୍କୁ ସ୍ୱତନ୍ତ୍ର ସୁବିଧା ଦେଲେ ୧୦ ହଜାର ଟଙ୍କା ଲେଖାଏ ମିଳିବ ବୋଲି ଅଙ୍କିତାଙ୍କୁ କହିଥିଲେ। ଏଥିରେ ସେ ରାଜି ନ ହେବାରୁ ପୁଲକିତ ଓ ତାଙ୍କର ଦୁଇ ସହଯୋଗୀ ତାଙ୍କୁ ହତ୍ୟା କରିଥିଲେ। ସେପ୍ଟେମ୍ବର ୧୮ରୁ ଅଙ୍କିତା ନିଖୋଜ ଥିଲେ। ଏହାର ୬ ଦିନ ପରେ ତାଙ୍କ ମୃତଦେହ ମିଳିଥିଲା। ୨୦୨୨ ସେପ୍ଟେମ୍ବର ୧୮ ରାତି ପ୍ରାୟ ୮ଟା ବେଳେ ପୁଲକିତ, ରିସର୍ଟ ମ୍ୟାନେଜର ସୌରଭ ଓ ଅନ୍ୟ ଜଣେ କର୍ମଚାରୀ ଅଙ୍କିତଙ୍କ ସହ ଅଙ୍କିତା ଋଷିକେଶ ଯାଇଥିଲେ। ସେଠାରୁ ଫେରୁଥିବା ବେଳେ ଚିଲ୍ଲା ରୋଡରେ ଥିବା କେନାଲ ନିକଟରେ ୩ ଜଣ ଗାଡ଼ି ରଖି ମଦ ପିଇଥିଲେ। ଅଙ୍କିତା ଗାଡ଼ିରେ ସେମାନଙ୍କୁ ଅପେକ୍ଷା କରିଥିଲେ। ମଦ ପିଇ ଆସିବା ପରେ ରିସୋର୍ଟରେ ଅତିଥିଙ୍କୁ ସ୍ୱତନ୍ତ୍ର ସୁବିଧା ଯୋଗାଇ ଦେବାକୁ ସେମାନେ ଅଙ୍କିତାଙ୍କୁ କହିଥିଲେ। ହେଲେ ଅଙ୍କିତା ଏଥିରେ ରାଜି ନ ହୋଇ ରିସୋର୍ଟରେ ଚାଲିଥିବା ଅନୈତିକ କାର୍ଯ୍ୟର ପର୍ଦ୍ଦାଫାସ କରିବାକୁ ଧମକ ଦେଇଥିଲେ। ଏଥିରେ ରାଗି ଯାଇ ୩ ଜଣ ଯାକ ତାଙ୍କୁ ନିକଟସ୍ଥ କେନାଲକୁ ଫିଙ୍ଗି ଦେଇଥିଲେ।

**● କରୋନା ରୋଗୀଙ୍କୁ ମାରିବାକୁ କହିଥିଲେ ଡାକ୍ତର**

## ଏତଲା ରୁଜୁ କଲା ପୁଲିସ୍

ମୁମ୍ବାଇ, ୩୦।୫ (ଏଜେନ୍ସି): ମୁମ୍ବାଇରୁ ବିଚଳିତ କରିବା ଭଳି ଏକ ମାମଲା ସାମ୍ନାକୁ ଆସିଛି। କରୋନା ସମୟରେ ରୋଗୀଙ୍କ ସହ ଡାକ୍ତରଙ୍କ ବ୍ୟବହାର ସମ୍ବନ୍ଧିତ ସାଂଘାତିକ ତଥ୍ୟ ପୁଲିସ ଉଜାଗର କରିଛି। ୨୦୨୧ରେ ଜଣେ କରୋନା ରୋଗୀଙ୍କୁ ମାରିବାକୁ ନିର୍ଦ୍ଦେଶ ଦେଇଥିବା ସରକାରୀ ଡାକ୍ତରଖାନାର ବରିଷ୍ଠ ଡାକ୍ତରଙ୍କ ବିରୋଧରେ ଏତଲା ରୁଜୁ କରିଛି। ଲାଟୁର ଜିଲ୍ଲାର ଏହି ମାମଲାକୁ ନେଇ ଦେଶରେ ଚର୍ଚ୍ଚା ଜୋର ଧରିଛି। ଏହାର ଏକ ଅଡିଓ କ୍ଲିପ୍ ମଧ୍ୟ ଭାଇରାଲ ହେବାରେ ଲାଗିଛି। ଏଥିରେ ଅଭିଯୁକ୍ତ ଡାକ୍ତର ଶଶିକାନ୍ତ ଦେଶପାଣ୍ଡେ ମହିଳା ରୋଗୀ କୌସର ଫାତିମାଙ୍କୁ ମାରିବା ପାଇଁ ନିଜର ସହଯୋଗୀ ଡାକ୍ତର ଶଶିକାନ୍ତ ଡାଙ୍ଗେଙ୍କୁ କହୁଥିବା ଶୁଣାଯାଉଛି। ତେବେ ଏହି ମହିଳା ପରେ କରୋନାରୁ ସୁସ୍ଥ ହୋଇଯାଇଥିଲେ। ଏହାକୁ ନେଇ ଗତ ୨୪ ତାରିଖରେ ଉଦଗିର ପୁଲିସ ଏତଲା ରୁଜୁ କରିଥିଲା। ଡ.ଦେଶପାଣ୍ଡ ୨୦୨୧ରେ ଲାଟୁର ସ୍ଥିତ ଉଦଗିର ସରକାରୀ ହସ୍ପିଟାଲରେ ଅତିରିକ୍ତ ସର୍ଜନ ଭାବେ କାମ କରୁଥିଲେ। ସେହିପରି ଡାଙ୍ଗେ କୋଭିଡ କେୟାର ସେଣ୍ଟରରେ କାମ କରୁଥିଲେ। ଏବେ ଏହାକୁ ନେଇ ଅନ୍ୟ ଡାକ୍ତରଖାନାର ସ୍ଥିତି କଣ ହୋଇ ନ ଥିବ ବୋଲି ପ୍ରଶ୍ନ ଉଠୁଛି। ଅଭିଯୋଗକାରୀଙ୍କ ସ୍ୱାମୀ ଗୌସୋଦ୍ଦିନଙ୍କ ଅନୁଯାୟୀ ସେତେବେଳେ ସ୍ତ୍ରୀ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ତେଣୁ ଚୁପ୍ ରହିବାକୁ ଉଚିତ ମଣିଥିଲେ। ଭାଇରାଲ ଅଡିଓ କ୍ଲିପରେ ଡ. ଦେଶପାଣ୍ଡେ କହୁଛନ୍ତି ଯେ ଭିତରକୁ କାହାକୁ ଛାଡ଼ନି। ସେ ମହିଳାଙ୍କୁ(ଫାତିମା) ମାରି ଦିଅ। ଏହା ଶୁଣି ଡାକ୍ତର ଡାଙ୍ଗେ ଅମ୍ଳଜାନ ସ୍ତରକୁ ପୂର୍ବରୁ ହିଁ ହ୍ରାସ କରି ଦିଆଯାଇଛି ବୋଲି କହୁଛନ୍ତି।

## ବ୍ରହ୍ମୋସ୍ ପାକିସ୍ତାନର ନିଦ ହଜାଇ ଦେଇଛି: ପ୍ରଧାନମନ୍ତ୍ରୀ

କାନପୁର,୩୦।୫(ଏଜେନ୍ସି): ଭାରତର ବ୍ରହ୍ମୋସ ମିସାଇଲ ପାକିସ୍ତାନର ନିଦ ହାଜାଇ ଦେଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଅପରେସନ ସିନ୍ଦୂରର ୩ ସପ୍ତାହ



ପରେ କାନପୁରରେ ୫୦,୦୦୦ କୋଟି ଟଙ୍କାର ଏକ ଭିତ୍ତିଭୂମି ପ୍ରକଳ୍ପର ଶୁଭାରମ୍ଭ କରିବା ଅବସରରେ ସେ ଏହି କଥା କହିଛନ୍ତି। ଭାରତୀୟ ସେନାର ପରାକ୍ରମକୁ ସେ ପ୍ରଶଂସା କରିଥିଲେ। ପାକିସ୍ତାନରେ ଲୁଚିଥିବା ଶହ ଶହ ଆତଙ୍କବାଦୀଙ୍କ ଠିକଣା ଧ୍ୱଂସ କରିବାରେ ଭାରତ ସଫଳ ହୋଇଛି। ଆମ ସେନାବାହିନୀର ପରାକ୍ରମ ଓ ସାହସିକତା ଆଗରେ ପାକିସ୍ତାନ ହାର ମାନିଥିଲା ଓ ଯୁଦ୍ଧ ରୋକିବାକୁ ଅନୁରୋଧ କରିଥିଲା। ଅପରେସନ ସିନ୍ଦୂର ମାଧ୍ୟମରେ ଭାରତୀୟ ସେନାର ଶକ୍ତି ଓ ସାମର୍ଥ୍ୟକୁ ସାରା ବିଶ୍ୱ ଦେଖିଲା। ବ୍ରହ୍ମୋସ କ୍ଷେପଣାସ୍ତ୍ର ପାକିସ୍ତାନ ସେନାର ନିଦ ହଜାଇବାରେ ସଫଳ ହୋଇଛି ବୋଲି ସେ କହିଛନ୍ତି। ଉଲ୍ଲେଖଥାଉ କି, ମେ ୯ ଓ ୧୦ ରାତିରେ ପାକିସ୍ତାନର ଏକାଧିକ ଠିକଣା ଉପରେ ଭାରତ ମିଶାଇଲ ମାଡ କରିଥିଲା। ଆଜରବୈଜାନରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହାବାଜ ସରିଫ୍ ମଧ୍ୟ ବ୍ରହ୍ମୋସ ମିସାଇଲ ମାଡ ହୋଇଥିବା କଥାକୁ ସ୍ୱୀକାର କରିଛନ୍ତି। ଭୋର୍ ନାମାଜ ପଢ଼ିବାପରେ ଆମେ ଆକ୍ରମଣ କରିବାକୁ ଯୋଜନା କରିଥିଲୁ। କିନ୍ତୁ ଏହା ପୂର୍ବରୁ ବ୍ରହ୍ମୋସ କ୍ଷେପଣାସ୍ତ୍ର ମାଡ ହୋଇଥିଲା ବୋଲି ସେ କହିଛନ୍ତି।

## ଭାରତର ବୈଦେଶିକ ନୀତି ବିଫଳ ହୋଇଛି: କଂଗ୍ରେସ

**ଅପରେସନ୍ ସିନ୍ଦୂର**




ନୂଆଦିଲ୍ଲୀ,୩୦।୫(ଏଜେନ୍ସି): ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ସେନାବାହିନୀ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ଅପରେସନ ସିନ୍ଦୂର ପରେ ଭାରତର ବୈଦେଶିକ ନୀତି ବିଫଳ ହୋଇଛି ବୋଲି ମୁଖ୍ୟ ବିରୋଧୀ ଦଳ କଂଗ୍ରେସ କହିଛି। ଏହି ପ୍ରକ୍ରିୟାରେ ଭାରତକୁ କୌଣସି ଦେଶ ସମର୍ଥନ କରିନାହାନ୍ତି ବୋଲି କଂଗ୍ରେସ୍ ବରିଷ୍ଠ ନେତା ପବନ ଖେରା କହିଛନ୍ତି। କୌଣସି ଦେଶ ପାକିସ୍ତାନକୁ ଏକ ଆତଙ୍କବାଦୀ ରାଷ୍ଟ୍ର ବୋଲି ଅଭିହିତ କରିନାହାନ୍ତି। ଏହା ଆମର ବୈଦେଶିକ ନୀତିର ବିଫଳାତାକୁ ଦର୍ଶାଉଛି। ଅପରେସନ ସିନ୍ଦୂରକୁ ସମର୍ଥନ କରି କୌଣସି ଦେଶ ଏପର୍ଯ୍ୟନ୍ତ ଭାରତକୁ ସମର୍ଥନ କରି ମନ୍ତବ୍ୟ ପ୍ରଦାନ କରିନାହାନ୍ତି। ପୂର୍ବରୁ ପାକିସ୍ତାନ ଉପରେ ଲାଗୁ କରିଥିବା ବିଭିନ୍ନ କଟକଣାକୁ କୁଏତ୍ ଏବେ ଉଠାଇ ଦେଇଛି। କେବଳ ସେତିକି ନୁହଁ ପାକିସ୍ତାନ ସହ ଇରାନ, ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ସମେତ ଅନ୍ୟ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକ ବୁଝାମଣା ପତ୍ର (ଏମ୍ଓୟୁ) ସ୍ୱାକ୍ଷର କରିଛନ୍ତି। ଏପରିକି ରୁଷିଆ ମଧ୍ୟ ପାକିସ୍ତାନ ସହ ଏକ ଏମ୍ଓୟୁରେ ସ୍ୱାକ୍ଷର କରିଛି। ପାକିସ୍ତାନର ଏକ ପୁରଣା ଷ୍ଟିଲ ମିଲ୍‌ର ପୁନଃପ୍ରକ୍ରିୟାକରଣ ପାଇଁ ରୁଷିଆ ୨.୬ ମିଲିଅନ୍ ଡଲାର ରୁଷିଆକୁ ଦେବ। ଏହା ହେଉଛି ଆମ ବିଫଳ ବୈଦେଶିକ ନୀତିର ନକାରାତ୍ମକ ଫଳ ବୋଲି ପବନ କହିଛନ୍ତି। ଅନ୍ୟପଟେ ମେ ୭ରେ ଭାରତ ପାକିସ୍ତାନ ଉପରେ କରିଥିବା ମିଶାଇଲ ଷ୍ଟ୍ରାଇକ୍‌ରେ ମୃତାହତ ଲୋକଙ୍କ ପାଇଁ ଲାଟିନ ଆମେରିକୀୟ ଦେଶ କଲମ୍ବିଆ ଶୋକ ଜାହିର କରିଛି ଓ ଏ ନେଇ ବରିଷ୍ଠ କଂଗ୍ରେସ ନେତା ଶଶି ଥରୁର ଅସନ୍ତୋଷ ଜାହିର କରିଛନ୍ତି। ଭାରତ କେବଳ ଏପ୍ରିଲ ୨୨ରେ ଘଟିଥିବା ପହଲଗାମ ଆତଙ୍କବାଦୀ ଆକ୍ରମଣର ଜବାବ ସ୍ୱରୂପ ଆତ୍ମରକ୍ଷା ପାଇଁ ମିଶାଇଲ ଷ୍ଟ୍ରାଇକ୍ କରିଛି ବୋଲି ସେ କହିଛନ୍ତି।

**● ମୋଦୀଙ୍କ ନାମ ଭୁଲିଲେ ନୀତୀଶ**

## ୩୦ ସେକେଣ୍ଡରେ ୧୦ଥର କ୍ଷମା ମାଗିଲେ

ପାଟନା,୩୦।୫(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିହାର ଗସ୍ତ ଶନିବାର ଦ୍ୱିତୀୟ ଦିନ ଥିଲା। ସାସାରାମଠାରେ ଆୟୋଜିତ ଏକ ଜନସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପସ୍ଥିତିରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଭୁଲରେ ମୋଦୀଙ୍କ ନାମ ନେବା ବଦଳରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ନାମ ନେଇଥିଲେ। ଏଥିପାଇଁ ସେ ନିଜର ଭୁଲ ସ୍ୱୀକାର କରିଥିଲେ। ଭୁଲ ସ୍ୱୀକାର କରିବା ସହ ସେ ୩୦ ସେକେଣ୍ଡରେ ୧୦ଥର ହାତ ଯୋଡ଼ିଥିଲେ। ଏଥିପାଇଁ ସଭାରେ ଉପସ୍ଥିତ ସବୁ ଲୋକଙ୍କୁ ଛିଡା ହୋଇ ହାତଯୋଡି ପ୍ରଣାମ କରିବାକୁ ନିବେଦନ କରିଥିଲେ। ଏହାର ଭିଡିଓ ଇଣ୍ଟରନେଟ୍‌ରେ ବେଶ୍ ଭାଇରାଲ ହୋଇଛି। ଏହି ଘଟଣାରେ ଆରଜେଡି ଏମ୍ଏଲ୍ଏ ତେଜସ୍ୱୀ ଯାଦବ ନୀତୀଶଙ୍କ ମାନସିକ ସ୍ଥିତି ଓ ସ୍ୱାସ୍ଥ୍ୟକୁ ନେଇ ପ୍ରଶ୍ନ ଉଠାଇଛନ୍ତି।



## ପାକିସ୍ତାନ ମନ୍ତ୍ରୀଙ୍କ ସହ ପହଲଗାମ ମାଷ୍ଟରମାଇଣ୍ଡ



ନୂଆଦିଲ୍ଲୀ, ୩୦।୫ (ଏଜେନ୍ସି): ପାକିସ୍ତାନ ନିଜ ପ୍ରକୃତିକୁ ଛାଡି ପାରୁନାହିଁ। ଏବେ ପୁଣି ଏକ କାର୍ଯ୍ୟକ୍ରମରେ ଆତଙ୍କବାଦୀଙ୍କ ସହ ପାକିସ୍ତାନ ନେତା ଏବଂ ମନ୍ତ୍ରୀଙ୍କୁ ଦେଖିବାକୁ ମିଳିଛି। ପହଲଗାମ ଆକ୍ରମଣର ମାଷ୍ଟରମାଇଣ୍ଡ ସୈଫୁଲ୍ଲାହ କସୁରୀ, ଲସ୍କରର ସହ ପ୍ରତିଷ୍ଠାତା ଆମିର ହମଜା ଏବଂ ହାଫିଜ ସୈଦର ପୁଅ ତଲ୍ହା ସୈଦକୁ ଦେଖାଯାଇଛି। ଏହି ଆତଙ୍କବାଦୀଙ୍କ ସହ ପାକିସ୍ତାନ ଖାଦ୍ୟମନ୍ତ୍ରୀ ମଲିକ ରାସିଦ ଅହମ୍ମଦ ଖାନ, ପଞ୍ଜାବ ବାଚସ୍ପତି ମଲିକ ମହମ୍ମଦ ଅହମ୍ମଦ ଖାନକୁ ଦେଖିବାକୁ ମିଳିଥିଲା। ଏଠାରେ କଶୁରୀ କହିଥିଲା ଯେ ସେ ଏବେ ପାକିସ୍ତାନରେ ଅଧିକ ପ୍ରସିଦ୍ଧ ହୋଇଛି। ଗତ ବୁଧବାର ଲାହୋର୍‌ରେ ହୋଇଥିବା ଏହି ରାଲିରେ ସେ ଭାରତ ବିରୋଧରେ ଉତ୍ତେଜନାପୂର୍ଣ୍ଣ ମନ୍ତବ୍ୟ ଦେଇଛି। ପାକସ୍ତାନର ନୀରାପତ୍ତାରକ୍ଷୀ ଓ ଗୋଇନ୍ଦା ବିଭାଗର ଅଧିକାରୀଙ୍କ ସୁରକ୍ଷା କବଚ ମଧ୍ୟରେ ତାକୁ ଦେଖିବାକୁ ମିଳିଥିଲା। ପହଲଗାମ ଘଟଣାରେ ମୋତେ ଅଭିଯୁକ୍ତ ଭାବେ ଅବିହିତ କରିବା ପରେ ଅଧିକ ପ୍ରସିଦ୍ଧ ହୋଇଯାଇଛି ବୋଲି ସେ କହିଛି। ଅବଶ୍ୟ ପୂର୍ବରୁ କଶୁରୀ ପହଲଗାମ ଆକ୍ରମଣରେ ତା'ର କୌଣସି ଭୂମିକା ନାହିଁ ବୋଲି ସେ ସ୍ପଷ୍ଟ କରିଥିଲା।

## ସୋମନାଥ ଜ୍ୟୋତିର୍ଲିଙ୍ଗଙ୍କୁ ନେଇ ବିବାଦ

ସୋମନାଥ, ୩୦।୫ (ଏଜେନ୍ସି): ପ୍ରଥମ ଜ୍ୟୋତିର୍ଲିଙ୍ଗ ସୋମନାଥ ମନ୍ଦିରର ଶିବଲିଙ୍ଗକୁ ନେଇ ବିବାଦ ଆରମ୍ଭ ହୋଇଛି। ଆଧ୍ୟାତ୍ମିକ ଗୁରୁ ଶ୍ରୀ ଶ୍ରୀ ରବିଶଙ୍କର ସୋମନାଥ ମନ୍ଦିରରେ ଶିବଲିଙ୍ଗକୁ ଦ୍ୱିତୀୟଥର ପାଇଁ ପ୍ରତିଷ୍ଠା ନିମନ୍ତେ କରିଥିବା ଘୋଷଣାକୁ ଶଙ୍କରାଚାର୍ଯ୍ୟ, ସନ୍ଥ, ମହନ୍ତମାନେ ବିରୋଧ କରିଛନ୍ତି। ରବିଶଙ୍କର ଏ ପର୍ଯ୍ୟନ୍ତ ଏ ସଂକ୍ରାନ୍ତରେ କାହିଁକି କଥା ହୋଇନଥିଲେ ବୋଲି ଜ୍ୟୋତିଷ ପୀଠର ଶଙ୍କରାଚାର୍ଯ୍ୟ ଅଭିମୁକ୍ତେଶ୍ୱରାନନ୍ଦ ସରସ୍ୱତୀ ପ୍ରଶ୍ନ ଉଠାଇଛନ୍ତି। ସେହିପରି ଜ୍ୟୋର୍ତିଲିଙ୍ଗ ହେଉଛନ୍ତି ସ୍ୱୟଂ ଓ ତାଙ୍କୁ ଦ୍ୱିତୀୟଥର ପାଇଁ ପ୍ରତିଷ୍ଠା କରିବାର ଆବଶ୍ୟକତା ନାହିଁ ବୋଲି ଦ୍ୱାରକା ଶାରଦାପୀଠ ଶଙ୍କରାଚାର୍ଯ୍ୟ ସ୍ୱାମୀ ସଦାନନ୍ଦ ସରସ୍ୱତୀ କହିଛନ୍ତି। ଅଗ୍ନିଶିଖାକୁ କେବେବି ଦୁଇ ଭାଗ କରି ହେବନାହିଁ। ତେଣୁ ଜ୍ୟୋତିର୍ଲିଙ୍ଗକୁ ଦ୍ୱିତୀୟଥର ପାଇଁ ପ୍ରତିଷ୍ଠା କରିବାର ପ୍ରଶ୍ନ ଉଠୁନାହିଁ ବୋଲି ହରିଗିରି ମହାରାଜ କହିଛନ୍ତି। ଶିବଲିଙ୍ଗର ଏକ ଅଂଶ ମୋ ପାଖରେ ରହିଛି ବୋଲି ରବିଶଙ୍କର କହିଥିଲେ। କିନ୍ତୁ ଏହାକୁ ସମସ୍ତେ ବିରୋଧ କରିଛନ୍ତି। ହଜାରହଜାର ବର୍ଷ ପୁରୁଣା ସୋମନାଥର ଶିବଲିଙ୍ଗ୍‌ଙ୍କ ଅଂଶ କାହା ପାଖରେ ରହିବା ଅସମ୍ଭବ ବୋଲି ଶିବ ଉପାସକ ନିଜାନନ୍ଦଜୀ ସ୍ୱାମୀ କହିଛନ୍ତି। ରବିଶଙ୍କର ପାଖରେ ଶିବଲିଙ୍ଗର ଏକ ଅଂଶ ରହିଛି ବୋଲି ପୂର୍ବରୁ କାହିଁକି କହି ନଥିଲେ ବୋଲି ଅଭିମୁକ୍ତେଶ୍ୱରାନନ୍ଦ ସରସ୍ୱତୀ ପ୍ରଶ୍ନ କରିଛନ୍ତି।

ଶିବଲିଙ୍ଗର ଅଂଶ ମୋ ପାଖରେ ରହିଛି ବୋଲି କହି ରବିଶଙ୍କର ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତାଙ୍କ ପାଖରେ ସୋମନାଥ ଶିବଲିଙ୍ଗର ୪ଟି ଅଂଶ ରହିଛି ବୋଲି ରବିଶଙ୍କର କହିଥିଲେ। ୧,୦୦୦ ବର୍ଷ ପୂର୍ବେ ମହମ୍ମଦ ଗଜନୀ ଏହି ଶିବଲିଙ୍ଗକୁ ଭାଙ୍ଗି ଦେଇଥିଲେ। ଶିବଲିଙ୍ଗର ଦୁଇଟି ଅଂଶ କିଛି ଦିନ ତଳେ ସଂପନ୍ନ ହୋଇଥିବା ମହାକୁମ୍ଭରେ ମିଳିଥିଲା ବୋଲି ରବିଶଙ୍କର କହିଛନ୍ତି। କିନ୍ତୁ ଏହାକୁ ସନ୍ଥ ସମାଜ ସାମୂହିକ ଭାବେ ବିରୋଧ କରିଛନ୍ତି। ତାଙ୍କ ପାଖରେ ଶିବଲିଙ୍ଗର ଦୁଇଟି ଅଂଶ ରହିଛି ବୋଲି କିଛି ପ୍ରମାଣ ଅଛି କି ବୋଲି ସୋମନାଥ ଟ୍ରଷ୍ଟର ଟ୍ରଷ୍ଟି ପିକେ ଲହରୀ କହିଛନ୍ତି।

### ଏନ୍‌ଡିଏରୁ ମହିଳାଙ୍କ ପ୍ରଥମ ବ୍ୟାଚ୍ ପାସ୍

## ୧୪୭ତମ ପାସିଙ୍ଗଆଉଟ୍ ପରେଡ୍‌ରେ ୧୭ ଯୁବତୀ

ନୂଆଦିଲ୍ଲୀ, ୩୦।୫ (ଏଜେନ୍ସି): ପ୍ରଥମ ଥର ପାଇଁ ନ୍ୟାସନାଲ ଡିଫେନ୍ସ ଏକାଡେମି (ଏନଡିଏ)ରୁ ମହିଳା କ୍ୟାଡେଟ ପାସ୍ କରିଛନ୍ତି। ୧୭ ମହିଳା କ୍ୟାଡେଟଙ୍କ ସହ ୩୦୦ରୁ ଅଧିକ ପୁରୁଷଙ୍କ ସହିତ ଏନଡିଏରୁ ଗ୍ରାଜୁଏଟ ହୋଇଛନ୍ତି। ଏମାନେ ଭାରତୀୟ ସ୍ଥଳସେନା, ନୌସେନା ଏବଂ ବାୟୁସେନାରେ ସାମିଲ ହେବେ। ୨୦୨୧ରେ ଏ ନେଇ ଐତିହାସିକ ରାୟ ଦେଇଥିଲେ। ମହିଳାଙ୍କୁ ଏନ୍‌ଡିଏରେ ସାମିଲ ହେବାକୁ ଅନୁମତି ପ୍ରଦାନ କରିଥିଲେ। ଏହା ପୂର୍ବରୁ ଗତ ୭୫ ବର୍ଷ ଧରି ଟେରିଟୋରିଆଲ୍ ଆର୍ମୀର ଅଧିକାରୀ ପଦବୀରେ ମହିଳାମାନଙ୍କୁ ନିଯୁକ୍ତି ଦେବାର କୌଣସି ବ୍ୟବସ୍ଥା ନ ଥିଲା। ଏହା ବିରୋଧରେ କୁଶ କାଲରା ଦିଲ୍ଲୀ ହାଇକୋର୍ଟରେ ଆବେଦନ ଦାଖଲ କରିଥିଲେ। ପରେ ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଥିଲା। ୨୦୨୧ ଅଗଷ୍ଟ ୧୮ରେ କୋର୍ଟ ପ୍ରଥମ ଥର ପାଇଁ ମହିଳାଙ୍କ ନିମନ୍ତେ ଏନ୍‌ଡିଏର ଦ୍ୱାର ଖୋଲି ଦେଇଥିଲେ। ଏହି ନିଷ୍ପତ୍ତି ପରେ,୨୦୨୨ ରେ ପ୍ରଥମ ଥର ପାଇଁ ୧୭ ଜଣ ମହିଳା ପ୍ରାର୍ଥୀଙ୍କ ଏକ ବ୍ୟାଚ୍ ଏନ୍‌ଡିଏରେ ଯୋଗ ଦେଇଥିଲା। ସେମାନେ ଆଜି ଗ୍ରାଜୁଏଟ ହୋଇଛନ୍ତି। ଏଥିପାଇଁ ପୁନେର ଖଡକଭାସଲା ସ୍ଥିତ ଏନଡିଏ କ୍ୟାମ୍ପସରେ ପାସିଂ ଆଉଟ୍ ପରେଡ୍ ହୋଇଥିଲା। ଅବସରପ୍ରାପ୍ତ ସେନା ମୁଖ୍ୟ ଜେନେରାଲ ଭିକେ ସିଂହ ପରେଡର ଅଭିବାଦନ ଗ୍ରହଣ କରିଥିଲେ। ସେ କ୍ୟାଡେଟମାନଙ୍କୁ ରାଷ୍ଟ୍ରପତି ପୁରସ୍କାର ପ୍ରଦାନ କରିଥିଲେ।



**● କନ୍ନଡ଼ ଉପରେ କମଲ ହାସନଙ୍କ ମନ୍ତବ୍ୟ ପ୍ରସଙ୍ଗ**

## 'ଭୁଲ୍ କରିନି, କ୍ଷମା ମାଗିବିନି'

ଚେନ୍ନାଇ,୩୦।୫(ଏଜେନ୍ସି): ଲୋକପ୍ରିୟ ତାମିଲ ଅଭିନେତା କମଲ ହାସନ ନିକଟରେ କନ୍ନଡ ଭାଷା ଉପରେ ଆପତ୍ତିଜନକ ଟିପ୍ପଣୀ ଦେଇ ବିବାଦରେ ଛନ୍ଦି ହୋଇ ପଡିଛନ୍ତି। ନିଜ ବିବାଦୀୟ ମନ୍ତବ୍ୟ ପାଇଁ ସେ କ୍ଷମା ମାଗିବାକୁ ମନା କରିଦେଇଛନ୍ତି। ଯଦି ଭୁଲ୍ କରିନାହିଁ, ତେଣୁ କ୍ଷମା କାହିଁକି ମାଗିବି ବୋଲି ସେ ମୁକ୍ତିଲାଭ କରିବାକୁ ଯାଉଥିବା ନିଜ ସିନେମା 'ଠଗ୍ ଅଫ୍ ଲାଇଫ୍'ର ପ୍ରମୋଶନ ଅବସରରେ କହିଛନ୍ତି। ଭାରତ ଏକ ଗଣତାନ୍ତ୍ରିକ ଦେଶ। କାନୁନ ଓ ନ୍ୟାୟରେ ବିଶ୍ୱାସ କରେ।

କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ ଓ କେରଳ ପ୍ରତି ମୋର ଭଲପାଇବା ସତ ଓ ନିଷ୍କପଟ। ପ୍ରେମ ଓ ଭଲ ପାଇବା ସବୁବେଳେ ବିଜୟ ଲାଭ କରିଥାଏ। ପୂର୍ବରୁ ମୋତେ ଧମକ ଦିଆଯାଇଛି। କିନ୍ତୁ ଯଦି ଭୁଲ କରିଛି, ତେବେ କ୍ଷମା ମାଗିବି। କିନ୍ତୁ ଯଦି ଭୁଲ କରିନାହିଁ, ତେବେ କ୍ଷମା ମାଗିବି ନାହିଁ ବୋଲି ସେ କହିଛନ୍ତି। ସେପଟେ କର୍ଣ୍ଣାଟକ ଫିଲ୍ମ ଚାମ୍ବର ଓ କମର୍ସ (କେଏଫ୍‌ସିସି) କମଲଙ୍କ ସିନେମା 'ଠଗ୍ ଅଫ୍ ଲାଇଫ୍'ର ରିଲିଜ ଉପରେ କଟକଣା ଲଗାଇ ଦିଆଯାଇଛି। ଯଦି କମଲ ତାଙ୍କ ସିନେମାକୁ ରିଲିଜ କରିବାକୁ ଚାହୁଁଛନ୍ତି, ତେବେ ତାଙ୍କୁ କ୍ଷମା ମାଗିବାକୁ ହେବ ବୋଲି କେଏଫ୍‌ସିସି ଅଧ୍ୟକ୍ଷ ଲନ୍ ନରସିହ୍ମାଲୁ କହିଛନ୍ତି।

ଉଲ୍ଲେଖଥାଉ କି, ଗତ ୨୪ ତାରିଖରେ 'ଠଗ୍ ଅଫ୍ ଲାଇଫ୍'ର ଅଡିଓ ଲଞ୍ଚ୍ ଅବସରରେ କନ୍ନଡ ଭାଷା ତାମିଲ ଭାଷାରୁ ସୃଷ୍ଟି ହୋଇଥିଲା ବୋଲି କହି ବିବାଦ ସୃଷ୍ଟି କରିଥିଲେ। ସେପଟେ କମଲଙ୍କୁ କନ୍ନଡର ଇତିହାସ ବିଷୟରେ କିଛି ଜଣାନାହିଁ ବୋଲି କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ସିଦ୍ଧରମୈୟା କହିଛନ୍ତି।

### ବିଆରଏସ୍‌ରେ ଉତ୍ତରାଧିକାରୀ ଲଢ଼େଇ

# ଭାଇ-ଭଉଣୀ ମୁହାଁମୁହିଁ



ନୂଆଦିଲ୍ଲୀ,୩୦।୫(ଏଜେନ୍ସି): ତେଲଙ୍ଗାନାର ଭାରତ ରାଷ୍ଟ୍ର ସମିତ (ବିଆରଏସ୍) ପାର୍ଟିରେ ଉତ୍ତରାଧିକାର ପାଇଁ ଭାଇ-ଭଉଣୀଙ୍କ ମଧ୍ୟରେ ଲଢ଼େଇ ଆରମ୍ଭ ହୋଇଛି। ବିଆରଏସ୍ ନେତା ତଥା ବିଧାନ ପରିଷଦ ସଦସ୍ୟ ତଥା ପାର୍ଟି ସୁପ୍ରିମୋ କେ ଚନ୍ଦ୍ରଶେଖର ରାଓଙ୍କ ଝିଅ କେ. କବିତା ନିଜ ଭାଇ ତଥା ପାର୍ଟି ଅଧ୍ୟକ୍ଷ କେଟି ରାମାରାଓ (କେଟିଆର) ଓ ଅନ୍ୟ ବରିଷ୍ଠ ନେତାମାନଙ୍କ ବିରୋଧରେ ଅଭିଯୋଗ ଆଣି ରାଜ୍ୟରେ ହଇଚଇ ସୃଷ୍ଟି କରିଛନ୍ତି।

ବିଆରଏସ୍‌କୁ ଭାରତୀୟ ଜନତା ପାର୍ଟି (ବିଜେପି) ସହ ମିଶାଇବାକୁ ଷଡ଼୍‌ଯନ୍ତ୍ର କରାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି। ପାର୍ଟି ସୁପ୍ରିମୋ ଚନ୍ଦ୍ରଶେଖର ରାଓ ଜଣେ ଭଗବାନ ସଦୃଶ ବ୍ୟକ୍ତି। କିନ୍ତୁ ତାଙ୍କୁ ବହୁ ସୈତାନ ଘେରି ରହିଛନ୍ତି। ପୁଣି ଭାଇ କେଟିଆର ତାଙ୍କ ବିରୋଧରେ ଷଡ଼୍‌ଯନ୍ତ୍ର କରୁଛନ୍ତି ଓ ତାଙ୍କ ଦଳରୁ ବାହର କରିବାକୁ ଚେଷ୍ଟା କରୁଛନ୍ତି। ପିତା ତଥା ପୂର୍ବତନ ତେଲଙ୍ଗାନା ମୁଖ୍ୟମନ୍ତ୍ରୀଙ୍କୁ ମୁଁ ଦେଇଥିବା ଏକ ବ୍ୟକ୍ତିଗତ ଚିଠିକୁ ପାର୍ଟିର କିଛି ନେତା ଜାଣିଶୁଣି ଭାଇରାଲ କରିଥିଲେ ବୋଲି କବିତା ଅଭିଯୋଗ କରିଛନ୍ତି। ଦିଲ୍ଲୀ ମଦ ଦୁର୍ନୀତି ମାମଲାରେ ଗତବର୍ଷ ଜେଲ ଯାଇଥିଲେ ମଧ୍ୟ ବିଜେପି ସହିତ ପାର୍ଟି ମିଶିବା ପ୍ରକ୍ରିୟାକୁ ବିରୋଧ କରିଥିଲି ବୋଲି ସେ କହିଛନ୍ତି। ପୁଣି ପାର୍ଟି ମଧ୍ୟରେ ଦେଖାଦେଇଥିବା ବିବାଦ ଓ ବିଦ୍ରୋହକୁ ସମାଧାନ କରିବାରେ ଓ କଂଗ୍ରେସ ତରଫରୁ ହେଉଥିବା ଆକ୍ରମଣକୁ ସାମ୍ନା କରିବାରେ ଭାଇ କେଟିଆର ବିଫଳ ହୋଇଛନ୍ତି ବୋଲି ସେ କହିଛନ୍ତି। ପାର୍ଟିରେ ମୋର ପ୍ରଭାବ କମାଇବାକୁ ଓ ମୋତେ ଅଣଦେଖା କରିବାକୁ ନିୟମିତ ଭାବେ ଷଡ଼୍‌ଯନ୍ତ୍ର କରାଯାଉଛି।

ମୋ ଚିଠି ଭାଇରାଲ କରିଥିବା ଓ ଦଳ ବିରୋଧୀ କାର୍ଯ୍ୟଭଳି ହୀନ କାର୍ଯ୍ୟ କରୁଥିବା ଲୋକଙ୍କୁ ଚିହ୍ନଟ କରାଯାଇ କାହିଁକି ଦଣ୍ଡିତ କରାଯାଉ ନାହିଁ ବୋଲି କବିତା ପ୍ରଶ୍ନ ଉଠାଇଛନ୍ତି। ମୋତେ ତଡ଼ି ନ ଦିଆଯିବା ପର୍ଯ୍ୟନ୍ତ ବିଆରଏସ୍ ଛାଡ଼ିବି ନାହିଁ। କେସିଆରଙ୍କ ଛଡ଼ା ଆଉ କାହା ଅଧିନରେ କାର୍ଯ୍ୟ କରିବି ନାହିଁ। ତେବେ ନୂଆ ପାର୍ଟି ଗଠନ କରିବା ନେଇ ଚାଲିଥିବା ଚର୍ଚ୍ଚା ନେଇ ସେ କୌଣସି ଉତ୍ତର ଦେଇନାହାନ୍ତି। ବିଆରଏସ୍‌ରେ ସ୍ୱଚ୍ଛତା ଓ ସଂସ୍କାର ଆଣିବା ନେଇ ମୋର ଲଢ଼େଇ ଜାରି ରହିବ। କଂଗ୍ରେସରେ ଯୋଗ ଦେଉଥିବା ନେଇ ପ୍ରଚାରିତ ଖବରକୁ ସେ ଖଣ୍ଡନ କରିଛନ୍ତି। ୨୦୧୩ ପରେ କୌଣସି କଂଗ୍ରେସ ନେତାଙ୍କ ସହ ସମ୍ପର୍କ ନାହିଁ। ତେଲଙ୍ଗାନା ରାଜ୍ୟ ଗଠନ ପାଇଁ ସେତେବେଳେ ସଂଗ୍ରାମ ଜାରି ରହିଥିଲା। ପାର୍ଟିରେ କୌଣସି ପଦ କିମ୍ବା କ୍ଷମତା ଲଢ଼େଇରେ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ତେବେ ଏ ସଂକ୍ରାନ୍ତରେ ଭାଇ କେଟିଆରଙ୍କ ତରଫରୁ କୌଣସି ପ୍ରତିକ୍ରିୟା ପ୍ରକାଶ କରାଯାଇନାହିଁ। ଉଲ୍ଲେଖଥାଉ କି, ୨୪ ବର୍ଷ ତଳେ କେ ଚନ୍ଦ୍ରଶେଖର ରାଓ ୨୦୦୧ ଏପ୍ରିଲ ୭ରେ ବିଆରଏସ୍ ପାର୍ଟି ପ୍ରତିଷ୍ଠା କରିଥିଲେ। ଏବେ ରାଜ୍ୟସଭାରେ ଦଳର ୩ ଜଣ ସଦସ୍ୟ ଓ ବିଧାନସଭାରେ ୨୮ ଜଣ ସଦସ୍ୟ ରହିଛନ୍ତି।



ଦୀପିକାଙ୍କ ଉପରେ ସନ୍ଦୀପ ଖପ୍ପା

▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-332 ♦BHUBANESWAR ♦SATURDAY ♦31 MAY 2025 ♦PAGE-12 ♦₹ 6.00

♦ବର୍ଷ-୪୨ ♦ସଂଖ୍ୟା-୩୩୨ ♦ଭୁବନେଶ୍ୱର ♦ଶନିବାର ♦୩୧ ମେ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦

## ସମ୍ପର୍କ ଛିନ୍ନ ପରେ ଦୁଷ୍କର୍ମ ଅଭିଯୋଗ ଭୁଲ୍

**ଏପରି ଅଭିଯୋଗ ଦ୍ୱାରା ଅଭିଯୁକ୍ତର ଛବି ଖରାପ ହୋଇଥାଏ**

**ନ୍ୟାୟ ବ୍ୟବସ୍ଥା ଉପରେ ମଧ୍ୟ ବୋଝ ବଢୁଛି**

■ **ନୂଆଦିଲ୍ଲୀ, ୩୦।୫ (ଏଜେନ୍ସି):** ସୁପ୍ରିମକୋର୍ଟ ଶୁକ୍ରବାର ଗୁରୁତ୍ୱପୂର୍ଣ୍ଣ ରାୟ ଦେଇ ସମ୍ପର୍କ ଭାଙ୍ଗିବା ପରେ ଦୁଷ୍କର୍ମ ଅଭିଯୋଗ ଲଗାଇବା ଭୁଲ୍ ବୋଲି କହିଛନ୍ତି। ଦୁଇ ବୟସ୍କଙ୍କ ମଧ୍ୟରେ ସହମତିରେ ଗଢ଼ି ଉଠିଥିବା ସମ୍ପର୍କ ଭାଙ୍ଗିଯିବା ପରେ କିମ୍ବା ଉଭୟ ପରସ୍ପରଠାରୁ ଦୂରେଇ ଯିବା ପରେ ଏହାକୁ ଆଧାର କରି ବିବାହର ମିଥ୍ୟା ପ୍ରତିଶ୍ରୁତି ନାମରେ ଦୁଷ୍କର୍ମ ଅଭିଯୋଗ ଲଗାଯାଇପାରିବ ନାହିଁ। ଏଭଳି ମାମଲାରେ ଦ୍ୱାରା ନ୍ୟାୟ ବ୍ୟବସ୍ଥା ଉପରେ ଅନାବଶ୍ୟକ ବୋଝ ବଢୁଛି। ସମାଜରେ ଅଭିଯୁକ୍ତର ଛବି ମଧ୍ୟ ଖରାପ ହେଉଛି। କେବଳ ବିବାହ ପ୍ରତିଶ୍ରୁତି ଭାଙ୍ଗିବାକୁ ମିଥ୍ୟା ପ୍ରତିଶ୍ରୁତି କୁହାଯାଇପାରିବ ନାହିଁ। ଯଦି ସମ୍ପର୍କର ଆରମ୍ଭରୁ ଅଭିଯୁକ୍ତର ଆଭିମୁଖ୍ୟ ପ୍ରଥମରୁ ଠକିବା ଭଳି ରହିଥାଏ ତେବେ ଏଭଳି ମାମଲା ହୋଇପାରେ। ବିବାହ ପ୍ରତିଶ୍ରୁତି ଭାଙ୍ଗିବା ଦର୍ଶାଇ ଧାରା ୩୭୬ ଅନୁଯାୟୀ ଦୁଷ୍କର୍ମ ମାମଲା ଲଗାଇବା ଅନୁଚିତ। ଏହା ପୂର୍ବରୁ ମଧ୍ୟ ସୁପ୍ରିମକୋର୍ଟ ଏଭଳି ମାମଲା ଉପରେ ଚିନ୍ତା ପ୍ରକଟ କରିଥିଲେ ବୋଲି ଜଷ୍ଟିସ ବିଭି ନାଗରତ୍ନା ଏବଂ ଜଷ୍ଟିସ ସତୀଶ ଚନ୍ଦ୍ର ଶର୍ମାଙ୍କ ଖଣ୍ଡପୀଠ କହିଛନ୍ତି। ଏହି ରାୟ ଦେଇ ସୁପ୍ରିମକୋର୍ଟ ମହାରାଷ୍ଟ୍ରର ଅମୋଲ ଭଗବାନ ନେହୁଲଙ୍କ ବିରୋଧରେ ରୁଜୁ ଦୁଷ୍କର୍ମ ମାମଲାକୁ ରଦ୍ଦ କରିଦେଇଥିଲେ।

▶ପୃଷ୍ଠା-୭



## ଗୋଟିଏ ସିଫ୍ଟରେ ହେବ ନିଟ୍-ପିଜି ପରୀକ୍ଷା

**ଦୁଇ ସିଫ୍ଟ ବ୍ୟବସ୍ଥା ଉଚ୍ଛେଦ**

**ଅନୁଚିତ, ମନମୁତାଣିଆ କହିଲେ ସର୍ବୋଚ୍ଚ ନ୍ୟାୟାଳୟ**

■ **ନୂଆଦିଲ୍ଲୀ, ୩୦।୫ (ଏଜେନ୍ସି):** ସୁପ୍ରିମକୋର୍ଟ ଶୁକ୍ରବାର ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ସ୍ୱଚ୍ଛତା ଏବଂ ପାରଦର୍ଶିତାକୁ ସୁନିଶ୍ଚିତ କରିବା ପାଇଁ ନିଟ୍-ପିଜି ପ୍ରବେଶିକା ପରୀକ୍ଷା (୨୦୨୫)କୁ ଗୋଟିଏ ସିଫ୍ଟରେ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଏହି ପରୀକ୍ଷାକୁ ଦୁଇଟି ସିଫ୍ଟରେ କରିବାକୁ ଘୋଷଣା କରାଯାଇଥିଲା। ମାତ୍ର ଏହା ବିରୋଧରେ ଛାତ୍ରଛାତ୍ରୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏଭଳି ପରୀକ୍ଷାକୁ ଅନୁଚିତ ଏବଂ ଅସଙ୍ଗତି ଥିବା କହିଥିଲେ। ୨ଟି ସିଫ୍ଟରେ ପରୀକ୍ଷା ହେଲେ ପ୍ରଶ୍ନପତ୍ରର ଜଟିଳତା ସ୍ତରରେ ଫରକ ରହିଥାଏ। ଏହା ପରୀକ୍ଷାର୍ଥୀଙ୍କ ମଧ୍ୟରେ ଖାମଖିଆଲ ମନୋଭାବ ମଧ୍ୟ ସୃଷ୍ଟି କରିପାରେ। ତେଣୁ ଏହା କୌଣସି ଦୃଷ୍ଟିରୁ ବି ଉଚିତ ନୁହେଁ। ଏହା ଦ୍ୱାରା ସଠିକ୍ ମୂଲ୍ୟାଙ୍କନ ମଧ୍ୟ ହୋଇ ନ ଥାଏ। ପରୀକ୍ଷାରେ ମିଳିଥିବା ମାର୍କରେ ବି ଫରକ ଦେଖା ଦେଇଥାଏ ବୋଲି ଛାତ୍ରଛାତ୍ରୀ ଆବେଦନରେ କହିଥିଲେ। ଏହି ମାମଲାର ଶୁଣାଣି କରି ସର୍ବୋଚ୍ଚ ନ୍ୟାୟାଳୟ ୨ଟି ସିଫ୍ଟ ବ୍ୟବସ୍ଥାକୁ ଅନୁଚିତ ଏବଂ ମନ ମୁତାଣିଆ କହି ଉଚ୍ଛେଦ କରିଦେଇଛନ୍ତି। ଜାତୀୟ ଗୁରୁତ୍ୱ ବହନ କରୁଥିବା ଏଭଳି ପରୀକ୍ଷାର ମାନଦଣ୍ଡରେ ସମାନତା ରହିବା ଆବଶ୍ୟକ। ପରୀକ୍ଷା ଆୟୋଜନ କରିବା ପାଇଁ ନ୍ୟାସନାଲ ବୋର୍ଡ ଅଫ୍

▶ପୃଷ୍ଠା-୭

## ୨୦୨୪-୨୫ ଜିଡିପି ଅଭିବୃଦ୍ଧି ମନ୍ଥର

# ଥମିବ ବିକାଶର ଗତି

**ଜାତୀୟ ପରିସଂଖ୍ୟାନ ରିପୋର୍ଟ**



▶▶ ୬.୫%ରେ ସୀମିତ ରହିବ ଅଭିବୃଦ୍ଧି

▶▶ ୨୦୨୩-୨୪ରେ ୯.୨ ପ୍ରତିଶତ ଥିଲା

▶▶ ଚତୁର୍ଥ ତ୍ରୈମାସରେ ବି କମିଲା ଅଭିବୃଦ୍ଧି

■ **ନୂଆଦିଲ୍ଲୀ, ୩୦।୫ (ଏଜେନ୍ସି):** ଶିଥିଳ ଅର୍ଥନୀତି। କାରଣ ଧିମା ପଡିଛି ବିକାଶର ଗତି। ମାର୍ଚ୍ଚ ତ୍ରୈମାସିକରେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ହାର ୭.୪ ପ୍ରତିଶତକୁ ହ୍ରାସ ପାଇଛି। ଏହାଫଳରେ ୨୦୨୪-୨୫ରେ ବାର୍ଷିକ ଅଭିବୃଦ୍ଧି ହାର ୬.୫%ରେ ସୀମିତ ରହିବ ବୋଲି ସ୍ପଷ୍ଟ ହୋଇଗଲାଣି। ତେବେ ଜାନୁଆରୀ-ମାର୍ଚ୍ଚ ଅବଧିରେ ଅଭିବୃଦ୍ଧି ହାର ୭.୪% ରହିଛି, ଗତ ବର୍ଷର ପୂର୍ବ ସମାନ ତ୍ରୈମାସିକର ୮.୪% ଅଭିବୃଦ୍ଧି ହାର ତୁଳନାରେ ଏହା କମ୍। ଶୁକ୍ରବାର ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍ଏସ୍ଓ) ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ୨୦୨୪-୨୫ରେ ଅର୍ଥନୀତି ମାତ୍ର ୬.୫% ହାରରେ ବୃଦ୍ଧି ପାଇବ, ଯେତେବେଳେ କି ୨୦୨୩-୨୪ ପାଇଁ ସରକାରଙ୍କ ପକ୍ଷରୁ ୯.୨ ପ୍ରତିଶତ ଅଭିବୃଦ୍ଧି ହାର ଆକଳନ କରାଯାଇଛି।

ଜାତୀୟ ହିସାବର ଦ୍ୱିତୀୟ ଅଗ୍ରିମ ଆକଳନରେ ଏନ୍ଏସ୍ଓ ୨୦୨୪-୨୫ ପାଇଁ ଦେଶର ଜିଡିପି ଅଭିବୃଦ୍ଧି ହାର ୬.୫% ହେବ ବୋଲି ଆକଳନ କରିଥିଲା। ଉତ୍ପାଦନ କ୍ଷେତ୍ରରେ ମାନ୍ଦାବସ୍ଥା ମୁଖ୍ୟତଃ ଜିଡିପି ହ୍ରାସର ମୁଖ୍ୟ କାରଣ କୁହାଯାଉଛି। ଅନ୍ୟପକ୍ଷରେ, ଚୀନ୍ ଜାନୁଆରୀ-ମାର୍ଚ୍ଚ ତ୍ରୈମାସିକରେ ୫.୪% ଅର୍ଥନୈତିକ ଅଭିବୃଦ୍ଧି ହାର ରିପୋର୍ଟ କରିଛି। ପରିସଂଖ୍ୟାନ ରିପୋର୍ଟ ଅନୁସାରେ ନିର୍ମାଣ କ୍ଷେତ୍ର ୯.୪%ର ବାର୍ଷିକ ବୃଦ୍ଧି ସହ ସବୁଠୁ ଆଗରେ ରହିଛି। ଏହାପଛକୁ ଲୋକ ପ୍ରଶାସନ, ପ୍ରତିରକ୍ଷା ଓ ଅନ୍ୟ ସେବା ୮.୯% ଓ ଆର୍ଥିକ, ରିଅଲ ଇଷ୍ଟେଟ୍ ଓ କାରବାର ସେକ୍ଟରରେ ୭.୨% ବୃଦ୍ଧି ହୋଇଛି। ଚତୁର୍ଥ ତ୍ରୈମାସରେ ମେନୁ୍ୟଫ୍ୟାକ୍ଚରିଂ ସେକ୍ଟରରେ ଏହି ବୃଦ୍ଧି ୧୦.୮% ପହଞ୍ଚିଥିଲା। ଏନ୍ଏସ୍ଓ ଅନୁଯାୟୀ, ୨୦୨୪-୨୫ ଆର୍ଥିକବର୍ଷରେ ବାସ୍ତବ ଜିଡିପି କିମ୍ବା ସ୍ଥିର ମୂଲ୍ୟରେ ଜିଡିପି ୧୮୭.୯୭ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ୨୦୨୩-୨୪ ଆର୍ଥିକବର୍ଷ ପାଇଁ ଜିଡିପିର ପ୍ରଥମ ସଂଶୋଧିତ ଆକଳନ ୧୭୬.୫୧ ଲକ୍ଷ କୋଟି ଟଙ୍କା। ଏହି ଆଧାରରେ, ଅଭିବୃଦ୍ଧି ହାର ୬.୫ ପ୍ରତିଶତ ଥିଲା। ଏନ୍ଏସ୍ଓ କହିଛି, ୨୦୨୪-୨୫ ଆର୍ଥିକ ବର୍ଷରେ ନାମମାତ୍ର ଜିଡିପି କିମ୍ବା ବର୍ତ୍ତମାନର ମୂଲ୍ୟରେ ଜିଡିପି ୩୩୦.୬୮ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ତେବେ ଜିଡିପି ସଂଖ୍ୟା ଉପରେ ପ୍ରତିକ୍ରିୟା ଦେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି ଯେ ଭାରତ ଲଗାତାର ଚତୁର୍ଥ ବର୍ଷ ପାଇଁ ଦ୍ରୁତତମ ଅଭିବୃଦ୍ଧିଶୀଳ ଅର୍ଥନୀତି ଭାବରେ ଅଭିବୃଦ୍ଧିର ଗତି ବଜାୟ ରଖିଛି। ସେ କହିଛନ୍ତି ଯେ ଚତୁର୍ଥ ତ୍ରୈମାସିକରେ ଭାରତର ଉତ୍ପାଦନ କାର୍ଯ୍ୟକଳାପ ଭଲ ରହିଛି।

## ଜନଗଣନା ପୂର୍ବରୁ ଜାତି ତାଲିକା

**ସବୁ ରାଜନୈତିକ ଦଳ ସହ ଆଲୋଚନା କରିବେ କେନ୍ଦ୍ର ସରକାର**

**ଜନଜାତି ବର୍ଗରେ ସାମିଲ ପାଇଁ ଓଡ଼ିଶାର ୧୬୦ ଜାତିଙ୍କ ଦାବି**

■ **ନୂଆଦିଲ୍ଲୀ, ୩୦।୫ (ଏଜେନ୍ସି):** ଜାତିଗତ ଜନଗଣନା ପୂର୍ବରୁ କେନ୍ଦ୍ର ସରକାର ଜାତି ତାଲିକା ପ୍ରସ୍ତୁତ କରିବେ। ୧୯୩୧ ମସିହାରେ ସାରା ଦେଶରେ ୪୧୪୭ ଜାତି ବିଭିନ୍ନ ବର୍ଗରେ ସାମିଲ ହୋଇଥିଲେ, ପରବର୍ତ୍ତୀ ସମୟରେ ଦେଶରେ ଅନୁସୂଚିତ ଜାତିଙ୍କ ମଧ୍ୟରେ ୧୨୭୦ ଉପଜାତି ଓ ଅନୁସୂଚୀତ ଜନଜାତିଙ୍କ ମଧ୍ୟରେ ୭୪୮ ଉପଜାତିଙ୍କୁ ଚିହ୍ନଟ କରାଯାଇଥିଲା। ଏବେ ବି ଅନେକ ବର୍ଗ ନିଜକୁ ଜନଜାତି ଓ ଅନୁସୂଚୀତ ଜାତି ସୂଚୀରେ ସାମିଲ ହେବାକୁ ଦାବି କରି ଆସୁଛନ୍ତି। ଓଡ଼ିଶାରୁ ପାଖାପାଖି ୧୬୦ ବର୍ଗର ଜନସାଧାରଣ ଅନୁସୂଚୀତ ଜନଜାତି ବର୍ଗରେ ସାମିଲ ନିମନ୍ତେ କେନ୍ଦ୍ରକୁ ତତ୍କାଳୀନ ବିଜେଡି ସରକାର ପ୍ରସ୍ତାବ ଦେଇଥିଲେ। ଏହି ଆଧାରରେ ଜାତିଗତ ଜନଗଣନା ପୂର୍ବରୁ ସବୁ ରାଜନୈତିକ ଦଳ ସହ ଆଲୋଚନା କରି କେନ୍ଦ୍ର ସରକାର ଏକ ଜାତି ତାଲିକା ପ୍ରସ୍ତୁତ କରିବେ ଓ ଏଥିପାଇଁ ଖୁବ୍‌ଶୀଘ୍ର କେନ୍ଦ୍ର ସରକାର ଏକ ସର୍ବଦଳୀୟ ବୈଠକ ଡାକିବେ ବୋଲି ସୂଚନା ମିଳିଛି।

୨୦୧୧ରେ ଜନଗଣନାରେ ଦେଶରେ ଜାତି-ଉପଜାତି ସଂଖ୍ୟା ୪୬.୭୩ ଲକ୍ଷ କୁହାଯାଉଥିଲା। ଏହାକୁ ନେଇ ସେତେବେଳେ ଯାବତୀୟ ବିବାଦ ସୃଷ୍ଟି ହୋଇଥିଲା ଓ ଏହି ରିପୋର୍ଟ ଅବିଶ୍ୱସନୀୟ ବୋଲି ବିବେଚନା କରାଯାଉଥିଲା। ପୁନଶ୍ଚ ଜାତି ଆଧାରରେ ସଂରକ୍ଷଣକୁ ନେଇ ଏବେ ବିଭିନ୍ନ ରାଜ୍ୟରେ ଭିନ୍ନଭିନ୍ନ ମତ ପ୍ରକାଶ ପାଉଥିବାରୁ ଏବେ ଏହାକୁ ସରଳ କରାଯିବା ପାଇଁ କେନ୍ଦ୍ର ସରକାର ଯୋଜନା ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଜନସଂଖ୍ୟା ଆଧାର ସହ ଆର୍ଥିକ ସ୍ଥିତିକୁ ନେଇ ବିଚାର କରାଯିବାକୁ ମଧ୍ୟ ବିଭିନ୍ନ ସମାଜତତ୍ତ୍ୱବିତ୍‌ମାନେ ମତ ପ୍ରକାଶ କରିଛନ୍ତି। ଏହି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଦେଶରେ

▶ପୃଷ୍ଠା-୭

## ଜେଲ୍ ଗଲେ ଇଡି ଉପନିର୍ଦ୍ଦେଶକ



■ **ଭୁବନେଶ୍ୱର, ୩୦।୫ (ସମିସ):** ଖଣି ବ୍ୟବସାୟୀ ରତିକାନ୍ତ ରାଉତଙ୍କଠାରୁ ୨୦ଲକ୍ଷ ଲାଞ୍ଚ ନେବା ଅଭିଯୋଗରେ ଗିରଫ ହୋଇଛନ୍ତି ଇଡିର ଉପନିର୍ଦ୍ଦେଶକ ଚିନ୍ତନ ରଘୁବଂଶୀ ଏବଂ ତାଙ୍କ ସହଯୋଗୀ ଭକ୍ତି ବେହେରା। ଆଜି ସକାଳୁ ଗିରଫ ପରେ ସିବିଆଇ କ୍ୟାପିଟାଲ ହସ୍ପିଟାଲ୍‌ରେ ଉଭୟଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପରେ ସ୍ୱତନ୍ତ୍ର ସିବିଆଇ କୋର୍ଟରେ ହାଜର କରିଥିଲେ। କୋର୍ଟ ଉଭୟଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ଜୁନ୍ ୪ ତାରିଖରେ ପରବର୍ତ୍ତୀ ଶୁଣାଣି ହେବ। ଗତକାଲି ଉଭୟଙ୍କୁ ଜେରା ବେଳେ ଲାଞ୍ଚ ଟଙ୍କା ସମ୍ପର୍କରେ ସ୍ପଷ୍ଟ ସୂଚନା ଦେଇ ନ ପାରିବାରୁ ମାମଲା ରୁଜୁ କରି ଗିରଫ କରିଥିଲା ସିବିଆଇ। ରାତି ତମାମ୍ ସିବିଆଇ ଚିନ୍ତନ ରଘୁବଂଶୀ ଓ ଜଣେ ମଧ୍ୟସ୍ଥିଙ୍କୁ ମୁହାଁମୁହିଁ ଜେରା କରିଥିଲା।

ଖଣି ମାଲିକ ରତିକାନ୍ତ ରାଉତଙ୍କ ଅଭିଯୋଗ ଅନୁସାରେ, ଢେଙ୍କାନାଳରେ ତାଙ୍କର ଏକ ପଥର ଖଣି ବ୍ୟବସାୟ ରହିଥିଲା। ଗତ ୨୦୨୪ରେ ତାଙ୍କୁ ଇଡି ପକ୍ଷରୁ ଏକ ସମନ୍ ଆସିବା ପରେ ସେ

▶ପୃଷ୍ଠା-୭

## ସିକିମ୍‌ରେ ନଦୀକୁ ବସ୍ ଖସି ଜଣେ ମୃତ

**ଓଡ଼ିଶାର ବିଜେପି ନେତ୍ରୀଙ୍କ ସମେତ ୮ ନିଖୋଜ**

■ **ଗ୍ୟାଙ୍ଗଟକ/ବ୍ୟାସନଗର, ୩୦।୫ (ସମିସ):** ଉତ୍ତର ସିକିମରେ ଗୁରୁବାର ରାତିରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଲାଚେନରୁ ଲାଚୁଙ୍ଗ ଯାଉଥିବା ଏକ ବସ୍ ବିପଦପୂର୍ଣ୍ଣ ବୁଲାଣିରେ ନିୟନ୍ତ୍ରଣ ହରାଇ ହଜାରେ ଫୁଟ ତଳେ ଥିବା ତିସ୍ତା ନଦୀକୁ ଖସି ପଡ଼ିଛି। ଏହି ଦୁର୍ଘଟଣାରେ ଜଣେ ପ୍ରାଣ ହରାଇଛନ୍ତି। ତାଙ୍କର ମୃତଦେହ ଉଦ୍ଧାର କରାଯାଇଛି। ସେହିପରି ନଦୀର ପ୍ରଖର ସ୍ରୋତରେ ଭାସି ଯାଇ ୮ଜଣ ନିଖୋଜ ଅଛନ୍ତି। ନିଖୋଜଙ୍କ ମଧ୍ୟରେ ଓଡ଼ିଶା ବିଜେପି ମହିଳା ସଂପାଦିକା ଇତିଶ୍ରୀ ନାୟକ ଜେନା (୪୬)ଙ୍କୁ ମିଶାଇ ତାଙ୍କ ପରିବାରର ୪ ସଦସ୍ୟ ରହିଛନ୍ତି। ଅନ୍ୟମାନେ ହେଲେ ଇତିଶ୍ରୀଙ୍କ ଭାଇ ଅଜିତ କୁମାର ନାୟକ(୪୫), ସାହିଲ ଜେନା (୨୧), ଭାଉଜ ସୁନୀତା ନାୟକ (୪୨)। ଅନ୍ୟପକ୍ଷରେ, ତାଙ୍କ ପୁତୁରା ସାଇରାଜ ଜେନା (୧୭) ଓ ପୁଅ ସ୍ୱୟଂ ସୁପ୍ରିତମ ନାୟକ (୧୬)ଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି।

ସୂଚନାନୁଯାୟୀ, ଗତ ୨୫ ତାରିଖରେ ଯାଜପୁର ବ୍ୟାସନଗର ପୌରାଞ୍ଚଳ ଉମାପଦା ଅଞ୍ଚଳର ନାୟକ ଓ ଜେନା ଭାଇଭଉଣୀଙ୍କ ଚାରୋଟି ପରିବାର ଗାଙ୍ଗଟକକୁ ବୁଲି ଯାଇଥିଲେ। ସେମାନେ ଗତ ଗୁରୁବାର ଦୁଇଟି ଗାଡ଼ିରେ ସିକିମର ଏକ ହିଲ୍ ଟପ୍ ଜିରୋ ପଏଣ୍ଟକୁ ବୁଲିବାକୁ ଯାଇଥିଲେ। ସେଠାରୁ ଦୁଇଟି

▶ପୃଷ୍ଠା-୭



### ଦୁଃଖ ପ୍ରକାଶ କଲେ ମୋହନ, ନବୀନ

■ **ଭୁବନେଶ୍ୱର, ୩୦।୫ (ସମିସ):** ସିକ୍କିମର ତିସ୍ତା ନଦୀରେ ଟୁରିଷ୍ଟ ବସ୍ ବହୁ ଗଭୀରକୁ ଖସି ପଡ଼ିବା ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଏହି ବସ୍‌ରେ ଓଡ଼ିଶାର ଅନେକ ଯାତ୍ରୀ ଥିବାର ସୂଚନା ମିଳିଛି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସିକ୍କିମ୍ ମୁଖ୍ୟମନ୍ତ୍ରୀ ପ୍ରେମ ସିଂହ ତମାଙ୍ଗଙ୍କ ସହ ଆଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ପରିବହନ ଆୟୁକ୍ତ ଦୀପ୍ତି ରଞ୍ଜନ ପାତ୍ର ଓ ଯୁଗ୍ମ ପରିବହନ ଆୟୁକ୍ତ ବିକାଶ ଚୌଧୁରୀ ସିକ୍କିମ୍ ଗସ୍ତ କରିଥିବା ଜଣାପଡ଼ିଛି। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏକ୍ସ ମାଧ୍ୟମରେ ଦୁଃଖ ପ୍ରକାଶ କରିଛନ୍ତି। ନିଜ ଏକ୍ସ ଏକାଉଣ୍ଟରେ ନବୀନ ଦୁର୍ଘଟଣାଗ୍ରସ୍ତଙ୍କ ଆଶୁ ଆରୋଗ୍ୟ କାମନା କରିବା ସହ ଏପରି ପ୍ରତିକୂଳ ସମୟକୁ ସାମ୍ନା କରିବା ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥ ସେମାନଙ୍କ ପରିବାରବର୍ଗଙ୍କୁ ଧୈର୍ଯ୍ୟ ଦିଅନ୍ତୁ ବୋଲି ଉଲ୍ଲେଖ କରିଛନ୍ତି।

**ଅବସରର ଦିନକ ପୂର୍ବରୁ ଭିଜିଲାନ୍ସ ଚଢ଼ଉ**

## ଆର୍‌ଡି ମୁଖ୍ୟଯନ୍ତ୍ରୀଙ୍କ ଅଚଳାଚଳ ସମ୍ପତ୍ତି ଠାବ

**ଘରୁ ମିଳିଲା ନଗଦ ୨.୫୬ କୋଟି ଟଙ୍କା**

**ଆକାଉଣ୍ଟରେ ୧.୫ କୋଟି ଜମାରାଶି, ସେୟାରରେ ଲାଗିଛି ୨.୮ କୋଟି**

**ଦୁଇଟି ବହୁତଳ କୋଠା, ୨ଟି ଫ୍ଲାଟ୍, ବିଭିନ୍ନ ସ୍ଥାନରେ ୭ଦାମୀ ପ୍ଲଟ୍ ଠାବ**

**୧.୧କେଜି ଓଜନର ସୁନା ଅଳଙ୍କାର, ୧୫ଟି ଦାମୀ ଘଣ୍ଟା ଜବତ**



■ **ଭୁବନେଶ୍ୱର/ଅନୁଗୁଳ, ୩୦।୫ (ସମିସ):** ଅବସରର ଦିନକ ପୂର୍ବରୁ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟଯନ୍ତ୍ରୀ ବୈକୁଣ୍ଠନାଥ ଷଡ଼ଙ୍ଗୀ। ତାଙ୍କ ବାସଭବନରେ ଚଢ଼ଉ ବେଳେ ଭିଜିଲାନ୍ସ ବିପୁଳ ସମ୍ପତ୍ତି ଠାବ କରିଛି। ନଗଦ ୨.୫୬ କୋଟି ଟଙ୍କା ସହ ବ୍ୟାଙ୍କ ଓ ସେୟାରରେ ଶ୍ରୀ ଷଡ଼ଙ୍ଗୀ ବିପୁଳ ପରିମାଣର ଅର୍ଥ ଜମା କରିଛନ୍ତି । ଅନୁରୂପ ଭାବରେ ଦୁଇ ଦୁଇଟି ବହୁତଳ ବିଶିଷ୍ଟ ଅଟ୍ଟାଳିକା, ୨ଟି ଫ୍ଲାଟ, ରାଜ୍ୟର ବିଭିନ୍ନ

▶ପୃଷ୍ଠା-୭




**ସହଯୋଗୀ ଗୁଳିରେ ଶିକାରୀ ମୃତ; କଙ୍ଗାରୁ କୋର୍ଟରେ ରଫାଦଫା**

## ଝୁଇରୁ ଦରପୋଡ଼ା ଶବ ଉଠାଇଆଣିଲା ପୁଲିସ



**୧୦ରୁ ଉର୍ଦ୍ଧ୍ୱ ଅଟକ; ୨ ଶିକାରୀ ଫେରାର୍**

■ **ନୟାଗଡ଼/ଶରଣକୁଳ, ୩୦।୫ (ସମିସ):** ଶିକାରୀ ଗୁଳିରେ ପ୍ରାଣ ହରାଇଥିବା ଜଣେ ଆଦିବାସୀ ଯୁବକଙ୍କୁ ଅତି ସନ୍ତର୍ପଣରେ ପୋଡ଼ିଦେବା ବେଳେ ଧରିଲା ପୁଲିସ୍। ନୟାଗଡ଼ ଜିଲ୍ଲା ଶରଣକୁଳ ଥାନା ଅଞ୍ଚଳରେ ଗୁରୁବାର ବିଳମ୍ବିତ ରାତିରେ ଘଟିଥିବା ଏହି ଘଟଣା ଆଜି ପଦାକୁ ଆସିବା ପରେ ଚର୍ଚ୍ଚାର ବିଷୟ ହୋଇଛି। ମୃତକ ହେଲେ, ନୟାଗଡ଼ ବନଖଣ୍ଡ ଅନ୍ତର୍ଗତ ପଞ୍ଚରିଡ଼ା ବନାଞ୍ଚଳ ଗୋଛା ଗ୍ରାମର ସୂର୍ଯ୍ୟମଣି ପ୍ରଧାନ ଓରଫ୍ ହୀନ। ପୁଲିସ୍ ତାଙ୍କ ଦରପୋଡ଼ା ଶବକୁ ଝୁଇରୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ୍ ମୋଟ ୧୦ଜଣଙ୍କୁ ଅଟକ ରଖିଥିବା ବେଳେ ଅଭିଯୁକ୍ତ ଦୁଇ ଶିକାରୀ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛନ୍ତି। ପୁଲିସ୍ ସେମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

ପୁଲିସ୍ ସୂଚନାନୁଯାୟୀ, ଗୁରୁବାର ରାତିରେ ନିକଟସ୍ଥ ବଧିସାହି ଗ୍ରାମର ସନ୍ତୋଷ ସାହୁ ଓ ମିଟୁ ପ୍ରଧାନ ଗୋଛା ଗ୍ରାମର ହୀନଙ୍କୁ ଡାକି ଶିକାର ଉଦ୍ଦେଶ୍ୟରେ ଗୋଛା ସଂରକ୍ଷିତ ଜଙ୍ଗଲକୁ ଯାଇଥିଲେ। ଶିକାର ସମୟରେ ଅସାବଧାନତାରୁ ଗୋଟିଏ ଗୁଳି ହୀନଙ୍କ ମୁଣ୍ଡରେ ବାଜିବାରୁ ସେହିଠାରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଶୁକ୍ରବାର ସକାଳୁ ଏହି ଖବର ପ୍ରଘଟ ହେବା ପରେ ଶିକାରୀମାନେ ଗୋଛା ଗ୍ରାମବାସୀଙ୍କୁ ପ୍ରଲୋଭିତ କରିଥିଲେ। ଗୋଛା ଗ୍ରାମବାସୀ ଗାଁରେ ଡକରା ଦେଇ କଙ୍ଗାରୁକୋର୍ଟ କରିଥିଲେ। ଏହି ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରାଯାଇଥିଲା। ହୀନଙ୍କ ପରିବାରଲୋକଙ୍କୁ ୪ଲକ୍ଷ ଟଙ୍କା ଓ ୩ମାଣ ଜମି ଦେଇ ତାଙ୍କୁ ମୁହଁ ବନ୍ଦ ରଖିବା ପାଇଁ କୁହାଯାଇଥିଲା।

▶ପୃଷ୍ଠା-୭

# ଅଦୃଶ୍ୟ ଶକ୍ତି ଅଟକାଉଛି ଗୋପାଳପୁର ପାର୍କିଂ ଟେଣ୍ଡର

**ରଙ୍ଗେଇଲୁଣ୍ଡା,୩୦।୫(ସମିସ)**



ଗୋପାଳପୁର ଏନ୍‌ଏସି କାର୍ଯ୍ୟାଳୟ ଗତ କିଛିଦିନ ହେବ ବିବାଦରେ ଛନ୍ଦି ହୋଇଛି। ଏଠାକାର ବେଳାଭୂମି ପାର୍କିଂ ପାଇଁ ଦୁଇ ଦୁଇଥର ଟେଣ୍ଡର ବାତିଲ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଏତିକିବେଳେ ତୃତୀୟ ଥର ପ୍ରକାଶ ପାଇଥିବା ଟେଣ୍ଡର ବିଜ୍ଞପ୍ତିକୁ ନେଇ ମଧ୍ୟ ଆଶା ଆଶଙ୍କା ଜାରି ରହିଛି। କେଉଁ କାରଣରୁ ପୂର୍ବର ଦୁଇ ଦୁଇ ଥର ଟେଣ୍ଡର ବାତିଲ ହୋଇଥିଲା ତାହା ପ୍ରଶ୍ନ ଘେରରେ ରହିଥିବା ବେଳେ ଏକ ଅଦୃଶ୍ୟ ଶକ୍ତି ଏହା ଅଟକାଉଥିବା ଅଭିଯୋଗ ହେଉଛି। ଏପଟେ ଦୁଇଗୋଷ୍ଠୀଙ୍କ ମଧ୍ୟରେ ଟେଣ୍ଡର ପ୍ରକ୍ରିୟା ନେଇ ବାଦବିବାଦ ମଧ୍ୟ ଲାଗି ରହିଛି।

ସୂଚନା ପ୍ରକାରେ ତୃତୀୟଥର ଲାଗି ବେଳାଭୂମି ପାର୍କିଂ ଟେଣ୍ଡର ପେପର ବିକ୍ରୀ ଗତ ୨୦ତାରିଖ ଠାରୁ ଆରମ୍ଭ ହୋଇ ୨୯ତାରିଖ ସନ୍ଧ୍ୟା ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ ହୋଇଥିଲା। ବର୍ଷକ ପାଇଁ ୪୪ଲକ୍ଷ ୧୦ହଜାର ଟଙ୍କା ପୈଠ କରିବାକୁ ନିଷ୍ପତି ହୋଇଥିଲା। ଏହିକ୍ରମରେ ଗତ ଗୁରୁବାର ପୂର୍ବାହ୍ନରେ ତିନୋଟି ପେପର ବିକ୍ରୀ ହୋଇଥିଲା। ଅପରାହ୍ନରେ ଗୋପାଳପୁର ଅଞ୍ଚଳର ଏ ପାର୍ବତୀ, ବି ଗାଙ୍ଗାମ୍ମା, ଏଲ ଧାର୍ମାରାଓ ଟେଣ୍ଡର କିଣିବା ପାଇଁ କାର୍ଯ୍ୟାଳୟକୁ ଆସି ଜଗି ରହିଥିଲେ। କିନ୍ତୁ ମଧ୍ୟାହ୍ନ ଭୋଜନ କରି ଆସିବି କହି ସମ୍ପୃକ୍ତ କିରାଣି ଆଉ କାର୍ଯ୍ୟାଳୟକୁ ଆସି ନଥିଲେ। ଫଳରେ ତିନିଜଣ ଫର୍ମ କିଣିପାରି ନଥିବା ଅଭିଯୋଗ ହୋଇଥିଲା। ଶୁକ୍ରବାର ତିନିଜଣ ଆସି ପାଟିତୁଣ୍ଡ କରି କିରାଣିଙ୍କୁ ବିଭିନ୍ନ ପ୍ରଶ୍ନ କରିଥିଲେ। ଟେଣ୍ଡର ପ୍ରକ୍ରିୟାରେ ସାମିଲ ହୋଇନପାରିବା ଯୋଗୁ କ୍ଷୋଭ ପ୍ରକାଶ କରିବା ସହ ତାଙ୍କୁ ସୁଯୋଗ ଦେବାକୁ ଦାବି କରିଥିଲେ। ଅନ୍ୟପକ୍ଷରେ ପୂର୍ବରୁ ଟେଣ୍ଡର ଭରିଥିବା ବ୍ୟକ୍ତିବିଶେଷ ଧାର୍ଯ୍ୟ ସମୟ ଅନୁଯାୟୀ ଆଜି ଟେଣ୍ଡର ପ୍ରକାଶ କରିବାକୁ ଅଡ଼ି ବସିଥିଲେ। କିଛି ସମୟ ଲାଗି ଏଠାରେ ହୋହଲ୍ଲା ଓ ପାଟିତୁଣ୍ଡ ଲାଗି ରହିଥିଲା। ହେଲେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅନୁପସ୍ଥିତି ଯୋଗୁ ଟେଣ୍ଡର ପ୍ରକାଶ ପାଇନଥିବା ଏକ ଅସମର୍ଥ ସୂତ୍ରରୁ ଜଣାପଡ଼ିଛି। ତେବେ ଏଠାରେ ଫର୍ମ ଆବେଦନ ଲାଗି ଅଡ଼ି ବସିଥିବା ତିନିଜଣଙ୍କୁ ଏନ୍‌ଏସି ଅଧ୍ୟକ୍ଷ ଏ. ଜାନକୀ ରାମ ଓ ତିନିଜଣ କାଉନସିଲର ଆସି ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିବା ଜଣାପଡ଼ିଛି। ତେବେ କେଉଁ କାରଣରୁ ୩ଜଣଙ୍କୁ ଫର୍ମ ଦିଆଗଲା ନାହିଁ ତାହା ତଦନ୍ତ ସାପେକ୍ଷ ବୋଲି କୁହାଯାଇଛି। ଅପରପକ୍ଷେ ଗୋପାଳପୁର ଏନ୍‌ଏସି କର୍ତ୍ତୃପକ୍ଷ ଅଦୃଶ୍ୟ ଚାପର ବଶବର୍ତ୍ତୀ ହୋଇ ଟେଣ୍ଡର ପେପର ଦେଇନଥିଲେ ଓ ଧାର୍ଯ୍ୟ ସମୟରେ ପ୍ରକାଶ କରିନଥିଲେ ବୋଲି ଅଭିଯୋଗ ମଧ୍ୟ ହୋଇଛି।

ଏନେଇ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ପାଢୀଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ଜରୁରୀ କାମ ନେଇ ସେ ଛତ୍ରପୁର ଯାଇଥିଲେ। ଘଟଣା ସମ୍ପର୍କରେ କିଛି ଜାଣିନାହାନ୍ତି। ଗୁରୁବାର ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଟେଣ୍ଡର ପେପର ବିକ୍ରୀ ଅବଧି ରହିଥିଲା। ଶୁକ୍ରବାର ଟେଣ୍ଡର ପେପର ବିକ୍ରୀ ହୋଇପାରିବ ନାହିଁ। ୩୦ ବଦଳରେ ଆସନ୍ତା ୨ତାରିଖରେ ଟେଣ୍ଡର ଖୋଲାଯିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଅନ୍ୟପଟେ ଏନ୍‌ଏସି ଅଧ୍ୟକ୍ଷ ଏ ଜାନକୀରାମଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଜଣେ ଲୋକ ତିନୋଟି ଟେଣ୍ଡର ପେପର କିଣି ନେଇଛନ୍ତି। ଅନ୍ୟ ତିନିଜଣଙ୍କୁ ଟେଣ୍ଡର ପେପର ଅଫିସ କାର୍ଯ୍ୟାଳୟକୁ ଆସିଥିଲେ ହେଁ ମିଳିନାହିଁ। ଏଣୁ ଏହା ବାତିଲ କରାଯିବ ବୋଲି ସେ କହିଛନ୍ତି।

## ରୋଗଶଯ୍ୟାରେ ଥିବା ବୃଦ୍ଧାଙ୍କ ଗହଣା ଲୁଟ୍

**ବ୍ରହ୍ମପୁର,୩୦।୫(ସମିସ):** ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ରାଜାରାଣୀ ଆପାର୍ଟମେଣ୍ଟରେ ରହୁଥିବା ଜଣେ ୮୫ବର୍ଷର ବୃଦ୍ଧାଙ୍କ ସୁନା ଗହଣା କେହି ଚୋରି କରି ନେଇଯାଇଥିବା ଉକ୍ତ ଆପାର୍ଟମେଣ୍ଟରେ ରହୁଥିବା ତାଙ୍କର ଜ୍ୱାଇଁ ପ୍ରଶାନ୍ତ କୁମାର ମିଶ୍ର ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ଭଞ୍ଜନଗରର ପ୍ରଶାନ୍ତ ମିଶ୍ର ବ୍ରହ୍ମପୁରରେ ରହୁଥିବା ଶକୁନ୍ତଳା ମିଶ୍ରଙ୍କ ଝିଅକୁ ବିବାହ କରିଥିଲେ। ଶଶୁରଙ୍କ ମୃତ୍ୟୁ ପରେ ତାଙ୍କ ଶାଶୁ ଶକୁନ୍ତଳା (୮୫) ଉକ୍ତ ଆପାର୍ଟମେଣ୍ଟରେ ରହୁଥିଲେ। ବୃଦ୍ଧା ଜଣଙ୍କ ଗତ ୫ବର୍ଷ ହେଲା ରୋଗାକ୍ରାନ୍ତ ଥିବାବେଳେ ସେ କିଛି ଜାଣି ପାରୁନଥିଲେ। ଏଣୁ କେୟାର ଟେକର ଭାବେ ଲକ୍ଷ୍ମୀ ପାତ୍ର ନିୟୋଜିତ ହୋଇଥିଲେ। ଗତ ୨୭ତାରିଖ ମଧ୍ୟାହ୍ନରେ ରହୁଥିବା ଉକ୍ତ କେୟାର ଟେକର ଜଣଙ୍କ ବୃଦ୍ଧାଙ୍କ ଘର ଭିତରକୁ ଯିବା ବେଳେ ଘର ଭିତରେ ଥିବା କେହି ଜଣେ ତାଙ୍କୁ ଠେଲି ଦୌଡ଼ି ପଳାଇଥିଲେ। ଏନେଇ କେୟାର ଟେକରଙ୍କ ଠାରୁ ଖବର ପାଇ ପ୍ରଶାନ୍ତ ଘରକୁ ଆସିଥିଲେ। ହେଲେ ତାଙ୍କ ଶାଶୁଙ୍କ ବେକରେ ଥିବା ଏକ ସୁନା ଚେନ ଓ ହାତରେ ଥିବା ଏକ ମୁଦି ନଥିବା ଦେଖି କେହି ଚୋରି କରି ନେଇଥିବା ଜାଣିବାକୁ ପାଇଥିଲେ। ପରେ ସେ ଏନେଇ ଥାନାରେ ଅଭିଯୋଗ କରିଥିଲେ।

## ମା’ ଡାକି ଝାମ୍ପିନେଲେ ସୁନାଚେନ୍

**ବୁଗୁଡ଼ା,୩୦।୫(ସମିସ):** ବୁଗୁଡ଼ା ସହର ଉପକଣ୍ଠସ୍ଥ ସ୍ୱାଗତ ତୋରଣ ନିକଟରେ ପ୍ରାତଃଭ୍ରମଣରେ ଯାଇଥିବା ଜନୈକା ମହିଳାଙ୍କ ଠାରୁ ସୁନା ଅଳଙ୍କାର ଲୁଟ ହୋଇଛଇ। ଲୁଟର ଶିକାର ହୋଇଥିବା ମହିଳା ଜଣକ ହେଲେ ସ୍ଥାନୀୟ ଶକ୍ତିନଗର ନିବାସୀ ଅଭିମନ୍ୟୁ ସାହୁଙ୍କ ସ୍ତ୍ରୀ ସୁକାନ୍ତି ସାହୁ। ଶୁକ୍ରବାର ଭୋର୍ ୫ଟାରେ ସୁକାନ୍ତି ତାଙ୍କ ସାହିର ଅନ୍ୟ ୩ଜଣ ମହିଳାଙ୍କ ସହ ପ୍ରାତଃଭ୍ରମଣରେ ଯାଇଥିଲେ। ସହର ଉପକଣ୍ଠସ୍ଥ ସ୍ୱାଗତ ତୋରଣ ପରେ ତିନି ଜଣ ମହିଳା ଏକ କଲଭର୍ଟଠାରେ ବିଶ୍ରାମ ନେଇଥିଲେ। ଏତିକିବେଳେ ସୁକାନ୍ତି ଆଉ ଅଳ୍ପ ଦୂର ଆଗକୁ ଯାଇଥିଲେ। ଏହି ସମୟରେ ବାଇକରେ ଦୁଇ ଜଣ ଆସି ତାଙ୍କ ପାଖରେ ଅଟକିଥିଲେ। ଜଣେ ବାଇକରୁ ଓହ୍ଲାଇ ପଛପଟୁ ମାଆ-ମାଆ ବୋଲି ଡ଼ାକିଲା। ସୁକାନ୍ତି ଯେତେବେଳେ ପଛକୁ ବୁଲିଛନ୍ତି ସେତେବେଳେ ଦୁର୍ବୃତ୍ତ ଜଣକ ସେ ପିନ୍ଧିଥିବା ୧୦ଭରି ଓଜନର ଏକ କାଟା ଚେନ୍ ଓ ତିନି ଭରି ଓଜନର ମଙ୍ଗଳସୂତ୍ର ଝାମ୍ପି ନେଇ ଷୋଳମଇଲି ଅଭିମୁଖେ ଦ୍ରୁତ ଗତିରେ ପଳାଇଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ଆଖପାଖରେ ଥିବା ସିସିଟିଭି ଫୁଟେଜ ଯାଞ୍ଚ କରୁଛି। ଏହି ଘଟଣା ପରେ ପ୍ରାତଃଭ୍ରମଣକାରୀଙ୍କ ମଧ୍ୟରେ ଛନକା ପଶିଥିବା ବେଳେ ପୁଲିସ୍ ପାଇଁ ଏହା ଚ୍ୟାଲେଞ୍ଜ ସୃଷ୍ଟି କରିଛି।

## ଦିବ୍ୟାଙ୍ଗଙ୍କୁ ପେଟ୍ରୋଲ ପକାଇ ପୋଡ଼ିଦେବା ଅଭିଯୋଗ

**ବ୍ରହ୍ମପୁର,୩୦।୫(ସମିସ):** ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ସୁବାସନଗର ପ୍ରଥମ ଲାଇନରେ ରହୁଥିବା ଦିବ୍ୟାଙ୍ଗ ହରିହର ସାହୁଙ୍କୁ ପେଟ୍ରୋଲ ପକାଇ ପୋଡ଼ି ଦେଇଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ, ହରିହରଙ୍କ କୋଭିଡ୍ ସମୟରେ ଗୋଡ଼ ଦୁଇଟି କଟିଯିବା ପରେ ସେ ଦିବ୍ୟାଙ୍ଗ ଅବସ୍ଥାରେ ସୁଭାଷ ନଗର ପ୍ରଥମ ଲାଇନରେ ରହି ଆସୁଥିଲେ। ବାହାରକୁ ଯିବା ଆସିବା ହେଲେ ସେ ଅନ୍ୟର ସାହାରା ନେଉଥିଲେ। ୨୮ ତାରିଖ ବିଳମ୍ବିତ ରାତିରେ ଦୁଇଜଣ ଦୁର୍ବୃତ୍ତ ହରିହରଙ୍କ ଘରେ ପଶି ଗାଳିଗୁଲଜ ସହ ମାରପିଟ୍ କରିଥିଲେ। ଏପରିକି ପେଟ୍ରୋଲ ଢାଳି ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ। ଦିବ୍ୟାଙ୍ଗ ଜଣକ ପାଟି କରିବାରୁ ସ୍ଥାନୀୟ ଲୋକେ ରୁଣ୍ଡ ହୋଇଯିବାରୁ ଦୁର୍ବୃତ୍ତମାନେ ଚମ୍ପଟ ମାରିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଏମ୍‌କେସିଜିରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ମେଡ଼ିକାଲ ସ୍ଥାନାନ୍ତର କରାଯାଇଥିଲା। ଖବର ପାଇ ଦିବ୍ୟାଙ୍ଗଙ୍କ ଝିଅ ମଧୁସ୍ମିତା ସାହୁ କଟକ ମେଡ଼ିକାଲରେ ପହଞ୍ଚିଥିଲେ। ସେଠାରେ ବାପାଙ୍କଠାରୁ ଘଟଣାକ୍ରମ ଜାଣିବା ପରେ ଥାନାର ଦ୍ୱାରସ୍ଥ ହୋଇଥିଲେ।

## ଷ୍ଟେସନ୍‌ରୁ ମୃତ ମୟୂର ଉଦ୍ଧାର



ବ୍ରହ୍ମପୁର,୩୦।୫(ସମିସ): ବ୍ରହ୍ମପୁର ରେଳ ଷ୍ଟେସନ ୨ନଂ. ପ୍ଲାଟଫର୍ମରୁ ଏକ ମୃତ ମୟୂର ଉଦ୍ଧାର ହୋଇଛି। ପ୍ଲାଟଫର୍ମରେ ମୃତ ମୟୂର ପଡ଼ିଥିବା ଦେଖି ସଫେଇ କର୍ମଚାରୀ ଷ୍ଟେସନ ମ୍ୟାନେଜରଙ୍କୁ ଜଣାଇଥିଲେ। ମ୍ୟାନେଜର ଦୁର୍ଗାପ୍ରସାଦ ବ୍ରହ୍ମାଙ୍କ ଠାରୁ ଖବର ପାଇ ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ମୃତ ମୟୂରକୁ ଉଦ୍ଧାର କରିଥିଲେ। ଗତକାଲି ସନ୍ଧ୍ୟାରେ କୋଣାର୍କ ଏକ୍ସପ୍ରେସରେ ରମ୍ଭାରୁ ମୟୂରଟି ଟ୍ରେନରେ ଲାଗି ଆସିଥିବା କୁଲିମାନେ ଦେଖିଥିବା କହିଛନ୍ତି।

## ଚିକିଟି ବ୍ଲକ୍ ମାଟ୍ରିକ୍ ଟପ୍ପରଙ୍କୁ ସମ୍ବର୍ଦ୍ଧନା



**ବ୍ରହ୍ମପୁର,୩୦।୫(ସମିସ):** ଚିକିଟି ବ୍ଲକ କେ. ନୂଆଗାଁ ପଞ୍ଚାୟତ କୃଷ୍ଣପୁର ହାଇସ୍କୁଲର ଛାତ୍ରୀ ରଶ୍ମିତା କୁମାରୀ ପଣ୍ଡା ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ୫୫୫ ମାର୍କ ରଖି ବ୍ଲକ ଟପ୍ପର ହୋଇଛନ୍ତି। ଏ ଅବସରରେ କେ. ନୂଆଗାଁ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ମହେନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ରଶ୍ମିତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ଚିକିଟି ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ପନ୍ନଗ ଭୂଷଣ ମାଝୀ, ଏବିଇଓ ନିଗମାନନ୍ଦ ପଣ୍ଡା, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଅବସର ଶିକ୍ଷକ ପ୍ରକାଶ ପ୍ରଧାନ, ଅବସରପ୍ରାପ୍ତ ଜିଲ୍ଲାପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ ହରିଶ୍ଚନ୍ଦ୍ର ପ୍ରଧାନ, ସମିତି ସଭ୍ୟା ମାଳତୀ ପ୍ରଧାନ, କୃଷ୍ଣପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଅକ୍ଷୟ ସାହୁଙ୍କ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।

## ଜାମିନରେ ମୁକୁଲିଲେ ବୁଲୁ



**ବ୍ରହ୍ମପୁର,୩୦।୫(ସମିସ):** ଏକ ହତ୍ୟା ମାମଲାରେ ଜେଲରେ ଥିବା ସଦର ଥାନା ଅନ୍ତର୍ଗତ ଦକ୍ଷିଣପୁରର ରାମକୃଷ୍ଣ ନାହାକ ଓରଫ ବୁଲୁ ଗତକାଲି ସନ୍ଧ୍ୟାରେ ଜାମିନରେ ମୁକୁଳିଛନ୍ତି। ସୂଚନାଯୋଗ୍ୟ ଯେ, ଗତବର୍ଷ ସେପ୍ଟେମ୍ବର ୧୬ରେ ସଦର ଥାନା ଅନ୍ତର୍ଗତ ଲାଞ୍ଜିଆ ଗ୍ରାମର ଶିବାଶିଷ ଚୌଧୁରୀ ଓରଫ ଶିବାଙ୍କୁ ହତ୍ୟା କରିବା ପରେ ଡେଙ୍ଗାପଦର ବଜାର ଛକ ନିକଟରେ ଥିବା ପୋଖରୀରେ ପିଙ୍ଗି ଦିଆଯାଇଥିଲା। ଏହି ଘଟଣାରେ ସଦର ଥାନା ପୁଲିସ ଦକ୍ଷିଣପୁର ଗ୍ରାମର ଦୁର୍ଦ୍ଦାନ୍ତ ଅପରାଧୀ ସନ୍ତୋଷ ଗୌଡ଼ଙ୍କ ସମେତ ୫ରୁ ଊର୍ଦ୍ଧ୍ୱ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଅନ୍ୟପକ୍ଷରେ ସେତେବେଳେ ନକଲି ମଦ କାରବାର ମାମଲାରେ ଗିରଫ ହୋଇ ଜେଲରେ ଥିବା ବୁଲୁଙ୍କୁ ପୁଲିସ ଶିବା ହତ୍ୟା ମାମଲାରେ ଯୋଡିଥିଲା। ବୁଲୁ ବ୍ରହ୍ମପୁର ଜେଲରେ ଥିଲେ।

ସୂଚନା ପ୍ରକାରେ ଶିବା ହତ୍ୟା ଓ ପୂର୍ବ ଶତ୍ରୁତାର ପ୍ରତିଶୋଧ ନେବା ପାଇଁ ଦକ୍ଷିଣପୁରର ଭବାନୀ ସାହୁ ବୁଲୁକୁ ଜୀବନରୁ ମାରିବାକୁ ଯୋଜନା କରିଥିଲା। ସେହିକ୍ରମରରେ ଗତ ୧୭ ତାରିଖ ସନ୍ଧ୍ୟାରେ ଭବାନୀ ବୁଲୁ ଜେଲରୁ ମୁକୁଳିବା ଖବର ପାଇ ସହଯୋଗୀଙ୍କ ସହିତ ମିଶି ବୁଲୁଙ୍କୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର କରିଥିଲେ। ଲାଞ୍ଜିପଲ୍ଲୀ ଓଭର ବ୍ରିଜ ତଳେ ବୋମା ଓ ଖଣ୍ଡା ରଖିଥିଲେ। ବୁଲୁ ଜେଲରୁ ବାହାରିବା ପରେ ତାକୁ ହତ୍ୟା କରିଥାନ୍ତେ। କିନ୍ତୁ ପୁଲିସ ଖବର ପାଇ ୩ଟି ବୋମା ଓ ୫ଟି ଖଣ୍ଡା ଜବତ କରିବା ସହ ସମ୍ପୃକ୍ତ ୬ଜଣଙ୍କୁ ଗିରଫ କରିଥିଲା।

## ସ୍ତ୍ରୀକୁ କେସ୍ ଉଠାଇବାକୁ ଧମକ; ତାଳଚେରରୁ ସ୍ୱାମୀ ଗିରଫ



**ବ୍ରହ୍ମପୁର,୩୦।୫(ସମିସ):** ସ୍ତ୍ରୀକୁ କେସ୍ ଉଠାଇବାକୁ ଧମକ ଦେବା ଓ ତାର ପିଛା କରି ଘରେ ଜୋରଜବରଦସ୍ତ ପଶିବାକୁ ଉଦ୍ୟମ କରିବା ଅଭିଯୋଗରେ ବଡ଼ବଜାର ଥାନା ପୁଲିସ ସମ୍ପୃକ୍ତ ମହିଳାଙ୍କ ସ୍ୱାମୀକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଅନୁଗୁଳ ଗୁରୁଦ୍ୱାର ରୋଡ଼ କରଡ଼ାପଲ୍ଲୀ ଗ୍ରାମର ଶଙ୍କର୍ଷଣ ରାଉତ (୪୪)। ସୂଚନାଯୋଗ୍ୟ ଯେ, ଆସିକା ଥାନା ଅଞ୍ଚଳର ପ୍ରକାଶ ଚନ୍ଦ୍ର ସ୍ୱାଇଁଙ୍କ ଝିଅ ଝିଲି ସ୍ୱାଇଁ (ଅନୁରାଧା)ଙ୍କୁ ୨୦୧୦ରେ ଅଭିଯୁକ୍ତ ଶଙ୍କର୍ଷଣ ବିବାହ କରିଥିଲେ। ବିବାହର କିଛିଦିନ ପରେ ଶଙ୍କର୍ଷଣ ଝିଲିଙ୍କୁ ନିର୍ଯାତନା ଦେବା ସହ ଅଧିକା ଟଙ୍କା ଯୌତୁକ ଦାବି କରିଥିଲେ। ନିର୍ଯାତନା ସହିନପାରି ଝିଲି ୨୦୧୧ ଜୁଲାଇରେ ବାପଘରକୁ ଚାଲିଆସିଥିଲେ। ୨୦୧୪ରେ ଆସିକା ଥାନାରେ ଏନେଇ ଅଭିଯୋଗ କରିଥିଲେ। ସେତେବେଳେ ଥାନାରେ ଏକ ମାମଲା ରୁଜୁ କରି ପୁଲିସ ନୋଟିସ କରି ଅଭିଯୁକ୍ତ ଓ ତାଙ୍କ ପରିବାରକୁ ଛାଡ଼ିଥିଲା। ପରବର୍ତ୍ତୀ ସମୟରେ ଭରଣପୋଷଣ ନିମନ୍ତେ ଝିଲି କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଇତି ମଧ୍ୟରେ ଶଙ୍କର୍ଷଣ ଦ୍ୱିତୀୟ ବିବାହ କରିଥିଲେ। ତାଙ୍କର ଗୋଟିଏ କନ୍ୟା ସନ୍ତାନ ରହିଥିବା ଝିଲି ଜାଣିବାକୁ ପାଇଥିଲେ। ଏଣୁ ୨୦୨୪ରେ ଶଙ୍କର୍ଷଣ ତାଙ୍କୁ ପ୍ରତାରଣା ସହ ଦ୍ୱିତୀୟ ବିବାହ କରିଥିବା ନେଇ ଆସିକା ଥାନାରେ ଅଭିଯୋଗ କରିଥିଲେ। ପରେ ଝିଲି ବ୍ରହ୍ମପୁର ଶାସ୍ତ୍ରୀ ନଗରରେ ରହୁଥିଲେ। ଖବର ପାଇଁ ଝିଲିଙ୍କ ପିଛା କରିଥିଲେ ଶଙ୍କର୍ଷଣ। ମେ’ ୪ତାରିଖରେ ଝିଲି ଶାସ୍ତ୍ରୀନଗରରେ ରହିଥିବା ବେଳେ ଶଙ୍କର୍ଷଣ ତାଙ୍କ ଘରେ ଜୋରଜବରଦସ୍ତି ପଶିବାକୁ ଉଦ୍ୟମ କରିବା ସହ କେସ୍ ଉଠାଇବାକୁ ଧମକ ଦେଇଥିଲେ। କେସ ନ ଉଠାଇଥିଲେ ଝିଲି ଓ ତାଙ୍କ ପରିବାର ଲୋକଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ଏକ ମାମଲା ରୁଜୁ କରି ଥାନା ଅଧିକାରୀ ବାପା ସରାଫଙ୍କ ନେତୃତ୍ୱରେ ଏକ ଟିମ ଗଠନ କରିଥିଲା। ଏସଆଇ ସସ୍ମିତା ବେହେରା ଓ ତାଙ୍କ ଟିମ ସେଠାକୁ ଯାଇ ତାଙ୍କୁ ଶଙ୍କର୍ଷଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

## ଦାମୀ ଗାଡ଼ିରେ ହେଉଥିଲା ଗଞ୍ଜେଇ ଚାଲାଣ; ଜଣେ ଗିରଫ



**ବ୍ରହ୍ମପୁର/ଖଲ୍ଲିକୋଟ,୩୦।୫(ସମିସ):** ଦାମୀ ଗାଡ଼ିରେ ହେଉଥିଲା ଗଞ୍ଜେଇ ଚୋରା ଚାଲାଣ। ଖବର ପାଇ ମାଡ଼ି ବସିଲା ଅବକାରୀ ଗୁଇନ୍ଦା ବିଭାଗ। ୭୦ କିଲୋ ଗଞ୍ଜେଇ ସହ ଗୋଟିଏ ମହିନ୍ଦ୍ରା ଏସୟୁଭି ଗାଡି ଜବତ କରିବା ସହ ଜଣଙ୍କୁ ଗିରଫ କରିଛି ଅବକାରୀ ଗୁଇନ୍ଦା ବିଭାଗ। କାର ଯୋଗେ ବାଲିଗୁଡ଼ାରୁ ନୟାଗଡ଼ ଅଭିମୁଖେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ପାଇ ବ୍ରହ୍ମପୁର ଅବକାରୀ ଗୁଇନ୍ଦା ବିଭାଗ ଡ଼ିଏସଇ ଶ୍ରୁତିକାନ୍ତ ରାଉତଙ୍କ ନେତୃତ୍ୱରେ ଅବକାରୀ କର୍ମଚାରୀ ଖଲ୍ଲିକୋଟ ସାନଘାଟିଠାରେ ଚଢ଼ଉ କରିଥିଲେ। ଏତିକିବେଳେ ୭୦ କିଲୋ ଗଞ୍ଜେଇ ସହ କାରକୁ ଜବତ କରିଥିବା ବେଳେ ଜଣଙ୍କୁ ଗିରଫ କରିଛନ୍ତି। ଗିରଫ ଯୁବକ ନୟାଗଡ଼ ଜିଲ୍ଲା ଶରଣକୁଳ ଅଞ୍ଚଳର ବିକାଶ ଭଟ୍ଟ ବୋଲି ଜଣାପଡ଼ିଛି। ବିକାଶଙ୍କୁ ଶୁକ୍ରବାର ଖଲ୍ଲିକୋଟ କୋର୍ଟରେ ହାଜର କରାଯାଇଥିବା ବେଳେ ଜବତ ଗଞ୍ଜେଇ ଓ ଏକ୍ସୟୁଭି କାରର ଆନୁମାନିକ ମୂଲ୍ୟ ପ୍ରାୟ ୨୧ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ଗୁଇନ୍ଦା ବିଭାଗ ଡ଼ିଏସଇ ଶ୍ରୁତିକାନ୍ତ ରାଉତ କହିଛନ୍ତି। ଏହି ଚଢ଼ଉରେ ବ୍ରହ୍ମପୁର ଅବକାରୀ ଗୁଇନ୍ଦା ବିଭାଗର ଏସ୍‌ଆଇ ଅଜିତ କୁମାର ନାୟକ, ବଳରାମ ଜେନା, ପ୍ରବୀର ସାମଲ, କୁମୁଦ ପ୍ରଧାନ, କପିଳାସ ଭତ୍ରା, ସନ୍ତୋଷ ନାୟକ ପ୍ରମୁଖ ସାମିଲ ଥିଲେ। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଖୁବ ଶୀଘ୍ର ଧରାଯିବ ବୋଲି ଡିଏସଇ ଶ୍ରୀ ରାଉତ କହିଛନ୍ତି।

## ବିଦ୍ୟୁତ୍ ଆଘାତରେ ଯୁବକ ମୃତ

**ବ୍ରହ୍ମପୁର,୩୦।୫(ସମିସ):** ବିଦ୍ୟୁତ୍ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବଡ଼କୁଶସ୍ଥଳୀ ଗ୍ରାମର କୃଷ୍ଣଚନ୍ଦ୍ର ପାତ୍ର (୨୯)। ଟାଉନ ଥାନା ଅନ୍ତର୍ଗତ ଅମ୍ବିକା ନଗର ପ୍ରଥମ ଲାଇନରେ ରମେଶ ପଣ୍ଡାଙ୍କ ଘରେ କୃଷ୍ଣ ବିଦ୍ୟୁତ୍ କାମ କରୁଥିବା ବେଳେ ଦିନ ପ୍ରାୟ ୧୨ଟା ବେଳେ ତାଙ୍କୁ ବିଦ୍ୟୁତ୍ ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ଏମକେସିଜି ମେଡ଼ିକାଲରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର କୃଷ୍ଣଙ୍କୁ ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣା ତଦନ୍ତ କରୁଛି।

## ଋତୁସ୍ରାବ ଜନିତ ସଚେତନତା




**ବ୍ରହ୍ମପୁର,୩୦।୫(ସମିସ):** ସାତ୍ତ୍ୱିକ ସୋଲ ଫାଉଣ୍ଡେସନ ଏବଂ ଏବିଭିପି ସଂଘର ମିଳିତ ସହଯୋଗରେ ଜଳେଶ୍ୱରପୁରଠାରେ ଋତୁସ୍ରାବ ଜନିତ ସ୍ୱଚ୍ଛତା ଦିବସ ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ୱାସ୍ଥ୍ୟକର୍ମୀ ଦିଦି ଅମ୍ବିକା ପାତ୍ର ଓ ସାତ୍ତ୍ୱିକ ସୋଲ୍ ଫାଉଣ୍ଡେସନ ବ୍ରହ୍ମପୁର ଟିମର ମୁଖ୍ୟ ପରିଚାଳିକା ସୁନିତା ନାୟକଙ୍କ ସହ ଅଚ୍ୟୁତ କୁମାର ସ୍ୱାଇଁ, ସ୍ଥିତପ୍ରଜ୍ଞା ଦାସ ଋତୁସ୍ରାବର ମହତ୍ତ୍ୱ ଓ ନାରୀର ଜୀବନୀ ବିଷୟରେ ଅବଗତ କରାଇବା ସହ ସ୍ୱଚ୍ଛତା କିପରି ଅବଲମ୍ବନ କରିବା ସେ ବିଷୟରେ ଆଲୋଚନା କରିଥିଲେ। ଏହାପରେ ଋତୁସ୍ରାବ ଜନିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହା ସହ ସମସ୍ତ କିଶୋରୀ ଓ ମହିଳାମାନଙ୍କୁ ସାନିଟାରୀ ପ୍ୟାଡ୍ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଏବିଭିପି ସଂଘ ସଦସ୍ୟ ସ୍ୱାଗତ କୁମାର ତ୍ରିପାଠୀ ଓ ଅଧିର ସ୍ୱାଇଁଙ୍କ ସହ ସାତ୍ତ୍ୱିକ ସୋଲ୍ ଫାଉଣ୍ଡେସନ ବ୍ରହ୍ମପୁର ଟିମର ସଦସ୍ୟ ଉପସ୍ଥିତ ଥିଲେ।

### ବ୍ରାହ୍ମଣଦେବୀଙ୍କ ଯାତ୍ରା

## ପଟୁଆର ସହ ସରିଲା ମା’ଙ୍କ ନଗର ପରିକ୍ରମା



**ବେଲଗୁଣ୍ଠା,୩୦।୫(ସମିସ)**

ବେଲଗୁଣ୍ଠାରେ ଚାଲିଥିବା ଐତିହାସିକ ଦ୍ୱିବାର୍ଷିକ ମା’ ବ୍ରାହ୍ମଣ ଦେବୀ ଯାତ୍ରା ଅବସରରେ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ମା’ଙ୍କ ଶେଷ ସମ୍ପୂର୍ଣ୍ଣ ନଗର ପରିକ୍ରମା ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇ ସମାପନ ହୋଇଛି। ପୂର୍ବାହ୍ନରେ ସ୍ଥାନୀୟ ବିଧାୟକ ତଥା ଯାତ୍ରା କମିଟି ସଭାପତି ନୀଳମଣି ବିଷୋୟୀ, କାର୍ଯ୍ୟକାରୀ ସଭାପତି ତଥା ନଗରପାଳ ଫିରୋଜ କୁମାର ସେଠୀଙ୍କ ନେତୃତ୍ୱରେ ସମସ୍ତ କାଉନସିଲର, ସହରବାସୀ, ଯାତ୍ରା କମିଟି କର୍ମକର୍ତ୍ତା ଏକ ଶୋଭାଯାତ୍ରାରେ ଯାଇ ମା’ଙ୍କୁ ନିମନ୍ତ୍ରଣ କରିଥିବା ବେଳେ ସନ୍ଧ୍ୟାରେ ମା’ ବ୍ରାହ୍ମଣ ଦେବୀଙ୍କ ଅନ୍ତିମ ନଗର ପରିକ୍ରମା ଆରମ୍ଭ ହୋଇଥିଲା। ମା’ ସିଂହବାହିନୀ ରୂପରେ ବଡ଼ଦାଣ୍ଡରେ ପହଞ୍ଚିବା ପରେ ଆତସବାଜି ଆରମ୍ଭ ହୋଇଥିଲା। ଝିପି ଝିପି ବର୍ଷା ସତ୍ତ୍ୱେ ଆତସବାଜି ଦେଖିବାକୁ ବହୁ ଦର୍ଶକ ରୁଣ୍ଡ ହୋଇଥିଲେ। ବାଣିଜ୍ୟ, ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଂସ୍କୃତିକ ସନ୍ଧ୍ୟାକୁ ଉଦଘାଟନ କରିଥିଲେ। ଶ୍ରୀ ଜେନାଙ୍କ ସହିତ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ବେଲଗୁଣ୍ଠା ନଗରପାଳ ଫିରୋଜ କୁମାର ସେଠୀ, ସୋରଡା ନିର୍ବାଚନମଣ୍ଡଳୀ ଯୁବ ସଙ୍ଗଠକ ଜିତେନ୍ଦ୍ର କୁମାର ନାୟକ, ଭଞ୍ଜନଗର ନଗରପାଳ ଗୋପବନ୍ଧୁ ମହାପାତ୍ର, ବ୍ଲକ ଉପାଧ୍ୟକ୍ଷା ପ୍ରମିଳା ପ୍ରଧାନ, ପୂର୍ବତନ ନଗରପାଳ ରବୀନ୍ଦ୍ରନାଥ ମହାପାତ୍ର ଓ ଚନ୍ଦ୍ରମଣି ସାମଲ, ଭଞ୍ଜନଗର ଏସ୍‌.ଡି.ପି.ଓ ସୁଜିତ କୁମାର ନାୟକ, ବେଲଗୁଣ୍ଠା ଥାନାଧିକାରୀ ବନବିହାରୀ ପ୍ରଧାନ, ବିଜେପି ଘୁମୁସର ଜିଲ୍ଲା ସଭାପତି ନୀଳମାଧବ ମହାପାତ୍ର, ସଙ୍ଗଠକ ନୀଳାଚଳ ମହାପାତ୍ର, ସମସ୍ତ କାଉନସିଲର, ଯାତ୍ରା କମିଟି କର୍ମକର୍ତ୍ତା ପ୍ରମୁଖ ମଞ୍ଚାସୀନ ଥିଲେ।

■ କମେଣ୍ଟମରାକୁ ବିରୋଧ କରିବାରୁ ହାଣିବା ଘଟଣା

# ଆଉ ଜଣେ ଅଭିଯୁକ୍ତ ଗିରଫ



ବ୍ରହ୍ମପୁର, ୩୦।୫(ସମିସ): କମେଣ୍ଟମରାକୁ ବିରୋଧ କରିବାରୁ ଜଣେ ଯୁବକଙ୍କୁ ହାଣିବା ଘଟଣାରେ ବଡ଼ବଜାର ଥାନା ପୁଲିସ ଆଉଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ରଘୁପତି ନଗର ତୃତୀୟ ଲାଇନର ଓଁମ୍ ଦାଶ(୨୦)। ପୂର୍ବରୁ ଏହି ମାମଲାରେ ଗ୍ରାମଦେବୀ ସାହିର ରାଜା ନାୟକଙ୍କ ସମେତ ଏକାଧିକ ଗିରଫ ହୋଇଥିଲେ।

ସୂଚନାଯୋଗ୍ୟ ଯେ, ଗତ ଏପ୍ରିଲ ୧୮ ତାରିଖରେ ରାଜା ନାୟକ, କାଳିଆ ସାହୁ, କୈଳାସ ସାହୁ, ନାକ ଓ ଓମ ଫାଷ୍ଟଗେଟ ନିକଟରେ ଥିବା ଏକ ଆପାର୍ଟମେଣ୍ଟରେ ପହଞ୍ଚି ଜନୈକ ମହିଳାଙ୍କୁ କମେଣ୍ଟ କରିଥିଲେ। ସେହି ସମୟରେ ଏମଡ଼ି ଇମରାନ ପ୍ରତିବାଦ କରିଥିଲେ। କିଛିଦିନ ପୂର୍ବେ ଇମରାନ ଘରେ ଥିବା ବେଳେ ଉପରୋକ୍ତ ଦୁର୍ବୃତ୍ତମାନେ ତାଙ୍କ ଘରକୁ ଆସି କବାଟ ବାଡ଼େଇଥିଲେ। ସେ କବାଟ ଖୋଲିବା ବେଳେ କାଳିଆ ତାଙ୍କୁ ବନ୍ଧୁକ ଦେଖାଇ ବାହାରକୁ ଡ଼ାକିଥିଲେ। ଏହି ସମୟରେ ନାକ ଗୋଟିଏ ଖଣ୍ଡାରେ ଆକ୍ରମଣ କରିଥିଲା।

# ଜମୁଛି ଲାଞ୍ଜିପଲ୍ଲୀ ମା'ତାରାଦେବୀଙ୍କ ଯାତ୍ରା

■ ଅସ୍ଥାୟୀ ମଣ୍ଡପରେ ମା'ଙ୍କୁ ଦର୍ଶନ କଲେ ମେୟର



ବ୍ରହ୍ମପୁର, ୩୦।୫(ସମିସ): ଲାଞ୍ଜିପଲ୍ଲୀର ଅଧିଷ୍ଠାତ୍ରୀ ଦେବୀ ମା' ତାରାଦେବୀଙ୍କ ଠାକୁରାଣୀ ଯାତ୍ରା ଚାଲିଥିବା ବେଳେ ଦିନକୁ ଦିନ ଅସ୍ଥାୟୀ ମଣ୍ଡପରେ ମା'ଙ୍କ ଦର୍ଶନ ନିମନ୍ତେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହେଉଛି। ପ୍ରତ୍ୟହ ଭୋର ସମୟରେ ପ୍ରଭାତ ଆଳତୀ, ବାଲଭୋଗ, ହୋମ, ଚଣ୍ଡିପାଠ କରାଯିବା ସହ ମଧ୍ୟାହ୍ନରେ ଅନ୍ନଭୋଗ ଓ ସନ୍ଧ୍ୟାରେ ୧୦୮ ଆଳତୀ କରାଯାଉଛି। ଶୁକ୍ରବାର ଅସ୍ଥାୟୀ ମଣ୍ଡପରେ ମେୟର ସଂଘମିତ୍ରା ଦଳେଇ ମା'ଙ୍କ ଦର୍ଶନ କରିଛନ୍ତି। ଅନ୍ୟପକ୍ଷରେ ଶୁକ୍ରବାର ମା'ଙ୍କ ଘଟ ବ୍ରହ୍ମଣ ସାହି, କାଳଞ୍ଜି ସାହି, ଉମାନଗର ୧ମ ଓ ୨ୟ ଲାଇନ ପରିକ୍ରମା କରି ଅସ୍ଥାୟୀ ମନ୍ଦିରକୁ ଫେରିଥିଲେ। ଏହା ସହ ସହରର ବିଭିନ୍ନ ଅଞ୍ଚଳର ମହିଳାଙ୍କ ଦ୍ୱାରା ମା'ଙ୍କ ଅସ୍ଥାୟୀ ମଣ୍ଡପରେ କୁଙ୍କୁମ ପୂଜା କରାଯାଇଥିଲା। ସେପଟେ ଲାଞ୍ଜିପଲୀ ଅଞ୍ଚଳର ବିଭିନ୍ନ ସାହିରେ କଳାକୁଞ୍ଜ ଉନ୍ମୋଚିତ ହୋଇଛି।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ 'ପ୍ରକୃତି ମିତ୍ର' ପୁରସ୍କାର ପାଇଁ ମନୋନୀତ



ବ୍ରହ୍ମପୁର, ୩୦।୫(ସମିସ): ଗଞ୍ଜାମ ଜିଲ୍ଲାର ଶୈକ୍ଷକ ପ୍ରାଣକେନ୍ଦ୍ର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ୨୦୨୪-୨୫ ଆର୍ଥିକ ବର୍ଷରେ ରଙ୍ଗେଇଲୁଣ୍ଡା ବ୍ଲକ ପକ୍ଷରୁ 'ପ୍ରକୃତି ମିତ୍ର' ପୁରସ୍କାର ପାଇଁ ମନୋନୀତ ହୋଇଛି। ପ୍ରାକୃତିକ ପରିବେଶରେ ମଧ୍ୟରେ ଅବସ୍ଥିତ ବିଶ୍ୱବିଦ୍ୟାଳୟର ସବୁଜ ବୃକ୍ଷରାଜି ସମସ୍ତଙ୍କୁ ଆକର୍ଷିତ କରୁଛି। ଏହି ସବୁଜ ବୃକ୍ଷରାଜିର ରକ୍ଷଣାବେକ୍ଷଣର ମୁଖ୍ୟ ପୁରୋଧା ହେଉଛନ୍ତି କୁଳପତି ପ୍ରଫେସର ଗୀତାଞ୍ଜଳୀ ଦାସ। ଯାହାଙ୍କ ପ୍ରୟାସରେ ଆଜି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପରିସର ସ୍ୱଚ୍ଛ ନିର୍ମଳ ହୋଇପାରିଛି। କୁଳପତି ପ୍ରଫେସର ଦାସଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ବିଶ୍ୱବିଦ୍ୟାଳୟ ପରିସରରେ ଯାନବହନ ପ୍ରବେଶ ଉପରେ କଟକଣା ଜାରି କରାଯାଇଛି। ଉକ୍ତ ଦିନକୁ ପ୍ରଦୂଷଣ ମୁକ୍ତ ଦିନ ଭାବେ ପାଳନ କରାଯାଉଛି। ପ୍ରକୃତି ମିତ୍ର ପୁରସ୍କାର ପାଇଁ ମନୋନୀତ ହୋଇଥିବାରୁ କୁଳପତି ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରଛାତ୍ରୀଙ୍କୁ ସମସ୍ତ ଶ୍ରେୟ ଦେଇଛନ୍ତି।

## ଏମ୍‌କେସିଜିରେ ବିଧାନସଭା ଷ୍ଟାଣ୍ଡିଂ କମିଟି

# କର୍ତ୍ତୃପକ୍ଷଙ୍କ ସହ ଆଲୋଚନା; 'ଡିନ୍' ପଦବୀ ଖାଲି ନେଇ ଚିନ୍ତା ପ୍ରକଟ

ବ୍ରହ୍ମପୁର, ୩୦।୫(ସମିସ)

ଓଡ଼ିଶା ବିଧାନସଭାର ଷ୍ଟାଣ୍ଡିଂ କମିଟି ଶୁକ୍ରବାର ଏମ୍‌କେସିଜି ମେଡ଼ିକାଲ ଗସ୍ତ କରିଛନ୍ତି। ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ୭ଜଣ ବିଧାୟକ ତଥା ଓଡ଼ିଶା ବିଧାନସଭାର (ଷ୍ଟାଣ୍ଡିଂ କମିଟି-୫)ର ସଦସ୍ୟଙ୍କୁ ଏମ୍‌କେସିଜି ମେଡ଼ିକାଲ କର୍ତ୍ତୃପକ୍ଷ ସ୍ୱାଗତ କରିଥିଲେ। ପରେ ଏମକେସିଜି ମେଡ଼ିକାଲ କଲେଜ ପରିସରରେ ଥିବା ଟେଲି ମେଡ଼ିସିନ ସମ୍ମିଳନୀ କକ୍ଷରେ ଅଧୀକ୍ଷକ ତଥା ଭାରପ୍ରାପ୍ତ ଡିନ୍ ପ୍ରଫେସର ଡ଼ା. ସୁଚିତ୍ର ଦାଶଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ କମିଟିର ଅଧ୍ୟକ୍ଷ ବିଭୂତି ଭୂଷଣ ପ୍ରଧାନଙ୍କ ସମେତ ହିଞ୍ଜୋଳ ବିଧାୟକ ସୀମାରାଣୀ ନାୟକ, ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାଶ, ପାରଳାଖେମୁଣ୍ଡି ବିଧାୟକ ରୁପେଶ କୁମାର ପାଣୀଗ୍ରାହୀ ଓ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଓଡ଼ିଶା ବିଧାନସଭାର ଷ୍ଟାଣ୍ଡିଂ କମିଟି-୫ର ସଦସ୍ୟ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ତେଲକୋଇ ବିଧାୟକ ଡ଼. ଫକୀର ମୋହନ ନାୟକ ଓ ବଡମ୍ବା ବିଧାୟକ ବିଜୟ କୁମାର ଦଳବେହେରା ଅନୁପସ୍ଥିତ ଥିଲେ।

ବୈଠକରେ ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲର ରେଜିଷ୍ଟ୍ରାର ତଥା ପ୍ରଶାସନିକ ଅଧିକାରୀ ସଂଗ୍ରାମ ଶେଖର ପଣ୍ଡା ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲର ଭିତ୍ତିଭୂମି ସମେତ ପ୍ରସ୍ତାବିତ ବିଭିନ୍ନ ଭିତ୍ତିଭୂମି ବିକାଶ ପ୍ରକଳ୍ପ ସମ୍ପର୍କରେ କମିଟିକୁ ଅବଗତ କରିଥିଲେ। ମେଡ଼ିକାଲ କର୍ମଚାରୀ ଓ ରୋଗୀ ସମ୍ପର୍କରେ ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ କମିଟିର ସଦସ୍ୟମାନେ ଆଲୋଚନା କରିଥିଲେ। ସେଥି ମଧ୍ୟରେ ମେଡ଼ିକାଲ ଆଶୁଚିକିତ୍ସା ବିଭାଗ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଭାଗରେ ବର୍ତ୍ତମାନ ୫୦ଟି ଶଯ୍ୟା ରହିଥିବା ବେଳେ ରୋଗୀଙ୍କ ସଂଖ୍ୟା ଅଧିକ ରହୁଥିବା ବେଳେ ଗୁରୁତର ରୋଗୀଙ୍କ ଚିକିତ୍ସାରେ ସମସ୍ୟା ଉପୁଜୁଥିବା ଯୋଗୁଁ ଶଯ୍ୟା ସଂଖ୍ୟା ବୃଦ୍ଧି କରିବାର ଆବଶ୍ୟକ ଥିବା ମେଡ଼ିକାଲ କର୍ତ୍ତୃପକ୍ଷ କମିଟିକୁ ଅବଗତ କରିଥିଲେ। ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ଏକବର୍ଷ ଧରି ଡିନ୍ ଓ ଅଧ୍ୟକ୍ଷ ପଦବୀ ଖାଲିପଡ଼ିବା ନେଇ ଉଦ୍‌ବେଗ ପ୍ରକାଶ କରିଥିଲା କମିଟି। ସେହିପରି ବିଭିନ୍ନ ସମୟରେ କ୍ୟାମ୍ପସ ସୁରକ୍ଷା ନିମନ୍ତେ ମେଡ଼ିକାଲ କର୍ତ୍ତୃପକ୍ଷ ପଦେକ୍ଷପ ଗ୍ରହଣ କରୁଛନ୍ତି। କିନ୍ତୁ ବାରମ୍ବାର ମେଡ଼ିକାଲର ପାଚେରୀ ଭାଙ୍ଗିବା, ଅନାବଶ୍ୟକ ବ୍ୟକ୍ତି ମେଡ଼ିକାଲ ପରିସରରେ ବୁଲିବା ଭଳି ବିଭିନ୍ନ ସମସ୍ୟା କରାଣରୁ ମେଡ଼ିକାଲ ପରିସରରେ ବାରମ୍ବାର ଚୋରି ସହ ଛାତ୍ରଛାତ୍ରୀ ଓ କର୍ମଚାରୀ ଅସୁରକ୍ଷିତ ଅନୁଭବ କରୁଥିବା କୁହାଯାଇଥିଲା। ମେଡିକାଲର ଜମିକୁ ବିଭିନ୍ନ ସ୍ଥାନରେ ଜବରଦଖଲ ହୋଇଥିବା ମଧ୍ୟ କମିଟିକୁ ଅଗବତ କରିଥିଲେ ମେଡିକାଲ କର୍ତ୍ତୃପକ୍ଷ। ପୂର୍ବରୁ ବର୍ଣ୍ଣ କେୟାର ୟୁନିଟ ସରକାର ଘୋଷଣା କରିଥିବା ବେଳେ ଉପଯୁକ୍ତ କୋଠା ଅଭାବରୁ ତାହା କାର୍ଯ୍ୟକରୀ ହୋଇପାରୁ ନାହିଁ। ରୋଗୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପିଏମ୍‌ଏସ୍‌ଏସ୍‌ୱାଇ କୋଠାର ୪ର୍ଥ ମହଲାରେ ପୋଡ଼ାଜଳା ରୋଗୀଙ୍କ ନିମନ୍ତେ 'ବର୍ଣ୍ଣ କେୟାର ୟୁନିଟ' କାର୍ଯ୍ୟକ୍ଷମ କରାଯିବାର ପ୍ରସ୍ତାବ ଥିବା ରେଜିଷ୍ଟ୍ରାର ଶ୍ରୀ ପଣ୍ଡା ସୂଚନା ଦେଇଥିଲେ। ବହୁ ବର୍ଷ ଧରି ମେଡ଼ିକାଲ ରହିଥିବା ହଷ୍ଟେଲ ସମସ୍ୟା, ଦୁର୍ଘଟଣାରେ ଶିକାର ହୋଇଥିବା ଆହତଙ୍କ ନିମନ୍ତେ ସଠିକ ସମୟରେ ଟ୍ରମା କେୟାର କାର୍ଯ୍ୟକ୍ଷକ କରିବା, ମେଡ଼ିକାଲରେ ଖାଲି ପଡ଼ିଥିବା ଆଟେଣ୍ଡାଣ୍ଟ ପଦବୀ ପୂରଣ, ରୋଗୀ ସେବା ସଦନ ଖୁବଶୀଘ୍ର କାର୍ଯ୍ୟକ୍ଷମ, ରକ୍ତ ଭଣ୍ଡାରରେ ରହିଥିବା ବିଭିନ୍ନ ସମସ୍ୟା, ଯକ୍ଷ୍ମା ରୋଗୀଙ୍କର ରହିଥିବା ସମସ୍ୟା, ଏମଆରଆଇ ପରୀକ୍ଷା ଓ ବିଭିନ୍ନ ସଂସ୍ଥାର ଆଉଟ୍ ସୋର୍ସିଂ କର୍ମଚାରୀଙ୍କୁ ନିୟନ୍ତ୍ରଣରେ ରଖିବା ଭଳି ବିଭିନ୍ନ ସମସ୍ୟା ସମ୍ପର୍କରେ କମିଟି ମେଡ଼ିକାଲ କର୍ତ୍ତୃପକ୍ଷଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ଏନେଇ ଏକ ରିପୋର୍ଟ ପ୍ରଦାନ କରିବାକୁ କମିଟିର ଅଧ୍ୟକ୍ଷ ବିଭୂତି ଭୂଷଣ ପ୍ରଧାନ ମେଡ଼ିକାଲ କର୍ତ୍ତୃପକ୍ଷଙ୍କୁ କହିଥିଲେ। ଉକ୍ତ ରିପୋର୍ଟ ସରକାରଙ୍କ ନିକଟରେ ପ୍ରଦାନ କରାଯିବା ସହ ଆବଶ୍ୟକ ପଦେକ୍ଷପ ଗ୍ରହଣ କରାଯିବ ବୋଲି ଶ୍ରୀ ପ୍ରଧାନ କହିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପ ଜିଲ୍ଲାପାଳ ଧୀନା ଦସ୍ତାଗୀର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା. ଭବାନୀ ଶଙ୍କର ମିଶ୍ର, ଡ଼ିପିଏମ ବୁଲୁନାଥ ସାହୁ, ଅତିରିକ୍ତ ଜିଲ୍ଲାପାଳ ପ୍ରମୋଦ କୁମାର ପୃଷ୍ଟି, ମେଡ଼ିକାଲର ସମସ୍ତ ବିଭାଗୀୟ ମୁଖ୍ୟ, ହସ୍ପିଟାଲ ମ୍ୟାନେଜରଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

- ଛୁଟି ଦିନରେ ଡାଏଲିସିସ୍ ୟୁନିଟ୍ ଖୋଲିବାକୁ ଗୁରୁତ୍ୱ
- ମୃତକଙ୍କ ପରିବାରକୁ ଶବ ହସ୍ତାନ୍ତରରେ ବିଳମ୍ବ ନହେଉ, 'ମହାପ୍ରୟାଣ' ସେବାକୁ ତ୍ୱରାନ୍ୱିତ କରାଯାଉ
- 'ବର୍ଣ୍ଣ କେୟାର୍ ୟୁନିଟ୍' ପ୍ରତିଷ୍ଠା ସହ ଆଶୁଚିକିତ୍ସା ବିଭାଗରେ ଶଯ୍ୟା ସଂଖ୍ୟା ବୃଦ୍ଧି ପାଇଁ ପରାମର୍ଶ




ଏହା ସହ ଛାତ୍ରଛାତ୍ରୀଙ୍କ ନିମନ୍ତେ ଡ୍ରେନ ସମସ୍ୟା ରହୁଥିବା ବେଳେ ଏହାର ସମାଧାନ କରିବାକୁ ପଦେକ୍ଷପ ଗ୍ରହଣ କରାଯାଇଥିବା କୁହାଯାଇଛି। ମେଡ଼ିକାଲରେ କିଡ୍‌ନୀ ରୋଗୀଙ୍କ ନିମନ୍ତେ ରହିଥିବା ଡାଏଲିସିସ ୟୁନିଟ ଛୁଟିଦିନରେ ବନ୍ଦ ରୁହୁଥିବା ଜାଣି ମେଡ଼ିକାଲର ଏଭଳି ନିଷ୍ପତିକୁ ନେଇ କମିଟିର ସଦସ୍ୟାମାନେ ବିରକ୍ତି ପ୍ରକାଶ କରିଥିଲେ। ଛୁଟି ଦିନରେ ମଧ୍ୟ ଡ଼ାଏଲିସିସ ୟୁନିଟ କାର୍ଯ୍ୟକ୍ଷମ କରିବାକୁ କମିଟି ପକ୍ଷରୁ କୁହାଯାଇଥିଲା। ମେଡ଼ିକାଲରେ ଚିକିତ୍ସାଧୀନ ରୋଗୀଙ୍କ ମୃତ୍ୟୁପରେ ସମ୍ପୃକ୍ତ ପରିବାରକୁ ମୃତଦେହ ହସ୍ତାନ୍ତର କରିବାରେ ବିଳମ୍ବ ହୋଉଥିବା ନେଇ ବହୁ ଅଭିଯୋଗ ରହିଥିବା ବେଳେ ଏଭଳି ଅବ୍ୟବସ୍ଥାର ସୁଧାର ନିମନ୍ତେ ମେଡ଼ିକାଲ କର୍ତ୍ତୃପକ୍ଷଙ୍କ କୁହାଯାଇଥିଲା।

## ନାବାଳିକା ଝିଅକୁ ଦୁଷ୍କର୍ମ ମାମଲା

# ବାପାକୁ ଆଜୀବନ ଜେଲ୍; ପ୍ରମାଣ ଅଭାବରୁ ମାମୁ ନିର୍ଦ୍ଦୋଷ

ବ୍ରହ୍ମପୁର, ୩୦।୫(ସମିସ): ପୁରୁଷୋତ୍ତମପୁର ଥାନା ଅଞ୍ଚଳର ନାବାଳିକା ଦୁଷ୍କର୍ମ ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ବ୍ରହ୍ମପୁର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟର ବିଚାରପତି ପ୍ରଣତୀ ପଟ୍ଟନାୟକ ଉକ୍ତ ମାମଲାର ବିଚାରଣା କରି ଅଭିଯୁକ୍ତ ବାପାକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ପ୍ରମାଣ ଅଭାବରୁ ମାମୁଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତି ଜଣକ ହେଉଛନ୍ତି ଖୋଦ୍ ପୀଡ଼ିତାଙ୍କ ବାପା (୪୭ବର୍ଷ) ଓ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଥିବା ବ୍ୟକ୍ତି ଜଣକ ହେଲେ ତାଙ୍କ ତୃତୀୟ ମା'ଙ୍କ ଭାଇ ଅର୍ଥାତ ମାମୁ। ଏହାସହ ଅଭିଯୁକ୍ତ ବାପାଙ୍କୁ ୧୦ହଜାର ଟଙ୍କା ଜରିମାନା ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅତିରିକ୍ତ ୧ବର୍ଷ ଜେଲଦଣ୍ଡ ଭୋଗିବାକୁ ଉକ୍ତ ରାୟରେ ଉଲ୍ଲେଖ ରହିଛି। ଅନ୍ୟପଟେ ପୀଡ଼ିତାଙ୍କୁ ୧୦ଲକ୍ଷ ୫୦ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ନିମନ୍ତେ ଡ଼ିଏଲଏସ୍‌ଏଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ୨୦୨୩ ଡ଼ିସେମ୍ବରରେ ପୁରୁଷୋତ୍ତମପୁର ଥାନା ଅଞ୍ଚଳର ଜନୈକା ନାବାଳିକା(୧୬) ତାଙ୍କର ଦୁଇ ବାନ୍ଧବୀଙ୍କ ସହ ନିକଟରେ ଥିବା ଏକ ଅଙ୍ଗନାବାଡ଼ି କେନ୍ଦ୍ରକୁ ଯାଉଥିଲେ। ରାସ୍ତାରେ ଦୁଇଜଣ ବ୍ୟକ୍ତି ସମ୍ପୃକ୍ତ ନାବାଳିକାକୁ ଟାଣି ନେବା ବେଳେ ସେ ଚିତ୍କାର କରିଥିଲେ। ଗାଁ ଲୋକ ରୁଣ୍ଡ ହୋଇ ଉଭୟଙ୍କୁ କାବୁ କରିଥିଲେ। ତେବେ ଗ୍ରାମବାସୀଙ୍କ ଦ୍ୱାରା କାବୁ ହୋଇଥିବା ଦୁଇଜଣ ଉକ୍ତ ନାବାଳିକାଙ୍କ ବାପା ଓ ତୃତୀୟ ମା'ଙ୍କ ଭାଇ ଅର୍ଥାତ ମାମୁ। ପରେ ନାବାଳିକା ଜଣଙ୍କ ରାତିରେ ଘରେ ଶୋଇଥିବା ବେଳେ ନିଜେ ଜନ୍ମକଲା ବାପା ଦୁଷ୍କର୍ମ କରିଥିଲେ। ଏହି ଘଟଣାକୁ ନେଇ ନାବାଳିକା ଜଣକ ନିଜ ପ୍ରଥମ ମାମୁ ଓ ମାଇଁଙ୍କୁ ଜଣାଇଥିଲା। ପରେ ସେ ଏନେଇ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରିଥିଲା। ସେହିବର୍ଷ ଡିସେମ୍ବର ୨୪ରେ ପୀଡ଼ିତାଙ୍କ ବାପାକୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ପରେ ତାଙ୍କ ମାମୁକୁ ମଧ୍ୟ ଗିରଫ କରି ଜେଲ ପଠାଇଥିଲା। କିଛିଦିନ ପରେ ମାମୁ ଜାମିନରେ ମୁକୁଳିଥିଲେ। କିନ୍ତୁ ଗିରଫ ପରଠାରୁ ପୀଡ଼ିତାଙ୍କ ବାପା ଜେଲରେ ରହିଥିଲେ। ମମାଲର ବିଚାରଣା ବେଳେ ୮ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଶୁକ୍ରବାର ରାୟ ପ୍ରକାଶ ବେଳେ ପୀଡ଼ିତାଙ୍କ ବାପା ଓ ମାମୁ କୋର୍ଟରେ ହାଜର ହୋଇଥିଲେ। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ମାନ୍ୟବର କୋର୍ଟ ଉପରୋକ୍ତ ରାୟ ପ୍ରକାଶ କରିଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମୋକଦ୍ଦମା ପରିଚାଳନା କରୁଥିଲେ।

■ ଜିଲ୍ଲାସ୍ତରୀୟ 'ସିଏମ୍ ଟ୍ରଫି' ଫୁଟ୍‌ବଲ

# ତୃତୀୟ ଦିବସରେ ମାଲକାନଗିରି ଓ କଳାହାଣ୍ଡି ଟିମ୍ ବିଜୟୀ



ବ୍ରହ୍ମପୁର, ୩୦।୫(ସମିସ): ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ୧୫ବର୍ଷୀୟ ଆନ୍ତଃଜିଲ୍ଲା ସିଏମ୍ ଟ୍ରଫି ଫୁଟବଲ ୩ୟ ଦିନରେ ପହଞ୍ଚିଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଫୁଟବଲ ଖେଳାଳି ଜି. ଭଗବତ ରାଓ ଯୋଗ ଦେଇଥିଲେ। ଶୁକ୍ରବାର ଦୁଇଟି ମ୍ୟାଚ ଖେଳା ଯାଇଥିଲା। ପ୍ରଥମ ମ୍ୟାଚ୍ ମାଲକାନଗିରି ଓ ଗଜପତି ମଧ୍ୟରେ ଖେଳାଯାଇଥିବା ବେଳେ ଏଥିରେ ମାଲକାନଗିରି (୧୮-୦) ଗୋଲରେ ଗଜପତିକୁ ପରାସ୍ତ କରିଥିଲା। ମାଲକାନଗିରି ଦଳର ମ୍ୟାନ ଅଫ ଦି ମ୍ୟାଚ୍ ଇନ୍ଦ୍ରଜିତ ମଣ୍ଡଳ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ କଳାହାଣ୍ଡି ଓ ରାୟଗଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କଳାହାଣ୍ଡି (୧୦-୦)ଗୋଲରେ ରାୟଗଡ଼ାକୁ ପରାସ୍ତ କରିଥିଲା। କଳାହାଣ୍ଡି ଦଳର ମଣ୍ଟୁ ମାଝୀ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଏଥିରେ ପୂର୍ବତନ ଫୁଟବଲ ଖେଳାଳି ଓ ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘର ଉପ ସଭାପତି ବିଜୟ ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲା କ୍ରୀଡ଼ା ସଂଘର ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ, ଡି. ଆପ୍ପା ରାଓ, ଡି. ବାବୁ ରାଓ, ଡି. ଗନ୍ତାୟତ, ଜି. ଏମ ବାବୁ, ପ୍ରମୋଦ ମହାରଣା, ଏଲ୍. କେ. ରାଓ, ଗୋପାଳ ପଣ୍ଡା, ରାଜେନ୍ଦ୍ର ସାହୁ, ଭି. ନାଗେଶ୍ୱର ରାଓ, ବିଶ୍ୱନାଥ ପାତ୍ର, ରାଜେନ୍ଦ୍ର ସାହୁ ଏବଂ ସମେତ ଜିଲ୍ଲାର ବରିଷ୍ଠ ଖେଳାଳିମାନେ ଉପସ୍ଥିତ ଥିଲେ।


# 'ପ୍ରଥମେ ଚୋରି, ଶେଷରେ ସରି'

ବ୍ରହ୍ମପୁର, ୩୦।୫(ସମିସ)

ଏପ୍ରିଲ ୩୦ ରାତିରେ ଲାଞ୍ଜିପଲ୍ଲୀ ଏସ୍‌ବିଆଇ ବ୍ୟାଙ୍କ ନିକଟସ୍ଥ ଦୋକାନ ସାମ୍ନାରୁ ଏକ ବାଇକ ଚୋରି ହୋଇଥିଲା। ଉକ୍ତ ବାଇକ ଚୋରି ହେବାର ୧୩ଦିନ ପରେ ଯେଉଁ ସ୍ଥାନରେ ଗାଡ଼ି ରଖାଯାଇଥିଲା ସେଠାରେ ଦେଖିବାକୁ ପାଇଥିଲେ ମାଲିକ ବାଦଲ କୁମାର ପ୍ରଧାନ। ଗାଡ଼ି ଦେଖି ବାଦଲ ଖୁସି ହେବା ସହ ଆଶ୍ଚର୍ଯ୍ୟ ହୋଇଥିଲେ। ଗାଡ଼ି ନିକଟକୁ ଯାଇ ଦେଖିବା ବେଳେ ଗାଡିର ତେଲ ଟାଙ୍କି ନିକଟରେ ଗୋଟିଏ ଚିଠି ରହିଥିଲା। ସେହି ଚିଠିରେ ଲେଖା ଥିଲା କିଛି ଏମିତି।

ଭାଇ ଆଇଆମ ରିଅଲି ସରି। ମୋ ଜିଏଫ୍‌ର ଆକ୍ସିଡେଣ୍ଟ ରାତିରେ ହୋଇଥିଲା। ମୋ ପାଖରେ ପଇସା ପ୍ରବଲେମ୍ ଥିଲା। ତେଣୁ ଆପଣଙ୍କ ବାଇକ ଟିକୁ ନେଇଥିଲି। ସେମିତି ନେବାର ନଥିଲା ସରି। ସାନ ଭାଇ ଭାବି କ୍ଷମା କରିଦେବ, ଭାଇ ବୋଲି ଉକ୍ତ ଚିଠିରେ ଉଲ୍ଲେଖ ଥିଲା। ଯଦି ଚିଠି ଲେଖିଥିବା ଚୋର ଜଣକ ସତ କହୁଛି ତେବେ କାହିଁକି ସେ ମୋ ଗାଡ଼ି ଭାଙ୍ଗିଛି। ଘଟଣା ଘଟିବାର ୨ଦିନ ଭିତରେ ମଧ୍ୟ ସେ ଗାଡ଼ି ଫେରାଇପାରିଥାନ୍ତା ନଚେତ ପଇସା ଅସୁବିଧା ଯୋଗୁଁ ମୋ ବାଇକକୁ ବିକି ଦେଇଥାନ୍ତା, କିନ୍ତୁ ସେମିତି କଲାନାହିଁ। କାହିଁକି ନା ସେ ଭଲ ଭାବରେ ଜାଣିଯାଇଥିଲା କି ପୁଲିସ ହାତରେ ସେ ଚୋରି କରିବାର ସିସିଟିଭି ଫୁଟେଜ ରହିଛି। ଆଉ ସେହି ସିସିଟିଭି ଫୁଟେଜକୁ ଆଧାର କରି ପୁଲିସ ନିଜ ଖବରୀଙ୍କ ସହାୟତା ନେଇ ଚୋର ନିକଟରେ ପହଞ୍ଚିବାକୁ ଉଦ୍ୟମ କରୁଛି। ଏ କଥା ଜାଣିବା ପରେ ଚୋର ଜଣକ ଧରା ପଡ଼ିଯିବା ଭୟରେ ଏଭଳି ଏକ ଗପ ଚିଠି ମାଧ୍ୟରେ ଲେଖି ବାଇକ ଚୋରି କରିଥିବା ସ୍ଥାନରେ ରଖି ଘଟଣା ସ୍ଥଳରୁ ଚମ୍ପଟ ମାରିଛି।

ସୂଚନାଯୋଗ୍ୟ ଯେ, ଲାଞ୍ଜିପଲ୍ଲୀ ଏସ୍‌ବିଆଇ ବ୍ୟାଙ୍କ ନିକଟରେ ବାଦଲ ଏକ ଦୋକାନ କରିଛନ୍ତି। ଏପ୍ରିଲ ୩୦ ରାତିରେ ବାଦଲଙ୍କ ବାଇକ୍ (ନଂ.ଓଡ଼ି୦୭୦୪୮୯) ଚୋରି ହୋଇଥିଲା। ସିସିଟିଭିରେ ଚୋରି ବେଳର ଦୃଶ୍ୟ କଏଦ ହୋଇଥିଲା। ବାଇକ ଚୋରି ନେଇ ବାଦଲ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ତଦନ୍ତ ବେଳେ ଦୁର୍ବୃତ୍ତ ଜଣକ କନିଷ୍ଠି ଆଡ଼େ ଯାଉଥିବା ପୁଲିସ ସିସିଟିଭି ଫୁଟେଜରୁ ଜାଣିବାକୁ ପାଇଥିଲା। ଇତି ମଧ୍ୟରେ ଘଟଣାକୁ ୧୨ଦିନ ବିତିଥିଲା। ୧୩ଦିନ ଚୋରି ହୋଇଥିବା ସ୍ଥାନରେ ବାଇକ୍ ଛିଡ଼ା ହୋଇଥବା ବାଦଲ ଦେଖିବାକୁ ପାଇଥିଲେ। ପାଖକୁ ଯାଇ ଦେଖିବା ବେଳକୁ ବାଇକ୍ ଭଙ୍ଗାରୁଜା ହୋଇଛି। ବାଇକ୍ ଉପରେ ଏକ ଚିଠି ରଖା ଯାଇଛି। ଏନେଇ ପୁଲିସକୁ ସୂଚନା ଦେଇଥିଲେ। ବାଇକ ଚୋରିରେ ସମ୍ପୃକ୍ତ ଚୋରକୁ କାବୁ କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ ବାଦଲ ଦାବି କରିଛନ୍ତି।





- ଧରାପଡ଼ିଯିବା ଭୟରେ ବାଇକ୍ ଫେରାଇଦେଲା ଚୋର
- ଦୋକାନୀଙ୍କ ବାଇକ୍ ଚୋରି ଘଟଣା; ସିସିଟିଭି ଫୁଟେଜ୍ ଭାଇରାଲ୍

# ବଜ୍ରପାତରେ ଜଣେ ମୃତ; ୩ ଗୁରୁତର

ବ୍ରହ୍ମପୁର, ୩୦।୫(ସମିସ): ଗଞ୍ଜାମ ଜିଲ୍ଲାରେ ଶୁକ୍ରବାର ବଜ୍ରପାତରେ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଚିକିଟି ବ୍ଲକ ଚାନ୍ଦପୁର ପଞ୍ଚାୟତ ବାତରଡ଼ାପଲ୍ଲୀ ଅଧିନସ୍ଥ ହରିପୁରପଲ୍ଲୀର ଶିବ ପାଇକ(୫୮)।

ସୂଚନା ପ୍ରକାରେ ଚିକିଟି ବ୍ଲକ ଚାନ୍ଦପୁର ପଞ୍ଚାୟତ ବାତରଡ଼ାପଲ୍ଲୀ ନିକଟରେ ୪ଜଣ ଛେଳି ଚରାଳି ମିଶି ମଧ୍ୟାହ୍ନ ଭୋଜନ ଖାଉଥିଲେ। ଏହି ସମୟରେ ବଜ୍ରାଘାତ ହୋଇଥିଲା। ଏଥିରେ ଘଟଣାସ୍ଥଳରେ ହିଁ ଜଣକଙ୍କ ମୃତ୍ୟୁ ଘଟିଥିଲା। ଆଉ ତିନିଜଣ ଗୁରୁତର ହୋଇଛନ୍ତି। ମୃତକ ଜଣକ ହେଲେ ଉକ୍ତ ପଞ୍ଚାୟତ ଅଧିନସ୍ଥ ହରିପୁରପଲ୍ଲୀର ଶିବ ପାଇକ (୫୮)। ଗୁରୁତରମାନେ ହେଲେ ବାତରଡ଼ାପଲ୍ଲୀର ଗଣପତି ନାଏକ, ବେଲପନ୍ଥୀର ବିଜୟ ଗୌଡ଼ ଅନ୍ୟଜଣେ ଦିଗପହଣ୍ଡି ବ୍ଲକ ଖଇରପଙ୍କ ଗ୍ରାମର ବୋଲି ସୂଚନା ମିଳିଛି। ବଜ୍ରାଘାତ ଖବର ପାଇ ସ୍ଥାନୀୟ ବାସିନ୍ଦା ପହଞ୍ଚି ଗୁରୁତରଙ୍କୁ ପ୍ରାଥମିକ ପର୍ଯ୍ୟାୟରେ ପାରମ୍ପରିକ ଚିକିତ୍ସା ପ୍ରଦାନ କରିଥିଲେ। ଗୋବର ଗଦାରେ ଗୁରୁତରଙ୍କୁ ପୋତି ରଖିଥିଲେ। ପରେ ଆମ୍ବୁଲାନ୍ସ ଆସିବା ପରେ ସେମାନଙ୍କୁ ପ୍ରଥମେ ବମକେଇ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ଅଣାଯାଇଛି। ଖବର ପାଇ ନୂଆପଡ଼ା ଫାଣ୍ଡି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତକଙ୍କ ଶବ ଜବତ କରି ଘଟଣାର ଅନୁସନ୍ଧାନ ଚଳାଇଥିବା ବେଳେ ଚିକିଟି ତହସିଲଦାର ବିଶ୍ୱରଞ୍ଜନ କହଁର ଘଟଣାସ୍ଥଳ ପରିଦର୍ଶନ କରି ଫେରିଛନ୍ତି। ସୂଚନା ଯୋଗ୍ୟ ଗତ କିଛିଦିନ ତଳେ ଚିକିଟି ନିର୍ବାଚନ ମଣ୍ଡଳୀ ପାତ୍ରପୁର ବ୍ଲକ ଅନ୍ତର୍ଗତ ନାରାୟଣପୁର ଗ୍ରାମରେ ବଜ୍ରାଘାତରେ ଅଜା ଓ ନାତିଙ୍କ ମୃତ୍ୟୁ ଘଟିଥିଲା।


(ରିପୋର୍ଟ-କ୍ଷୀରସିନ୍ଧୁ)

- ପାରମ୍ପରିକ ଚିକିତ୍ସା ଆପଣାଇଲେ ସ୍ଥାନୀୟ ବାସିନ୍ଦା
- ଗୁରୁତରଙ୍କୁ ଗୋବର ଗଦାରେ ପୋତିଲେ





# ସମ୍ପାଦକୀୟ



ମାନବ ବିକାଶ ଲକ୍ଷ୍ୟରେ ସାମର୍ଥ୍ୟ ନିବେଶ ବିନା ଅର୍ଥନୈତିକ ଅଭିବୃଦ୍ଧି ଦୀର୍ଘସ୍ଥାୟୀ ଓ ନୀତିଗତ ହୋଇପାରେନାହିଁ।
-ଅମର୍ତ୍ତ୍ୟ ସେନ୍

ସକାଳ THE SAKALA

## ଟ୍ରମ୍ପଙ୍କୁ ପାନେ

କ୍ଷମତା ସହ ରାଜନୈତିକ ଆଦର୍ଶ, ନୀତି ଓ ବିଚାରବୋଧର କୌଣସି ସମ୍ପର୍କ ନାହିଁ। କାରଣ ଆର୍ଥିକ ଶକ୍ତି ଓ ସାମର୍ଥ୍ୟ ମାଧ୍ୟମରେ ପ୍ରତିଷ୍ଠା ଓ ପ୍ରଭୁତ୍ୱ ଜାହିର କରିବା ଏକ ଗ୍ରହଣଯୋଗ୍ୟ ବ୍ୟବସ୍ଥାରେ ପରିଣତ ହୋଇଛି। ତେଣୁ ଯୁଦ୍ଧମୁକ୍ତ ବିଶ୍ୱ ସମ୍ଭାବନା କ୍ରମେ ଊଣା ହେବାରେ ଲାଗିଛି। ଏଭଳି ପରିସ୍ଥିତିରେ ନିଜେ ପ୍ରତ୍ୟକ୍ଷ ସମ୍ପୃକ୍ତ ହେବା ଅପେକ୍ଷା ଅନୁଗତଙ୍କୁ ଲଢ଼େଇ ଦେଇ ଯୁଦ୍ଧାସ୍ତ୍ରର ବେପାର ସକାଶେ କ୍ଷେତ୍ର ପ୍ରସ୍ତୁତ କରିବା ହେଉଛି ପ୍ରଚଳିତ ବାଣିଜ୍ୟ ନୀତିର ଅଂଶବିଶେଷ। ଆର୍ଥିକ ଦୃଷ୍ଟିରୁ ବିଶ୍ୱର ସର୍ବଶକ୍ତିମାନ ରାଷ୍ଟ୍ର ଆମେରିକା ଓ ଚୀନ ପରସ୍ପରର ପ୍ରତିଯୋଗୀ ହେଲେ ମଧ୍ୟ ପ୍ରତ୍ୟକ୍ଷ ଭାବେ ଯୁଦ୍ଧ ଲଢୁନାହାନ୍ତି। ଅଥଚ ସେମାନଙ୍କ ଅସ୍ତ୍ରଶସ୍ତ୍ର ବେପାର ବଢ଼ି ଚାଲିଛି। ଅନ୍ୟପକ୍ଷରେ ଆର୍ଥିକ ଶକ୍ତି, ସାମର୍ଥ୍ୟ ଓ ସମୃଦ୍ଧି ହାସଲ ସକାଶେ ଯେଉଁ ରାଷ୍ଟ୍ର ନିରବଚ୍ଛିନ୍ନ ପ୍ରୟାସ ଜାରି ରଖିଛନ୍ତି ସେମାନଙ୍କ ଅତିକ୍ରମଣ ଓ ଅଗ୍ରଗତିକୁ ବାଧା ଦେବାକୁ ଏହି ଦୁଇରାଷ୍ଟ୍ର ତତ୍ପର। ଏମାନଙ୍କ ବିଚିତ୍ର ଭୂମିକାକୁ ଦେଖିଲେ ମନେହୁଏ, ଉଭୟ ଭୂତ ଓ ଗୁଣିଆ ହୋଇ ଅନ୍ୟମାନଙ୍କ ଅଗ୍ରସରକୁ ଗତିରୋଧ କରୁଛନ୍ତି। ଟ୍ରମ୍ପଙ୍କ କର୍ପୋରେଟ ସହଯୋଗୀ ଏଲନ ମସ୍କ ନୂଆ ପ୍ରଶାସନିକ ବ୍ୟବସ୍ଥାରେ ସବୁଠାରୁ କ୍ଷମତା ସମ୍ପନ୍ନ ଥିଲେ। ଏପରିକି ଟାରିଫ ଯୁଦ୍ଧରେ ସମସ୍ତଙ୍କୁ ନାଲିଆଖି ଦେଖାଇ ନିଜ ଫାଇଦା ହାସଲ କରିଚାଲିଥିଲେ। ସରକାରୀ ଦକ୍ଷତା ବିଭାଗ ଦାୟିତ୍ୱରେ ରହି ସେ ଏପରି କିଛି କାମକଲେ, ଯାହା ତାଙ୍କୁ ସାଧାରଣରେ ନିନ୍ଦିତ କଲା। କ୍ଷମତା ଓ ବେପାର ଏକାସାଙ୍ଗେ ଚାଲେନି। ଏକଥା ବୁଝିବାକୁ ତାଙ୍କୁ ୪ମାସ ଲାଗିଗଲା। ଶେଷରେ ସେ ଦେଇଥିବା ଇସ୍ତଫା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ ଟ୍ରମ୍ପ ବାଣିଜ୍ୟଯୁଦ୍ଧ ମାଧ୍ୟମରେ ସମସ୍ତଙ୍କୁ ନାଲିଆଖି ଦେଖାଉଥିବା ବେଳେ ଚୀନ ଆର୍ଥିକ ଦୃଷ୍ଟିରୁ ଦୁର୍ବଳରାଷ୍ଟ୍ରଙ୍କୁ ଆର୍ଥିକ ସହାୟତା ଯୋଗାଇ ଶୋଷଣ କରିଚାଲିଛି। ଏହି ବିଚିତ୍ର ପରିସ୍ଥିତିରେ ଭାରତ – ପାକିସ୍ତାନ ଯୁଦ୍ଧ ବିରତି ସ୍ୱତନ୍ତ୍ର ଆଲୋଚନା ଦାବି କରେ।

ବାଣିଜ୍ୟ ସମ୍ପର୍କ ଛିନ୍ନ କରିବାର ନାଲି ଆଖି ଦେଖାଇ ଉଭୟ ଭାରତ ଓ ପାକିସ୍ତାକୁ ଯୁଦ୍ଧ ବିରତି ସକାଶେ ରାଜି କରାଇଛନ୍ତି ବୋଲି ଟ୍ରମ୍ପ ଯେଉଁ ଦାବି କରିଛନ୍ତି ତାହା ଆମେରିକାର ଆନ୍ତର୍ଜାତିକ ବାଣିଜ୍ୟ ଅଦାଲତ କ୍ଷମତା ବହିର୍ଭୂତ କାର୍ଯ୍ୟ ବୋଲି ଦର୍ଶାଇଛନ୍ତି। ଏହା ସଂଘୀୟ ସାମ୍ବିଧାନିକ ବ୍ୟବସ୍ଥାର ଅତିକ୍ରମଣ ବୋଲି ଦିଆଯାଇଥିବା ମନ୍ତବ୍ୟକୁ ଉଚ୍ଚ ଅଦାଲତରେ ଚ୍ୟାଲେଞ୍ଜ କରିବା ବ୍ୟତୀତ ଟ୍ରମ୍ପ ପ୍ରଶାସନ ପାଖରେ ଅନ୍ୟ କୌଣସି ପନ୍ଥା ନଥିଲା। ତାହା ହିଁ ଟ୍ରମ୍ପଙ୍କ ପକ୍ଷରୁ କରାଯାଇଛି ଏବଂ ସାମୟିକ ଆଶ୍ୱସ୍ତି ମିଳିଛି। ଆନ୍ତର୍ଜାତିକ ବାଣିଜ୍ୟ ଅଦାଲତଙ୍କ ନିର୍ଦ୍ଦେଶ ଉପରେ ୟୁଏସ୍ କୋର୍ଟ ଅଫ୍ ଆପିଲ୍ ରହିତାଦେଶ ଜାରି କରିଛନ୍ତି। ଅର୍ଥାତ୍ ଟ୍ରମ୍ପଙ୍କ ଟାରିଫ୍ ନୀତି ବଳବତ୍ତର ରହିବ। ଅଦାଲତରେ ଟ୍ରମ୍ପଙ୍କ ଶାସନତନ୍ତ୍ର ମିଳିତ ଭାବେ ଏହି ପଦକ୍ଷମତାକୁ ଜାହିର କରୁଥିବା ବେଳେ ଆମପକ୍ଷରୁ ଯେଉଁ ଢଙ୍ଗରେ ଖଣ୍ଡନ କରାଯିବା କଥା ତାହା ଏ ପର୍ଯ୍ୟନ୍ତ ହୋଇନି। କେବଳ ବୈଦେଶିକ ସଚିବ ବିକ୍ରମ ମିଶ୍ରି ସରକାରଙ୍କ ପକ୍ଷରୁ ସ୍ପଷ୍ଟୀକରଣ ଦେଇ କହିଛନ୍ତି ଯେ ଦୁଇ ରାଷ୍ଟ୍ରର ଡିଜିଏମ୍ଓ ସ୍ତରରେ ଯୁଦ୍ଧ ବିରତି ପ୍ରସ୍ତାବ ସ୍ଥିରୀକୃତ ହୋଇଛି। ଏ କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିରବତାକୁ ସମାଲୋଚନା କରାଯାଉଥିବା ବେଳେ ଆମକୁ ଏଠାରେ କିନ୍ତୁ କହିବାକୁ ପଡ଼ିବ ଯେ ରାଷ୍ଟ୍ରର ବୃହତ୍ତର ସ୍ୱାର୍ଥକୁ ପରାହତ କରିବା ଭଳି କିଛି ଉଚ୍ଚାରଣରୁ ନିବୃତ୍ତ ରହିବା ହେଉଛି ଜଣେ ଦୂରଦୃଷ୍ଟି ସଂପନ୍ନ ନେତାଙ୍କ କର୍ତ୍ତବ୍ୟ। ହୋଇପାରେ ଭାରତ ଓ ପାକିସ୍ତାନ ପ୍ରସଙ୍ଗରେ ତୃତୀୟ ରାଷ୍ଟ୍ର ହସ୍ତକ୍ଷେପ ବା ମଧ୍ୟସ୍ଥତାର ସୁଯୋଗ ନାହିଁ। ଏ ଦିଗରେ ସିମ୍ଲା ରାଜିନାମାର କଟକଣା ଆନ୍ତର୍ଜାତିକ ସ୍ତରରେ ସ୍ୱୀକୃତି ହାସଲ କରିଥିଲେ ମଧ୍ୟ ଟ୍ରମ୍ପଙ୍କୁ ଉତ୍ତର ଦେବା ସକାଶେ ସଠିକ୍ ସମୟ ଉପୁଜି ନାହିଁ।

ଭାରତ ଓ ପାକିସ୍ତାନ ମଧ୍ୟରେ ଏହା ଥିଲା ଅଘୋଷିତ ଯୁଦ୍ଧ। ଅଣୁଅସ୍ତ୍ର କ୍ଷମତାସଂପନ୍ନ ଦୁଇରାଷ୍ଟ୍ର ମଧ୍ୟରେ ପୂର୍ଣ୍ଣକାଳୀନ ଯୁଦ୍ଧ ହେଲେ ଲକ୍ଷ ଲକ୍ଷ ଲୋକଙ୍କ ପ୍ରାଣହାନି ଘଟିବାର ଆଶଙ୍କା ଥିବାରୁ ଟ୍ରମ୍ପ ହସ୍ତକ୍ଷେପ କରିବାକୁ ବାଧ୍ୟ ହୋଇଥିଲେ ବୋଲି ଶାସନତନ୍ତ୍ର ପକ୍ଷରୁ ଅଦାଲତରେ ଦର୍ଶାଇଥିଲା। ଏକଥା ସତ ଯେ ଟ୍ରମ୍ପଙ୍କ ବାଣିଜ୍ୟ ଯୁଦ୍ଧ କେବଳ ଭାରତ ଓ ପାକିସ୍ତାନ ପ୍ରସଙ୍ଗରେ ସୀମିତ ନଥିଲା। ସେ ଜାନୁଆରୀରେ କ୍ଷମତାସୀନ ହେବା ମାତ୍ରେ ଚୀନ୍, ମେକ୍ସିକୋ ଓ କାନାଡ଼ା ବିରୋଧରେ ଏକତରଫା ଅତିରିକ୍ତ ଟାରିଫ୍ ଲାଗୁ କରିଥିଲେ। ଆନ୍ତର୍ଜାତିକ ବାଣିଜ୍ୟ ଅଦାଲତରେ ଦର୍ଶାଯାଇଛି ଯେ ୧୯୭୭ରେ ଆନ୍ତର୍ଜାତିକ ଜରୁରୀ ଅର୍ଥନୀତି କ୍ଷମତା ଆଇନ(ଆଇପା)ର ଏ କ୍ଷେତ୍ରରେ ଦୁରୁପଯୋଗ କରିଛନ୍ତି ଟ୍ରମ୍ପ। ରାଷ୍ଟ୍ରପତିଙ୍କ ଏକତରଫା ଟାରିଫ ଲାଗୁ କରିବାର କ୍ଷମତା ନାହିଁ। ଅତୀତରେ ରାଷ୍ଟ୍ରପତି ଜନ୍‌ସନ ମଧ୍ୟ ଅନୁରୂପ ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ। ଆମେରିକାର କଂଗ୍ରେସ ସହମତିରେ ରାଷ୍ଟ୍ରପତି ଏଦିଗରେ କିଛି ପଦକ୍ଷେପ ଗ୍ରହଣ କରିପାରିବେ। ବିଶ୍ୱ ଅର୍ଥନୀତି ଉପରେ ଟ୍ରମ୍ପଙ୍କ ଏହି ଅନମନୀୟ ଆଚରଣ ପ୍ରତିକୂଳ ପ୍ରଭାବ ପକାଇଛି। ଏହା ଆମେରିକା ସାଂବିଧାନିକ ବ୍ୟବସ୍ଥାର ପରିପନ୍ଥୀ।. ଏକଥା ମଧ୍ୟ ଦର୍ଶାଯାଇଛି ଯେ ଟ୍ରମ୍ପଙ୍କ ଚାପ ଯୋଗୁଁ ଚୀନ ଆପୋସ ଆଲୋଚନା ସ୍ତରକୁ ଓହ୍ଲାଇବାକୁ ବାଧ୍ୟ ହେଇଛି। ତେବେ ଟାରିଫ ଆତଙ୍କରାଜ ସୃଷ୍ଟି ଯେ ଗ୍ରହଣୀୟ ନୁହେଁ ତାହା ଆନ୍ତର୍ଜାତିକ ବାଣିଜ୍ୟ ଅଦାଲତ ମତାମତରୁ ସ୍ପଷ୍ଟ ହୋଇଛି। ଏ ନେଇ ଟ୍ରମ୍ପ ପ୍ରଶାସନ ସଂଘୀୟ ଅଦାଲତରେ ଯେଉଁ ପ୍ରତିକୂଳ ରାୟର ସମ୍ମୁଖୀନ ହୋଇଛନ୍ତି ତାହା ବିରୋଧରେ ଉଚ୍ଚ ଅଦାଲତରେ ଆବେଦନ କରି ସାମୟିକ ଆଶ୍ୱସ୍ତି ଲାଭ କରିଛନ୍ତି।

ଘଟଣାକ୍ରମର ଗତି ଓ ପ୍ରକୃତି ଯେଉଁ ଦିଗକୁ ଯାଉଛି ତାହାକୁ ବିଶ୍ଳେଷଣ କଲେ ମନେ ହୁଏ କିଛି ନା କିଛି ରହସ୍ୟ ରହିଯାଇଛି, ଯାହା ଏପର୍ଯ୍ୟନ୍ତ ଉନ୍ମୋଚନ ହୋଇପାରିନାହିଁ। ଭାରତ ପକ୍ଷରୁ ଦିଆଯାଇଥବା ସ୍ପଷ୍ଟୀକରଣର ବିଶ୍ୱସନୀୟତା ନେଇ ବିଭିନ୍ନ ମହଲରେ ସନ୍ଦେହ ଉଙ୍କିମାରିଛି। ଉଭୟ ପ୍ରଧାନମନ୍ତ୍ରୀ ଓ ବୈଦେଶିକ ମନ୍ତ୍ରୀଙ୍କ ଭୂମିକା ଅସ୍ପଷ୍ଟ। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ 'ଅପରେସନ ସିନ୍ଦୂର'ର ସଫଳତାରେ ସମଗ୍ର ଦେଶବାସୀଙ୍କୁ ସିନ୍ଦୂରିମା କରିପକାଇଲେଣି। ଏକଥା ସତ ଯେ ଉଭୟ ପକ୍ଷର ସ୍ୱାର୍ଥ ଦୃଷ୍ଟିରୁ ଯୁଦ୍ଧ ବିରତିର ଆବଶ୍ୟକତା ଥିଲା। ଯୁଦ୍ଧ ବଦଳରେ ଶାନ୍ତି ଚାହୁଁଥିବା ଲୋକଙ୍କ ସକାରାତ୍ମକ ଅଭିବ୍ୟକ୍ତି ଯେଭଳି ପ୍ରଶଂସନୀୟ ସେହିଭଳି ବିଜୟର ନିକଟବର୍ତ୍ତୀ ହୋଇଥିବା ଭାରତର ଦେଶପ୍ରେମୀ ଯୁଦ୍ଧବିରତି ଘୋଷଣାରେ ଭୟଙ୍କର ଅସନ୍ତୁଷ୍ଟ। ଏତଦ୍‌ବ୍ୟତୀତ କୂଟନୈତିକ ସ୍ତରରେ ଆମର ଅସଫଳତା ବାରି ହୋଇପଡୁଛି। ବହୁଦଳୀୟ ଦୂତଙ୍କୁ ପଠାଯାଇଥିଲେ ମଧ୍ୟ ଏହି ପ୍ରୟାସରୁ ଆକାଂକ୍ଷିତ ସୁଫଳ ମିଳିନାହିଁ। ଆମକୁ ଏଠାରେ କହିବାକୁ ପଡ଼ିବ ଯେ ଏଭଳି ଏକ ସଂକଟ ସମୟରେ ବୈଦେଶିକ ନୀତି ମଧ୍ୟ କଠୋର ପରୀକ୍ଷାର ସମ୍ମୁଖୀନ ହୋଇଛି। ●

## ଜ୍ଞାନ-ବିଜ୍ଞାନ-ଆତ୍ମଜ୍ଞାନ

**ମନୋରଞ୍ଜନ ମହାନ୍ତି**

ବହି ପଢ଼ି ଯେଉଁ ସୂଚନା ସଂଗ୍ରହ କରାଯାଏ, ତାହା 'ଜ୍ଞାନ'। ପରୀକ୍ଷାଲବ୍ଧ ପ୍ରଣାଳୀବଦ୍ଧ ବ୍ୟାପକ ଜ୍ଞାନ ହେଉଛି 'ବିଜ୍ଞାନ'। ନିଜ ଭିତରେ ଯେଉଁ ଅନନ୍ତ ଶକ୍ତି, ଅସୀମ ସମ୍ଭାବନା ରୂପରେ ଐଶ୍ୱରିକ ଐଶ୍ୱର୍ଯ୍ୟ ଭରି ରହିଛି ତା'କୁ ଉପଲବ୍ଧି କରି ଉପଯୋଗ କରିବା ଅର୍ଥାତ୍ ନିଜେ ବ୍ରହ୍ମାନୁଭବରେ ପ୍ରତିଷ୍ଠିତ ହୋଇ ସର୍ବତ୍ର ବ୍ରହ୍ମଦର୍ଶନ କରିବା ହେଉଛି 'ଆତ୍ମଜ୍ଞାନ'। ଜଣେ ଜ୍ଞାନୀ ସରଳ ହେଇପାରେ, ଜଟିଳ ବି ହେଇପାରେ; ବିନୟୀ ହେଇପାରେ, ଅହଂକାରୀ ବି ହେଇପାରେ। କିନ୍ତୁ ଜଣେ ଆତ୍ମଜ୍ଞାନୀ ସ୍ୱାଭାବିକ ଭାବରେ ସରଳ ଓ ବିନୟୀ।

ଐତିହାସିକ ଆବୁଲ୍‌ଫଜଲ୍ କାଶ୍ମୀର ଉପତ୍ୟକାରେ ସାକ୍ଷାତ କରିଛନ୍ତି ସୁଫି ସନ୍ଥ ୱାହିଦ୍‌ଙ୍କୁ, ଯାହାଙ୍କ ସମ୍ପର୍କରେ ସେ ଲେଖିଛନ୍ତି:- 'ସୁଫି ୱାହିଦ୍ ତିରିଶ ବର୍ଷ ଧରି ଗୋଟେ ପୁରୁଣା ଚଟ ବା ଆସନକୁ ବ୍ୟବହାର କରୁଛନ୍ତି, ଖୁସି ବି ଅଛନ୍ତି, ସୁଖ-ଦୁଃଖରୁ ଅଲଗା ରହୁଛନ୍ତି। କାହାରିଠାରୁ ଟୁକୁଡ଼ା ରୁଟି ବ୍ୟତୀତ ଅନ୍ୟ କିଛି ଗ୍ରହଣ କରୁନାହାନ୍ତି। ତାଙ୍କ ମିତାଚାର, ମିତାହାର, ସ୍ଥିତପ୍ରଜ୍ଞ ସ୍ୱଭାବକୁ ଦେଖିଲେ ବୋଧ ହେଉଛି ସେ ଜଣେ ଆତ୍ମଜ୍ଞାନୀ।' ମୋଗଲ ସମ୍ରାଟ ଜାହାଙ୍ଗୀର ନିଜର ଆତ୍ମଚରିତରେ ଲେଖିଛନ୍ତି, 'ସୁଫିମାନେ ସରଳ ଓ ଛଳନାଶୂନ୍ୟ, କାହାକୁ ଗାଳିଦିଅନ୍ତି ନାହିଁ, କାହା ପ୍ରତି ଦୁର୍ବ୍ୟବହାର କରନ୍ତି ନାହିଁ, ଇଚ୍ଛାର ଜିଭରେ ଲଗାମ ଲଗାନ୍ତି, ଖୋଜିବାର ପାଦକୁ ରୋକନ୍ତି, ଫଳ ଧାରଣ କରୁଥିବା ଗଛର ଚାରାରୋପଣ କରନ୍ତି, ଯେପରି ଅନ୍ୟମାନେ ସେଥିରୁ ଉପକାର ପାଇବେ। ସେମାନଙ୍କର ନିଜର କୌଣସି ଲାଭର ଆଶା ନଥାଏ। ଯାକୁ ହିଁ କହନ୍ତି ଆତ୍ମଜ୍ଞାନ।'

ପ୍ରସିଦ୍ଧ ସୁଫି ସନ୍ଥ ହମ୍‌ଦାନ୍ ଇରାନ୍‌ରୁ ସାତଶହ ସୁଫିଙ୍କୁ ସାଥିରେ ଆଣି ଶ୍ରୀନଗରକୁ ଆସିଥିଲେ। ସେ ଥିଲେ ଜଣେ ଲେଖକ, କବି। ସେ ଓ ତାଙ୍କର ଶିଷ୍ୟ, ଅନୁଗାମୀମାନେ ସାଧାରଣ ଲୋକଙ୍କ ପାଇଁ ଧର୍ମଶାଳା ନିର୍ମାଣ କରିଥିଲେ। ଉପତ୍ୟକାର ତତ୍କାଳୀନ ସୁଲ୍‌ତାନ୍ କୁତବ୍-ଉଦ୍ଦିନ୍ ତାଙ୍କର ମହାନତାକୁ ସ୍ୱୀକାର କରି କହିଥିଲେ, 'ଆତ୍ମଜ୍ଞାନୀମାନଙ୍କର ମହାନତା ସେମାନଙ୍କ ମହାନୁଭବତାରେ ଥାଏ। ହମ୍‌ଦାନ୍ କେବଳ କବିତା ରଚନା କରୁନଥିଲେ, ସମସ୍ତଙ୍କଠାରେ ପରମେଶ୍ୱର ଦର୍ଶନ କରି ପରୋପକାରରେ ମନୋନିବେଶ କରିଥିଲେ।

ଗତ ଶତାବ୍ଦୀର ଦୁଇଜଣ ପାଶ୍ଚାତ୍ୟ ବିଦ୍ୱାନ, ପ୍ରାଚ୍ୟବିଦ୍ୟାବିଶାରଦ, ଆଧ୍ୟାତ୍ମିକ ରୂପରେ ଇଚ୍ଛୁକ ବ୍ୟକ୍ତି ଆଲ୍‌ଡସ୍ ହକ୍ସ୍‌ଲେ ଓ କାର୍ଲ୍ ଗୁସ୍ତାଭ୍ ଜଙ୍ଗ୍ ସେମାନଙ୍କ ଫଳପ୍ରଦ ଜୀବନର ଅନ୍ତିମଚରଣରେ ଆତ୍ମଜ୍ଞାନ ସମ୍ବନ୍ଧରେ ସନ୍ଦେହ ପୋଷଣ କରିଥିଲେ। ଜଣେ ଯଶସ୍ୱୀ ମନୋଚିକିତ୍ସକ ଭାବରେ ଜଙ୍ଗ୍‌ଙ୍କ ମନରେ ଆତ୍ମଜ୍ଞାନର ସମ୍ପୂର୍ଣ୍ଣ ସଂଜ୍ଞା ସମ୍ବନ୍ଧରେ ପ୍ରବଳ ସନ୍ଦେହ ଥିଲା। ପ୍ରଥମତଃ, ଆତ୍ମଜ୍ଞାନର ସମ୍ପୂର୍ଣ୍ଣ ଅବଧାରଣା ବା ସଂକଳ୍ପନା ହେଉଛି ଏକ ବ୍ୟକ୍ତିନିଷ୍ଠ ପ୍ରକ୍ରିୟା। ବାସ୍ତବରେ ଆତ୍ମଜ୍ଞାନ ହେଉଛି ସର୍ବୋତ୍କୃଷ୍ଟ, ସାରମୟ ଆଧ୍ୟାତ୍ମିକ ଆତ୍ମବାଦ ବା 'ଅହଂବ୍ରହ୍ମାସ୍ମି'ବାଦ। ଏଇଟା ପୂର୍ଣ୍ଣତଃ ଗୋଟେ ବ୍ୟକ୍ତିନିଷ୍ଠ ଅନୁଭୂତି, ଯାହା ଏତେ ତରଳ ଓ ଅଣାକାର ଯେ ତାକୁ ମାପିବାକୁ, ଆକଳନ କରିବାକୁ କୌଣସି ପଦ୍ଧତି ନାହିଁ। ଆମେରିକାର ଦାର୍ଶନିକ, କବି ୱାଲ୍ଟ ହ୍ୱିଟ୍‌ମ୍ୟାନ୍ କହନ୍ତି, ଆମେ ମଣିଷମାନେ ହେଉଛୁ ଆତ୍ମବୋଧ ବା ଆତ୍ମାନୁଭୂତିର ପଥରେ ଶାଶ୍ୱତ ସାଧକ। ଆମର ଅସ୍ତିତ୍ୱ ଅଛି ବୋଲି ଭଗବାନଙ୍କର ଅସ୍ତିତ୍ୱ ଅଛି !

ସେହିଭଳି ଜଣେ ଆତ୍ମଜ୍ଞାନୀ ଥିଲେ ଶୁଦ୍ଧ ବା ସୈଦ୍ଧାନ୍ତିକ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନ୍। ଜଣେ ଆତ୍ମଜ୍ଞାନୀର ସକଳ ଲକ୍ଷଣ: ସରଳତା, ବିନୟ, ସମଦର୍ଶିତା, ଭଗବତ୍ ବିଶ୍ୱାସ, ଅଧ୍ୟାତ୍ମ ସାଧନା, ଆତ୍ମୋପଲବ୍ଧି, ସର୍ବତ୍ର ବ୍ରହ୍ମାନୁଭବ ତାଙ୍କଠାରେ ପ୍ରକାଶ ପାଇଥିଲା। ତ୍ୟାଗରାଜ ଓ ବିସ୍‌ମିଲ୍ଲା ଖାଁଙ୍କର ସଙ୍ଗୀତ ମାର୍ଗରେ, ମୀରାବାଈଙ୍କର ଭଜନ ମାର୍ଗରେ, ଆଦି ଶଙ୍କରଙ୍କର ଦର୍ଶନ, ମୋହନଦାସ କରମଚାନ୍ଦ ଗାନ୍ଧୀଙ୍କର କର୍ମବାଦ ବା ସକ୍ରିୟତାବାଦ ମାର୍ଗରେ ଈଶ୍ୱରାନୁଭବ ହୋଇଥିଲା। ସେହି ଈଶ୍ୱର ସର୍ବବ୍ୟାପୀ ଓ ଅନନ୍ତ। ପୁଣି ସୂକ୍ଷ୍ମ ଓ ଅଦୃଶ୍ୟ। ସେ ଏକ, ଅନନ୍ତ ଓ ଶୂନ୍ୟ ମଧ୍ୟ। ତତ୍କାଳୀନ ମହୀଶୂର ଷ୍ଟେଟ୍ (ଏବର ତାମିଲନାଡୁ)ର ଇରୋଡ୍‌ଠାରେ ୧୮୮୭ ମସିହାରେ ଜନ୍ମଗ୍ରହଣ କରିଥିବା ଶ୍ରୀନିବାସ ରାମାନୁଜନ୍ ଗଣିତ ମାର୍ଗରେ ଈଶ୍ୱରାନୁଭବ ପ୍ରାପ୍ତ ହୋଇଥିଲେ। ବିଜ୍ଞାନ ଭଳି ଗଣିତ ଦୁଇ ପ୍ରକାର: ଶୁଦ୍ଧ ବା ସୈଦ୍ଧାନ୍ତିକ ଓ ବ୍ୟାବହାରିକ। ରାମାନୁଜନ୍‌ଙ୍କର ବ୍ୟାବହାରିକ ଗଣିତରେ ରୁଚି ନଥିଲା, ସେ ଶୁଦ୍ଧ ଗଣିତ ପ୍ରତି ସମର୍ପିତ ଥିଲେ।

ମାନବ-ଗଣକମାନେ ଏପରି ବ୍ୟକ୍ତି, ଯେଉଁମାନେ କୌଣସି ଉପକରଣ ବିନା ସହାୟତାରେ ଜଟିଳ ଗଣନା କରିପାରନ୍ତି। ପରନ୍ତୁ ସଚ୍ଚା ଗଣିତଜ୍ଞମାନେ ସୃଷ୍ଟିରେ ପ୍ୟାଟର୍ଣ୍ଣ ଯାଞ୍ଚ୍ କରନ୍ତି, ଯାହାକୁ ପରବର୍ତ୍ତୀ ସମୟରେ ଗଣିତୀୟ ପ୍ରମେୟ(ଥିଓରମ୍) ଆକାରରେ ପ୍ରକାଶ କରନ୍ତି। ସେମାନଙ୍କ ଗଣିତରେ ଗୋଟେ ଆଧ୍ୟାତ୍ମିକ ଅନ୍ତର୍ଧାରା ଥାଏ। ପିଥାଗୋରାସ୍, ନିଉଟନ୍, ଆଇନ୍‌ଷ୍ଟାଇନ୍, ଶ୍ରୀନିବାସ ରାମାନୁଜନ୍ ପ୍ରମୁଖ ସେହିପରି ଗଣିତଜ୍ଞ ଥିଲେ। ସେମାନେ ଏକାଧାରରେ ବିଜ୍ଞାନୀ, ଆତ୍ମଜ୍ଞାନୀ।

ଶୁଦ୍ଧ ଗଣିତଜ୍ଞମାନେ ଅନନ୍ତ (ଇନ୍‌ଫିନିଟି) ସହିତ ଯୋଡ଼ି ହୋଇରହନ୍ତି। ପାରମ୍ପରିକ ଅର୍ଥରେ ସେମାନେ ଧର୍ମନିଷ୍ଠ ହୋଇପାରନ୍ତି ବା ନ ପାରନ୍ତି। କିନ୍ତୁ ରାମାନୁଜନ୍‌ଙ୍କର ଧାର୍ମିକତା, ପୁଣ୍ୟଶୀଳତା ଅତ୍ୟନ୍ତ ସ୍ପଷ୍ଟ ଥିଲା। ସେ ନିଜ କୁଳଦେବତା 'ନାମଗିରି'ଙ୍କ ପ୍ରତି ସମର୍ପିତ ଥିଲେ। ନାମଗିରି ନରସିଂହଙ୍କ ପତ୍ନୀ। ନରସିଂହ ହେଉଛନ୍ତି ମହାବିଷ୍ଣୁଙ୍କର ଅବତାର। ରାମାନୁଜନ୍‌ଙ୍କର କୌଣସି ଔପଚାରିକ ଡିଗ୍ରୀ ନଥିଲା ଏବଂ ୧୯୧୦ ମସିହାରେ ସେ ଥିଲେ ବେରୋଜଗାର୍। ସେତିକିବେଳେ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରୁ ତାଙ୍କୁ ନିମନ୍ତ୍ରଣ ମିଳିଲା। ରାମାନୁଜନ୍ ବ୍ରାହ୍ମଣ ହୋଇଥିବାରୁ ସମୁଦ୍ର ଅତିକ୍ରମ କରି ପାଠ ପଢ଼ିବା ପାଇଁ ଯିବା (ସେତେବେଳେ ସମୁଦ୍ର ଅତିକ୍ରମ କରି ବିଦେଶକୁ ଯିବା 'ଆଧ୍ୟାତ୍ମିକ ପ୍ରଦୂଷଣ' ରୂପେ ବିଚାର କରାଯାଉଥିଲା) ଉଚିତ୍ ହେବ କି ନାହିଁ, ଏହି ମାର୍ଗଦର୍ଶନ ନିମିତ୍ତ ନାମକ୍କଲ୍‌ସ୍ଥିତ ଦେବୀ ମନ୍ଦିର ପ୍ରାଙ୍ଗଣରେ ତିନିରାତି ଜାଗ୍ରତ ହୋଇ ବିତାଇଲେ। ତୃତୀୟ ଦିନର ମଧ୍ୟରାତ୍ରିରେ ଉଜ୍ଜ୍ୱଳ ଆଲୋକର ଏକ ସ୍ତମ୍ଭ ଚମକିଉଠିଲା, ଯାହାକୁ ସେ ଦେବୀଙ୍କ ସହମତି ରୂପରେ ଗ୍ରହଣ କଲେ, ଜଳଯାତ୍ରା କରି କେମ୍ବ୍ରିଜ୍‌ରେ ପହଞ୍ଚିଲେ। ପରବର୍ତ୍ତୀ ସମୟରେ ଗଣିତଶାସ୍ତ୍ର ଇତିହାସରେ ସେ ହେଲେ ଜଣେ ଯୁଗପୁରୁଷ, ଏକାଧାରରେ ଜ୍ଞାନୀ, ବିଜ୍ଞାନୀ, ଆତ୍ମଜ୍ଞାନୀ, ଯିଏ ଗଣିତୀୟ ସତ୍ୟ ପ୍ରତି ନିଜ ଅନ୍ତର୍ଜ୍ଞାନର ଶ୍ରେୟ ଈଶ୍ୱରଙ୍କୁ ହିଁ ଦେଉଥିଲେ। ବାଳକ ରାମାନୁଜନ୍ ଗଣିତ ସହିତ ଯୁକ୍ତ ରହସ୍ୟମୟ ଏକାଳାପ (ମନୋଲଗ୍)ରେ ଲିପ୍ତ ରହୁଥିଲେ, ଯାହାକୁ ତାଙ୍କର ଶ୍ରୋତାମାନେ ବିଚିତ୍ର ବା ଅଜବ ବୋଲି ଭାବୁଥିଲେ। ଥରେ କୁମ୍ଭକୋନମ୍‌ରେ ସ୍ଥାନୀୟ ଶ୍ରୋତାମାନଙ୍କ ଆଗରେ 'ଈଶ୍ୱର', 'ଶୂନ୍ୟ' ଓ 'ଅନନ୍ତ' ମଧ୍ୟରେ ସମ୍ବନ୍ଧ ଆଧାରିତ ତାଙ୍କର ଏକାଳାପ ବିଷୟରେ କହି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ସେ କହୁଥିଲେ, କୌଣସି ସମୀକରଣର ସେପର୍ଯ୍ୟନ୍ତ କିଛି ମୂଲ୍ୟ ନାହିଁ ଯେପର୍ଯ୍ୟନ୍ତ ତାହା ଈଶ୍ୱରଙ୍କ ବିଚାରକୁ ବ୍ୟକ୍ତ କରୁନାହିଁ।

'ବିଷ୍ଣୁ ସହସ୍ରନାମମ୍'ରେ ମହାବିଷ୍ଣୁଙ୍କର ୧ ହଜାର ନାମ ମଧ୍ୟରେ 'ଅନନ୍ତ' (ଇନ୍‌ଫିନିଟି) ଗୋଟିଏ ନାମ। ଗଣିତରେ ରାମାନୁଜନ୍‌ଙ୍କ ଅଧିକାଂଶ ଆବିଷ୍କାର 'ଅନନ୍ତ-ଶୃଙ୍ଖଳା' (ଇନ୍‌ଫିନିଟି ସିରିଜ୍) ସହିତ ସମ୍ବନ୍ଧିତ। ଯେତେବେଳେ ସେ କହୁଥିଲେ ତାଙ୍କର ଅନେକ ନିଷ୍କର୍ଷକୁ ଈଶ୍ୱର ତାଙ୍କୁ ସ୍ୱପ୍ନରେ କହିଦେଉଥିଲେ, ତାହା ତାଙ୍କ ପାଶ୍ଚାତ୍ୟର ତର୍କସଙ୍ଗତ ମିତ୍ରମାନଙ୍କ ପାଇଁ ଚିତ୍ତାକର୍ଷକ, ପ୍ରାୟତଃ ସଙ୍କୋଚଶୀଳ ଥିଲା। ତାଙ୍କର ପ୍ରମେୟଗୁଡ଼ିକ ଅନେକ ସମୟରେ ସୋପାନ ଡେଇଁ ଯାଉଥିଲେ। ବେଦାନ୍ତର ସୂତ୍ର ଭଳି ସେଗୁଡ଼ିକ ଗୁପ୍ତ ବା ଅପ୍ରକଟ ଥିଲା, ଗୂଢ଼ ଥିବାରୁ ଅବ୍ୟକ୍ତ ବୋଧ ହେଉଥିଲା। ପାଶ୍ଚାତ୍ୟ ଗଣିତଜ୍ଞମାନେ ରାମାନୁଜନ୍‌ଙ୍କ ପ୍ରମେୟଗୁଡ଼ିକୁ ଶୈକ୍ଷଣିକ ଅନୁଶାସନର ଅନୁରୂପ କରିବା ପାଇଁ ପ୍ରମାଣ କରିବାକୁ କଠିନ ପରିଶ୍ରମ କରୁଥିଲେ। ସେମାନେ ରାମାନୁଜନ୍‌ଙ୍କ ପ୍ରତିଭାରେ ଆଶ୍ଚର୍ଯ୍ୟଚକିତ ହେଉଥିଲେ, ଚିନ୍ତା କରୁଥିଲେ ଅତି ସାଧାରଣ ଭଳି ଦୃଶ୍ୟ ହେଉଥିବା ଜଣେ ମଣିଷଠାରେ ଈଶ୍ୱର ସତରେ ଏପରି ଅନ୍ତର୍ଜ୍ଞାନକୁ ପ୍ରେରିତ କରିଥିଲେ, ଯାହା ଥିଲା ତାଙ୍କର ଆତ୍ମଜ୍ଞାନ, ଯେଉଁ ଆତ୍ମଜ୍ଞାନ ଥିଲା ଜ୍ଞାନ ଓ ବିଜ୍ଞାନର ବହୁ ଊର୍ଦ୍ଧ୍ୱରେ, ଅକଳ୍ପନୀୟ ଦୂରତାରେ। ●

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
ଧର୍ମଶାଳା(ଯାଜପୁର), ମୋ: ୯୮୫୩୨୮୨୯୬୨

## ଭାଷା-ବିନ୍ୟାସର ଆହ୍ୱାନ

**ଅଧ୍ୟାପକ ଅଶୋକ ମହାରଣା**

ଛାତ୍ରଛାତ୍ରୀ ଓଡ଼ିଆ ଭାଷାରେ ଏତେ ଦୁର୍ବଳ ହେବା ଆମ ଭାଷା ପ୍ରତି ନିଶ୍ଚିତ ଭାବରେ ଲଜ୍ଜାର ବିଷୟ। କାହିଁକି ଛାତ୍ରଛାତ୍ରୀମାନେ ଓଡ଼ିଆ ଭାଷାର ବ୍ୟବହାର, ଉଚ୍ଚାରଣ, ଲିଖନ, ପଠନରେ ଏତେ ଦୁର୍ବଳ? ଆମ ମାତୃଭାଷା ଓଡ଼ିଆ। ତା' ପରେ ବି ଆମେ ଓଡ଼ିଆରେ ଦୁର୍ବଳ- ଏ କଥାଟି ଯେତିକି ମର୍ମାହତ କରେ ସେତିକି ବୁଦ୍ଧିଜୀବୀ, ଶିକ୍ଷକ/ଶିକ୍ଷୟତ୍ରୀ, ଅଭିଭାବକ ସର୍ବୋପରି ସରକାରଙ୍କ ପାଇଁ ଆହ୍ୱାନ ସୃଷ୍ଟି କରେ।

ମନୁଷ୍ୟର ଭାଷା ବିନ୍ୟାସ ହିଁ ତା'ର ପରିଚୟ। ଭାଷା ବ୍ୟକ୍ତିକୁ ଶାଳୀନତା ପ୍ରଦାନ କରେ ଏବଂ ବ୍ୟକ୍ତିତ୍ୱକୁ ମାର୍ଜିତ କରେ। ଭାଷା ଏକ ପୋଷାକ ପରି। ସଠିକ ଭାବରେ ପିନ୍ଧି ନ ପାରିଲେ ବ୍ୟକ୍ତିତ୍ୱ ଉଲଗ୍ନ ହୋଇଯାଏ, ଶରବ୍ୟର ଶିକାର ହେବାକୁ ପଡ଼େ। ଓଡ଼ିଆ ଭାଷା ମୋ ମାଆ ମାଟିର ଭାଷା। ମାଆ ମାଟିର ଭାଷାକୁ କରାଗତ କରିବାରେ ଆମେ ବିଫଳ। ଏହା ଜଣେ ସଚ୍ଚା ଓଡ଼ିଆକୁ ବିଚଳିତ କରିବାରେ ଯଥାର୍ଥ। ସଙ୍ଗୀତର ସୁମଧୁର ମୁର୍ଚ୍ଛନା - 'କେଡ଼େ ସୁନ୍ଦର ରାଇଜ ମୋର କେଡେ ମିଠା ମୋ ଭାଷା, ଓଡ଼ିଶା ମୋ ଓଡ଼ିଶା' ଯେତେବେଳେ ଝଙ୍କୃତ ହୁଏ ସେତେବେଳେ ଓଡ଼ିଆର ଛାତି ଗର୍ବରେ ଫୁଲିଉଠେ। ପ୍ରତିଟି ଓଡ଼ିଆର ହୃଦୟକୁ ଆନ୍ଦୋଳିତ କରେ। ଓଡ଼ିଶାକୁ ଓଡ଼ିଆ ଭାଷାକୁ ଭଲ ପାଉଥିବା ମହାମନୀଷୀଙ୍କର ଉଦ୍ୟମ ଯୋଗୁଁ ଆଜି ଓଡ଼ିଶା ଏକ ଭାଷାଭିତ୍ତିକ ରାଜ୍ୟରେ ପରିଣତ ହୋଇଛି। ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମଧ୍ୟ ମିଳିଛି। କିନ୍ତୁ ଆମେ ଓଡ଼ିଆ ଭାଷାରେ ଦୁର୍ବଳ - ଏକଥା ଚିନ୍ତନ କରିବା ମାତ୍ରକେ ନିଜର ସ୍ୱପ୍ରୀତି କେତେ ତାହା ସ୍ପଷ୍ଟ ପ୍ରତୀୟମାନ ହେଉଛି।

ମାଟି ମାଆର ଭାଷାରେ ଆମେ ଏତେ ଦୁର୍ବଳ କାହିଁକି? ଜନ୍ମଠାରୁ ଆମେ ଆମ ମାତୃଭାଷା ସହିତ ପରିଚିତ। କିନ୍ତୁ ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ସାମାଜିକ ଚାଲିଚଳଣିରେ ଭାଷାଗତ ଜ୍ଞାନର ଅଭାବ ପରିଲକ୍ଷିତ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭାଷା ଜ୍ଞାନ, ବନାନ ଶୁଦ୍ଧତାର ଲେଶମାତ୍ର ଚିହ୍ନନାହିଁ। କାରଣ ପିଲାଟି ଦିନରୁ ଛାତ୍ରଛାତ୍ରୀଙ୍କର ଶ୍ରୁତଲିଖନ, ସଂଶୋଧନ, ବର୍ଣ୍ଣବୋଧ ପାଠ, ପୁସ୍ତକ ପଠନ, ହସ୍ତାକ୍ଷର ମଧ୍ୟରେ ସୁନ୍ଦର ଅକ୍ଷର ଲିଖନ, ଉଚ୍ଚାରଣ ଆଦିର ଘୋର ଅଭାବ ରହିଛି। ଉଚ୍ଚାରଣରେ ଭାଷାର ଶୁଦ୍ଧତା ନାହିଁ। ବ୍ୟାକରଣ ଶୁଦ୍ଧତା ଆଦୌ ନାହିଁ କହିଲେ ଚଳେ। ଧୀରେ ଧୀରେ ଓଡ଼ିଆ ଭାଷାର ଶାଳୀନତା ହ୍ରାସ ପାଉଛି। ଭାଷାର ବର୍ଣ୍ଣ ଶୁଦ୍ଧି/ଅଶୁଦ୍ଧି ବି ଦେଖାଯାଉ ନାହିଁ।

ବର୍ଣ୍ଣବୋଧ ପଢ଼ିଥିବା ଏବଂ ସ୍ୱରବର୍ଣ୍ଣ ବ୍ୟଞ୍ଜନବର୍ଣ୍ଣ ସହିତ ମାତ୍ରା, ଫଳାକୁ ଯେ ସଠିକ ଭାବରେ ହାସଲ କରିଛି ସେ କେବେ ମାତୃଭାଷାରେ ଦୁର୍ବଳ ନୁହଁ। ଯେ ଲେଖିବାର ଅଭ୍ୟାସ ବଳବତ୍ତର ରଖିଛି, ଖବରକାଗଜଠାରୁ ଆରମ୍ଭ କରି ଉପନ୍ୟାସ, ଗଳ୍ପ, କାହାଣୀ, ପତ୍ରପତ୍ରିକା ପଠନରେ ମନୋନିବେଶ କରିଛି ସେ ନିଶ୍ଚିତ ଭାଷାର ବ୍ୟବହାର ଜାଣିଛି। ବିଦ୍ୟାଳୟରେ ଶିକ୍ଷାଦାନ କରୁଥିବା ଶିକ୍ଷକ/ଶିକ୍ଷୟତ୍ରୀ ଯଦି ମୂଳରୁ ପିଲାମାନଙ୍କୁ ବର୍ଣ୍ଣବୋଧର ବର୍ଣ୍ଣକୁ ସଠିକ ଭାବରେ ଶିକ୍ଷା ଦେଇଥିବେ, ହସ୍ତାକ୍ଷର ଠାରୁ ଆରମ୍ଭ କରି ସଂଶୋଧନ କାର୍ଯ୍ୟ କରିଥିବେ, ତେବେ ଭାଷାରେ ଛାତ୍ରଛାତ୍ରୀ ଦୁର୍ବଳ ହେବେ କାହିଁକି? କିନ୍ତୁ ଯଦି ମୂଳରୁ 'ମାନେବହି'ର ସାହାରା ଏକମାତ୍ର ଲକ୍ଷ୍ୟ ହୁଏ, ତେବେ ଭାଷାର ବିକାଶ ହେବ କେମିତି! ଘରର ମୂଳଦୁଆ ଯେଉଁଠି ଦୁର୍ବଳ, ତା' ଉପରେ କୋଠାଘରର ସ୍ୱପ୍ନ କଳ୍ପନା କରିବା ଅବାସ୍ତବ। ପ୍ରାଥମିକ ସ୍ତରରୁ ହିଁ ଏହି ଦୁର୍ବଳତା ଏବର ପିଢ଼ିଙ୍କୁ କବଳିତ କରିରଖିଛି।

ସ୍ମରଣ ରଖିବା ଉଚିତ ଯେ ଜାତିର ପରିଚୟ ହିଁ ତା'ର ଭାଷା। ଭାଷା ନାହିଁ ତ ମଣିଷ ନାହିଁ। ଭାଷା ମରିଗଲେ ମଣିଷ ବଞ୍ଚିବା କଷ୍ଟକର ହୋଇପଡ଼ିବ। ପ୍ରାୟ ଦଶହଜାର ବର୍ଷ ତଳର ଓଡ଼ିଆ ଭାଷା ଲିଖିତ ଭାବରେ ଦୁଇ ହଜାର ପାଞ୍ଚଶହ ବର୍ଷ ତଳର। ଯେତେବେଳେ ଲିଖିତ ଭାଷା ନ ଥିଲା, ଅର୍ଥାତ୍ ଯେ ନିରକ୍ଷର ଥିଲା, ସେ ବି ଭାଷା ଜାଣିଥିଲା। ଓଡ଼ିଆ ଭାଗବତ ହେଉ କି ପୁରାଣ, ରାମାୟଣ ହେଉ କି ମହାଭାରତ ଶୁଣି ଶୁଣି ମନେ ରଖୁଥିଲା। ଭାବକୁ ପରିବ୍ୟାପ୍ତ କରି ନିଜର ଆବଶ୍ୟକତାକୁ ପରିପ୍ରକାଶ କରିବା ଥିଲା ମୂଳଲକ୍ଷ୍ୟ। ଓଡ଼ିଆ ଭାଷାର ପ୍ରକୃତ ବିକାଶ ଗଙ୍ଗବଂଶୀ ରାଜାମାନଙ୍କ ସମୟରେ ଘଟିଥିବାର ଜଣାଯାଏ। ଚୋଡ଼ଗଙ୍ଗଙ୍କ ସମୟରେ ମାଦଳା ପାଞ୍ଜିକୁ ବି ଓଡ଼ିଆ ଭାଷା ବିକାଶର ବାହକ ଭାବରେ ଗ୍ରହଣ କରାଯାଏ। ଏହାସହିତ ବିଭିନ୍ନ ସ୍ଥାନରେ ରହିଥିବା ଲୋକଗୀତ, ଲୋକନୃତ୍ୟରେ ବୋଲା ଯାଉଥିବା ସଙ୍ଗୀତ ଭାଷାର ବିକାଶରେ ସହାୟକ ହୋଇଥିଲା। ଖନା ବଚନ କୃଷି ଏବଂ ଜ୍ୟୋତିଷ ଶାସ୍ତ୍ର ସମ୍ପର୍କରେ ବିସ୍ତୃତ ଭାବରେ ଲିଖିତ ହୋଇଥିବା ବେଳେ ଏହା ଥିଲା ଓଡ଼ିଆ ଭାଷା ବିକାଶର ଅନ୍ୟ ଏକ ସାହାରା। ଓଡ଼ିଆ ଭାଷାର ପ୍ରକୃତ ଉତ୍ପତ୍ତି ସାରଳା ଦାସଙ୍କ ଲିଖିତ ମହାଭାରତଙ୍କୁ ହିଁ ଅୟମାରମ୍ଭ ବୋଲି କୁହାଯାଏ। ବିଲଙ୍କା ରାମାୟଣ, ଅଠର ଖଣ୍ଡ ମହାଭାରତ ଏବଂ ଚଣ୍ଡିପୁରାଣ ଓଡ଼ିଆ ଭାଷାର ବିକାଶ ସମ୍ପର୍କରେ ଉଲ୍ଲେଖ କରିଥାଏ। ଜଗନ୍ନାଥ ଦାସଙ୍କ 'ଓଡ଼ିଆ ଭାଗବତ' ଏବଂ ବତ୍ସଦାଶଙ୍କ 'କଳସ ଚଉତିଶା', ମାର୍କଣ୍ଡଦାସଙ୍କ 'କେଶବ କୋଇଲି', ନାରାୟଣ ନନ୍ଦ ଅବଧୂତ ସ୍ୱାମୀଙ୍କର 'ରୁଦ୍ରସୁଧାନିଧି' ବି ଓଡ଼ିଆ ଭାଷାର ବିକାଶର ସହାୟକ। ସବୁଠାରୁ ଅଧିକ ଲୋକପ୍ରିୟ ଏବଂ ପ୍ରସାର-ପ୍ରଚାର କରିବାରେ ସହାୟକ ହୋଇଥିଲା ଆଞ୍ଚଳିକ ଭିତ୍ତିରେ ଅନୁଷ୍ଠିତ ସାଂସ୍କୃତିକ ଓ ପାରମ୍ପରିକ କଥାକୁ ନେଇ ପ୍ରଚଳିତ ଲୋକଗୀତ, ବୋଲି, ଲୋକନୃତ୍ୟ, ଦଣ୍ଡ, ବଣ୍ଟି, ଘୋଡ଼ା ନାଚ, ଦାସକାଠିଆ ପ୍ରଭୃତି। ସବୁକିଛି ଏବେ ସ୍ୱପ୍ନ ପାଲଟି ଯାଇଛି।

ଓଡ଼ିଶା ମାଟିରେ ଓଡ଼ିଆ ଭାଷା କ୍ରମଶଃ ଲୁକ୍କାୟିତ ହେବାରେ ଲାଗିଛି। ମାତୃଭାଷା ଦୁର୍ବଳ ହେବାରେ ଲାଗିଛି। ପ୍ରଶ୍ନ ସବଳ ହେବ କିପରି? କୁମ୍ଭକାର କର୍ମ ଯଦି ତ୍ରୁଟିପୂର୍ଣ୍ଣ ହୁଏ, ମାଟିପାତ୍ର ଭାଙ୍ଗିବା ସାର। ମାଟିରେ ଗୋଡ଼ି କିମ୍ବା ଅଦରକାରୀ ପଦାର୍ଥ ମିଶିଲେ ପାତ୍ରରେ ପାଣି ଗଳିବା ସାର। ମାଟିପାତ୍ର ଭଲରେ ପୋଡ଼ା ନଗଲେ ଭାଙ୍ଗିବା ସାର। ଏଠି ଦୋଷ କାହାର? ମାଟିର ନା କୁମ୍ଭାରର? ମୂର୍ତ୍ତି ଗଢ଼ିବାର ମଣିଷଟି ମାଟିର ପାତ୍ରଟି ଗଢ଼ିବା ପୂର୍ବରୁ ବାରମ୍ବାର ମାଟିକୁ ଚକଟି ପ୍ରସ୍ତୁତ କରିବା ଦରକାର। ନଚେତ ମାଟିର ପାତ୍ରରେ ପାଣିଗଳିବା ସାର। ହୁଏତ ଷ୍ଟିଲ ପାତ୍ର ବ୍ୟବହାର କରାଯାଇପାରେ। କିନ୍ତୁ ଷ୍ଟିଲପାତ୍ରରେ 'ପଣ୍ଡା' ନୁହଁ କେବଳ ଅନୁସାର ଦେଇ 'ପଂଡା' ଲେଖିହେବ। ସେତେବେଳେ ଓଡ଼ିଆ ଭାଷା ବିନ୍ୟାସ କେବଳ ପୋଥିରେ ରହିବା ସାର। ତେଣୁ ଏବେଠୁ ସଚେତନ ହେବା ଦରକାର। ●

ଢେଙ୍କାନାଳ, ମୋ: ୯୪୩୭୨୯୦୨୮୧

## ପଦ୍ମସମ୍ଭବଙ୍କ ତିବ୍ବତ ଯାତ୍ରା

**ପ୍ରବୀର କୁମାର ପଟ୍ଟନାୟକ**

(ପୂର୍ବପ୍ରକାଶିତ ଉତ୍ତାରୁ...)

ଶାନ୍ତରକ୍ଷିତ ରାଜାଙ୍କ ନିମନ୍ତ୍ରଣ ରକ୍ଷା କରି ତିବ୍ବତ ଯାଇ ବୌଦ୍ଧ ଧର୍ମର ପ୍ରଚାର ପ୍ରସାର କାର୍ଯ୍ୟ ଆରମ୍ଭ କରିଥିଲେ। ସେ ମହାଯାନ ଶାଖାର ମାଧ୍ୟମିକ ସମ୍ପ୍ରଦାୟର ଆଚାର୍ଯ୍ୟ ଥିବାରୁ ସମ୍ଭବତଃ ଅତ୍ୟନ୍ତ କଠିନ ଶୂନ୍ୟବାଦୀ ବୌଦ୍ଧଧର୍ମର ବାଣୀ ତଥା ରୀତିନୀତିର ପ୍ରଚାର କରିବାରୁ ତାହା ଲୋକମାନଙ୍କୁ ଆକର୍ଷିତ କରିପାରିଲା ନାହିଁ। ଏଣେ ସେ ସମୟକୁ ତିବ୍ବତ ଏକ ପ୍ରାକୃତିକ ଦୁର୍ବିପାକରେ ସମ୍ମୁଖୀନ ହେଲା। ଏହି ସବୁ ନକାରାତ୍ମକ ପରିବେଶରେ ଶାନ୍ତରକ୍ଷିତଙ୍କ ଉଦ୍ୟମ ବିଫଳ ହେଲା। ଅନ୍ୟପକ୍ଷରେ ଶାନ୍ତରକ୍ଷିତ ରାଜାଙ୍କୁ ତାନ୍ତ୍ରିକ ବୌଦ୍ଧଧର୍ମ ବଜ୍ରଯାନର ବିଚକ୍ଷଣ ଆଚାର୍ଯ୍ୟ ତଥା ତାଙ୍କର ଶ୍ୟାଳକ ପଦ୍ମସମ୍ଭବଙ୍କୁ ଏହି ଧର୍ମପ୍ରଚାର କାର୍ଯ୍ୟ ପାଇଁ ନିମନ୍ତ୍ରଣ ଜଣାଇବାକୁ ପରାମର୍ଶ ଦେଲେ। ରାଜା ଏହି ପରାମର୍ଶ ଗ୍ରହଣ କରି ପଦ୍ମସମ୍ଭବଙ୍କୁ ନିମନ୍ତ୍ରଣ କରିବା ନିମନ୍ତେ ତିନିଜଣିଆ ପ୍ରତିନିଧି ଦଳକୁ ବିନୀତ ନିବେଦନ ସହ ପଦ୍ମସମ୍ଭବଙ୍କ ନିକଟକୁ ପଠାଇଲେ। ସେତେବେଳେ ପଦ୍ମସମ୍ଭବ ନାଳନ୍ଦା ବିଶ୍ୱବିଦ୍ୟାଳୟରେ ତନ୍ତ୍ର ବିଭାଗର ଆଚାର୍ଯ୍ୟ ଭାବେ ଅଧିଷ୍ଠିତ ଥିଲେ। ସେ ଅତ୍ୟନ୍ତ ଆଦରର ସହ ନିମନ୍ତ୍ରଣକୁ ସ୍ୱୀକାର କଲେ।



ଦ୍ୱିତୀୟ-ବୁଦ୍ଧ କଥା

ତିବ୍ବତୀୟ ପଞ୍ଜିକା ଅନୁଯାୟୀ ପୁରୁଷ-ବ୍ୟାଘ୍ର ବର୍ଷର ଏକାଦଶ ମାସର ପଞ୍ଚଦଶ ଦିବସରେ ପଦ୍ମସମ୍ଭବ ତିବ୍ବତ ଯାତ୍ରାରମ୍ଭ କଲେ। ଏହାଥିଲା ଖ୍ରୀ୭୪୬ର ଘଟଣାକ୍ରମ। ସେହି ମାସର ତ୍ରୟୋଦଶ ଦିବସରେ ସେ ନେପାଳରେ ପହଞ୍ଚିଲେ ଏବଂ ସେଠାକାର ରାଜା ବସୁଧରଙ୍କ ଆତିଥ୍ୟରେ ସେଠାରେ ତିନିମାସ ରହିଲେ। ଏହି ସମୟରେ ତାଙ୍କ ସହିତ ଯାଇଥିବା ପ୍ରତିନିଧି ଦଳଙ୍କୁ ରକ୍ଷାକବଚସୂଚକ ଆଶୀର୍ବାଦ ସହ ଆଗୁଆ ତିବ୍ବତ ପଠାଇଦେଲେ। ନେପାଳରେ ରହଣି ସମୟରେ ବିଭିନ୍ନ ବୌଦ୍ଧବିହାର ପରିଦର୍ଶନ ସହ ବୌଦ୍ଧଧର୍ମର ପ୍ରଚାର ପ୍ରସାର କଲେ। ଏହାପରେ ସେ ତିବ୍ବତ ଯାତ୍ରା ଆରମ୍ଭ କଲେ।

ତାଙ୍କର ପ୍ରଥମ ବିଶ୍ରାମସ୍ଥଳ ଥିଲା ଲାସାଠାରୁ ବାର ମାଇଲ ଦୂର ତୋଡ୍-ଲୁଙ୍ଗ ନାମକ ସ୍ଥାନ। ତିବ୍ବତ ରାଜା ସେଠାରୁ ପାଞ୍ଚଶହ ଘୋଡ଼ା ସବାର ସହ ଦୁଇଜଣ ମନ୍ତ୍ରୀଙ୍କୁ ପଦ୍ମସମ୍ଭବଙ୍କୁ ସ୍ୱାଗତ ଜଣାଇବା ପାଇଁ ଆବଶ୍ୟକ ସ୍ୱାଗତପତ୍ର ଓ ଉପହାର ସହ ସେଠାକୁ ପଠାଇଥିଲେ। ରାଜା ପଦ୍ମସମ୍ଭବଙ୍କୁ ତୋଡ୍-ଲୁଙ୍ଗ ଠାରୁ ଲାସା ନେବା ପାଇଁ ସାଜସଜା ସହକାରେ ନିଜର ଅଶ୍ୱକୁ ମଧ୍ୟ ପଠାଇଥିଲେ। ସେହିସ୍ଥାନରେ ପାନୀୟ ଜଳ ଉପଲବ୍ଧ ନଥିବାରୁ ସ୍ୱାଗତକାରୀ ଦଳ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। କୁହାଯାଏ ପଦ୍ମସମ୍ଭବ ଗୋଟିଏ ବାଡ଼ି ଉଠାଇ ପଥରଟିଏକୁ ଠୁକି ଦେବାରୁ ସଙ୍ଗେସଙ୍ଗେ ସେଠାରୁ ସ୍ୱଚ୍ଛ ଜଳର ଉତ୍ସଟିଏ ସୃଷ୍ଟି ହୋଇ ସମସ୍ତଙ୍କର ତୃଷା ମେଣ୍ଟାଇଥିଲା।

ରାଜା ନିଜେ ପଦ୍ମସମ୍ଭବଙ୍କୁ ସ୍ୱାଗତ ଜଣାଇବା ନିମନ୍ତେ ଲାସାଠାରୁ ସାତ/ଆଠ ମାଇଲ ଦୂରସ୍ଥ ହାଓପୋରି ଗିରସଙ୍କଟ ସନ୍ନିକଟ ଜୁଙ୍ଗ-କର ନାମକ ସ୍ଥାନ ନିକଟକୁ ଆସିଥିଲେ। ସେଠାରେ ସ୍ଥାନୀୟ ଅଧିବାସୀମାନେ ମଧ୍ୟ ଆଚାର୍ଯ୍ୟଙ୍କୁ ସ୍ୱାଗତ ସମ୍ମାନ ଜଣାଇବା ସକାଶେ ବହୁସଂଖ୍ୟାରେ ରୁଣ୍ଡ ହୋଇଥିଲେ। ଆଚାର୍ଯ୍ୟ ପଦ୍ମସମ୍ଭବଙ୍କୁ ସେଠାରେ ରାଜା-ମନ୍ତ୍ରୀ-ପ୍ରଜା ସମସ୍ତେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜଣାଇବା ସହ ଏକ ବିଶାଳ ତଥା ଆଡ଼ମ୍ବରପୂର୍ଣ୍ଣ ଶୋଭାଯାତ୍ରାରେ ଲାସାକୁ ନିଆଯାଇଥିଲା। ଏହିଭଳି ଭାବେ ପଦ୍ମସମ୍ଭବ ତିବ୍ବତରେ ଖ୍ରୀ୭୪୭ ବସନ୍ତ ଋତୁ ଆରମ୍ଭ ବେଳକୁ ପହଞ୍ଚିଥିଲେ।(କ୍ରମଶଃ...) ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପ୍ରକାଶ ପାଇଲା ମାତୃତ୍ୱ ଛୁଟି ବିଜ୍ଞପ୍ତି

**ଭୁବନେଶ୍ୱର,୩୦।୫(ସମିସ):** ଜଣେ ମହିଳା ସରକାରୀ କର୍ମଚାରୀ ଦୁଇଟିରୁ କମ୍ ଜୀବିତ ପିଲାଙ୍କ ପାଇଁ, ମାତୃତ୍ୱ ସମୟରେ ୧୮୦ ଦିନ ପର୍ଯ୍ୟନ୍ତ ଛୁଟି ପାଇବାର ନିୟମ ରହିଥିବା ବେଳେ ଏହାର ଅବଧି, ଜଣେ ମହିଳା ସରକାରୀ କର୍ମଚାରୀ ଶିଶୁ ଜନ୍ମ ସମୟରେ ସରକାରୀ ସେବାରେ ନ ଥାଇ ପରବର୍ତ୍ତୀ ସମୟରେ ମାତୃତ୍ୱ ଛୁଟି ନେଇପାରିବେ କି ନାହିଁ ସେ ବିଷୟରେ ରହିଥିବା ଦ୍ୱନ୍ଦ୍ୱକୁ ଦୂର କରିଛନ୍ତି ରାଜ୍ୟ ସରକାର। ମାତୃତ୍ୱ ଛୁଟି ସମ୍ପର୍କିତ ନୂତନ ପ୍ରାବଧାନ ଆଣିବା ପାଇଁ ସରକାର ସ୍ପଷ୍ଟୀକରଣ ଓ ମାର୍ଗଦର୍ଶିକା ଜାରୀ କରିଛନ୍ତି।

ଏହି ମାର୍ଗଦର୍ଶିକା ଅନୁସାରେ, ଜଣେ ମହିଳା କର୍ମଚାରୀ ପ୍ରସବ ତାରିଖର ତିନି ମାସ ପୂର୍ବରୁ ଏବଂ ପ୍ରସବ ତାରିଖର ଛଅମାସ ମଧ୍ୟରେ ୧୮୦ଦିନର ମାତୃତ୍ୱ ଛୁଟି ନେଇପାରିବେ। କିନ୍ତୁ ଜଣେ ସରକାରୀ କର୍ମଚାରୀ ଯଦି ଶିଶୁ ଜନ୍ମ ହେବା ସମୟରେ ସରକାରୀ ସେବାରେ ନ ଥିବେ, ତେବେ ସେବାରେ ଯୋଗଦେବା ପରେ ଶିଶୁଟିକୁ ଛଅ ମାସ ହେବା ପର୍ଯ୍ୟନ୍ତ ମାତୃତ୍ୱ ଛୁଟି ନେଇପାରିବେ। ତେଣୁ ଏକ୍ଷେତ୍ରରେ ଛୁଟିର ଅବଧି ୧୮୦ ଦିନରୁ କମ୍ ରହିବ। ସେହିପରି ମାତୃତ୍ୱ ଛୁଟିରେ ଥିବା ସମୟରେ ଯଦି ଗର୍ଭପାତ କିମ୍ବା ଜନ୍ମିତ ଶିଶୁର ମୃତ୍ୟୁ (ଜନ୍ମର ୨୮ଦିନ ମଧ୍ୟରେ) ହୁଏ କିମ୍ବା

- **ସେବାରେ ଯୋଗଦେବା ପରେ ଶିଶୁକୁ ଛଅ ମାସ ହେବା ପର୍ଯ୍ୟନ୍ତ ନେଇପାରିବେ ଛୁଟି**
- **ଯେକୌଣସି ସରକାରୀ ସ୍ୱୀକୃତିପ୍ରାପ୍ତ ଚିକିତ୍ସାଳୟରେ ପ୍ରସବ ହୋଇଥିବା ଆବଶ୍ୟକ**

ମୃତ ଶିଶୁ ଜନ୍ମ ହୁଏ, ତେବେ ତାଙ୍କର ମାତୃତ୍ୱ ଛୁଟିର ଅବଧି ସେହି ଦୁର୍ଘଟଣା ଦିନଠାରୁ ୪୨ଦିନ ପର୍ଯ୍ୟନ୍ତ ରହିବ। ଯଦି ଶିଶୁର ମୃତ୍ୟୁ ଜନ୍ମର ୨୯ ଦିନରୁ ୧୨୦ ଦିନ ମଧ୍ୟରେ ହୁଏ, ତେବେ ସେହି ଦିନଠାରୁ ୧୪ଦିନ ପର୍ଯ୍ୟନ୍ତ ଛୁଟି ରହିବ। ଯଦି ମାତୃତ୍ୱ ଛୁଟି ଅବଧି ଶେଷ ହୋଇଯାଇଥିବ, ତେବେ ସେ ଅଧିକ ୧୪ ଦିନର ଛୁଟି ପାଇବେ କିମ୍ବା ମାତୃତ୍ୱ ଛୁଟିର ଅବଧି ଦୁର୍ଘଟଣା ଦିନଠାରୁ ୧୪ ଦିନ ଭିତରେ ଶେଷ ହୋଇଯାଇଥିବ, ତେବେ ୧୪ ଦିନରୁ ବଳକା ରହିଥିବା ଦିନର ଅଧିକ ମାତୃତ୍ୱ ଛୁଟି ପାଇବେ। ପୂର୍ବରୁ ଯେତେଥର ମାତୃତ୍ୱ ଛୁଟି ନେଇଥିଲେ ବି ଜଣେ ମହିଳା ସରକାରୀ କର୍ମଚାରୀ ତାଙ୍କର ଦ୍ୱିତୀୟ ଜୀବିତ ସନ୍ତାନ ରଖିବା ପାଇଁ ବାରମ୍ବାର ଛୁଟି ନେଇପାରିବେ। ଏହାସହ ମାତୃତ୍ୱ ଛୁଟି ସମୟରେ ଉଚ୍ଚ ପଦବୀକୁ ପଦୋନ୍ନତି ଦିଆଯାଏ, ତେବେ ସେ ଉଚ୍ଚ ପଦବୀରେ ଯୋଗଦେଲେ ବୋଲି ସଂପୃକ୍ତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଚିଠି ମାଧ୍ୟମରେ ଜଣାଇବେ। ଅର୍ଥାତ୍ ସେହିଦିନରୁ ସେ ଉଚ୍ଚ ପଦବୀରେ ଯୋଗଦେଲେ ବୋଲି ଧରାଯିବ। ଏହାସହ ତାଙ୍କର ମାତୃତ୍ୱ ଛୁଟିର ଅବଶିଷ୍ଟ ଅବଧି ନିରବଚ୍ଛିନ୍ନ ଭାବେ ନେଇପାରିବେ ଏବଂ ମାତୃତ୍ୱ ଛୁଟି ଏକକାଳୀନ ଅବା ବିଭିନ୍ନ ପର୍ଯ୍ୟାୟରେ ନେଇପାରିବେ। ତେବେ ମାତୃତ୍ୱ ଛୁଟି ଲାଭ କରିବା ପାଇଁ ସନ୍ତାନ ପ୍ରସବ ଯେକୌଣସି ସରକାରୀ ସ୍ୱୀକୃତିପ୍ରାପ୍ତ ଚିକିତ୍ସାଳୟରେ ହେବା ଆବଶ୍ୟକ ବୋଲି ମାର୍ଗଦର୍ଶିକାରେ ଉଲ୍ଲେଖ କରାଯାଇଛି।

# ବିପଦ ବଢ଼ାଇବ ମୌସୁମୀ ବ୍ରେକ୍

**ରାଜ୍ୟରେ ହେବ ଭୀଷଣ ବଜ୍ରପାତ ● ଚାଷୀଙ୍କୁ ସୁରକ୍ଷିତ ରହିବାକୁ ସତର୍କ ସୂଚନା**

**ଭୁବନେଶ୍ୱର, ୩୦।୫(ସମିସ):** ଅଟକିଗଲା ମୌସୁମୀ। ଯେଉଁ ଗତିରେ ଓଡ଼ିଶାକୁ ମାଡ଼ି ମାଡ଼ି ଆସିଥିଲା, ସେଥିରେ ଏବେ ବ୍ରେକ୍ ଲାଗିଛି। ଆଉ ଆଗକୁ ବଢ଼ୁନି। ପ୍ରାୟ ଦୁଇ ସପ୍ତାହ ଧରି ଏମିତି ସ୍ଥାଣୁ ହୋଇ ରହିବ ମୌସୁମୀ। ଫଳରେ, ଆଗକୁ ରାଜ୍ୟରେ ବର୍ଷା କମିବ ଓ ପାଗ ଶୁଖିଲା ରହିବ। ଗଲା କିଛି ବର୍ଷ ହେବ, ମୌସୁମୀ ଓଡ଼ିଶା ଛୁଇଁବାର ମାସେରୁ ଦେଢ଼ମାସ ପରେ ଏପରି ସ୍ଥିତି ଅର୍ଥାତ୍ 'ମୌସୁମୀ ବ୍ରେକ୍' ହେଉଥିବା ବେଳେ ଚଳିତ ବର୍ଷ ଆରମ୍ଭରୁ ଏଭଳି ସ୍ଥିତି ସୃଷ୍ଟି ହେବା ରାଜ୍ୟ ପାଇଁ ଶୁଭଙ୍କର ନୁହେଁ ବୋଲି ପାଣିପାଗ ବିଜ୍ଞାନୀମାନେ ଚେତାଇ ଦେଲେଣି।

ସେମାନଙ୍କ କହିବା କଥା, ମୌସୁମୀ ବିରତି ସମୟରେ ବିଜୁଳି ଘଡ଼ିଘଡ଼ି ପାଇଁ ସ୍ଥିତି ଅନୁକୂଳ ରହିଥାଏ ଓ ଏହାର ମାତ୍ରା ବୃଦ୍ଧି ପାଏ। ମୌସୁମୀ ଦୁର୍ବଳ ଯୋଗୁଁ ବର୍ଷାର ପରିମାଣ କମିଥାଏ ଓ ତାପମାତ୍ରା ବୃଦ୍ଧି ହୁଏ। ଏହି ସମୟରେ ବଙ୍ଗୋପସାଗରରୁ ରାଜ୍ୟକୁ ଆସୁଥିବା ଜଳୀୟବାଷ୍ପପୂର୍ଣ୍ଣ ବାୟୁ ଉତ୍ତପ୍ତ ବାୟୁମଣ୍ଡଳ ସଂସ୍ପର୍ଶରେ ଆସି ବଜ୍ରପାତ ସୃଷ୍ଟି କରିଥାଏ। ଯେହେତୁ ରାଜ୍ୟରେ ଗଲା କିଛି ଦିନ ମଧ୍ୟରେ ଭଲ ବର୍ଷା ହୋଇଛି, ତେଣୁ ଚାଷ କାମ ପାଇଁ ଚାଷୀମାନେ କ୍ଷେତରେ ରହିବାର ସମ୍ଭାବନା ରହିଛି। ତେଣୁ ଏହି ସମୟରେ ଚାଷୀଙ୍କ ପାଇଁ ବଜ୍ରପାତର ଅଧିକ ବିପଦ ଆଶଙ୍କା ସୃଷ୍ଟି ହୋଇଛି। ଏହାକୁ ଦୃଷ୍ଟିରେ ରଖି ଚାଷୀମାନଙ୍କୁ ଯଥେଷ୍ଟ ସତର୍କତାମୂଳକ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି।

ସାଧାରଣତଃ ମୌସୁମୀ ସହ ଜଡ଼ିତ ନିମ୍ନଚାପରେଖା ଉତ୍ତରମୁହାଁ ହେଲେ ଓଡ଼ିଶା ସମେତ କେନ୍ଦ୍ରୀୟ ଭାରତରେ ବର୍ଷା କମିଥାଏ। ନିମ୍ନଚାପ ରେଖା ଏହି ସମୟରେ ଉତ୍ତରମୁହାଁ ହୋଇ ହିମାଳୟ ପାଦଦେଶରେ ସକ୍ରିୟ ରହିବା ସହ ସେଠାରେ ବର୍ଷା କରାଏ। ସେହିପରି ମୌସୁମୀ ବିରତି ସମୟରେ ପଶ୍ଚିମାଝଡ଼ର ପ୍ରଭାବ ରହିଲେ, ଏହି ବିରତି ଅବଧି ବୃଦ୍ଧି ହେବାକୁ ସହାୟକ ହୋଇଥାଏ। ତେବେ ଚଳିତ ବର୍ଷ ସାରା ଦେଶକୁ ମୌସୁମୀ ଅଗ୍ରସର ହୋଇ ନ ଥିବା ସତ୍ତ୍ୱେ ମୌସୁମୀ ବିରତି ଆରମ୍ଭ ହୋଇଯାଇଛି। ମୁଖ୍ୟତଃ ଆରବସାଗର ଓ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଦୁଇଟି ଲଘୁଚାପ ସ୍ୱାଭାବିକଠୁ ଯଥେଷ୍ଟ ଆଗରୁ ମୌସୁମୀକୁ ଟାଣି ଆଣିଥିଲେ ମଧ୍ୟ ଏହାର କ୍ରମାଗତ ପ୍ରଭାବ ଜାରି ରହିବାରେ ଆହ୍ୱାନ ସୃଷ୍ଟି ହୋଇଛି। ଚଳିତ ବର୍ଷ ଉତ୍ତର ଆଫଗାନୀସ୍ତାନରେ ପଶ୍ଚିମା ଝଡ଼ ଓ ଏହା ପଛକୁ ସୃଷ୍ଟି ହେବାକୁ ଥିବା ଆଉ ଏକ ପଶ୍ଚିମା ଝଡ଼ ମୌସୁମୀକୁ ଆଗରେ ପ୍ରତିବନ୍ଧକ ହୋଇଛି। ଏହି ସ୍ଥିତି ଯୋଗୁଁ ମୌସୁମୀ ଆଗକୁ ଅଗ୍ରସର ହୋଇପାରୁ ନଥିବାରୁ ରାଜ୍ୟ ତଥା ଦେଶର ପ୍ରମୁଖ ସ୍ଥାନମାନଙ୍କରେ ପାଗ ଶୁଖିଲା ରହିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ତେଣୁ ଶନିବାରଠାରୁ ରାଜ୍ୟର ଆଉ କୌଣସି ଜିଲ୍ଲା ପାଇଁ ବର୍ଷା ଜନିତ ସତର୍କ ସୂଚନା ଜାରି କରାଯାଇନାହିଁ।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ୩୦ତାରିଖ ସୁଦ୍ଧା ରାଜ୍ୟରେ ୨୨୧.୫ମିମି ବର୍ଷା ହୋଇସାରିଛି। କିଛି ଜିଲ୍ଲାରେ ସ୍ୱାଭାବିକଠୁ ଯଥେଷ୍ଟ ଅଧିକ ହୋଇଥିବା ବେଳେ କିଛିରେ ସ୍ୱାଭାବିକଠୁ ଅଧିକ ଓ ବାକି ଜିଲ୍ଲାରେ ସ୍ୱାଭାବିକ ବର୍ଷା ରହିଛି। ବର୍ଷା ୪୭୬.୮ ମିମି ତୁଳନାରେ ୨ ପ୍ରତିଶତ ଅଧିକ ରହିଛି। ଅନ୍ୟପଟେ, ଶନିବାରଠାରୁ ରାଜ୍ୟର ପ୍ରାୟ ସବୁ ଅଞ୍ଚଳରେ ବିଜୁଳି ଘଡ଼ଘଡ଼ିଜନିତ ସ୍ଥିତି ନେଇ ସତର୍କ ରହିବା ପାଇଁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଦିଆଯାଇଛି।

## ଅବଶିଷ୍ଟାଂଶ

### ସମ୍ପର୍କ ଛିନ୍ନ ପରେ...

ଏହା ପୂର୍ବରୁ ବମ୍ବେ ହାଇକୋର୍ଟ ତାଙ୍କ ବିରୋଧରେ ରୁଜୁ ମାମଲାକୁ ରଦ୍ଦ କରିବାକୁ ମନା କରି ଦେଇଥିଲେ। ପରେ ସେ ଏହା ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏବେ ହାଇକୋର୍ଟଙ୍କ ନିଷ୍ପତ୍ତିକୁ ପଲଟାଇ ସର୍ବୋଚ୍ଚ ନ୍ୟାୟାଳୟ ଆପରାଧିକ କାର୍ଯ୍ୟାନୁଷ୍ଠାନକୁ ବନ୍ଦ କରିଦେଇଛନ୍ତି। ଶୁଣାଣି ସମୟରେ ସୁପ୍ରିମକୋର୍ଟ ଅନୁଧ୍ୟାନ କରିଥିଲେ ଯେ ମାମଲାର ଏତଲା ୧୩ ମାସ ପରେ ରୁଜୁ ହୋଇଥିଲା। ଏତେ ବିଳମ୍ବରେ ରୁଜୁ ଏତଲାର ସତ୍ୟତା ଉପରେ ସନ୍ଦେହ ସୃଷ୍ଟି ହେଉଛି। ମହିଳାଙ୍କ ମେଡିକାଲ ରିପୋର୍ଟରେ ମଧ୍ୟ ଜୋର ଜବରଦସ୍ତି ଯୌନ ସମ୍ବନ୍ଧ କିମ୍ବା ଅପ୍ରାକୃତିକ ସମ୍ବନ୍ଧର ପ୍ରମାଣ ମିଳିନାହିଁ। ଅଭିଯୁକ୍ତ ଏବଂ ପୀଡ଼ିତା ବର୍ଷେରୁ ଅଧିକ ସମୟ ପର୍ଯ୍ୟନ୍ତ ସମ୍ବନ୍ଧରେ ଥିଲେ। ମହିଳା ତାଙ୍କ ସହ ଦୁଇ ଥର ଲଜ୍‌କୁ ମଧ୍ୟ ଯାଇଥିଲେ।

### ଗୋଟିଏ ସିଫ୍ଟରେ...

ଏକ୍ଜାମିନେସନ (ଏନବିଇ)କୁ ପର୍ଯ୍ୟାପ୍ତ କେନ୍ଦ୍ର ମିଳି ନାହିଁ କହିବା ଅନୁଚିତ। ଏହି ତର୍କକୁ ଗ୍ରହଣ କରାଯିବ ନାହିଁ। ୨ଟି ପ୍ରଶ୍ନପତ୍ରର ଜଟିଳତା ସ୍ତର ମଧ୍ୟ ସମାନ ହୋଇପାରିବ ନାହିଁ। କେବଳ ଜଟିଳ ମାମଲାରେ ନର୍ମାଲାଇଜେସନକୁ ବ୍ୟବହାର କରାଯିବା ଉଚିତ। ନିୟମିତ ପରୀକ୍ଷାରେ ଏହାକୁ ବ୍ୟବହାର କରା ନ ଯିବା ଆବଶ୍ୟକ। ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ନିଟ୍-ପିଜି ପରୀକ୍ଷା ଜୁନ୍ ୧୫ରେ ହେବ। ଏବେ ବି ପରୀକ୍ଷା କେନ୍ଦ୍ର ଆଦି ଚୟନ କରିବା ପାଇଁ ୨ ସପ୍ତାହରୁ ଅଧିକ ସମୟ ରହିଛି। ଏହା ସତ୍ତ୍ୱେ ଯଦି ଅଧିକ ସମୟ ଦରକାର ତେବେ ଆବେଦନ କରିବାକୁ ସୁପ୍ରିମକୋର୍ଟ କହିଛନ୍ତି।

### ଜେଲ୍ ଗଲେ ଇଡି...

ଜାଣିବାକୁ ପାଇଲେ ତାଙ୍କ ନାମରେ ଏକ କେସ୍ ପଞ୍ଜିକୃତ ହୋଇଛି। ଏପରିକି ୨୦୨୫ ଜାନୁଆରୀ ୮ ତାରିଖରେ ତାଙ୍କ ଅଫିସରେ ମଧ୍ୟ ଇଡି ଚଢ଼ଉ କରିଥିଲା। ଏହି ମାମଲାରେ ଗତ ମାର୍ଚ୍ଚ ମାସରେ ସମନ୍ ପାଇ ସେ ଇଡି କାର୍ଯ୍ୟାଳୟରେ ହାଜର ହୋଇଥିଲେ। ସେ ଡେପୁଟି ଡାଇରେକ୍ଟରଙ୍କ ଚାମ୍ବରରେ ପହଞ୍ଚିବା ପରେ ତାଙ୍କୁ ମଧ୍ୟ ପଚରାଉଚରା କରାଯାଇଥିଲା। ପରେ ତାଙ୍କୁ ଇଡି କାର୍ଯ୍ୟାଳୟରେ ଭକ୍ତି ବେହେରାଙ୍କ ସହ ପରିଚିତ କରାଯାଇଥିଲା। ଭକ୍ତିଙ୍କ ସହ ଘଟଣା ସମ୍ପର୍କରେ ଯୋଗାଯୋଗରେ ରହିବାକୁ ତାଙ୍କୁ କୁହାଯାଇଥିଲା। ସେବେଠୁ ସେହି ତୃତୀୟ ବ୍ୟକ୍ତିଙ୍କ ଜରିଆରେ ଗତ ମେ ମାସ ୨୬ ତାରିଖରେ ସେ ଏକ ହୋଟେଲରେ ଭେଟଘାଟ ହୋଇଥିଲେ। କେସ୍‌ରୁ ମୁକାଲିବା ଓ ଅଯଥା ସମନ୍‌ରୁ ବର୍ତ୍ତିବାକୁ ତାଙ୍କୁ ଇଡି ଅଧିକାରୀ ଜଣକ ୫ କୋଟି ଟଙ୍କାର ଲାଞ୍ଚ ମାଗିଥିଲେ ବୋଲି ରତିକାନ୍ତ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଫୋନ ଯୋଗେ ସେହି ତୃତୀୟ ବ୍ୟକ୍ତି ଚିନ୍ତନ ରଘୁବଂଶୀଙ୍କ ସହ କଥା କରାଇଥିଲେ। ପରେ ୨ କୋଟି ଦେବା ପାଇଁ ସେ ରାଜି ହୋଇଥିଲେ। ଅଗ୍ରୀମ ଭାବେ ୫୦ ଲକ୍ଷ ଟଙ୍କା ଓ ପରେ ଦେବା ପାଇଁ ବିଲ୍ ଅନୁସାରେ କଥା ଛିଡ଼ିଥିଲା। ଗତ ୨୮ ମେ'ରେ ତାଙ୍କୁ ଲାଞ୍ଚ ଟଙ୍କା ଦେବା ପାଇଁ କୁହାଯାଇଥିଲା। ଯାହାକୁ ଆଧାର କରି ସେ ସିବିଆଇକୁ ଜଣାଇବା ପରେ ସିବିଆଇ ପଦକ୍ଷେପ ନେଇଥିଲା। ଭୁବନେଶ୍ୱରରେ ସିବିଆଇର ଜଣେ ଅଫିସରଙ୍କ ନେତୃତ୍ୱରେ ଏପରି ଲାଞ୍ଚ କାରବାର ଧରପଗଡ଼ ପାଇଁ ପୂର୍ବରୁ ଯୋଜନା ହୋଇଥିଲା। ଯୋଜନା ମୁତାବକ ରତିକାନ୍ତ ଗତକାଲି ରଙ୍ଗବୋଳା ଟଙ୍କା ନେଇ ଭୁବନେଶ୍ୱର ନୟାପଲ୍ଲୀ ଇଡି ଅଫିସରେ ଉପନିର୍ଦ୍ଦେଶକଙ୍କୁ ଦେବା ପାଇଁ ଯାଇଥିବା ବେଳେ ସିବିଆଇ ଟିମ୍ ଜଗି ରହିଥିଲେ। ସେଠାରେ ଲାଞ୍ଚ ଟଙ୍କା ନେବା ସମୟରେ ସିବିଆଇ ଅଧିକାରୀ ମାଡ଼ି ବସିଥିଲେ। ଉପନିର୍ଦ୍ଦେଶକ ରଘୁବଂଶୀ ଏବଂ ମଧ୍ୟସ୍ଥି ଭକ୍ତିଙ୍କ ଘର ସମେତ ଅଫିସ ଓ ଅନେକ ସ୍ଥାନରେ ମଧ୍ୟ ସିବିଆଇ ପକ୍ଷରୁ ଚଢ଼ଉ କରାଯାଇଛି।

### ସିକିମ୍‌ରେ ନଦୀକୁ...

ଗାଡ଼ିରେ ଆଗପଛ ହୋଇ ଫେରୁଥିଲେ। ପଛ ଗାଡ଼ିଟି ରାତ୍ରିରେ ଘାଟିରୁ ତଳକୁ ଖସିବା ସମୟରେ ଭାରସାମ୍ୟ ହରାଇ ଖାଇକୁ ଖସି ତିସ୍ତା ନଦୀରେ ପଡ଼ିଥିଲା। ଅନ୍ୟ ଗାଡ଼ିଟି ଆଉ ୫ଜଣଙ୍କୁ ନେଇ ଆଗକୁ ଚାଲିଯାଇଥିବାରୁ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲା। ଏହି ପର୍ଯ୍ୟଟକ ଦଳରେ ପଶ୍ଚିମବଙ୍ଗର ମଧ୍ୟ କିଛି ଯାତ୍ରୀ ଥିବା ସୂଚନା ମିଳିଛି।

ଦୁର୍ଘଟଣାର ସୂଚନା ପାଇବା ପରେ ଭାରତୀୟ ସେନା, ଆଇଟିବିପି, ସିକିମ ପୁଲିସ ଏବଂ ସ୍ଥାନୀୟ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ରାତାରାତି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ବୁଡାଳି ଏବଂ ଦକ୍ଷ ଉଦ୍ଧାରକାରୀ ଦଳକୁ ମଧ୍ୟ ମୁତୟନ କରାଯାଇଛି। ଦୁର୍ଘଟଣାଗ୍ରସ୍ତ ଅଞ୍ଚଳକୁ କର୍ଡନ କରି ଦିଆଯାଇଛି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଲାଚେନ-ଲାଚୁଙ୍ଗ ମାର୍ଗରେ ନଆସିବା ପାଇଁ ଯାତ୍ରୀଙ୍କୁ ପରାମର୍ଶ ଦିଆଯାଇଛି।

ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ସ୍ୱତନ୍ତ୍ର ଟିମ୍‌କୁ ଘଟଣାସ୍ଥଳକୁ ଯିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେ ସିକିମ ମୁଖ୍ୟମନ୍ତ୍ରୀ ପ୍ରେମସିଂହ ତମାଙ୍ଗ ସହ ମଧ୍ୟ କଥା ହୋଇଛନ୍ତି। ଓଡ଼ିଶା ଯାତ୍ରୀଙ୍କ ବିଷୟରେ ପଚାରି ବୁଝିଛନ୍ତି। ଶ୍ରୀ ମାଝୀ ଯାତ୍ରୀଙ୍କ ସୁରକ୍ଷା ଏବଂ ଚିକିତ୍ସାକୁ ଗୁରୁତ୍ୱ ଦେଇଛନ୍ତି। ସିକିମ ଯାତ୍ରୀ କରିଥିବା ଓଡ଼ିଶା ପର୍ଯ୍ୟଟକଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ପାଇଁ ବ୍ୟବସ୍ଥା କରିବାକୁ ଶ୍ରୀ ମାଝୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ଜନଗଣନା ପୂର୍ବରୁ...

ଅନୁସୂଚୀତ ଜାତି, ଜନଜାତି ଓ ପଛୁଆ ଜାତିମାନଙ୍କ ପାଇଁ ଦୀର୍ଘବର୍ଷ ହେଲା ସଂରକ୍ଷଣ ହେବା ସତ୍ତ୍ୱେ ଏହି ବର୍ଗର ବୃହତ୍ ଅଂଶ ଏଥିରୁ ଉପକୃତ ହୋଇ ପାରୁନାହାନ୍ତି । ଅନ୍ୟପକ୍ଷରେ ନିର୍ଦ୍ଦିଷ୍ଟ ଭାବରେ କିଛି ଗୋଷ୍ଠୀ ପିଢ଼ି ପରେ ପିଢ଼ି ସଂରକ୍ଷଣଦ୍ୱାରା ଫାଇଦା ପାଉଛନ୍ତି। ଏ ସମ୍ପର୍କରେ ଏକ ଜାତୀୟ ନୀତି ପ୍ରସ୍ତୁତ କରାଯିବା ପାଇଁ ସବୁ ରାଜନୈତିକ ଦଳ ସହ କେନ୍ଦ୍ର ସରକାର ଆଲୋଚନା କରିବେ ବୋଲି ସୂଚନା ମିଳିଛି ।

ନିକଟରେ ବସିଥିବା ସ୍ୱରାଷ୍ଟ୍ର ମନ୍ତ୍ରାଳୟ ଏବଂ ସାମାଜିକ ନ୍ୟାୟ ମନ୍ତ୍ରାଳୟର ବୈଠକରେ ରାଜନୈତିକ ଦଳଙ୍କ ପ୍ରସ୍ତାବ ଏବଂ ଅଭିଯୋଗକୁ ଆଧାର କରି ଜାତି ତାଲିକା ଚୂଡ଼ାନ୍ତ କରାଯିବାକୁ ନିଷ୍ପତ୍ତି ହୋଇଛି । ଏହା ସହ ଜନଗଣନା ପାଇଁ ସାମାଜିକ ନ୍ୟାୟ ମନ୍ତ୍ରାଳୟକୁ ସଂଯୋଜକ ରଖାଯିବାକୁ ଧାର୍ଯ୍ୟ ହୋଇଛି। ଅନୁସୂଚିତ ଜାତି ଏବଂ ଜନଜାତି ଗଣନା କରାଯାଉଥିବାରୁ ଏହାର ଏକ ବୈଧ ତାଲିକା ଆବଶ୍ୟକ। କିନ୍ତୁ ଅନ୍ୟାନ୍ୟ ପଛୁଆ ବର୍ଗର ଜାତିକୁ ନେଇ ଏବେ ବି ଦ୍ୱନ୍ଦ୍ୱ ରହିଛି। ୨୦୨୬ରେ ଦେଶରେ ଜନଗଣନା ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ଏ ସଂକ୍ରାନ୍ତରେ ବୈଠକ କରାଯିବ ବୋଲି ସୂଚନା ମିଳିଛି।

### ଜୁଇରୁ ଦରପୋଡ଼ା...

ଆପୋଷ ସମାଧାନରେ ସେମାନେ ସଫଳ ହେବା ପରେ ହାନଙ୍କ ଶବକୁ ଜଙ୍ଗଲକୁ ନେଇ ନିଆଁ ଲଗାଇ ଦେଇଥିଲେ। କାଠ ସଂଗ୍ରହ କରି ଗ୍ରାମବାସୀ ଶବକୁ ନିଆଁ ଲଗାଇ ସାରିଥିଲେ।

ତେବେ କୌଣସି ସୂତ୍ରରୁ ଖବର ପାଇ ଶରଣକୁଳ ଏସ୍‌ଡିପିଓ ଦୀପ୍ତିକାନ୍ତ ପ୍ରଧାନ ଓ ଥାନା ଅଧିକାରୀ ପରମାନନ୍ଦ ଦଳେଇ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ବହୁ ଖୋଜାଖୋଜି କରିବା ପରେ ଜଙ୍ଗଲ ଭିତରୁ ଦରପୋଡ଼ା ଶବ ଜବତ କରିଥିଲେ। ନିଆଁ ଲିଭାଇ ଶବକୁ ଉଦ୍ଧାର କରିବା ପାଇଁ ପୁଲିସ୍ ଚେଷ୍ଟା କରିବା ବେଳେ ଗ୍ରାମବାସୀ ବିରୋଧ କରିଥିଲେ। ଶେଷରେ, ପୁଲିସ ଗ୍ରାମବାସୀଙ୍କୁ ବୁଝାସୁଝା କରି ଦରପୋଡ଼ା ଶବ ଜବତ କରିବାରେ ସଫଳ ହୋଇଥିଲା। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ଛାନ୍‌ଭିନ୍ କରିଛି। ଶବ ବ୍ୟବଚ୍ଛେଦ ପାଇଁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ତଥା ଶବ ପୋଡୁଥିବା ଗୋଛା ଗ୍ରାମର ୧୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ପୁଲିସ ଅଟକ ରଖିଛି। ଅପରପକ୍ଷେ, ଶିକାରୀ ଦୁଇଜଣ ବଧିସାହି ଗ୍ରାମର ସନ୍ତୋଷ ସାହୁ ଓ ମିଟୁ ପ୍ରଧାନ ଫେରାର୍ ହୋଇଯାଇଥିବା ସୂଚନା ମିଳିଛି। ଏହି ଘଟଣାରେ ଶରଣକୁଳ ଏସ୍‌ଡିପିଓ ଦୀପ୍ତିକାନ୍ତ ପ୍ରଧାନଙ୍କ ମତାମତ ନେବାରେ ଦରପୋଡ଼ା ଶବ ଜବତ ପରେ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା କହିଛନ୍ତି। ଘଟଣାର ଅନୁସନ୍ଧାନ ଚାଲିଛି, ତଦନ୍ତ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

### ଆର୍‌ଡି ମୁଖ୍ୟଯନ୍ତ୍ରୀଙ୍କ...

ସ୍ଥାରେ ୭ଟି ଦାମୀ ପ୍ଲଟର ଠିକଣା ପାଇଛନ୍ତି ଭିଜିଲାନ୍ସ ଅଧିକାରୀ। କୌତୂହଳ କଥା ହେଉଛି, ଚଢ଼ଉ ସୂଚନା ପାଇ ଶ୍ରୀ ଷଡ଼ଙ୍ଗୀଙ୍କ ସମ୍ପର୍କୀୟ ୫୦୦ ଟଙ୍କା ବିଡ଼ାକୁ ଝରକା ଦେଇ ବାହାରକୁ ଫିଙ୍ଗି ଦେଇଥିଲେ ହେଁ ତାହାକୁ ଭିଜିଲାନ୍ସ ଅଧିକାରୀମାନେ ଜବତ କରିଛନ୍ତି।

ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ବୈକୁଣ୍ଠଙ୍କ ଅନୁଗୋଳ ଜିଲ୍ଲାରେ ଥିବା ଘର ସମେତ ଭୁବନେଶ୍ୱର, ପୁରୀର ୭ଟି ସ୍ଥାନରେ ଏକକାଳୀନ ଚଢାଉ କରାଯାଇଛି। ଅନୁଗୋଳ କାରଡ଼ାଗାଡ଼ିଆ ସ୍ଥିତ ବାସଭବନ, ଲୋକେଇପଶି ପୈତୃକ ବାସଭବନ, ମାଟିଆସାହି ଓ ଶିକ୍ଷକପଡ଼ାରେ ସମ୍ପର୍କୀୟଙ୍କ ଘରେ ଭିଜିଲାନ୍ସ ଚଢ଼ଉ କରିଛି । ଏହା ସହ ଭୁବନେଶ୍ୱରରେ ଥିବା ଅଫିସ, ଡୁମୁଡୁମାରେ ଥିବା ଫ୍ଲାଟ୍ ସମେତ ପୁରୀ ଜିଲ୍ଲା ପିପିଲିର ଶିଉଳାରେ ଫ୍ଲାଟରେ ଚଢାଉ କରାଯାଇଛି। ଅନୁଗୁଳ କରଡ଼ାଗାଡ଼ିଆ ଘରୁ ନଗଦ ୧କୋଟି ୩୪ଲକ୍ଷ ୩୪ ହଜାର ଟଙ୍କା ଜବତ କରାଯାଇଥିବା ବେଳେ ଭୁବନେଶ୍ୱର ଡୁମୁଡୁମା ଫ୍ଲାଟରୁ ୧କୋଟି ୨୧ଲକ୍ଷ ୯୫ ହଜାର ଟଙ୍କା ଜବତ କରାଯାଇଛି।

ତାଙ୍କ ନାମରେ କାରଡ଼ାଗାଡ଼ିଆରେ ଦୁଇ ତାଲା କୋଠା ରହିଥିବା ବେଳେ ଅନୁଗୁଳ ମାଟିଆସାହିରେ ଅନ୍ୟ ଏକ ଦୁଇ ତାଲା କୋଠା ରହିଛି। ସେହିପରି ଡୁମୁଡୁମା ଓ ସିଉଳାରେ ଫ୍ଲାଟ, ଭୁବନେଶ୍ୱର ଏବଂ ଅନୁଗୋଳରେ ୭ଟି ଦାମୀ ପ୍ଲଟ ରହିଛି। ୩ଟି ପ୍ଲଟ ଅନୁଗୋଳରେ ଥିବା ବେଳେ ୪ଟି ପ୍ଲଟ ପିପିଲିରେ ଅଛି। ଏହା ସହିତ ଘରୁ ୧.୧କେଜିର ସୁନା ଗହଣା ଠାବ କରାଯାଇଥିବା ବେଳେ ବାବୁ ସେୟାର ମାର୍କେଟ ଏବଂ ଏମ୍‌ଏଫରେ ୨.୭୦କୋଟି ଟଙ୍କା ଲଗାଇଛନ୍ତି। ଏଥିସହ ବ୍ୟାଙ୍କ୍ ଆକାଉଣ୍ଟ ଏବଂ ଇନ୍ସ୍ୟୁରାନ୍ସରେ ୧.୫କୋଟି ଟଙ୍କା ଜମା ରହିଥିବା ବେଳେ କୋଟିଏ ଚାରି ଚକିଆ ଯାନ ଏବଂ ଗୋଟିଏ ଦୁଇ ଚକିଆ ଏବଂ ୧୫.୪୪ଲକ୍ଷର ଘରର ଆସବାବପତ୍ର ରହିଛି। ବଡ଼ କଥା ହେଲା ବାବୁ ଦାମୀ ଘଣ୍ଟା ପିନ୍ଧିବାକୁ ଭଲ ପାଉଥିଲେ। ତାଙ୍କ ଘରୁ ୧୫ଟି ଦାମୀ ଘଣ୍ଟାକୁ ଜବତ କରାଯାଇଛି। ବୈକୁଣ୍ଠନାଥ ଷଡ଼ଙ୍ଗୀଙ୍କ ପତ୍ନୀଙ୍କ ନାଁରେ ଅନୁଗୋଳ ସ୍ଥିତ ଆକ୍ସିସ୍ ବ୍ୟାଙ୍କରେ ଗୋଟିଏ ଲକର ଅଛି।

ବୈକୁଣ୍ଠନାଥ ମୁଖ୍ୟଯନ୍ତ୍ରୀ ଭାବେ ୧୯୯୧ ସେପ୍ଟେମ୍ବର ୩୦ ତାରିଖରେ ସରକାରୀ ଚାକିରି ଆରମ୍ଭ କରିଥିଲେ। କଣିହା ବ୍ଲକରେ ପଞ୍ଚାୟତରାଜ ବିଭାଗରେ ଷ୍ଟାଇପେଣ୍ଡାରୀ ଯନ୍ତ୍ରୀ ଥିଲେ। ସେତବେଳେ ସେ ୨ହଜାର ପ୍ରତି ମାସରେ ଦରମା ପାଉଥିଲେ।୧୯୯୯ ଅକ୍ଟୋବର ୧୫ ପର୍ଯ୍ୟନ୍ତ ବିଭିନ୍ନ ବ୍ଲକ୍‌ରେ ସେ ଯନ୍ତ୍ରୀ ଭାବେ କାମ କରିଥିଲେ। ପରେ ସୁନ୍ଦରଗଡ଼ ପିଡବ୍ଲ୍ୟୁଡି ଡିଭିଜନରେ ସହକାରୀ ଯନ୍ତ୍ରୀ(ନିୟମିତ) କାର୍ଯ୍ୟ କରିଥିଲେ। ୨୦୧୨ରେ ତାଳଚେର ଏବଂ ଅନୁଗୁଳରେ କାମ କରିଥିଲେ। ୨୦୧୬ରେ ଆଠମଲ୍ଲିକରେ ସହାକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଭାବେ ଆରଡି ଡିଭିଜନରେ କାମ କରୁଥିଲେ। ୨୦୨୩ରେ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଭାବେ ପଦୋନ୍ନତି ପାଇଥିଲେ। ଏ ସମ୍ପର୍କରେ ଭିଜିଲାନ୍ସ ନିର୍ଦ୍ଦେଶକ ଯଶବନ୍ତ ସିଂ ଜେଠୱା କହିଛନ୍ତି ଯେ, ଦୁର୍ନୀତି କରି ଅବସର ନେଇଗଲେ ଭିଜିଲାନ୍ସ ନଜର ପଡ଼ିବନି। ଅବସର ନେଲେ ବି ଭିଜିଲାନ୍ସ ଗୋଡାଇ ଧରିବ। ତେଣୁ ସେଭଳି କିଛି ସୀମା ଭିଜିଲାନ୍ସର ନାହିଁ। ଦୁର୍ନୀତି କଲେ ଭିଜିଲାନ୍ସ ଛାଡ଼ିବ ନାହିଁ। ବୈକୁଣ୍ଠ ଚାକିରି କାଳରେ ଏହି କଳାଧନ ଅର୍ଜନ କରିଥିବା ଜଣାପଡ଼ିଛି। ତେଣୁ ସବୁ ଦିନକୁ ନେଇ ତଦନ୍ତ କରାଯାଉଛି ବୋଲି ସେ କହିଛନ୍ତି।

# ପର୍ଯ୍ୟଟକଙ୍କୁ ଅପହରଣ ପରେ ନିର୍ଘାତ ମାଡ଼

**ଲୁଟିନେଲେ ସୁନାଗହଣା ସହ ଲକ୍ଷାଧିକ ଟଙ୍କାର ସାମଗ୍ରୀ**

**ଅନୁଗୋଳ,୩୦।୫(ସମିସ):** ଅନୁଗୋଳ ସହର ଉପକଣ୍ଠ ମୂଷାପାପୁଲିରେ ବଡ଼ଧରଣର ଲୁଟ୍। ବୁଧବାର ସକାଳ ୮ରେ ୧୦ ଦୁର୍ବୃତ୍ତ ଏକ ପର୍ଯ୍ୟଟକ ଦଳଙ୍କୁ ମାଡ଼ମାରି ସେମାନଙ୍କଠାରୁ ସୁନାଗହଣା, ମୁଦି, ମୋବାଇଲ୍ ଆଦି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଲୁଟି ନେଇଛନ୍ତି। ଦୁର୍ବୃତ୍ତମାନେ ଏକ ବୋଲେରୋ ଗାଡ଼ିରେ ପର୍ଯ୍ୟଟକମାନଙ୍କୁ ଅପହରଣ କରିନେଇ ଡେରଜାଙ୍ଗ ଡ୍ୟାମରେ ନିର୍ଘାତ ପିଟିଥିବା ବେଳେ ପୁଲିସ୍ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଛି। ଲୁଟ୍‌ର ଶିକାର ପର୍ଯ୍ୟଟକମାନେ ହେଲେ କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ଅଞ୍ଚଳର ସୁବ୍ରନ୍ କୁମାର ନାୟକ (୩୪), ବିନୋଦ ସେଠୀ (୩୨), ଚିନ୍ମୟ ଦାଶ (୨୬), ସରୋଜ ଜେନା (୨୮) ଓ ଦେବାଶିଷ ବିଶ୍ୱାଳ (୩୮)। ଶୁକ୍ରବାର ଭୋର ସମୟରେ ଏମାନେ ଏକ ବୋଲେରୋ ଯୋଗେ ସମ୍ବଲପୁର ବୁଲିବାକୁ ଯାଉଥିବା ସମୟରେ ଏହି ଘଟଣା ଘଟିଛି। ଦୁର୍ବୃତ୍ତଙ୍କ ମାଡ଼ରେ ଆହତ ହୋଇଥିବା ଏହି ପର୍ଯ୍ୟଟକମାନଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ପୁଲିସ ଏକ ଟିମ୍ ଗଠନ କରି ତଦନ୍ତ ଚଳାଇଛି।

# ମଝିରୁ ଛିଣ୍ଡିଲା ରେଳ ଧାରଣା

**କେସିଙ୍ଗା, ୩୦।୫(ସମିସ):** ସମ୍ବଲପୁର ରେଳ ଡିଭିଜନ ଅଧୀନ କଳାହାଣ୍ଡି ଜିଲ୍ଲା କେସିଙ୍ଗା ରେଳ ଷ୍ଟେସନ ୧ ନମ୍ବର ପ୍ଲାଟଫର୍ମରେ ଏକ ଭୟଙ୍କର ଘଟଣା ଘଟିଛି। ଏକ ମାଲବାହୀ ଟ୍ରେନ୍ ଯିବା ବେଳେ ହଠାତ୍ ମଝିରୁ ରେଳଧାରଣା ଛିଣ୍ଡି ଯାଇଛି। ତେବେ ଏଥିରେ କୌଣସି କିଛି କ୍ଷୟକ୍ଷତି ହୋଇନାହିଁ। ଗୁରୁବାର ବିଳମ୍ବିତ ରାତିରେ ମାଲବାହୀ ଟ୍ରେନ୍‌ଟି ୧ ନମ୍ବର ପ୍ଲାଟଫର୍ମରେ ଟିଟଲାଗଡ଼ ପଟୁ ରାୟଗଡ଼ା ଅଭିମୁଖେ ଅତିକ୍ରମ କରୁଥିଲା। ଏହି ସମୟରେ ଟ୍ରେନ୍‌ଟି ବହୁତ ଦୋହଲୁଥିବା ଜଣାପଡ଼ିଥିଲା। କର୍ମଚାରୀଜଣଙ୍କ ଟ୍ରେନ୍ ଅଟକାଇ ଯାଞ୍ଚ କରିବା ବେଳେ ଧାରଣା ଛିଡି ଯାଇଥିବା ତାଙ୍କ ନଜରକୁ ଆସିଥିଲା। ସେତେବେଳକୁ ଗାଡି ସେହି ପଏଣ୍ଟ ପାର୍ କରି ସାରିଥିଲା। ଏ ନେଇ ସେ ଦାୟିତ୍ୱରେ ଥିବା ଷ୍ଟେସନ ମାଷ୍ଟରଙ୍କୁ ଖବର ଦେଇଥିଲେ। ଷ୍ଟେସନ ମାଷ୍ଟରଙ୍କଠାରୁ ଖବର ପାଇ ଟିଟଲାଗଡରୁ ମରାମତି ଦଳ ପହଞ୍ଚି ଥିଲେ। ମରାମତି ପରେ ଟ୍ରେନ ଚଳାଚଳ ସ୍ୱାଭାବିକ ହୋଇଥିଲା।


E-132

OFFICE OF THE DEAN & PRINCIPAL
PANDIT RAGHUNATH MURMU MEDICAL COLLEGE & HOSPITAL, BARIPADA, MAYURBHANJ
AT-RANGAMATIA, PO-LAXMIPOSI, PIN-757 107, MAYURBHANJ, ODISHA
Ph. No.: 06792 240401, E-mail: prmmchbaripada@gmail.com / officeprmmch@gmail.com

NOTICE INVITING TENDER

Reference No. 2919 / I-33-PRMMCH-2025 / Dated, 29-05-2025

Sealed tender are invited in the prescribed format from interested reputed Contractors / Caterers and firms having experience of running a mess or a canteen of more than 100 persons in renowned institution or public places, which must confirm to the terms and conditions for running the staff canteen in PRMMCH, Rangamatia, Baripada. The Tender can be downloaded from the PRM medical college official website (www.dmetodisha.gov.in & www.prmmch.nic.in ) from dt.02-06-2025. The last date of submission of bid documents is dt.23-06-2025 by 5.30 PM.

Sd/-
Dean & Principal, PRMMCH, Baripada

OIPR - 10120/11/0019/2526



SISHU SEVA ASHRAM
ADVERTISEMENT

Applications are invited from eligible candidates for filling of following vacant posts for Children's Home of SISHU SEVA ASHRAM. The posts are purely contractual and co-terminus with the project. Bio-data along with educational qualification certificates and marksheet should be sent via speed post/ registered post to the Secretary, Sishu Seva Ashram, At-Balijori, Po-Kiakachhar, Ps- Sadar, Dist- Sundargarh(Odisha) Pin-770020 on or beforedt. 15.06.2025 positively. The candidate applying for different posts should apply separately for each category of post. No other mode of application will be accepted.

Indicative Qualification of Human Resources for Sishu Seva Ashram(CCI) under Mission Vatshalya

| Sl.No. | Name of the Post | Qualification | Age Limit | No. of vacant post | Remuneration per month |
|---|---|---|---|---|---|
| 1. | Paramedical Staff | Compounder/Pharmacist/having Diploma in Ayurvedic Homeopathic/ Unani from institutions recognized by Govt. of India. | Lower Age Limit 21 years Upper Age Limit 45 years as on dt. 01-04-2025 | One (Male) | Rs.11,916/- |
| 2. | Housefather | Arts and Science Graduate from a recognized University | | One (Male) | Rs. 14,564/- |
| 3. | Cook | Under Matric (8th-10th) | | One (Male) | Rs.9,930/- |
| 4. | Helper-Cum-Night Watchman | Under Matric (8th-10th) | | One (Male) | Rs.7,944/- |
| 5. | Housekeeper | Under Matric (8th-10th) | | One (Female) | Rs.7,944/- |

Sd/- Secretary
Sishu Seva Ashram, Balijori



ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

ବ୍ୟାଙ୍କ ଅଫ୍ ଇଣ୍ଡିଆ
ଆଞ୍ଚଳିକ କାର୍ଯ୍ୟାଳୟ: ଭୁବନେଶ୍ୱର ଅଞ୍ଚଳ, ୧/୧ଡ଼ି, ଷ୍ଟାର ହାଉସ୍, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫, ଫୋନ୍-୦୬୭୪-୨୩୬୨୨୪୯

ସୁନା ନିଲାମ ବିଜ୍ଞପ୍ତି

ଏତଦ୍‌ଦ୍ୱାରା ନିମ୍ନଲିଖିତ ସୁନା ଋଣଗ୍ରହୀତା, ସେମାନଙ୍କର ଆଇନଗତ ଉତ୍ତରାଧିକାରୀ ଓ ସୁନା ଅଳଙ୍କାର ବ୍ୟବସାୟରେ ଜଡ଼ିତ ଥିବା ବ୍ୟକ୍ତି ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି, ବ୍ୟାଙ୍କ ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ ନିମ୍ନଲିଖିତ ଋଣଗ୍ରହୀତାମାନେ ସେମାନଙ୍କର ବକେୟା ଦେୟ ପଇଠ କରୁନାହାଁନ୍ତି। ଏହି ନୋଟିସ୍ ପ୍ରକାଶନ ମାଧ୍ୟମରେ ଜଣାଇ ଦିଆଯାଉଅଛି କି, ଯଦି ସେମାନେ ସେମାନଙ୍କର ସମ୍ପୃକ୍ତ ସୁନା ଋଣ ଆକାଉଣ୍ଟ ବାବଦ ବକେୟା ଦେୟ (ଅଦ୍ୟାବଧି ସମସ୍ତ ସୁଧ ଏବଂ ଦେୟ/ଆଇନଗତ ଖର୍ଚ୍ଚ ଅନ୍ତର୍ଭୁକ୍ତ କରି) ତା.୧୭.୦୬.୨୦୨୫ରିଖ ସୁଦ୍ଧା ପଇଠ କରିବାରେ ବିଫଳ ହୁଅନ୍ତି ତେବେ ବ୍ୟାଙ୍କରେ ବନ୍ଧକ ଥିବା ସେମାନଙ୍କର ସୁନା ଅଳଙ୍କାରଗୁଡ଼ିକୁ ତା.୧୮.୦୬.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ବ୍ୟାଙ୍କରେ ବନ୍ଧକ ଥିବା ସେମାନଙ୍କର ସୁନା ଅଳଙ୍କାରଗୁଡ଼ିକୁ ନିମ୍ନରେ ଦର୍ଶାଯାଇଥିବା **ସମ୍ପୃକ୍ତ ଶାଖା ପରିସରରେ** ସର୍ବସାଧାରଣରେ ନିଲାମ କରାଯିବ। ବ୍ୟାଙ୍କ ସମ୍ପୃକ୍ତ ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା କିମ୍ବା କ୍ଷତି ନିମନ୍ତେ ଦାୟୀ ହେବ ନାହିଁ ଏବଂ କୌଣସି ଋଣଗ୍ରହୀତାଙ୍କ ପକ୍ଷରୁ ଏ ବାବଦ କୌଣସି ଅଭିଯୋଗ କିମ୍ବା ପ୍ରତିନିଧିତ୍ୱକୁ ପ୍ରଶ୍ରୟ ଦେବ ନାହିଁ। ଯଦି ନିଲାମ ରାଶି ଅପର୍ଯ୍ୟାପ୍ତ କିମ୍ବା କମ୍ ହୋଇଥାଏ ତେବେ କୌଣସି କାରଣ ନଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିବାର ଅଧିକାର ସଂରକ୍ଷିତ ରଖୁଅଛି। ପୁନଶ୍ଚ ଆବଶ୍ୟକସ୍ଥଳେ ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ଉପରୋକ୍ତ ସୂଚିକୃତ ନିଲାମର ତାରିଖ, ସମୟ ଏବଂ ସ୍ଥାନକୁ ପରିବର୍ତ୍ତନ କିମ୍ବା ନିଲାମକୁ ରଦ୍ଦ କରିବାର ଅଧିକାର ସଂରକ୍ଷିତ ରଖୁଅଛି। ସୁନା ଅଳଙ୍କାର / କଏନ୍ ଗୁଡ଼ିକର ଶୁଦ୍ଧତା ଓ ନେଟ୍ ଓଜନ ଏବଂ ସଂରକ୍ଷିତ ମୂଲ୍ୟ ଇତ୍ୟାଦି ଇଚ୍ଛୁକ ନିଲାମଧାରୀମାନଙ୍କ ନିମନ୍ତେ ନିଲାମ ତାରିଖ ଦିନ ଏବଂ ନିଲାମର ସାଇଟ୍ / ନିଲାମ ପୋର୍ଟାଲରେ ଉପଲବ୍ଧ ହେବ।

| କ୍ର. ନଂ. | ଆକାଉଣ୍ଟ ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ମୋଟ ଓଜନ (ଗ୍ରାମରେ) | ନେଟ୍ ଓଜନ (ଗ୍ରାମରେ) | ୩୦.୦୪.୨୦୨୫ ସୁଦ୍ଧା ମୋଟ ବକେୟା ଦେୟ (ଲାଗୁ ହୋଇନଥିବା ସୁଧ, ଖର୍ଚ୍ଚ ଓ ଦେୟ ଇତ୍ୟାଦି ବ୍ୟତିତ) |
|---|---|---|---|---|---|
| ବ୍ୟାଙ୍କ ଅଫ୍ ଇଣ୍ଡିଆ, ଚନ୍ଦନପୁର ଶାଖା, ଚନ୍ଦନପୁର ବଜାର, ଚନ୍ଦନପୁର, ପୁରୀ-୭୫୨୦୧୨, ମୋ.: ୭୦୨୦୭୭୧୨୭୧ | | | | | |
| ୧. | ୫୧୬୪୭୭୬୧୦୦୦୨୮୯୨ | ଜୟନ୍ତ କୁମାର ପ୍ରଧାନ, ସା: କୁରୁଞ୍ଚି, ପୋ: ହକୁଚ, ଜିଲ୍ଲା: ପୁରୀ, ପିନ୍-୭୫୨୦୧୨ | ୭.୪୫୦ | ୪.୯୫୦ | ଟ.୨୫,୬୨୭.୦୦ |
| ବ୍ୟାଙ୍କ ଅଫ୍ ଇଣ୍ଡିଆ, ନିମପୁର ଶାଖା, ଆଇବି ରୋଡ୍, ଜେନାମଣୀ ମଣ୍ଡପ, ଜଗତପୁର, କଟକ-୭୫୪୦୨୧, ମୋ.: ୭୦୦୮୩୯୦୯୮୬ | | | | | |
| ୧. | ୫୧୧୭୭୬୧୦୦୦୦୬୨୬ | ରେଣୁକା ସାହୁ, ମାର୍ଫତ: ଅଶୋକ ସ୍ୱାଇଁ, ସା: ଶିକାରୀପୁର, ଜଗତପୁର, କଟକ-୭୫୪୦୨୧ | ୬.୧୯୦ | ୩.୮୦୦ | ଟ.୧୩,୪୮୨.୦୦ |

ସ୍ଥାନ: ଭୁବନେଶ୍ୱର, ତାରିଖ: ୩୦.୦୫.୨୦୨୫

ଆଞ୍ଚଳିକ ପ୍ରବନ୍ଧକ, ବ୍ୟାଙ୍କ ଅଫ୍ ଇଣ୍ଡିଆ



**AFFIDAVIT**

By virtue of an affidavit sworn before Executive Magistrate, Jagatsinghpur, dated 30.05.2025, Sl. No.9464, I Samir Kumar Nayak, Address At- Manijang, Po- Tyandakura, Ps.-Kishannagar, Dist-Cuttack declare that I have changed the name of my son from **Asutosh Nayak** to **Ashutosh Nayak.** Henceforth, he shall be known as **Ashutosh Nayak** for all purposes.

Sd/- Samir Kumar Nayak

**AFFIDAVIT**

I, Smt. Kanchan Manjari Routray, W/o- Anjan Kumar Routray resident of Plot No. 56(P), Kanchan Nivas, Basundhara Lane, Bidanasi, Cuttack, Pin- 753014, Dist.-Cuttack declare by this affidavit no.124(A) dt.13.3.25 that, now onwards I shall be known as **Smt. Kanchan Manjari Jena** for all future purposes.

**AFFIDAVIT**

By Virtue of an affidavit SL. No: 2595, Dtd 29.05.2025 before the Notary Public, Umerkote, Dist: Nabarangpur, I, Dahana Santa have changed my name from Dahana Paraja to Dahana Santa. Henceforth I shall be Known as Dahana Santa for all Purpose.

Sd/- Dahana Santa

**AFFIDAVIT**

By virtue of an affidavit sworn before the Executive Magistrate, Tangi, Dist- Khordha on dated 22/05/2025, I NIRANJAN MAJHI, S/o Maguni Majhi resident of Village At-Bhagabatipada, Po/Ps-Nirakarpur, Dist- Khordha, Odisha declare that I have changed my name from **NIRANJANA MAJHI** to **NIRANJAN MAJHI.** Henceforth, I shall be known as **NIRANJAN MAJHI** for all future purposes.

Sd- NIRANJAN MAJHI

**AFFIDAVIT**

By virture of an affidavit before The Executive Magistrate, Padampur. I, **Prashant Sahu,** S/o- Ujal Sahu, resident of Gourenmunda, PO-Gourenmunda, Dist- Bargarh, Odisha that my son actual name is **Santosh Sahu** as per her Aadhaar Card (No-373750795370), her name has been wrongly mentioned as **Kirttichandra Sahu.** Santosh Sahu and Kirttichandra Sahu are same and one Person, Henceforth, he will be known as **Santosh Sahu** in all future purpose.

Prashant Sahu

**AFFIDAVIT**

I, Sk sahajad s/o sk kasim, resident of at/po-poda astia, Ps- Baripada town, Dist-Mayurbhanj, Pin-757049, Odisha, declare by this dtd. 28/05/2025 affidavit no.3438 that now onwards his minor son **sk md sahid raza** shall be known as **sk sahid raza** for all future purposes.

**AFFIDAVIT**

By Virtue of an affidavit No: 44, Dtd 30.05.2025 in the court of Executive magistrate, Nandapur, Dist: Koraput, I, Samaru muduli have changed my Minor Son's name from Sonu Muduli to Ajit Muduli. Henceforth he will be known as Ajit Muduli instead of Sonu Muduli for all purpose .

Sd/- Samaru Muduli

**LOST**

ମୁଁ ଶ୍ରୀ ସମାର ବିଶ୍ୱାଳ ପିତା- ସ୍ୱ [illegible] ବିଶ୍ୱାଳ, ଗ୍ରାମ/ପୋଷ୍ଟ- [illegible], ଥାନା- [illegible], ଜିଲ୍ଲା- ପୁରୀ ମୋର ଏକ କବଲା ତା [illegible] ରିଖ କାକଟପୁର ସବରେଜିଷ୍ଟ୍ରାରରେ ହୋଇଥିଲା । ଏଥିରେ ଖାତା ନମ୍ବର [illegible] ରୁ ତିନିଗୋଟି ପ୍ଲଟ ଯଥା [illegible] ଏବଂ ଖାତା ନମ୍ବର [illegible]ରୁ ଏକଗୋଟି ପ୍ଲଟ [illegible] ଏହିପରି ଦୁଇଗୋଟି ଖାତାରୁ ଚାରିଗୋଟି ପ୍ଲଟ ସନ୍ତୋଷ କୁମାର ରାଉତ ପିତା [illegible] ରାଉତ ଙ୍କ ଠାରୁ ସମାର ବିଶ୍ୱାଳ ଓ [illegible] କୁମାର ବିଶ୍ୱାଳ ପିତା- [illegible] ବିଶ୍ୱାଳଙ୍କ ନାମରେ କ୍ରୟ କରାଯାଇଥିଲା କିନ୍ତୁ ଉକ୍ତ କବଲା (ଦଲିଲ) ଗୁଡ଼ିକ କେଉଁଠାରେ ଅଜାଣତରେ ହଜିଯାଇ ଅଛି । ଯାହାକୁ ଖୋଜାଖୋଜି କଲେ ମଧ୍ୟ ମିଳୁନାହିଁ ।

**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact
GADHWAL GROUP
Mob.: 9437015112

## ଦାରିଙ୍ଗବାଡ଼ିରେ ବିଧାନସଭା ଷ୍ଟାଣ୍ଡିଂ କମିଟି

# କଫି ଚାଷର ବିକାଶ ଉପରେ ଗୁରୁତ୍ୱ

ଦାରିଙ୍ଗବାଡି, ୩୦।୫(ସମିସ)



କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ିକୁ ଓଡ଼ିଶା ବିଧାନସଭା ଷ୍ଟାଣ୍ଡିଂ କମିଟିର ୮ ଜଣିଆ ପ୍ରତିନିଧି ଦଳ ଗସ୍ତ କରିଥିଲେ। ଦଳର ଅଧ୍ୟକ୍ଷ ବିଭୁତି ଭୂଷଣ ପ୍ରଧାନଙ୍କ ନେତୃତ୍ୱରେ ବିଧାୟିକା ସୀମାରାଣୀ ନାୟକ, ବିଧାୟକ ପ୍ରଶାନ୍ତ ବେହେରା, ଉମାଚାରଣ ମଲିକ, ପ୍ରକାଶ ଚନ୍ଦ୍ର ସେଠୀ, ହିମାଂଶୁ ଶେଖର ସାହୁ, ଗୌତମବୁଦ୍ଧ ଦାସ, ରୂପେଶ କୁମାର ପାଣିଗ୍ରାହୀ ଓ ସତ୍ୟଜିତ ଗମାଙ୍ଗ ପରିଦର୍ଶନରେ ଆସିଥିଲେ। ଗୁରୁବାର ଦାରିଙ୍ଗବାଡିରେ ଏକ ହୋଟେଲରେ ରାତ୍ରିଯାପନ କରି ଶୁକ୍ରବାର ସକାଳ ୯ଟାରେ କଫି ବଗିଚା ପରିଦର୍ଶନ କରିଥିଲେ। ସେଠାରେ ବିଡ଼ିଓ ପ୍ରୀତିରଞ୍ଜନ ରଥ, ତହସିଲଦାର ଶରତ ଶବର, ଆଇଟିଡିଏର ପ୍ରକଳ୍ପ ପ୍ରଶାସକ କୃପାସିନ୍ଧୁ ବେହେରା, ମୃତ୍ତିକା ସଂରକ୍ଷଣ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ଅରୁଣ ଆଚାର୍ଯ୍ୟ ପ୍ରତିନିଧି ଦଳଙ୍କୁ ସ୍ୱାଗତ କରିଥିଲେ। ସେଠାରେ ମୃତ୍ତିକା ସଂରକ୍ଷଣ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ଆଇଟିଡିଏର ପ୍ରକଳ୍ପ ପ୍ରଶାସକ କଫି ବଗିଚା ସମ୍ପର୍କିତ ତଥ୍ୟ କମିଟିକୁ ଜଣାଇଥିଲେ। ଏହାର ବିକାଶ ଓ ରୂପାନ୍ତର ସମ୍ପର୍କରେ କମିଟି ଗୃହରେ ଜଣାଇବ ବୋଲି କହିଥିଲେ। କଫି ଚାଷ ଓ ଏହାର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲା ଟିମ। ପରେ ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଇନ୍‌ଚାର୍ଜ ଡା. ଯାକେଶ ସାମନ୍ତରାୟଙ୍କୁ କହିଥିଲେ। ଆଶାକର୍ମୀମାନେ ସେମାନଙ୍କର ୬ମାସ ଦରମା ମିଳି ନ ଥିବା ନେଇ ଲିଖିତ ଅଭିଯୋଗ କରିଥିଲେ। ୭ ଦିନ ଭିତରେ ସମାଧାନ କରି ଆଶାକର୍ମୀଙ୍କ ଦରମା ପ୍ରଦାନ ନିମନ୍ତେ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଥିଲେ। ପରେ ଏହି ଦଳ ବ୍ରହ୍ମପୁର ଅଭିମୁଖେ ଯାଇଥିଲେ। କମିଟିର ପରିଦର୍ଶନ ସମୟରେ ବିଡ଼ିଓ, ତହସିଲଦାରଙ୍କ ସମେତ ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ହୃଷୀକେଶ ପ୍ରଧାନ, ସିଡିପିଓ ସନ୍ଧ୍ୟାରାଣୀ ପଣ୍ଡା ଓ ଜାଗୃତି ସମ୍ପାଦକ କୈଳାସ ଚନ୍ଦ୍ର ଦଣ୍ଡପାଟ ଉପସ୍ଥିତ ଥିଲେ। ଜାଗୃତି ଅନୁଷ୍ଠାନର କର୍ମଚାରୀ ମିଶନ ଶକ୍ତି ମହିଳାଙ୍କ ଦ୍ୱାରା ମାଣ୍ଡିଆରେ ପ୍ରସ୍ତୁତ କରାଯାଇଥିବା ଖାଦ୍ୟ ଆସିଥିବା ଷ୍ଟାଣ୍ଡିଂ କମିଟି ସଦସ୍ୟଙ୍କୁ ଖାଇବାକୁ ଦେଇଥିଲେ। ଏହି ଅବସରରେ ବିଜେପିର ନେତା ମାନଗୋବିନ୍ଦ ପ୍ରଧାନ, ଦାରିଙ୍ଗବାଡି ମଣ୍ଡଳ ସଭାପତି ମିଟୁ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ପରିଷଦ ସଦସ୍ୟ ସୁକାନ୍ତ କୁମାର ସାହୁ, ଏମ୍‌ପିଙ୍କ ଦାରିଙ୍ଗବାଡି ପ୍ରତିନିଧି ବିଷ୍ଣୁ ଚରଣ ପ୍ରଧାନ, ପ୍ରଭାକର ସାହୁ, ଅରୁଣ ପ୍ରଧାନ, ହରେନ ସାହୁ, ମୀନକେତନ ସାହୁ, ଭାଲୁ ସାହୁ, ରଞ୍ଜନ ସାହୁଙ୍କ ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ● ମନରେଗା କାମ ନେଇ ସରପଞ୍ଚଙ୍କ ଅଭିଯୋଗକୁ ବିଡିଓଙ୍କ ଅସ୍ୱୀକାର

# କାଦୁଅ ରାସ୍ତାରେ ଗ୍ରାମବାସୀ ହନ୍ତସନ୍ତ



**କାଶୀନଗର, ୩୦।୫(ସମିସ):** ଗଜପତି ଜିଲ୍ଲା କାଶୀନଗର ବ୍ଲକ ସୀତାପୁର ପଞ୍ଚାୟତରେ ବର୍ଷେ ହେଲା ମନରେଗାରେ କାର୍ଯ୍ୟ ହେଉ ନ ଥିବା ନେଇ ସିତାପୁର ପଞ୍ଚାୟତ ସରପଞ୍ଚ ଅଭିଯୋଗ କରିଥିଲେ। କିନ୍ତୁ ବ୍ଲକ ପ୍ରଶାସନ ତଥା ବିଡିଓ ଉକ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସୂଚନା ଅନୁଯାୟୀ ମଙ୍ଗଳବାର ସୀତାପୁର ସରପଞ୍ଚ କେ. ତେଜେଶ୍ୱର୍ ରାଓ ସମେତ ପଞ୍ଚାୟତର କିଛି ଲୋକ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ପହଞ୍ଚି ବିଡ଼ିଓଙ୍କୁ ଏକ ଅଭିଯୋଗ ପତ୍ର ଦେଇଥିଲେ। ପ୍ରାୟ ଏକ ବର୍ଷ ହେଲା ମନରେଗା କାର୍ଯ୍ୟ ଗୁଡ଼ିକ ବନ୍ଦ ହୋଇ ପଡ଼ିରହିଛି, ଅନୁମୋଦନ ହେଉନି ପ୍ରକଳ୍ପ, ଏମିତିକି ଆବାସ ଯୋଜନାରେ ଗୃହ ନିର୍ମାଣ ସାରି ହିତାଧିକାରୀ ମନରେଗା ଅର୍ଥ ପାଇନଥିବା ସହ ରାସ୍ତା କାମ ହୋଇନଥିବା ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ନେଇ ବିଡିଓ କହିଛନ୍ତି ୨୦୨୫ ମସିହା ପୂର୍ବରୁ ମନରେଗାରେ ୪୫ଟି କାର୍ଯ୍ୟ ଆରମ୍ଭ ହୋଇ ଅସମ୍ପୂର୍ଣ୍ଣ ରହିଥିବା ବେଳେ ୨୨ଟି କାର୍ଯ୍ୟ ଆଦୌ ଆରମ୍ଭ ହୋଇନଥିବା ଓ ଚଳିତ ବର୍ଷ ୩ କାର୍ଯ୍ୟାଦେଶ ହୋଇଛି। ସେହିପରି ଉକ୍ତ ପଞ୍ଚାୟତରେ ୮୪ ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହୋଇଥିବା ବେଳେ କିଛି ସମ୍ପୂର୍ଣ୍ଣ ହୋଇଥିବା ଓ କିଛି କାର୍ଯ୍ୟ ଚାଲିଥିବା ନେଇ ସୂଚନା ମିଳିଛି। ଏନେଇ ବ୍ଲକ ଅଧିକ୍ଷା କହିଛନ୍ତି ପଞ୍ଚାୟତରେ ମନରେଗା କାର୍ଯ୍ୟ ହେଉଛି। କିନ୍ତୁ କେନ୍ଦ୍ର ସରକାରଙ୍କ ଅର୍ଥ ଆସିବାରେ ବହୁ ସମୟ ହେଉଥିବା ଯୋଗୁଁ କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡ଼ିରହିଛି। ସେହିପରି ପଞ୍ଚାୟତ ମିନିଗାଁ ଗୁଡ଼ା ଗ୍ରାମର ଲୋକେ ଯିବା ଆସିବା ପାଇଁ ବହୁ ଅସୁବିଧା ହେଉଥିବା ଅଭିଯୋଗ କରାଯାଇଛି। ମୁଖ୍ୟରାସ୍ତା ଠାରୁ ଉକ୍ତ ଗ୍ରାମକୁ ଯିବାକୁ ହେଲେ ୧କିମି ରାସ୍ତା ଯିବାକୁ ପଡ଼ିବ। ହେଲେ ଗ୍ରାମରୁ ଆରମ୍ଭ କରି ୮୦୦ମିଟର ପର୍ଯ୍ୟନ୍ତ ମନରେଗା କାର୍ଯ୍ୟରେ ମାଟି ରାସ୍ତା ନିର୍ମାଣ ହୋଇଥିବା ବେଳେ ୨୦୦ମିଟର ରାସ୍ତା ନିର୍ମାଣ ହୋଇପାରିନି। ୨୦୦ମିଟର ରାସ୍ତା ସ୍ଥାନୀୟ କିଛି ଲୋକଙ୍କ ପଟ୍ଟା ଜମିରେ ରହିଥିବା ଯୋଗୁଁ ରାସ୍ତା ନିର୍ମାଣ ହୋଇପାରୁନଥିବା ବିଡିଓ କହିଛନ୍ତି। ଏହି ସମସ୍ୟା ବହୁ ବର୍ଷ ହେଲା ଲାଗି ରହିଥିବା ବେଳେ ବର୍ଷା ହେଲେ ଉକ୍ତ ମାଟି ରାସ୍ତା କାଦୁଅ ପାଣିରେ ଭର୍ତ୍ତି ହୋଇଯାଉଛି। ଜନ ପ୍ରତିନିଧି, ବ୍ଲକ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ପାଖରେ ଗ୍ରାମବାସୀ ସମସ୍ୟା ବିଷୟରେ ବାରମ୍ବାର ଅବଗତ କରାଇଥିଲେ ମଧ୍ୟ କେହି ବି ଦୃଷ୍ଟି ଦେଉନଥିବା କହିଛନ୍ତି। ଉକ୍ତ ଗ୍ରାମକୁ କଂକ୍ରିଟ ରାସ୍ତା ନିର୍ମାଣ ହେବା ନେଇ ଜିଲ୍ଲା ପ୍ରଶାସନ ଅତିଶୀଘ୍ର ପଦକ୍ଷେପ ନେବାକୁ ଦାବି ହୋଇଛି। ସରପଞ୍ଚ କରିଥିବା ଅଭିଯୋଗର ସମସ୍ତ ସୂଚନା ତଥ୍ୟ ଜିଲ୍ଲାପାଳଙ୍କ ସମେତ ବ୍ଲକ ଅଧିକ୍ଷା ଓ ଉକ୍ତ ପଞ୍ଚାୟତ ସରପଞ୍ଚଙ୍କ ଲିଖିତ ଭାବେ ଦିଆଯିବ ବୋଲି ବିଡିଓ କହିଛନ୍ତି।

## ● ବେଆଇନ ପଟ୍ଟାଜମି ଜବରଦଖଲ

# ଜେସିବି ଲଗାଇ ଭାଙ୍ଗିଲା ପ୍ରଶାସନ



**ଫିରିଙ୍ଗିଆ, ୩୦।୫(ସମିସ):** ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡ଼ାରେ ଆଦିବାସୀଙ୍କ ପଟ୍ଟା ଜମିକୁ ବେଆଇନ ଭାବରେ ଜବରଦଖଲ କରିଥିବା ଘଟଣାକୁ ନେଇ କୋର୍ଟର ନିର୍ଦ୍ଦେଶ ପରେ ଜେସିବି ଲଗାଇ ମାଜିଷ୍ଟ୍ରେଟ ଏବଂ ପୁଲିସ ଉପସ୍ଥିତରେ ବେଆଇନ ଭାବରେ ନିର୍ମାଣ ଘରକୁ ଭଙ୍ଗାଯାଇଛି। ସୂଚନା ଅନୁସାରେ ଗୋଚ୍ଛାପଡ଼ାର ଚକ୍ରପତି କହଁର ନାମକ ଜଣେ ବ୍ୟକ୍ତି ନିଜ ପଟା ଜମିକୁ ଗୋଚ୍ଛାପଡ଼ା ଗାଁର ଜଣେ ବ୍ୟକ୍ତି ବେଆଇନ ଭାବରେ ଜମି ଜବରଦଖଲ କରିଥିବା ଓ ତାହା ଫେରି ପାଇବାକୁ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ଘଟଣାର ବିଚାର କରି ଚକ୍ରପତି କହଁରଙ୍କୁ ଜମି ଫେରସ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଘଟଣାରେ ଫିରିଙ୍ଗିଆ ତହସିଲ କାର୍ଯ୍ୟାଳୟ ତରଫରୁ ମଧ୍ୟ ବେଆଇନ ଦଖଲ କରିଥିବା ବ୍ୟକ୍ତିଙ୍କୁ ଜମି ଛାଡିବା ସହ ଘର ଭାଙ୍ଗିବାକୁ ନୋଟିସ କରାଯାଇଥିଲା। ସେ ଘର ନ ଭାଙ୍ଗିବାରୁ ଶୁକ୍ରବାର ଉପ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଫିରିଙ୍ଗିଆ ଅତିରିକ୍ତ ତହସିଲଦାର ତଥା ମାଜିଷ୍ଟ୍ରେଟ ପୃଥ୍ୱୀରାଜ ମହାନନ୍ଦିଆ ଏବଂ ସୁପରଭାଇଜର ପ୍ରିୟଦର୍ଶୀନି ସାହୁ, ଅତିରିକ୍ତ ରାଜସ୍ୱ ନିରୀକ୍ଷକ ମିଥୁନ ଦିଗାଲ, ରାଜସ୍ୱ ନିରୀକ୍ଷକ ସନ୍ଧ୍ୟାରାଣୀ ସାହୁ ଏସ୍‌ଆଇ ଅନନ୍ତ କୁମାର ପ୍ରଧାନ ପୁଲିସ ଉପସ୍ଥିତରେ ବେଆଇନ ଘର ଭାଙ୍ଗିବା ସହ ଅଭିଯୋଗକାରୀ ଚକ୍ରଧର କହଁରଙ୍କୁ ଜମି ଦଖଲ ଦେଇଛନ୍ତି। ଘର ପାଖରେ ଏକ ମନ୍ଦିର ଥିବାରୁ ତାକୁ ଭାଙ୍ଗିବାକୁ ନେଇ ଉତ୍ତେଜନା ଦେଖାଦେଇଥିଲା।

# କମଳବନରେ ଉନ୍ନୟନ କାର୍ଯ୍ୟ ପାଇଁ ପିଡିଙ୍କ ସହ ଆଲୋଚନା

**ଜି.ଉଦୟଗିରି, ୩୦।୫(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ନିକଟସ୍ଥ କତିଙ୍ଗିଆ କମଳବନରେ ରହିଛି ଅମୃତ ପରିବାରର ବନବାସୀ ସନ୍ଥ ସୁଦୟା ବାବାଙ୍କ ଆଶ୍ରମ। ଅମୃତ ପରିବାର ତରଫରୁ କନ୍ଧମାଳ ଜିଲ୍ଲାର ବିଭିନ୍ନ ସ୍ଥାନ ସହିତ



ଆଶ୍ରମରେ ଆଧ୍ୟାତ୍ମିକ, ସଂସ୍କାରମୂଳକ, ସଂସ୍କୃତି ପରମ୍ପରା ରକ୍ଷା ସହ ସମାଜ କଲ୍ୟାଣ କାର୍ଯ୍ୟକ୍ରମ ବର୍ଷ ତମାମ ଚାଲିଆସୁଛି। ଏହା ସୁସ୍ଥ ସମାଜ ଗଠନ କରିବାରେ ପ୍ରମୁଖ ଭୂମିକା ନେଉଛି। କିନ୍ତୁ ଆଶ୍ରମର ଭିତ୍ତିଭୂମି ଆଜି ବି ଜରାଜୀର୍ଣ୍ଣ। କମଳବନର ଏହି ପରିସରକୁ ଜନସାଧାରଣଙ୍କ ସାମୂହିକ ବ୍ୟବହାର ପାଇଁ ବିଭିନ୍ନ ଆବଶ୍ୟକତା ରହିଥିବା ବେଳେ ଅମୃତ ପରିବାରର କର୍ମକର୍ତ୍ତା ବାଲିଗୁଡା ପ୍ରକଳ୍ପ ପ୍ରଶାସକ (ଆଇଟିଡିଏ) କୃପାସିନ୍ଧୁ ବେହେରାଙ୍କୁ ଭେଟି ଏସମ୍ପର୍କରେ ଆଲୋଚନା କରିଛନ୍ତି। କମଳବନ ପରିସରକୁ ଯିବା ପାଇଁ ରାସ୍ତା, ଗେଟ, ଅତିଥି ଭବନ, ଭୋଜନାଳୟ, ସତସଂଗ ଗୃହ, ପାନୀୟ ଜଳ ସହିତ ଆଲୋକିକରଣ ବ୍ୟବସ୍ଥାର ଆବଶ୍ୟକତା ରହିଛି। ବୃହତ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଅମୃତ ପରିବାର ତରଫରୁ ଅବନେଶ୍ୱର ପ୍ରଧାନ, କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ସହିତ ସତ୍ୟଭାମା ପ୍ରଧାନ ପ୍ରକଳ୍ପ ପ୍ରଶାସକଙ୍କୁ ଏଥିନେଇ ଅନୁରୋଧ କରିଛନ୍ତି।

# ଚାକିରି ଆଶାରେ ଜୀବନ ଗଲା; ଅଞ୍ଚଳରେ ଶୋକର ଛାୟା

**ପାରଳାଖେମୁଣ୍ଡି, ୩୦।୫(ସମିସ):** ଚାକିରି ଆଶାରେ ଜୀବନ ହାରିଲେ ଆଶାୟୀ, ଦୁଇଟି ନୀରିହ ଜୀବନ ଅକାରଣେ ଚାଲିଗଲା। ଗତକାଲିର ସେହି ପରୀକ୍ଷା ବେଳେ ଦୁଇ ଜଣ ଟଳି ପଡ଼ିଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ସେହି ଦୃଶ୍ୟକୁ ଦେଖି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। କେହିବି ସହଜରେ ଗ୍ରହଣ କରି ପାରୁନାହାନ୍ତି। ପରିବାର ବର୍ଗ, ସମ୍ପର୍କୀୟ, ବୁଦ୍ଧିଜୀବୀ ସମସ୍ତଙ୍କ ମୁହଁରେ ଗୋଟିଏ କଥା, ମୁଖ୍ୟମନ୍ତ୍ରୀ ଦେଇଥିବା ଟଙ୍କା କଣ ଫେରାଇ ପାରିବ କି ଜୀବନ, ଆଉ ସନ୍ଦେହ କରୁଛନ୍ତି ପରୀକ୍ଷା ପ୍ରକ୍ରିୟାରେ ତ୍ରୁଟି ଥିଲା। ସେପଟେ ବିଧବା ମା' ଏକମାତ୍ର ସାହା ଭରସା ପୁଅ ସୁଲନ୍ତ ମିଶାଲଙ୍କୁ ହରାଇଛନ୍ତି। ମା' ପ୍ରମିଳା ପୂର୍ବରୁ ସ୍ୱାମୀ ଓ ଦୁଇ ପୁଅଙ୍କୁ ହରାଇଥିବା ବେଳେ ଏବେ ଶେଷ ଭରସା ଭେଣ୍ଡିଆ ପୁଅ ମଧ୍ୟ ଏକାକରି ଚାଲିଯାଇଥିବା କହିଛନ୍ତି। ହେଲେ ସରକାରଙ୍କ ସହାୟତା ପୁଅର ଜୀବନ ଆଗରେ ମୂଲ୍ୟହୀନ ବୋଲି କହିଛନ୍ତି। ୧୧ ମାସରୁ ବାପ ଛେଉଣ୍ଡ ପୁଅ ସୁଲନ୍ତକୁ ମୁଣ୍ଡରେ ବୋଝ ଧରି ଗାଁ ଗାଁ ବୁଲି ବହୁ କଷ୍ଟରେ ବଡ଼ କରିଥିଲି, ପାଠପଢ଼ି ଚାକିରୀ କରିବ ବୋଲି ପାରଳାଖେମୁଣ୍ଡି ଯାଇଥିଲା ହେଲେ ଆଉ ଫେରିଲା ନାହିଁ। ଆଉ ଏ ଟଙ୍କା କଣ ହେବ? ବୋଲି ସେ ପ୍ରଶ୍ନ କରିଛନ୍ତି। ଗ୍ରାମବାସୀ ଓ ସମ୍ପର୍କୀୟ ହୋମଗାର୍ଡ ଶାରୀରିକ ପରିକ୍ଷଣ ପ୍ରକ୍ରିୟାରେ ତ୍ରୁଟି ରହିଥିବା ସିଧାସଳଖ ଅଭିଯୋଗ କରିଥିବା ବେଳେ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ କହିଛନ୍ତି। ସେହିପରି ପରିବାରର ବୋଝ ଉଠାଉଥିବା ବଡ଼ପୁଅ ଦୀପକ୍ ଚାଲିଗଲା ପରେ ଆଖିରୁ ଲୁହ ଶୁଖୁନଥିବା କୋହରେ କାନ୍ଦଣାରେ ଫାଟି ପଡୁଛି ଘର। ପୁଅର ମୃତ୍ୟୁ ପାଇଁ ସରକାର ଆର୍ଥିକ ସହାୟତା ରାଶି ଘୋଷଣା କରିଛନ୍ତି। କିନ୍ତୁ ତାହା ପୁଅକୁ ଫେରାଇ ଆଣି ପାରିବ କି? ତାହା କଣ ପରିବାରର ବୋଝ ଉଠାଇ ପାରିବ କି ବୋଲି ପ୍ରଶ୍ନ କରିବା ସହ ଏଥିପାଇଁ ବଡ଼ କଷ୍ଟ କରି ଏମଏ ପାଠ ପଢ଼ାଇଥିଲି କି ବୋଲି କୋହ ଭରା କଣ୍ଠରେ ପରିବାର ଲୋକେ ପ୍ରକାଶ କରିଛନ୍ତି।

**ସାହାରା ହେବନି ସହାୟତା: ମା'**



# ପୃଥକ୍ ଦୁର୍ଘଟଣାରେ ୭ ଆହତ

**ଫିରିଙ୍ଗିଆ, ୩୦।୫(ସମିସ):** କନ୍ଧମାଳ ଜିଲ୍ଲା ଗୋଚ୍ଛାପଡ଼ା ଥାନା ସାଲାଗୁଡା ପଞ୍ଚାୟତ ପିସୁପଦର ଗାଁ ନିକଟରେ ୨ ବାଇକ ମୁହାଁମୁହିଁ ଧକ୍କା ହେବାରୁ ଜଣେ ମହିଳା ଓ ତାଙ୍କର ୨ ବର୍ଷର ଶିଶୁ ପୁତ୍ର ଓ ଦୁଇ ବାଇକ ଚାଳକ ଆହତ ହୋଇଛନ୍ତି। ଗୋଚ୍ଛାପଡ଼ା ଥାନା କଟରିଙ୍ଗିଆ ପଞ୍ଚାୟତ କଣାପାଟି ଗାଁର ମେନକା ବେହେରା ତାଙ୍କ ଭାଇ ଦୁଃଶାସନ ବେହେରା ଓ ତାଙ୍କର ଏକ ଦୁଇ ବର୍ଷର ଶିଶୁପୁତ୍ର ଏକ ବାଇକରେ କୌଣସି କାମରେ ସଲାଗୁଡା ଯାଇ ଗାଁକୁ ଫେରୁଥିବା ସମୟରେ ପିସୁପଦର ନିକଟରେ ବିପରୀତ ଦିଗର ଆସୁଥିବା ଏକ ବାଇକ ସହ ମୁହାଁମୁହିଁ ଧକ୍କା ଦେଇଥିଲା। ଏଥିରେ ଗୋଟିଏ ବାଇକରେ ବସିଥିବା ତିନି ଜଣ ଓ ଅନ୍ୟ ବାଇକ ଚାଳକ ଆହତ ହୋଇଥିଲେ। ସେହି ରାସ୍ତାରେ ଅସୁଥିବା ବିଦ୍ୟୁତ ବିଭାଗର ଏକ ବୋଲେରୋରେ ଆହତଙ୍କୁ ଗୋଚ୍ଛାପଡ଼ା ଡାକ୍ତରଖାନାକୁ ନିଆଯାଇଥିଲା। ମା' ଓ ଶିଶୁର ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆମ୍ବୁଲାନ୍ସ ଯୋଗେ ସ୍ଥାନାନ୍ତର କରାଯାଇଥିଲା। ସେହିପରି ସକାଳ ପ୍ରାୟ ୧୧ଟା ସମୟରେ ଫୁଲବାଣୀ ବାଲିଗୁଡା ରାସ୍ତାର ବନ୍ଧଗଡ଼ ଗାଁ ନିକଟରେ ଦୁର୍ଘଟଣାରେ ୨ ଜଣ ବାଇକ ଆରୋହୀ ଗୁରୁତର ଆହତ ହୋଇଥିବା ବେଳେ ଅପରାହ୍ନ ୫ ଟା ସମୟରେ ଏହି ରାସ୍ତାର ମାସରୀପଡ଼ା ଛକ ନିକଟରେ ଏଆରଏସଏସ ନାମକ ଏକ ଠିକା ସଂସ୍ଥାର ମିକ୍ସଚର ଡମ୍ପର ଏକ ବାଇକକୁ ଧକ୍କା ଦେବା ଫଳରେ ବାଇକ ଚାଳକ ଜଣକ ଗୁରୁତର ଆହତ ହୋଇଛନ୍ତି। ବାଇକ ଚାଳକ ଜଣକ ଫିରିଙ୍ଗିଆ ଥାନା ରତଙ୍ଗ ପଞ୍ଚାୟତ ଡାଙ୍ଗଡ଼ିକିଆ ଗାଁର ଶ୍ରବଣ କହଁର। ସେ ଫିରିଙ୍ଗିଆ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ଡ୍ରାଇଭର ଭାବରେ କାର୍ଯ୍ୟରତ ଥିବା ଜଣାପଡ଼ିଛି। ଦୁର୍ଘଟଣା ପରେ ତାଙ୍କୁ ସ୍ଥାନୀୟ ଲୋକେ ଏକ ଅଟୋରେ ପ୍ରଥମେ ଫିରିଙ୍ଗିଆ ଡାକ୍ତରଖାନାକୁ ଆଣିଥିଲେ ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଫୁଲବାଣୀ ଜିଲ୍ଲା ମୁଖ୍ୟଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।



# ଏସିଡ୍ ମାଡ଼ ଘଟଣାରେ ଅଭିଯୁକ୍ତକୁ ୧୨ ବର୍ଷ ଜେଲ୍

**ଫୁଲବାଣୀ, ୩୦।୫(ସମିସ):** ଏକ ଏସିଡ୍ ଆକ୍ରମଣ ମାମଲାର ଶୁଣାଣି କରି ଫୁଲବାଣୀ ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ଅଭିଯୁକ୍ତକୁ ୧୨ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ଦେଇଛନ୍ତି। ଏଥିସହିତ ଦୋଷୀକୁ ୫୦ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦେୟ ଅଭିଯୁକ୍ତକୁ ଅଧିକ ୬ ମାସ ଜେଲ ଭୋଗିବାକୁ ହେବ ବୋଲି ଅଦାଲତ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ, ଟାଉନ ଥାନା ଅନ୍ତର୍ଗତ ପଟାବାଲି ସାହିର ପ୍ରମୋଦ କୁମାର ସାହୁ (୬୦)। ୨୦୨୩ ଡିସେମ୍ବର୨୮ ରେ ଫୁଲବାଣୀ ସାହିର ସୁରଜ କୁମାର ମହାନ୍ତି ସ୍ଥାନୀୟ ଶଶି ପାନ ଦୋକାନ ଛକରେ ଠିଆ ହୋଇଥିବା ବେଳେ ଆସାମୀ ପ୍ରମୋଦ ତାଙ୍କ ଉପରକୁ ଏସିଡ୍ ଫିଙ୍ଗିଥିଲା। ଏ ଖବର ପାଇ ସୁରଜଙ୍କ ବାପା କୃଷ୍ଣଚନ୍ଦ୍ର ଘଟଣା ସ୍ଥଳରେ ପହଞ୍ଚିବାରୁ ଅଭିଯୁକ୍ତ ତାଙ୍କ ଉପରକୁ ମଧ୍ୟ ଏସିଡ୍ ମାଡ଼ କରିଥିଲା। ଏସିଡ ମାଡ଼ରେ ଗୁରୁତର ବାପା ଓ ପୁଅଙ୍କୁ ସ୍ଥାନୀୟ ଲୋକେ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ ଅଭିଯୁକ୍ତକୁ କାବୁ କରି ପୁଲିସ ଜିମା ଦେଇଥିଲେ। ଟାଉନ ଥାନା ପୁଲିସ ଏହି ଘଟଣାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରିଥିଲା। ଶୁକ୍ରବାର ଏହି ମାମଲାର ଶୁଣାଣି କରି ଅତିରିକ୍ତ ଜିଲ୍ଲା ଦୌରାଜଜ୍ ପ୍ରୀତିଶ କୁମାର ରାଉତରାୟ ୧୭ ଜଣ ସାକ୍ଷୀ ଓ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନକୁ ଭିତ୍ତି କରି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ମାମଲାଟିକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ଶିବପ୍ରସାଦ ତ୍ରିପାଠୀ ପରିଚାଳନା କରୁଥିଲେ।

# ବଜ୍ରପାତରେ ବଳଦ ମୃତ

**ନୂଆଗଡ଼, ୩୦।୫(ସମିସ):** ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକ ସଦର ମହକୁମାରେ ବଜ୍ରପାତରେ ଗୋଟିଏ ବଳଦର ମୃତ୍ୟୁ ହୋଇଛି। ଗୁରୁବାର ସନ୍ଧ୍ୟାରେ ପ୍ରବଳ ଘଡ଼ଘଡ଼ି ସାଙ୍ଗକୁ ବର୍ଷା ହୋଇଥିଲା। ଗ୍ରାମର ସଉରା ସାହିର ଉପର ଆମ୍ବଗଛ ମୂଳରେ ବଳଦକୁ ରଖାଯାଇଥିଲା। ବଜ୍ରପାତ ହେବାରୁ ବଳଦର ମୃତ୍ୟୁ ହୋଇଥିଲା। ଏହି ବଳଦ ଗ୍ରାମର ପ୍ରକାଶ ଚନ୍ଦ୍ର ଏଡ୍ଲାଙ୍କ ବୋଲି ଜଣାପଡ଼ିଛି।

# ସିଆରପିଏଫ୍‌ର ଅନ୍ତର୍ଜାତୀୟ ଯୋଗ ଦିବସ



**ବାଲିଗୁଡା, ୩୦।୫(ସମିସ):** ବାଲିଗୁଡ଼ାରେ ୧୨୭ ବିଏନ୍ ସିଆରପିଏଫ ପକ୍ଷରୁ ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ୧୨୭ ବାଟାଲିଆନ୍ କମାଣ୍ଡାଣ୍ଟ ପଙ୍କଜ ବର୍ମା, ବିପିନ କୁମାର (ଡିସି)ଙ୍କ ସହିତ ବାଟାଲିଆନ୍‌ର ଅନ୍ୟାନ୍ୟ କର୍ମଚାରୀ ଏବଂ ସ୍ଥାନୀୟ ଲୋକେ ସାମିଲ ହୋଇଥିଲେ। ଯୋଗ ସମସ୍ତ ବୟସ ଏବଂ ପୃଷ୍ଠଭୂମିର ଲୋକଙ୍କୁ ନିଜ ଜୀବନରେ ସାମିଲ କରିବାକୁ ଉତ୍ସାହିତ କରେ, ଯାହା ଶାରୀରିକ, ମାନସିକ ଏବଂ ଆଧ୍ୟାତ୍ମିକ ବିକାଶକୁ ପ୍ରୋତ୍ସାହିତ କରିଥିଲା। ଯୋଗର ସାର୍ବଜନୀନ ଆକର୍ଷଣ ଏବଂ ସ୍ୱାସ୍ଥ୍ୟ ଏବଂ ଶାନ୍ତିର ମିଳିତ ଲକ୍ଷ୍ୟରେ ବିଶ୍ୱବ୍ୟାପୀ ବ୍ୟକ୍ତିଙ୍କୁ ଏକତ୍ର କରିବାର କ୍ଷମତାକୁ ଉଜ୍ଜ୍ୱଳ କରେ ବୋଲି ସିଆରପିଏଫ୍ କମାଣ୍ଡାଣ୍ଟ ଶ୍ରୀ ବର୍ମା କହିଥିଲେ।

# ଜୋର୍‌ସୋର୍‌ରେ ଚାଲିଛି ପାରଳାଖେମୁଣ୍ଡି ରଥ ନିର୍ମାଣ



**ପାରଳାଖେମୁଣ୍ଡି, ୩୦।୫(ସମିସ):** ଚଳିତବର୍ଷ ରଥଯାତ୍ରା ଆସନ୍ତା ମାସ ୨୭ ତାରିଖରେ ଅନୁଷ୍ଠିତ ହେବ। ଏଥି ନିମନ୍ତେ ପାରଳାଖେମୁଣ୍ଡିରେ ରଥ ନିର୍ମାଣ କାର୍ଯ୍ୟ ଜୋରସୋର୍‌ରେ ଚାଲିଛି। ପାରଳାଖେମୁଣ୍ଡି ରଥଯାତ୍ରାରେ ପୁରୀ ରଥଯାତ୍ରା ଭଳି ତିନୋଟି ରଥ ନିର୍ମାଣ କରାଯାଇଥାଏ। ଯାହାକି ଦକ୍ଷିଣ ଓଡ଼ିଶାର ସବୁଠୁ ବଡ ରଥଯାତ୍ରା। ରଥ ନିର୍ମାଣରେ ମୁଖ୍ୟ ମହାରଣାଙ୍କ ସମେତ ତାଙ୍କ ସହଯୋଗୀ ଲାଗି ପଡ଼ିଛନ୍ତି। ରଥ ନିର୍ମାଣ କମିଟି ସଦସ୍ୟମାନେ ଉପସ୍ଥିତ ରହି ତଦାରଖ କରୁଛନ୍ତି। ଜଗନ୍ନାଥ ମନ୍ଦିର ସମ୍ମୁଖରେ ଥିବା ରାଜଦାଣ୍ଡରେ ତିନି ରଥ ନିର୍ମାଣ ଚାଲିଛି। ଏହାକୁ ଦୃଷ୍ଟିରେ ରଖି ରାଜଦାଣ୍ଡରେ ଟ୍ରାଫିକ୍ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି।

# ଗଜପତିରେ ଧୂଆଁବାଣ ପାଲଟିଛି ଆୟୁଷ୍ମାନ ସ୍ୱାସ୍ଥ୍ୟକାର୍ଡ

ପାରଳାଖେମୁଣ୍ଡି, ୩୦।୫(ସମିସ)

ଗଜପତି ଜିଲ୍ଲାରେ ସ୍ୱାସ୍ଥ୍ୟକାର୍ଡର କୌଣସି ସୁବିଧା ଲୋକେ ପାଇପାରୁନାହାନ୍ତି। ଏନେଇ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଅଭିଯୋଗ ହେଉଛି। ପୂର୍ବ ସରକାରରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ରେ ଚିକିତ୍ସା ନିମନ୍ତେ ପୁରୁଷଙ୍କ ନିମନ୍ତେ ୫ ଲକ୍ଷ ଓ ମହିଳାଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ବ୍ୟବସ୍ଥା ରହିଥିଲା। କେନ୍ଦ୍ର ସରକାର ଆୟୁଷ୍ମାନ ଯୋଜନାରେ ସ୍ୱାସ୍ଥ୍ୟ କାର୍ଡ ପ୍ରଚଳନ କରିଥିଲେ। ସେତେବେଳେ ଓଡ଼ିଶା ସରକାର କେନ୍ଦ୍ର ସରକାରଙ୍କର ଆୟୁଷ୍ମାନ ଯୋଜନା ରାଜ୍ୟରେ କାର୍ଯ୍ୟକାରୀ କରିବାକୁ ମନା କରିଦେଇଥିଲେ। ହେଲେ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଗଠନ ହେବା ପରେ ଆୟୁଷ୍ମାନ କାର୍ଡ ଯୋଜନା କାର୍ଯ୍ୟକାରୀ କରାଯିବ ଏବଂ ସେଥିରେ ବହୁ ଉନ୍ନତମାନର ସ୍ୱାସ୍ଥ୍ୟ ସେବା ଦେଶର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ମିଳିବ ବୋଲି ଡିଣ୍ଡିମ ପିଟିଥିଲେ। ଉଭୟ କେନ୍ଦ୍ର ଓ ରାଜ୍ୟରେ ବିଜେପି ସରକାର ଆସିଲା। ଚଳିତବର୍ଷ ଏପ୍ରିଲ ମାସ ୧୧ରେ କଟକ ବାଲିଯାତ୍ରା ପଡ଼ିଆରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଶୁଭାରମ୍ଭ କରିଥିଲେ। ଉକ୍ତ ସଭାରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ନଡ୍ଡାଙ୍କ ସହ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଅନ୍ୟାନ୍ୟ ମନ୍ତ୍ରୀ ଓ ବିଧାୟକ ଆୟୁଷ୍ମାନ ଯୋଜନାରେ ସ୍ୱାସ୍ଥ୍ୟକାର୍ଡରେ କଣ କଣ ସୁବିଧା ରହିଛି ବଖାଣି ଥିଲେ। ଏପରିକି ରାଜ୍ୟର ୩ କୋଟି ୪୬ ଲକ୍ଷ ଲୋକଙ୍କୁ ଏହି ଆୟୁଷ୍ମାନ କାର୍ଡର ସୁବିଧା ମିଳିବ ବୋଲି କହିଥିଲେ। ଯେତେ ପର୍ଯ୍ୟନ୍ତ ଲୋକଙ୍କୁ ଆୟୁଷ୍ମାନ କାର୍ଡ ମିଳି ନ ଥିବ ସେ ପର୍ଯ୍ୟନ୍ତ ପୂର୍ବ ସରକାରଙ୍କ ବିଏସ୍‌କେୱାଇ କାର୍ଡ କାର୍ଯ୍ୟକାରୀ ହେବ ବୋଲି କହିଥିଲେ। କିନ୍ତୁ ଏହାର ବାସ୍ତବ ଚିତ୍ର ପୁରା ଭିନ୍ନ। ଯାହା ବଖାଣୁଛି ଆଦିବାସୀ ଅଧ୍ୟୁଷିତ ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଜଙ୍ଗଲପାଡୁ ଗ୍ରାମର ଦେବରାଜ ଜେନାଙ୍କ କ୍ଷେତ୍ରରେ। ଶ୍ରୀ ଜେନା ୨୦୨୨ ମସିହାରୁ ଯକୃତ ଜନିତ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଛନ୍ତି। ପ୍ରଥମେ ସେ ବ୍ରହ୍ମପୁର ସ୍ଥିତ ଏକ ଘରୋଇ ହସ୍‌ପିଟାଲରେ ନିଜସ୍ୱ ଖର୍ଚ୍ଚରେ ପ୍ରାୟ ୪ରୁ ୫ଲକ୍ଷ ଟଙ୍କା ବ୍ୟୟ କରି ଚିକିତ୍ସିତ ହେଉଥିଲେ। ତାପରେ ସେ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ସହରରେ ଥିବା ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହୋଇଥିଲେ। ସେତେବେଳେ ସେ ବିଏସ୍‌କେୱାଇ କାର୍ଡରେ ମିଳୁଥିବା ଅର୍ଥରୁ ଚିକିତ୍ସିତ ହୋଇଥିଲେ। ସେଠାରେ ତାଙ୍କର ସ୍ୱାସ୍ଥ୍ୟରେ ଉନ୍ନତି ଆସିବାରୁ ଘରକୁ ଫେରିଥିଲେ। କିନ୍ତୁ ବର୍ତ୍ତମାନ ପୁଣି ତାଙ୍କର ଯକୃତ ଜନିତ ସମସ୍ୟା ଦେଖାଦେଇଛି। ମାତ୍ର ତାଙ୍କ ପାଖରେ ଆୟୁଷ୍ମାନ ସ୍ୱାସ୍ଥ୍ୟକାର୍ଡ ନାହିଁ କି ଅର୍ଥ ବି ନାହିଁ। ସରକାରଙ୍କ ଘୋଷଣା ମୁତାବକ ବିଏସ୍‌କେୱାଇ ସ୍ୱାସ୍ଥ୍ୟକାର୍ଡ କାର୍ଯ୍ୟକାରୀ ହେଉନାହିଁ। ଦେବରାଜ ଓ ତାଙ୍କ ପରିବାର ଲୋକେ ଚିକିତ୍ସା ନିମନ୍ତେ ଜେମ୍ସ ହସ୍ପିଟାଲକୁ ଯାଉଛନ୍ତି। ସେଠାରେ ବିଏସ୍‌କେୱାଇ ସ୍ୱାସ୍ଥ୍ୟକାର୍ଡ ଦେଖାଇଲେ ହସ୍ପିଟାଲ କର୍ତ୍ତୃପକ୍ଷ ଗ୍ରହଣ କରୁନାହାନ୍ତି। ଫଳରେ ଥରେ ଚିକିତ୍ସା ପାଇଁ ଗଲେ ନିଜସ୍ୱ ହାତରୁ ହଜାର ହଜାର ଟଙ୍କା ଖର୍ଚ୍ଚ କରୁଛନ୍ତି। ଡବଲ ଇଞ୍ଜିନ ସରକାରଙ୍କ ତରଫରୁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଏପ୍ରିଲ୍ ୧୧ ତାରିଖରେ ଆୟୁଷ୍ମାନ ଯୋଜନାରେ ରହିଥିବା ସୁବିଧା ଗୁଡିକ ବିଷୟରେ ଘୋଷଣା କରିଥିଲେ ତାହା କିପରି କାର୍ଯ୍ୟକାରୀ ହେଉଛି ଜଙ୍ଗଲପାଡୁ ଗ୍ରାମର ଦେବରାଜ ଜେନାଙ୍କ କ୍ଷେତ୍ରରେ ଦେଖିଲେ ଜଣାପଡୁଛି।



## ବଜ୍ରପାତରେ ଶିଶୁ ସମେତ ୫ ଛେଳି ମୃତ



**ଗୁମ୍ମା, ୩୦।୫(ସମିସ):** ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ସେରଙ୍ଗ ଥାନା କୁମୁଡିଆ ଗ୍ରାମରେ ବଜ୍ରପାତରେ ଜଣେ ଶିଶୁଙ୍କ ସମେତ ୫ ଛେଳଙ୍କ ମୃତ୍ୟୁ ହୋଇଛି। ମୃତକ ହେଉଛନ୍ତି ସେରଙ୍ଗ ଥାନା ଅନ୍ତର୍ଗତ କୁମୁଡିଆ ଗ୍ରାମର ବଙ୍ଗୁରୁ ଗମାଙ୍ଗଙ୍କ ସାତ ବର୍ଷିୟ ପୁତ୍ର ଅମିତ ଗମାଙ୍ଗ। ଅମିତ ସନ୍ଧ୍ୟାରେ ନିଜ ଘରର ବାରିପଟେ ଥିବା ଶୌଚାଳୟକୁ ଯାଉଥିବା ବେଳେ ବଜ୍ରପାତ ହୋଇଥିଲା। ଏଥିରେ ଶିଶୁ ଅମିତ ଗୁରୁତର ଆହତ ହୋଇଥିଲା। ପରିବାର ଲୋକେ ତୁରନ୍ତ ଗୁମ୍ମା ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ଆଲୋକ କୁମାର ମୃତ ଘୋଷଣା କରିଥିଲେ। ଠିକ୍ ସେହି ସମୟରେ ନିକଟରେ ଥିବା ଏକ ଛେଳି ଗୁହାଳରେ ବଜ୍ରପାତ ହେବାରୁ ପାଞ୍ଚଟି ଛେଳି ମୃତ୍ୟୁ ହୋଇଛି। ଘଟଣା ସମ୍ପର୍କରେ ସେରଙ୍ଗ ଥାନା ପୁଲିସ୍ ଖବର ପାଇ ପହଞ୍ଚି ତଦନ୍ତ କରୁଥିବା ବେଳେ ଅମିତଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

## ଲୋକାର୍ପଣ ହେଲା 'ମହାପ୍ରୟାଣ'ଗାଡ଼ି




**କୋଦଳା, ୩୦।୫(ସମିସ):** ଦୀର୍ଘ ଦୁଇବର୍ଷରୁ ଊର୍ଦ୍ଧ୍ୱ ହେବ ମେଡିକାଲ ମଧ୍ୟରେ ପଡ଼ି ରହିଥିବା ମହାପ୍ରୟାଣ ଗାଡିଟି ଶୁକ୍ରବାର ଠାରୁ ଜନସାଧାରଣଙ୍କ ସେବାରେ ନିୟୋଜିତ ହେବ ବୋଲି ଜଣାପଡ଼ିଛି। ପୂର୍ବତନ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଜନସାଧାରଣଙ୍କୁ ସୁବିଧା ଯୋଗାଇବା ନିମନ୍ତେ ମାଗଣାରେ ଗୋଟିଏ ଶବ ବାହକ ମହାପ୍ରୟାଣ ଗାଡି କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯୋଗାଇ ଦେଇଥିଲେ। କିନ୍ତୁ ପ୍ରଶାସନ ଅବହେଳାରେ ଦୀର୍ଘ ଦୁଇବର୍ଷରୁ ଊର୍ଦ୍ଧ୍ୱ ହେବ ଗାଡିଟି ଜନସାଧାରଣଙ୍କ କାର୍ଯ୍ୟରେ ନ ଲାଗି କୋଦଳା ମେଡିକାଲରେ ପଡ଼ିରହିଥିଲା। ବର୍ତ୍ତମାନ ବିଧାୟକ ପ୍ରତାପ ଚନ୍ଦ୍ର ନାୟକଙ୍କ ହସ୍ତକ୍ଷେପ ଫଳରେ ପ୍ରଶାସନ ତତ୍ପରତା ଦେଖାଇ ଏହାକୁ ଲୋକାର୍ପଣ କରିଥିଲେ। ଶୁକ୍ରବାର ଏହା ଗରିବ ଲୋକଙ୍କ ଶବଦାହ ନିମନ୍ତେ ମାଗଣାରେ ବ୍ୟବହାର କରାଯିବ ବୋଲି କୋଦାଳା ଏନଏସି ଅଧ୍ୟକ୍ଷ୍ୟ ସୂର୍ଯ୍ୟ ନାରାୟଣ ନାୟକ କହିଛନ୍ତି। କାର୍ଯ୍ୟକ୍ରମରେ କୋଦଳା ମେଡିକାଲ ଇନଚାର୍ଜ ଡାକ୍ତର ଆଦିତ୍ୟ ପ୍ରସାଦ ସାହୁଙ୍କ ସମେତ ସାଂସଦ ପ୍ରତିନିଧି ଆଲୋକ ଶତପଥୀ, ବିଜେପି ନେତା ବିଭୂତି ପାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

## ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରମାଣପତ୍ର ପ୍ରଦାନ




**ଗଞ୍ଜାମ, ୩୦।୫(ସମିସ):** ଗଞ୍ଜାମ ଜିଲ୍ଲା ଜନ ଶିକ୍ଷଣ ସଂସ୍ଥାନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମର ପ୍ରଶିକ୍ଷଣ ପ୍ରମାଣପତ୍ର ପ୍ରଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଲିବନ୍ଧ ପଞ୍ଚାୟତର ପୋଡ଼ମପେଟା ଓଡ଼ିଆରପି କଲୋନୀରେରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ସଂଯୁକ୍ତା ପ୍ରଧାନ ଯୋଗଦେଇ ୨୦ଜଣ କମ୍ପ୍ୟୁଟର ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରି ଏହାର ଶୁଭାରମ୍ଭ କରିଥିଲେ। ଅନୁଷ୍ଠାନର ଗଞ୍ଜାମ ଜିଲ୍ଲା ନିର୍ଦ୍ଦେଶକ ମନୋଜ ବିଶ୍ୱାଳ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିବିରାର୍ଥିଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ବୋର୍ଡ ଅଫ ମେମ୍ବର ତଥା ଓଡ଼ିଶା ସମ୍ବାଦିକ ସଙ୍ଘର ମହିଳା ଆବାହିକା ବିଜୟଲକ୍ଷ୍ମୀ ମହାଙ୍କୁଡ଼ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପ୍ରୋଗ୍ରାମ ଅଫିସର ଉମାକାନ୍ତ ବେହେରା ସଭାପତିତ୍ୱ କରିଥିଲେ। କମ୍ପ୍ୟୁଟର ପ୍ରଶିକ୍ଷକ ଜେ. ଟିଟୁ, ସହଯୋଗି ସି ଏଚ ପଦ୍ମିନୀ, ସୀମାଞ୍ଚଳ ସାହୁ କାର୍ଯ୍ୟକ୍ରମ ସୁପରିଚାଳନା କରିଥିଲେ।

**ବିଧାନସଭା ଷ୍ଟାଣ୍ଡିଂ କମିଟିର ଭଞ୍ଜନଗର ଗସ୍ତ**

## ଅଞ୍ଚଳ ବୁଲିଲେ; ଭିତ୍ତିଭୂମି ପରଖିଲେ

ଭଞ୍ଜନଗର ୩୦।୫ (ସମିସ)

ରାଜ୍ୟ ବିଧାନସଭାର ନବମ ଷ୍ଟାଣ୍ଡିଂ କମିଟି ଶୁକ୍ରବାର ଗଞ୍ଜାମ ଜିଲ୍ଲା ଗସ୍ତ କରିଛନ୍ତି। ବିଧାୟକ ସନାତନ ବିଜୁଳିଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ଷ୍ଟାଣ୍ଡିଂ କମିଟିର ସଦସ୍ୟ ବିଧାୟକ ଦେବିରଞ୍ଜନ ତ୍ରିପାଠୀ, ଅରବିନ୍ଦ ମହାପାତ୍ର, ଅମର କୁମାର ନାୟକ, ଦୁଷ୍ମନ୍ତ କୁମାର ସ୍ୱାଇଁ, ନିଳମଣି ବିଷୋୟୀ ଓ ପବିତ୍ର ସାଉଁତାଙ୍କ ସମେତ ସ୍ଥାନୀୟ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ପ୍ରମୁଖ ଜଗନ୍ନାଥପ୍ରସାଦ ଓ ଭଞ୍ଜନଗର ବ୍ଲକର ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବା ପରେ ସରକାରୀ ଯୋଜନାର ଅନୁଧ୍ୟାନ କରିବା ସହିତ ଭଞ୍ଜନଗର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ବିଭାଗୀୟ ଅଧିକାରୀଙ୍କ ସହ ସମୀକ୍ଷା ବୈଠକ କରିଥିଲେ। କମିଟି ସଦସ୍ୟ ପ୍ରଥମେ ଜଗନ୍ନାଥପ୍ରସାଦର ଗାୟାଗଣ୍ଡାରେ ନିର୍ମାଣାଧିନ ମେଗା ପାନୀୟ ଜଳ ପ୍ରକଳ୍ପରେ ପହଞ୍ଚିଥିଲେ। ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଷ୍ଟାଣ୍ଡିଂ କମିଟିର ସଦସ୍ୟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହାପରେ କମିଟି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣାଧିନ ତାରସିଂ ଓ ଗାୟାଗଣ୍ଡା ଉଚ୍ଚ କ୍ଷମତା ସମ୍ପନ୍ନ ସେତୁ କାର୍ଯ୍ୟର ତଦାରଖ କରିଥିଲେ। ପରେ ଜାମପଲ୍ଲୀ ଗ୍ରାମ କୁ ଯାଇ ସେଠାରେ ମଧ୍ୟ ସରକାରୀ ପ୍ରକଳ୍ପ କାର୍ଯ୍ୟର ତଦାରଖ କରିଥିଲେ। ପ୍ରକଳ୍ପ କାର୍ଯ୍ୟ ସଠିକ ସମୟରେ ସମ୍ପୂର୍ଣ୍ଣ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଷ୍ଟାଣ୍ଡିଂ କମିଟି ନିର୍ଦ୍ଦେଶ ଦେଇଛନ୍ତି। କମିଟିଙ୍କ ଗସ୍ତ ସମୟରେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ମଧୁମିତା, ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରାଙ୍କ ସମେତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଉପଜିଲ୍ଲାପାଳ ଉମାଶଙ୍କର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



## କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ



**ଦିଗପହଣ୍ଡି, ୩୦।୫(ସମିସ):** ଦିଗପହଣ୍ଡି ଏନଏସି କାର୍ଯ୍ୟାଳୟରେ ନୂଆ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଅବିନାଶ ମିଶ୍ର ଯୋଗଦାନ କରିଛନ୍ତି। ପୂର୍ବରୁ ସେ କନ୍ଧମାଳ ଜିଲ୍ଲା ଟିକାବାଲି ତହସିଲ କାର୍ଯ୍ୟାଳୟରେ ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟ କରୁଥିଲେ। ପୂର୍ବ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଅଶୋକ କୁମାର କର୍ଣ୍ଣଙ୍କୁ ଇତି ମଧ୍ୟରେ ନବରଙ୍ଗପୁର ପୌରପାଳିକାକୁ ବଦଳି ହୋଇଯାଇଛି। ନବାଗତ ଅଧିକାରୀ ଶ୍ରୀ ମିଶ୍ର ଦିଗପହଣ୍ଡି ଏନଏସି କାର୍ଯ୍ୟାଳୟରେ ପହଞ୍ଚି ପୂର୍ବତନ ଅଧିକାରୀ ଶ୍ରୀ କର୍ଣ୍ଣଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହାପରେ ଦିଗପହଣ୍ଡି ଏନଏସି କାର୍ଯ୍ୟାଳୟ କର୍ମଚାରୀ ବୃନ୍ଦଙ୍କ ପକ୍ଷରୁ ନୂତନ ଅଧିକାରୀ ଶ୍ରୀ ମିଶ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ନଗରପାଳ ପ୍ରଫୁଲ ପଣ୍ଡା, ଉପାଧ୍ୟକ୍ଷା କେ. ପୂଜା, ମୁଖ୍ୟ କିରାଣୀ ରାଜକିଶୋର ରଥଙ୍କ ସମେତ କାର୍ଯ୍ୟରତ ସହକାରୀ ଯନ୍ତ୍ରୀ ଇଂ. ମମତା କୁମାରୀ ପଣ୍ଡା, କନିଷ୍ଠ ଯନ୍ତ୍ରୀ ଇଂ. ରଶ୍ମୀରାଣୀ ନାହାକ, ଗୋଷ୍ଠୀ ସଂଗଠିକା ସନ୍ଧ୍ୟାରାଣୀ ପଟ୍ଟନାୟକ, ସ୍ୱାଗତିକା ପାତ୍ର, କାଳୁଚରଣ ପ୍ରଧାନ, ମୃତ୍ୟୁଞ୍ଜୟ ଦାସ, ସନ୍ତୋଷ କୁମାର ପାଢ଼ୀ, ହରିକୃଷ୍ଣ ସାହୁ, ବାଳକୃଷ୍ଣ ପାଣିଗ୍ରାହୀ, ସତ୍ୟନାରାୟଣ ଦାସ, ଧୀରଜ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲା ପରିଷଦ ସଦସ୍ୟଙ୍କ ବନ୍ଧୁମିଳନ ସମାରୋହ



**ପୋଲସରା, ୩୦।୫(ସମିସ):** ପୋଲସରା ବ୍ଲକ ପାଣ୍ଡିରୀପଡ଼ା ପଞ୍ଚାୟତ କସିପଡ଼ା ସ୍ଥିତ ମା ସିଂହାସନୀ ପୀଠ ପରିସରରେ ଶୁକ୍ରବାର ଜିଲ୍ଲା ପରିଷଦ ସଭ୍ୟ ସଭ୍ୟାଙ୍କ ଜିଲ୍ଲାସ୍ତରୀୟ ବନ୍ଧୁମିଳନ ସମାରୋହ ସହ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତେ ଏକତ୍ରିତ ହୋଇ କାର୍ଯ୍ୟକାରୀ ଆଗକୁ ବଢ଼ିବା ତା ସାଙ୍ଗକୁ ନିଜର ହକ ପାଇଁ ଦାବି କରି କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ଜିଲ୍ଲା ପରିଷଦ ସଦସ୍ୟ ମାନଙ୍କ ଆଲୋଚନା ସମୟରେ ଆସିକା ନିର୍ବାଚନ ମଣ୍ଡଳୀର ଜିଲ୍ଲାପରିଷଦ ସଭ୍ୟା ଅନିମା ପରିଡ଼ା କହିଥିଲେ କି ସମସ୍ତ ସଦସ୍ୟ ମାନଙ୍କୁ ନେଇ ଷ୍ଟାଣ୍ଡିଙ୍ଗ କମିଟି ଗଠନ କରାଯାଉ। ବର୍ତ୍ତମାନ ନୂତନ ସରକାର ଆସିଲା ପରେ ଅଣଦେଖା କରୁଛନ୍ତି, ବ୍ଲକ ମାନଙ୍କରେ ଗୁରୁତ୍ୱ ଦେଉନାହାନ୍ତି। ଏତଦବ୍ୟତୀତ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ତା ସହିତ ବ୍ଲକର ବିଡ଼ିଓ ମାନେ ଜିଲ୍ଲା ପରିଷଦ ସଦସ୍ୟ ମାନଙ୍କ କଥାକୁ ଗୁରୁତ୍ୱ ନ ଦେଇ କାର୍ଯ୍ୟକରୁଛନ୍ତି ବୋଲି କହିଥିଲେ। ଜିଲ୍ଲା ପରିଷଦ ଫଣ୍ଡକୁ ବ୍ଲକରେ କାର୍ଯ୍ୟକାରୀ କରୁନାହାନ୍ତି ବୋଲି ଖଲ୍ଲିକୋଟ ନିର୍ବାଚନ ମଣ୍ଡଳୀର ଜିଲ୍ଲାପରିଷଦ ସଭ୍ୟ ବିନାୟକ ଜାଲି କହିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁ, ଛତ୍ରପୁର ପୂର୍ବତନ ବିଧାୟକ ସୁବାସ ବେହେରା, ଖଲ୍ଲିକୋଟ ପୂର୍ବତନ ବିଧାୟିକା ସୂର୍ଯ୍ୟମଣୀ ବୈଦ୍ୟ, ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ଭୃଗୁ ବକ୍ସିପାତ୍ର, ସୋରଡ଼ାର ପୂର୍ବତନ ବିଧାୟକ ପୂର୍ଣ୍ଣ ସ୍ୱାଇଁ, ଆସିକାର ପୂର୍ବତନ ସାଂସଦ ପ୍ରମିଳା ବିଷୋୟୀ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ରାଜେଶ୍ୱରୀ ଦୋରା, ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷ ସୁରଥ ପ୍ରଧାନ, ଦେବାନନ୍ଦ ମହାପାତ୍ର, ରଞ୍ଜିତା ସାହୁ ପ୍ରମୁଖ ଯୋଗଦେଇ ସମସ୍ତ ସମସ୍ୟାର ସମାଧାନ କରିବା ସହିତ ସମସ୍ତେ ଏକାଠି ହୋଇ ମିଳିମିଶି ରହି ସଂଗଠନକୁ ସୁଦୃଢ କରିବା ପାଇଁ ନିଷ୍ପତ୍ତି ନେଇଥିଲେ।

## ଦୁର୍ଘଟଣାରେ ଜଣେ ଗୁରୁତର

**ଗଞ୍ଜାମ, ୩୦।୫(ସମିସ):** ଗଞ୍ଜାମ ଥାନା ଅନ୍ତର୍ଗତ ଲକ୍ଷ୍ମୀପୁର ନିକଟ ଫ୍ଲାଇ ଓଭର୍ ବ୍ରିଜ ଠାରେ ଟ୍ରକ୍‌କୁ ପିଟିଲା କାର। ଏଥିରେ ଜଣେ ଗୁରୁତର ଏବଂ ଜଣେ ଆହତ ହୋଇଛନ୍ତି। ବାଲୁଗାଁରୁ ଏକ କାର୍‌ରେ ସ୍ୱାମୀ ସ୍ତ୍ରୀ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ଲକ୍ଷ୍ମୀପୁର ଓଭର ବ୍ରିଜ୍ ଟ୍ରକ୍‌କୁ କାର୍‌ଟି ପଛ ପଟୁ ଧକ୍କା ଦେଇଥିଲା। ଫଳରେ କାର୍‌ରେ ବସିଥିବା ମହିଳା ଆହତ ହୋଇଥିବାବେଳେ ସ୍ଥାନୀୟ ଲୋକଙ୍କ ସହଯୋଗରେ ଏକ ସ୍କର୍ପିଓକୁ ଅଟକାଇ ବ୍ରହ୍ମପୁର ମେଡ଼ିକାଲକୁ ପଠାଇଥିଲେ। ଗଞ୍ଜାମ ଥାନା ଏସ୍‌ଆଇ ଅନିରୁଦ୍ଧ ସ୍ୱାଇଁ ଘଟଣାସ୍ଥଳରେ ପହଁଚି ଜେସିବି ସାହାଯ୍ୟରେ ବାହାର କରି ରାସ୍ତାରୁ ହଟାଇଥିଲେ। ବର୍ତ୍ତମାନ ସୁଦ୍ଧା ଆହତ ଦମ୍ପତିଙ୍କ ପରିଚୟ ମିଳିନାହିଁ। ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

## କୁକୁଡ଼ାଖଣ୍ଡି ପାଇଁ କରୁଣାକର ନୋଟାରି ନିଯୁକ୍ତ

**କୁକୁଡାଖଣ୍ଡି, ୩୦।୫(ସମିସ):** କୁକୁଡାଖଣ୍ଡି ଓକିଲ ସଂଘର ସମ୍ପାଦକ ତଥା ବରିଷ୍ଠ ଆଇନଜୀବୀ କରୁଣାକର ପାଣିଗ୍ରାହୀଙ୍କୁ ଭାରତ ସରକାରଙ୍କ ଆଇନ ବିଭାଗ କୁକୁଡାଖଣ୍ଡି ବ୍ଲକ ପାଇଁ ନୋଟାରି ନିଯୁକ୍ତ କରିଛନ୍ତି। ଆଇନ ମନ୍ତ୍ରାଳୟ ତରଫରୁ ଏନେଇ ଆଇନଜୀବୀ କରୁଣାକରଙ୍କୁ ପତ୍ର ଦ୍ୱାରା ଜଣାଇଦିଆଯାଇଛି। ନୂତନ ନିଯୁକ୍ତି ନେଇ ସେ ବ୍ରହ୍ମପୁର ସାଂସଦ ପ୍ରଦୀପ ପାଣିଗ୍ରାହୀ, କେନ୍ଦ୍ର ଆଇନମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଗ୍ରାମାଞ୍ଚଳରେ ଥିବା ନିରିହ ଆଦିବାସୀ, ହରିଜନ, ଗରିବ ଶ୍ରେଣୀର ଲୋକେ ସତ୍ୟପାଠ ପାଇଁ ବ୍ରହ୍ମପୁର ଉପରେ ନିର୍ଭର କରୁଥିବା ବେଳେ କୁକୁଡାଖଣ୍ଡି ନୋଟାରି ହେବା ଦ୍ୱାରା ଲୋକେ ଆହୁରି ସହଜରେ ସତ୍ୟପାଠ ଗୁଡିକ କରିପାରିବେ ବୋଲି ମତବ୍ୟକ୍ତ କରିଛନ୍ତି ଶ୍ରୀ ପାଣିଗ୍ରାହୀ।

## ଦୁଷ୍କର୍ମ ପୀଡ଼ିତାଙ୍କ ପରିବାରକୁ ଧମକ

**ଦିଗପହଣ୍ଡି, ୩୦।୫(ସମିସ):** ଦିଗପହଣ୍ଡି ଥାନା ଅଧିନ ଏକ ଗାଁରେ ଗତ ପ୍ରାୟ ୮ ମାସ ପୂର୍ବେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ମାମଲାରେ ଗିରଫ ହୋଇ ବ୍ରହ୍ମପୁର ଜେଲରେ ଥିବା ଅଭିଯୁକ୍ତ ବୁଲୁ ସାହୁଙ୍କ ପରିବାର ଲୋକେ ପୀଡ଼ିତା ନାବାଳିକାଙ୍କ ପରିବାର ଲୋକଙ୍କୁ କୋର୍ଟରେ ସାକ୍ଷ୍ୟ ନଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି। ନାବାଳିକାଙ୍କ ମା' ଏନେଇ ଦିଗପହଣ୍ଡି ଥାନାରେ ଏତଲା ଦେବାପରେ ଭାରପ୍ରାପ୍ତ ଆଇଆଇସି ତଥା ଡିଏସପି ପ୍ରଶାନ୍ତ କୁମାର ପାତ୍ର ମାମଲା ନଂ.୧୮୯/୨୫ ଅନୁଯାୟୀ ଅଭିଯୁକ୍ତ ବିଜୟ ସାହୁ, ମିଟୁ ସାହୁ, ଧୋବଣୀ ସାହୁ ଏବଂ ପାଣ୍ଡି ସାହୁଙ୍କ ନାଁରେ ମକଦ୍ଦମା ରୁଜୁକରି ତଦନ୍ତ ଚଳାଇଛନ୍ତି। ବ୍ରହ୍ମପୁର କୋର୍ଟରେ ବିଚାରାଧୀନ ଥିବା ମକଦ୍ଦମାରେ ସାକ୍ଷ୍ୟ ନଦେବା ପାଇଁ ପୀଡ଼ିତାଙ୍କ ପରିବାର ଲୋକଙ୍କୁ ପ୍ରଥମେ ବିଭିନ୍ନ ଉପାୟରେ ଯୋଗାଯୋଗ କରି ଅର୍ଥ ପ୍ରଦାନ ପାଇଁ ଲୋଭ ଦେଖାଇଥିଲେ। ସେମାନେ ପ୍ରସ୍ତାବରେ ରାଜି ନହେବାରୁ ଅଭିଯୁକ୍ତଙ୍କ ପରିବାର ଲୋକେ ବିଭିନ୍ନ ମାରଣାସ୍ତ୍ର ଧରି ପୀଡ଼ିତାଙ୍କ ଘରକୁ ଯାଇ କୋର୍ଟରେ ସାକ୍ଷ୍ୟ ପ୍ରଦାନ କଲେ ନାବାଳିକାଙ୍କ ବାପା ସରୋଜ ଦାସଙ୍କୁ ହତ୍ୟା କରିବାକୁ ଧମକ ଦେଇଥିବା ଏତଲାରେ ଉଲ୍ଲେଖ ରହିଛି।

## ଜିଲ୍ଲାସ୍ତରୀୟ ଆଧାର ମନିଟରିଂ କମିଟି ବୈଠକ


**ପାରଳାଖେମୁଣ୍ଡି, ୩୦।୫(ସମିସ):** ଗଜପତି ଜିଲ୍ଲାସ୍ତରୀୟ ଆଧାର ମନିଟରିଂ କମିଟି ବୈଠକ ଶୁକ୍ରବାର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତା କରି ଜିଲ୍ଲାରେ ଆଧାର କାର୍ଡ ସମସ୍ତ ଜନସାଧାରଣଙ୍କ ପାଇଁ ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ। ପ୍ରତ୍ୟେକ ୧୦ ବର୍ଷ ମଧ୍ୟରେ ଆଧାର ଅପଡେଟ୍ ହେବା ଆବଶ୍ୟକ। ଗଜପତି ଜିଲ୍ଲାରେ ବ୍ୟାପକ ସଚେତନତା ମାଧ୍ୟମରେ ଏହାକୁ ସଫଳ କରିବାକୁ ଜିଲ୍ଲାପାଳ କହିଥିଲେ। ଆଧାର କାର୍ଡ ବ୍ୟାଙ୍କ୍ ଆକାଉଣ୍ଟ ଖୋଲିବା, ରାସନ କାର୍ଡ, ଛାତ୍ର ବୃତ୍ତି ପାଇବା ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ସହାୟକ ହେଉଛି। ତେଣୁ ସଚେତନତା ମାଧ୍ୟମରେ ଲୋକଙ୍କୁ ଅବଗତ କରାଇବାକୁ ପରାମର୍ଶ ଦିଆଯାଇଛି। ଅନଲାଇନ୍‌ରେ ଅପଡେଟ କରାଯାଇ ପାରିବ। ସେହିପରି ଜିଲ୍ଲାରେ ୨୯ ଜନସେବା କେନ୍ଦ୍ରରେ ଆଧାର ଅପଡେଟ୍ କରାଯାଉଛି। ଏହା ସହ ପୋଷ୍ଟ ଅଫିସ, ବିଭିନ୍ନ ବ୍ୟାଙ୍କ୍, ବ୍ଲକ ଅଫିସ୍, ବିଭିନ୍ନ ଅଙ୍ଗନବାଡି କେନ୍ଦ୍ରରେ ମଧ୍ୟ ଏହା କରାଯାଉଛି। ଜିଲ୍ଲାରେ ୦-୫ ବର୍ଷ ଶିଶୁ ମାନଙ୍କ ଆଧାର କରିବା ସହିତ ୫ରୁ ଅଧିକ ବୟସ ବର୍ଗଙ୍କ ପାଇଁ ମଧ୍ୟ ଆଧାର ଅପଡେଟ୍ ଆବଶ୍ୟକତା ଅଛି ବୋଲି ବୈଠକରେ ସୂଚନା ଦିଆଯାଇଛି। ଆଧାର ତାଲିକା ଭୁକ୍ତ କରିବାରୁ ପ୍ରଶାସନ ପକ୍ଷରୁ ପ୍ରତି ବ୍ଲକ, ପଞ୍ଚାୟତ ସ୍ତରରେ ଶିବିର ଆୟୋଜନ କରାଯିବାକୁ ସ୍ଥିର କରାଯାଇଛି। ଦଶ ବର୍ଷ ପୂର୍ବେ କରିଥିବା ଆଧାର କାର୍ଡ ଅପଡେଟ୍ କରିବା ଓ ମୋବାଇଲ୍ ନମ୍ବର ସଂଯୋଗ, ବାଓମେଟ୍ରିକ୍ ଅପଡେଟ୍ ଆଦି ସମସ୍ତ ପ୍ରକ୍ରିୟା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ମହମ୍ମଦ ମୁବାରାକ ଅଲ୍ଲୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସନ୍ତୋଷ କୁମାର ନାୟକ, ଲିଡ୍ ବ୍ୟାଙ୍କ ମ୍ୟାନେଜର ମହେଶ୍ୱର ମଣ୍ଡଳ, ଚିରଞ୍ଜୀବି ଦୋରାଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।



**ରାସ୍ତା ନା ଆବର୍ଜନାକୁଣ୍ଡ**

## ଅଙ୍ଗନବାଡ଼ି କେନ୍ଦ୍ର ରାସ୍ତା ଶୋଚନୀୟ; ଶୁଣୁନି ପ୍ରଶାସନ



ହୁମ୍ମା, ୩୦।୫(ସମିସ)

ଗଞ୍ଜାମ ବ୍ଲକ ହୁମ୍ମା ତଳ ସାହି ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ର ରାସ୍ତା ଶୋଚନୀୟ। ସ୍ଥାନୀୟ ପ୍ରଶାସନକୁ ଅଭିଯୋଗ ସତ୍ତ୍ୱେ ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ ହେଉନଥିବା ନେଇ ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଏହି ରାସ୍ତାଟି ପ୍ରାଇମେରୀ ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ରକୁ ହୁମ୍ମାର ପାଟଣା ସାହି, ବଡ଼ ସାହି, ଗିରିଧାରୀ ସାହି, ତଳ ସାହିର ୫୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ନିର୍ଭରଶୀଳ। ତତସହିତ ତଳ ସାହିର ଦଶ ପରିବାର ସେହି ରାସ୍ତାକୁ ନିର୍ଭର କରିଥାନ୍ତି। ହେଲେ ହୁମ୍ମା ପଞ୍ଚାୟତର ସରପଞ୍ଚ ଓ ବ୍ଲକ ପ୍ରଶାସନକୁ ବାରମ୍ବାର ଅଭିଯୋଗ କରି ଆସୁଛନ୍ତି କିନ୍ତୁ ଏହାକୁ ଅଣଦେଖା କରାଯାଉଥିବା ନେଇ ସ୍ଥାନୀୟ ବାସିନ୍ଦାମାନେ କହିଛନ୍ତି। ଅଦିନିଆ ଲଘୁଚାପ ବର୍ଷା ସହ ମୌସୁମୀ ମଧ୍ୟ ଆସିଲାଣି। ଏଭଳି ସ୍ଥିତିରେ ଅଞ୍ଚଳରେ ଜ୍ୱର, କାଶ ଓ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି। କିନ୍ତୁ ଉକ୍ତ ରାସ୍ତାଟି ବର୍ଷା ପାଣି ଜମି କଦର୍ଯ୍ୟ ହୋଇ ପଡ଼ିରହିଛି। ରାସ୍ତାର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପାଣି ଜମି ରହି ଅଳିଆ ଆବର୍ଜନା ଯୋଗୁଁ ଦୁର୍ଗନ୍ଧ ବାହାରୁଛି। ପାଣି ଭିତରେ ସରିସୃପଙ୍କ ପ୍ରାଦୁର୍ଭାବ ମଧ୍ୟ ଦେଖାଦେଇଛି। ସ୍କୁଲ ଗ୍ରୀଷ୍ମ ଛୁଟି ଯୋଗୁଁ ଛାତ୍ରଛାତ୍ରୀମାନଙ୍କ ଭାଗ୍ୟ ସାଥି ଦେଇଥିବା ଚର୍ଚ୍ଚା ହେଉଛି। ଆଉ କିଛି ଦିନ ପରେ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ର ଖୋଲିଲେ ସେମାନେ ବର୍ଷା ଋତୁରେ ଉକ୍ତ ରାସ୍ତା ଦେଇ ପାଠ ପଢ଼ିବାକୁ ଯିବେ। ତେଣୁ ସ୍ଥାନୀୟ ବିଧାୟକ ଓ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ରାସ୍ତା ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

**• ଯୁକ୍ତ ଦୁଇ କଳା ପରୀକ୍ଷା**

## ସୋନମ ପ୍ରଧାନ ବ୍ଲକ ଟପ୍ପର



**ବେଲଗୁଣ୍ଠା, ୩୦।୫(ସମିସ):** ଯୁକ୍ତ ଦୁଇ କଳାରେ ବେଲଗୁଣ୍ଠା ବ୍ଲକ ଗୋବରା ସ୍ଥିତ ପ୍ରଫୁଲ୍ଲ କୁମାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ସୋନମ ପ୍ରଧାନ ବ୍ଲକସ୍ତରରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ସୋନମ ମୋଟ୍ ୬୦୦ ନମ୍ବରରୁ ସର୍ବାଧିକ ୫୧୨ ନମ୍ବର୍ ରଖି ବ୍ଲକ ଟପ୍ପର ହୋଇଛନ୍ତି। ସୋନମ ଗୋବରା ନିକଟସ୍ଥ ଗୁଣ୍ଡପଲ୍ଲବା ଗ୍ରାମର ଦିଲ୍ଲୀପ ପ୍ରଧାନ ଏବଂ ରଶ୍ମିତା ପ୍ରଧାନଙ୍କ ଝିଅ। ସେ ଜଣେ ସାଧାରଣ ଗରିବ ଚାଷୀ ପରିବାରର ହୋଇଥିବା ବେଳେ ବିନା ଟ୍ୟୁସନ୍‌ରେ ଦୈନିକ ୧୦/୧୨ ଘଣ୍ଟା ପାଠ ପଢ଼ି ନିଜସ୍ୱ ଉଦ୍ୟମରେ ଏହି ସଫଳତା ହାସଲ କରିଛନ୍ତି। ସୋନମ ନିଜ ସଫଳତାର ଶ୍ରେୟ ନିଜ ପିତାମାତା ଏବଂ ପ୍ରଫୁଲ୍ଲ କୁମାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା, ଅଧ୍ୟାପକ, ଅଧ୍ୟାପିକାଙ୍କୁ ପ୍ରଦାନ କରିଛନ୍ତି। ସେ ଭବିଷ୍ୟତରେ ଜଣେ ପ୍ରଶାସନିକ ଅଧିକାରୀ ହେବାର ଲକ୍ଷ୍ୟ ରଖିଛନ୍ତି। ସୋନମଙ୍କ ଏହି ସଫଳତା ପାଇଁ କଲେଜ୍ ଅଧ୍ୟକ୍ଷ ମାମା ପରିଡ଼ାଙ୍କ ସମେତ ସମସ୍ତ ଅଧ୍ୟାପକ ଏବଂ ଅଧ୍ୟାପିକା ଶୁଭେଚ୍ଛା ଜଣାଇଛନ୍ତି।

**ଆଦିବାସୀ ନାବାଳିକା ଦୁଷ୍କର୍ମ ମାମଲା**

# ଜାତୀୟ ଏସ୍‌ଟି କମିଶନଙ୍କୁ ଭେଟିଲା ବିଜେଡି

**ନିରପେକ୍ଷ ତଦନ୍ତ ଦାବି କରି**

**ଭୁବନେଶ୍ୱର, ୩୦।୫(ସମିସ):** କୋରାପୁଟ ଜିଲ୍ଲାର ଜଣେ ଆଦିବାସୀ ନାବାଳିକାକୁ ଦୁଷ୍କର୍ମ ଓ ଏଥିଯୋଗୁଁ ନାବାଳିକାଜଣଙ୍କ ଗର୍ଭବତୀ ହେବା ଭଳି ଏକ ସ୍ପର୍ଶକାତର ଘଟଣାରେ ଜାତୀୟ ଏସ୍‌ଟି କମିସନ୍‌ଙ୍କ ହସ୍ତକ୍ଷେପ ଲୋଡ଼ିଛି ବିଜେଡି। ଶୁକ୍ରବାର ବିଜୁ ଜନତା ଦଳ ପକ୍ଷରୁ ଜାତୀୟ ଏସ୍‌ଟି କମିସନଙ୍କ ଉଦ୍ଦେଶ୍ୟରେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ଉକ୍ତ ସ୍ମାରକପତ୍ରରେ ଦର୍ଶାଯାଇଛି ଯେ ଜୟପୁର ମହିଳା ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, କୋରାପୁଟ ବୋରିଗୁମ୍ମା ବ୍ଲକ୍ ସାନପୁରିଆ ପଞ୍ଚାୟତର ସନିଗୁଡ଼ା ଗ୍ରାମର ରାଜେନ୍ଦ୍ର ଭତ୍ରା ଏହି ଜଘନ୍ୟ କାଣ୍ଡର ଅଭିଯୁକ୍ତ। ସେ ସ୍ଥାନୀୟ ବିଧାୟକଙ୍କ ପ୍ରତିନିଧିଙ୍କ ପୁଅ। ରାଜେନ୍ଦ୍ର ଏକ ବିବାହ ଭୋଜିରେ ନାବାଳିକାଙ୍କୁ ଭେଟିବା ପରେ ବିବାହର ମିଥ୍ୟା ପ୍ରଲୋଭନ ଦେଇ ଦୀର୍ଘ ୨ବର୍ଷ ଧରି ତାଙ୍କୁ ଦୁଷ୍କର୍ମ କରି ଆସୁଥିଲା। ତେବେ ଏଥିରେ ନାବାଳିକାଜଣଙ୍କ ପାଞ୍ଚ ମାସର ଗର୍ଭବତୀ ହୋଇଯିବାରୁ ଘଟଣା ଲୋକଲୋଚନକୁ ଆସିଥିଲା। କିନ୍ତୁ ଅଭିଯୁକ୍ତଙ୍କ ପିତା ଜଣେ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ବ୍ୟକ୍ତି ହୋଇଥିବାରୁ ଘଟଣାକୁ ଚାପିଦେବା ପାଇଁ ପ୍ରଶାସନିକସ୍ତରରେ ଚେଷ୍ଟା କରାଯାଉଛି। ଏଥିଯୋଗୁଁ ଜଣେ ଆଦିବାସୀ ନାବାଳିକା ନ୍ୟାୟ ପାଇବାରୁ ବଞ୍ଚିତ ହେବ ବୋଲି ବିଜେଡି ଅଭିଯୋଗରେ ଦର୍ଶାଇଛି। ତେଣୁ ପୀଡ଼ିତା ନାବାଳିକାଙ୍କୁ ଉପଯୁକ୍ତ ନ୍ୟାୟ ଦେବା ସହ ଅଭିଯୁକ୍ତକୁ ତୁରନ୍ତ ଗିରଫ କରିବାକୁ ଦାବି କରାଯାଇଛି। ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ବିଜେଡି ତା'ର ସଂଗ୍ରାମ ଜାରି ରଖିବ ବୋଲି ଦଳ ପକ୍ଷରୁ କୁହାଯାଇଛି।

ଏହି ପ୍ରତିନିଧିମଣ୍ଡଳୀରେ ବିଜେଡି ମିଡିଆ ସହ ସଂଯୋଜକ ତଥା ମୁଖପାତ୍ର ଡଃ ଲେନିନ୍ ମହାନ୍ତି, ଡଃ ପ୍ରିୟବ୍ରତ ମାଝୀ, ମୁଖପାତ୍ର ତୁମ୍ବନାଥ ପଣ୍ଡା, ମିହିର ରାୟ, ନାରାୟଣ ଜେନା, ଇପ୍‌ସିତା ସାହୁ, ବିଶ୍ୱପ୍ରତାପ ସାହୁ, ଅରୂପ ଶ୍ରୀଚନ୍ଦନ ଓ ସୋଫିଆ ଆଲାମ ପ୍ରମୁଖ ଉପସ୍ଥିତ ଥିଲେ।

**ପୁଲିସ-ମାଓବାଦୀ ଗୁଳିବିନିମୟ**

# ସରଣ୍ଡାରୁ ମିଳିଲା ବିସ୍ଫୋରକ!

## ମାଓ କ୍ୟାମ୍ପ ଧ୍ୱସ୍ତ: ବିପୁଳ ମାରଣାସ୍ତ୍ର, ମାଓ ସାମଗ୍ରୀ ଜବତ

**ରାଉରକେଲା, ୩୦।୫(ସମିସ):** ସୁନ୍ଦରଗଡ଼ ଜିଲ୍ଲା କେ. ବଲାଙ୍ଗ ଥାନା ଅଧୀନ ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ବାଙ୍କୋରୁ ଗତ ୨୭ତାରିଖ ଦିନ ମାଓବାଦୀଙ୍କ ଦ୍ୱାରା ୫ ଟନ୍ ବିସ୍ଫୋରକ ସାମଗ୍ରୀ ଲୁଟ୍ ହେବା ପରେ ଆକ୍ସନ ମୁଡ୍‌ରେ ଝାଡ଼ଖଣ୍ଡ ପୁଲିସ। ଏହି କ୍ରମରେ ମଧ୍ୟାହ୍ନରେ ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତରେ ଝାଡ଼ଖଣ୍ଡ ପୁଲିସ ଓ ସିଆରପିଏଫ ପକ୍ଷରୁ କମ୍ବିଂ ଅପରେସନକୁ ଜୋରଦାର କରାଯାଇଛି। ଏହି ସମୟରେ ସରଣ୍ଡା ଜଙ୍ଗଲ ତିରିଲପୋଷିରେ ସୁରକ୍ଷା ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ସୁରକ୍ଷା ଯବାନଙ୍କର ଆକ୍ରମଣ ସମ୍ମୁଖୀନ କରି ନପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ଫେରାର୍ ହୋଇଯାଇଛନ୍ତି। ଏହି ଅପରେସନବେଳେ ଏକ ମାଓ କ୍ୟାମ୍ପକୁ ଠାବ କରିଛି ଝାଡ଼ଖଣ୍ଡ ପୁଲିସ। କ୍ୟାମ୍ପରୁ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ, ମାରଣାସ୍ତ୍ର ଏବଂ ମାଓ ସାମଗ୍ରୀ ଜବତ ହୋଇଥିବା ସୂଚନା ମିଳିଛି। ତେବେ ଉକ୍ତ ସରଣ୍ଡା ଜଙ୍ଗଲିଆ ରାସ୍ତାରେ ମାଓବାଦୀଙ୍କ ଦ୍ୱାରା ପୂର୍ବରୁ ଖଞ୍ଜାଯାଇଥିବା ଏକ ଆଇଇଡି ବିସ୍ଫୋରଣରେ ଜଣେ ସିଆରପିଏଫ୍ ଯବାନ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ତେବେ ମାଓ କ୍ୟାମ୍ପରୁ ଜବତ ବିସ୍ଫୋରକ ଗତ ୨୭ ତାରିଖ ଦିନ ବାଙ୍କୋରୁ ଲୁଟ ବିସ୍ଫୋରକ କି ନାହିଁ, ସେନେଇ ଓଡ଼ିଶା କି ଝାଡ଼ଖଣ୍ଡ ପୁଲିସ ସ୍ପଷ୍ଟ କରିନାହିଁ।

ସୂଚନାଯୋଗ୍ୟ, ମାଓ ସଂଗଠନର କୁଖ୍ୟାତ ମାଓବାଦୀ ନେତା ମିଶିରି ବେସ୍ରା, ଅନମୋଲ ମୋଛୁ,



**ଆଇଇଡି ବିସ୍ଫୋରଣରେ ସିଆର୍‌ପିଏଫ୍ ଯବାନ ଗୁରୁତର**

ଅନଳ, ଅସୀମ ମଣ୍ଡଳ, ସାଗେନ ଅଙ୍ଗେରିଆ, ଅଜୟ ମାହାତୋ, ଅଶ୍ୱିନୀ, ପିଣ୍ଟୁ ଲୋହେରା, ଚନ୍ଦନ ଲୋହାରା, ଅମିତ ହାଁଜଦା ଓରଫ ଅପଟନ, ଜୟକାନ୍ତ, ରାପା ମୁଣ୍ଡାଙ୍କ ସମେତ ସେମାନଙ୍କ ସହଯୋଗୀମାନେ ସରେଣ୍ଡା ଜଙ୍ଗଲ ଅନ୍ତର୍ଗତ କୋଲେହାନ ଅଞ୍ଚଳରେ ବଡ଼ଧରଣର ମାଓ ହିଂସା କରିବା ପାଇଁ ସେମାନଙ୍କର ଗତିବିଧି ରଖିଥିବାରୁ ଝାଡ଼ଖଣ୍ଡର ଚାଇଁବାସା ପୁଲିସ, କୋବ୍ରା ୨୦୩ ବାଟାଲିୟନ ପୁଲିସ, ୨୦୯ ବାଟାଲିୟନ ଜାଗୁଆର ପୁଲିସ, ସିଆରପିଏଫର ୨୬, ୬୦, ୧୩୪, ୧୭୪, ୧୯୩, ୧୯୭ ବାଟାଲିଅନ୍ ପକ୍ଷରୁ ନିୟମିତ ଭାବେ କମ୍ବିଂ ଅପରେସନ ଜାରି ରହି ଆସିଛି। ଗତ ମାର୍ଚ୍ଚ ୩ରେ ଛୋଟାନାଗରା ଏବଂ ଜରେଇକେଲା ଥାନା ସୀମାବର୍ତ୍ତୀ ଇଲାକାଗୁଡ଼ିକରେ ଏକ ବଡ଼ଧରଣର ଅପରେସନ ମଧ୍ୟ କରାଯାଇଥିଲା। ତେବେ ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲା ଅଧୀନ ବାଙ୍କୋ ନିକଟରୁ ୫ ଟନ୍ ବିସ୍ଫୋରକ ସାମଗ୍ରୀ ଲୁଟ ପରେ ଶୁକ୍ରବାର ମଧ୍ୟାହ୍ନରେ ସୀମାନ୍ତବର୍ତ୍ତୀ ଜରେଇକେଲା ଥାନା ଅଧୀନ ତିରିଲପୋଷିର ଜଙ୍ଗଲ ଭିତରେ ଥିବା ଏକ ମାଓ କ୍ୟାମ୍ପ ଉପରେ ଝାଡ଼ଖଣ୍ଡ ପୁଲିସ, ସିଆରପିଏଫ, ଜାଗୁଆର ପୁଲିସ ଓ କୋବ୍ରା ପୁଲିସ ପକ୍ଷରୁ ମିଳିତ ଭାବେ ଚଢ଼ଉ କରାଯାଇ ଥିଲା। ଏହାପରେ ପୁଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା।

ଏହାପରେ ପୁଲିସକୁ ମିଳିଥିଲା ଏକ ବଡ଼ ସଫଳତା। ସେଠାରେ ଚାଲୁଥିବା ମାଓକ୍ୟାମ୍ପରୁ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ, ଜିଲେଟିନ ଷ୍ଟିକ୍ ସମେତ ମାଓବାଦୀଙ୍କ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ, ମାଓ ପୋଷାକ ଆଦି ଜବତ କରାଯାଇଥିଲା। ତେବେ ମାଓକ୍ୟାମ୍ପରୁ ଜବତ ବିସ୍ଫୋରକ ଗତ ୨୭ ତାରିଖ ଦିନ ବାଙ୍କୋରୁ ଲୁଟ ବିସ୍ଫୋରକ କି ନାହିଁ, ସେନେଇ ଓଡ଼ିଶା କି ଝାଡ଼ଖଣ୍ଡ ପୁଲିସ ସ୍ପଷ୍ଟ କରିନାହାନ୍ତି। ଏତଦ୍‌ବ୍ୟତୀତ ପୁଲିସର ମିଳିତ ଅପରେସନ ବେଳେ ତିରିଲପୋଷିର ଜଙ୍ଗଲିଆ ରାସ୍ତାରେ ଏକ ଭୟଙ୍କର ଆଇଇଡି ବିସ୍ଫୋରଣ ଘଟିଥିଲା। ଯାହାକୁ କି ପୂର୍ବରୁ ମାଓବାଦୀମାନେ ପୁଲିସ ଯବାନମାନଙ୍କ ପ୍ରାଣହାନୀ ନିମନ୍ତେ ଖଞ୍ଜି ଥିଲେ। ଏହି ବିସ୍ଫୋରଣରେ କୋବ୍ରା ୨୦୯ ବାଟାଲିୟନର ଜଣେ ଯବାନ ଅମିତ କୁମାର ଗୁରୁତର ଭାବେ ଆହତ ହୋଇଥିବା ସୂଚନା ମିଳିଛି।

ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି ଯେ ଗତ ୨୭ ତାରିଖ ଦିନ ରାତି ସାଢ଼େ ୮ଟାରେ ବାଙ୍କୋଷ୍ଟୋନ କ୍ୱାରି ନିକଟରେ ୨୦୦ ପ୍ୟାକେଟ ବିସ୍ଫୋରକ ସାମଗ୍ରୀ ଅନଲୋଡିଂ ବେଳେ ମାଓବାଦୀମାନେ ଲୁଟି ନେଇଥିଲେ। ୨୭ ତାରିଖ ରାତିରୁ ଆଜି ପର୍ଯ୍ୟନ୍ତ ସରଣ୍ଡା ଜଙ୍ଗଲରେ ମିଳିତ ଏସଓଜି, ସିଆରପିଏଫ, କୋବ୍ରା, ଜାଗୁଆର ପକ୍ଷରୁ କମ୍ବିଂ ଅପରେସନ ଜାରି ରହିଥିବା ବେଳେ ଆଜି ତିରିଲପୋଷି ଜଙ୍ଗଲ ଭିତରେ ସୁରକ୍ଷା କର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ଏହି ସମୟରେ ସୁରକ୍ଷା କର୍ମୀମାନେ ବିପୁଳ ମାତ୍ରାରେ ବିସ୍ଫୋରକ ସାମଗ୍ରୀ ଜବତ କରିଛନ୍ତି।

**ଓଏଏସ୍ ସ୍ତରରେ ଏକ ଛୋଟ ଅଦଳବଦଳ**

# ବଦଳିରେ ବ୍ରହ୍ମପୁର ମହାନଗର ନିଗମ କମିସନର

**ଭୁବନେଶ୍ୱର, ୩୦।୫(ସମିସ):** ଓଏଏସ୍ ସ୍ତରରେ ଏକ ଛୋଟ ଅଦଳ ବଦଳ ହୋଇଛି। ଏନେଇ ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ ପର୍ଯ୍ୟଟନ ବିଭାଗ ସ୍ୱତନ୍ତ୍ର ସଚିବ ବାଳମୁକୁନ୍ଦ ଭୂୟାଁଙ୍କୁ ପ୍ରାଥମିକ ଶିକ୍ଷାର ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ଏହାସହିତ ମହିଳା ଓ ଶିଶୁ ବିକାଶ ବିଭାଗ ଅତିରିକ୍ତ ସଚିବ ସମ୍ବିତ କୁମାର ନାୟକଙ୍କୁ ପୁସ୍ତକ ପ୍ରକାଶନ ଓ ମାର୍କେଟିଂ ନିର୍ଦ୍ଦେଶକ ଭାବେ ବଦଳି ହୋଇଥିବା ବେଳେ ବ୍ରହ୍ମପୁର ମହାନଗର ନିଗମର କମିସନର ଭବାନୀ ପ୍ରଶାଦ ମିଶ୍ରଙ୍କୁ ପିଏମ୍ ପୋଷଣ ଓ ଏମ୍ଏମ୍ ପୋଷଣର ରାଜ୍ୟ ନୋଡାଲ୍ ଅଧିକାରୀ ଭାବେ ବଦଳି କରାଯାଇଛି। ଏହାସହିତ ଗତ ୨୩ ତାରିଖରେ ସୁରେନ୍ଦ୍ର କୁମାର ପଣ୍ଡାଙ୍କୁ ପିଏମ୍ ପୋଷଣ ଓ ଏମ୍ଏମ୍ ପୋଷଣର ନୋଡାଲ ଅଧିକାରୀ ଭାବେ ହୋଇଥିବା ବଦଳି ନିର୍ଦ୍ଦେଶକୁ ବାତିଲ କରାଯାଇଛି। ୩୧ ତାରିଖ ସୁଦ୍ଧା ଏହି ଅଧିକାରୀମାନଙ୍କୁ ରିଲ୍‌ଭ ହେବା ସହ ନିଜର ନୂତନ କାର୍ଯ୍ୟସ୍ଥଳୀରେ ଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଉଚ୍ଚ ଶିକ୍ଷାନୁଷ୍ଠାନରେ ଅସୁରକ୍ଷିତ ଛାତ୍ରୀ

**ଅଧ୍ୟାପକଙ୍କ ବିରୋଧରେ ବଢୁଛି ନିର୍ଯାତନା ମାମଲା**
**ହେଉନି କାର୍ଯ୍ୟାନୁଷ୍ଠାନ; ଆଇସିସି ଗଠନକୁ ହେୟଜ୍ଞାନ**

**ଭୁବନେଶ୍ୱର, ୩୦।୫(ସମିସ):** ରାଜ୍ୟର ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଅସୁରକ୍ଷିତ ଛାତ୍ରୀ। ଖୋଦ୍ ଅଧ୍ୟାପକ ଓ ପ୍ରାଧ୍ୟାପକମାନଙ୍କ ବିରୋଧରେ ଆସୁଛି ଅସଦାଚରଣ ଅଭିଯୋଗ। ପ୍ରତିଟି ଅଭିଯୋଗର ଆଧାର ମଧ୍ୟ ରହିଛି। କେତେବେଳେ ସିସିଟିଭି ଭିଡିଓ ସାମ୍ନାକୁ ଆସୁଛି ତ ଆଉ କେତେବେଳେ ପ୍ରେମ ନିବେଦନର ଅଡିଓ ଭାଇରାଲ୍ ହେଉଛି। ଗତ ୨୦୨୪-୨୫ ଶିକ୍ଷାବର୍ଷରେ ଏପରି ମାମଲା ସଂଖ୍ୟା ଅଧିକ ବଢ଼ିଛି। ଏହାକୁ ନେଇ ଅଭିଭାବକଙ୍କ ମନରେ ଅକୁହା ଭୟ ଘାରିଥିବାବେଳେ ସରକାର ଆଖିଦୃଷ୍ଟିଆ କାର୍ଯ୍ୟାନୁଷ୍ଠାନ ନେଉ ନାହାନ୍ତି। ଏପରିକି ବାଧ୍ୟତାମୂଳକ କରାଯାଇଥିବା ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ମଧ୍ୟ ବହୁ ଉଚ୍ଚଶିକ୍ଷାନୁଷ୍ଠାନରେ ଗଠନ କରା ନ ଯିବା ଛାତ୍ରୀଙ୍କ ସୁରକ୍ଷାକୁ ଅଧିକ ବିପନ୍ନ କରିଛି।

ନିକଟରେ ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ର ଜଣେ ଆସୋସିଏଟ୍ ପ୍ରଫେସରଙ୍କ ବିରୋଧରେ ଜଣେ ପିଏଚ୍‌ଡି ଛାତ୍ରୀ ଯୌନ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ଏହାପୂର୍ବରୁ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ତତ୍କାଳୀନ କମ୍ପ୍ୟୁଟର ସାଇନ୍ସ ବିଭାଗର ଜଣେ ଅଧ୍ୟାପକଙ୍କ ବିରୋଧରେ ଇଗ୍ନୋରେ ପଢୁଥିବା ଜଣେ ଛାତ୍ରୀ ସଙ୍ଗିନ ଅଭିଯୋଗ ଆଣିବା ପରେ ବିଭାଗ ପକ୍ଷରୁ ତଦନ୍ତ କରାଯାଇ ସମ୍ପୃକ୍ତ ଅଧ୍ୟାପକଙ୍କୁ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟକୁ ବଦଳି କରାଯାଇଛି। ସେହିପରି ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ମହାବିଦ୍ୟାଳୟର ଜଣେ ଅଧ୍ୟାପକ ସିସିଟିଭିକୁ ଉପରମୁହାଁ କରି ଅନୈତିକ କାର୍ଯ୍ୟ କରୁଥିବା ପରି ଗୁରୁତର ଅଭିଯୋଗ ହୋଇଥିଲା। ତେବେ ଏହାର ସିସିଟିଭି ଭିଡିଓ ଭାଇରାଲ୍ ହେବା ପରେ ଛାତ୍ରଛାତ୍ରୀମାନେ ଆନ୍ଦୋଳନକୁ ଓହ୍ଲାଇବା ସହ ଅଧ୍ୟାପକଙ୍କ ବହିଷ୍କାର ଦାବି କରିଥିଲେ। ଅନୁରୂପ ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ବି ଯୌନ ନିର୍ଯାତନାର ଅଭିଯୋଗ ଆସିଥିଲା। ଅର୍ଥନୀତି ବିଭାଗର ଅଧ୍ୟାପକ ସେହି ବିଭାଗର ଜଣେ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ସେହିପରି ବରଗଡ଼ ଜିଲ୍ଲା ପଦମ୍‌ପୁର ଅଞ୍ଚଳ ମହାବିଦ୍ୟାଳୟର ଅର୍ଥନୀତି ପ୍ରାଧ୍ୟାପକ ଛାତ୍ରୀଙ୍କୁ ଅଶ୍ଳୀଳ ମେସେଜ୍ କରି ବିବାଦୀୟ ହୋଇଥିଲେ। ନିଜ ବିଭାଗର ଛାତ୍ରୀଙ୍କ ସହ ସମ୍ପୃକ୍ତ ପ୍ରାଧ୍ୟାପକଙ୍କ ଚାଟିଂର ସ୍କ୍ରିନ୍‌ସଟ୍ ପ୍ରଘଟ ହୋଇଥିଲା। ଏକାଧିକ ଛାତ୍ରୀଙ୍କ ସହ ସେ ଏଭଳି ଚାଟିଂ କରିଥିବା ଅଭିଯୋଗ କରିବା ସହ କାର୍ଯ୍ୟାନୁଷ୍ଠାନ ଦାବିରେ ଛାତ୍ରୀମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ।

ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷା ଦିନକୁ ଦିନ ବିପନ୍ନ ହେଉଥିବାବେଳେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ବା ଆଇସିସି ମଧ୍ୟ ଗଠନ କରୁ ନାହାନ୍ତି। ରାଜ୍ୟର ଏକମାତ୍ର ମହିଳା ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ୪୮ଟି ମହିଳା ମହାବିଦ୍ୟାଳୟ ମଧ୍ୟରୁ ୨୪ଟିରେ ଗତ ଫେବୃଆରୀ ଶେଷ ସୁଦ୍ଧା ଆଇସିସି ଗଠନ ହୋଇ ନ ଥିଲା। ସେହିପରି ବହୁ ଉଚ୍ଚ ଶିକ୍ଷାନୁଷ୍ଠାନରେ ମଧ୍ୟ ଆଇସିସି ନାହିଁ। ଏଣୁ ଅନେକ ଅସଦାଚରଣ ଘଟଣା ପଦାକୁ ନ ଆସି ଚାପିହୋଇ ରହିଯାଉଛି। ଛାତ୍ର-ଶିକ୍ଷକ ସମ୍ପର୍କରେ କଳଙ୍କ ଲାଗୁଛି। ଅଧ୍ୟାପକଙ୍କ ବିରୋଧରେ ଅସଦାଚରଣ ଅଭିଯୋଗ ବଢୁଥିବାବେଳେ ତ୍ୱରିତ ଓ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ ଅଭିଭାବକ ଓ ଶିକ୍ଷାବିତ୍‌ମାନେ ଦାବି କରିଛନ୍ତି।

# ପୂର୍ବତନ ବିଧାୟକ ପ୍ରସନ୍ନ ପଟ୍ଟନାୟକଙ୍କ ପରଲୋକ

**କାମାକ୍ଷାନଗର, ୩୦।୫ (ସମିସ):** କାମାକ୍ଷାନଗର ନିର୍ବାଚନମଣ୍ଡଳୀରୁ ୩ଥର ବିଧାୟକ ନିର୍ବାଚିତ ହୋଇଥିବା ପ୍ରସନ୍ନ କୁମାର ପଟ୍ଟନାୟକଙ୍କ ପରଲୋକ ହୋଇଛି। ଅସୁସ୍ଥତା ଯୋଗୁଁ କିଛି ଦିନ ଧରି ସେ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହେଉଥିଲେ। ଗୁରୁବାର ବିଳମ୍ବିତ ରାତିରେ ସେଠାରେ ତାଙ୍କର ଦେହାନ୍ତ ହୋଇଯାଇଥିଲା। ଶୁକ୍ରବାର ତାଙ୍କ ମରଶରୀର କାମାକ୍ଷାନଗରସ୍ଥିତ ବାସଭବନରେ ପହଞ୍ଚିବା ପରେ ବହୁ

**ଶୋକ ବ୍ୟକ୍ତ କଲେ ବାଚସ୍ପତି, ମୁଖ୍ୟମନ୍ତ୍ରୀ ଓ ବିରୋଧୀ ଦଳ ନେତା**

ବିଶିଷ୍ଟ ବ୍ୟକ୍ତିବିଶେଷ ଓ ସାଧାରଣ ଲୋକ ପ୍ରବଳ ବର୍ଷା ସତ୍ତ୍ୱେ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଅନ୍ତିମ ସଂସ୍କାର କରାଯିବ ବୋଲି ସୂଚନା ମିଳିଛି।

ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, ବାଚସ୍ପତି ସୁରମା ପାଢ଼ୀଙ୍କ ସମେତ ବହୁ ରାଜନୈତିକ ବ୍ୟକ୍ତିବିଶେଷ ନିଜର ଶୋକ ପ୍ରକଟ କରିଛନ୍ତି। ବାଚସ୍ପତି ଶ୍ରୀମତୀ ପାଢ଼ୀ ଏକ ଶୋକବାର୍ତ୍ତାରେ କହିଛନ୍ତି ଯେ ଜନସେବା କ୍ଷେତ୍ରରେ ସ୍ୱର୍ଗତ ପଟ୍ଟନାୟକଙ୍କ ବହୁମୂଲ୍ୟ ଅବଦାନ ସବୁଦିନ ପାଇଁ ମନେ ରହିବ। ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ସେ ଗଭୀର ସମବେଦନା ଜଣାଇଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକବ୍ୟକ୍ତ କରି କହିଛନ୍ତି ଯେ ଜଣେ କର୍ମଯୋଗୀ ନେତାଙ୍କୁ ଓଡ଼ିଶା ମାଟି ହରାଇଲା। ଶିକ୍ଷା, ସାମାଜିକ ସେବା ଏବଂ ରାଜନୈତିକ କ୍ଷେତ୍ରକୁ ଓଡ଼ିଶାର ପ୍ରଥମ ବିଜେପି ବିଧାୟକ ପ୍ରସନ୍ନ ପଟ୍ଟନାୟକଙ୍କ ଅବଦାନ ଅତୁଳନୀୟ।



ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୋକବ୍ୟକ୍ତ କରି କହିଛନ୍ତି, ପରଲୋକ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଉଛି ବୋଲି ନିଜ ଏକ୍ସ ଆକାଉଣ୍ଟରେ ଉଲ୍ଲେଖ କରିଛନ୍ତି।

ଛାତ୍ର ଜୀବନରୁ ରାଜନୀତିରେ ବେଶ୍ ସକ୍ରିୟ ଥିବା ପ୍ରସନ୍ନ ୧୯୭୭ରେ ସିଧାସଳଖ ରାଜନୀତିରେ ପ୍ରବେଶ କରିଥିଲେ। ମାତ୍ର ୨୮ ବର୍ଷ ବୟସରେ ଜନତା ପାର୍ଟିରୁ ସେ ବିଧାନସଭାରେ କାମାକ୍ଷାନଗରକୁ ପ୍ରଥମଥର ପ୍ରତିନିଧିତ୍ୱ କରିଥିଲେ। ପରେ, ୧୯୮୫ରେ ବିଜେପି ଟିକଟରେ ପ୍ରାର୍ଥୀ ହୋଇ ରାଜ୍ୟର ପ୍ରଥମ ବିଜେପି ବିଧାୟକ ଭାବେ ବିଜୟୀ ହୋଇଥିଲେ। ୧୯୯୦ରୁ ୧୯୯୫ ପର୍ଯ୍ୟନ୍ତ ସେ ଜନତା ଦଳ ଟିକଟରେ ନିର୍ବାଚିତ ହୋଇଥିଲେ।

# ସୂଚନା ନ ଦେବା ଅଧିକାରୀଙ୍କୁ ମହଙ୍ଗା ପଡ଼ିଲା

- **ଅବସର ପରେ ବି ହେଲେ ଦଣ୍ଡିତ ହେଲେ**
- **୧୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ**

**ଭୁବନେଶ୍ୱର, ୩୦।୫(ସମିସ):** ସୂଚନା ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରିବା ସୂଚନା ଅଧିକାରୀଙ୍କୁ ମହଙ୍ଗା ପଡ଼ିଛି। ଅଧିକାରୀଙ୍କ ଅବସର ପରେ ବି ସୂଚନା ଆୟୁକ୍ତଙ୍କ ପାଖରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଏଥିପାଇଁ ୧୦ ହଜାର ଟଙ୍କାର ଦଣ୍ଡବିଧାନ ମଧ୍ୟ କରାଯାଇଛି। ଏହି ଜରିମାନା ରାଶି ତୁରନ୍ତ ଦାଖଲ କରିବାକୁ କୁହାଯାଇଛି। ଜରିମାନା ଅର୍ଥ ନ ଭରିଲେ, ତାଙ୍କ ସରକାରୀ ପ୍ରାପ୍ୟରୁ କାଟି ରଖିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯାଜପୁର ଜିଲ୍ଲାରେ ଘଟିଛି ଏଭଳି ଘଟଣା। ଏହା ସାରା ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଥିବାବେଳେ ସୂଚନା ଦେବାରେ ଅବହେଳା କରୁଥିବା ଅଧିକାରୀଙ୍କ ଭିତରେ ଛାନିଆ ପଶିଛି।

ସୂଚନାନୁସାରେ, ଯାଜପୁର ଜିଲ୍ଲା ଦିଓ୍ୱାନପାଟନାର ଅରୂପ କୁମାର ପତି ଗତ ୨୯ ଅକ୍ଟୋବର ୨୦୨୦ରେ କେତେକ ତଥ୍ୟ ପାଇଁ ଦଶରଥପୁର ବିଡିଓ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ତତ୍କାଳୀନ ସୂଚନା ଅଧିକାରୀ ଏହାକୁ ନନ୍ଦିପୁର ଗ୍ରାମ ପଞ୍ଚାୟତ ସୂଚନା ଅଧିକାରୀଙ୍କ ନିକଟକୁ ହସ୍ତାନ୍ତର କରିଥିଲେ। ମାତ୍ର ଆବେଦନକାରୀଙ୍କୁ ସୂଚନା ଅଧିକାରୀ ରଞ୍ଜନ କୁମାର ବେହେରା ନିର୍ଦ୍ଧାରିତ ସମୟରେ ସୂଚନା ଦେଇନଥିଲେ। ଆବେଦନକାରୀ ସୂଚନା ଆୟୁକ୍ତଙ୍କ ନିକଟରେ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଥିଲେ। ଏହାପରେ ଆୟୁକ୍ତ ସମ୍ପୃକ୍ତ ଅଧିକାରୀ ନୋଟିସ୍ କରିଥିଲେ। ମାତ୍ର ଶ୍ରୀ ବେହେରା ହାଜର ହୋଇ ନିଜର ପକ୍ଷ ରଖିନଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ପକ୍ଷରେ ସେ ଉଲ୍ଲେଖ କରିଥିଲେ, କରୋନା ସମୟରେ ସେ ୩ଟି ପଞ୍ଚାୟତ ଦାୟିତ୍ୱରେ ଥିଲେ। ସୂଚନା ଦେବା ନିମିତ୍ତ ସେ ଆବେଦନକାରୀଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିଥିଲେ ହେଁ ସମ୍ଭବ ହୋଇନଥିଲା। ପରେ ୨୦୨୧ ଏପ୍ରିଲ୍‌ରେ ଅଗ୍ନିକାଣ୍ଡ ଯୋଗୁଁ ସମସ୍ତ କାଗଜପତ୍ର ପୋଡ଼ି ଯାଇଥିଲା। ହେଲେ ରାଜ୍ୟ ସୂଚନା ଆୟୁକ୍ତ ସୁକାନ୍ତ କୁମାର ମହାନ୍ତି ପୂର୍ବତନ ଅଧିକାରୀଙ୍କ ଏହି କଥାକୁ ଗ୍ରହଣ କରିନଥିଲେ।

# ବିଧାୟକ ଯୋଗେଶ ସିଂହଙ୍କ ଅଟକକୁ ନିନ୍ଦାକଲା ବିଜେଡି

**ଭୁବନେଶ୍ୱର, ୩୦।୫(ସମିସ):** ସୁନ୍ଦରଗଡ଼ ଜିଲ୍ଲା ହେମଗିରି ବ୍ଲକର ବରପାଲି ଗ୍ରାମରେ, ଅଙ୍ଗନବାଡ଼ି, ସ୍କୁଲ ଓ ଗ୍ରାମାଞ୍ଚଳ ରାସ୍ତାରେ କୋଇଲା ବୋଝେଇ ଟ୍ରକ ପରିବହନକୁ ବିରୋଧ କରି ଓ ନିକଟସ୍ଥ କୋଇଲା ସାଇଡିଂର ସ୍ଥାନାନ୍ତର ଦାବିରେ ଧାରଣାରେ ବସିଥିବା ସୁନ୍ଦରଗଡ଼ ସଦର ବିଧାୟକ ଯୋଗେଶ ସିଂହ ଓ ଅନ୍ୟ ୬୬ ଜଣ ଗ୍ରାମବାସୀଙ୍କୁ ପୁଲିସ ଉଠାଇନେଇ ଅଟକ ରଖିବା ଘଟଣାକୁ ବିଜୁ ଜନତା ଦଳ ନିନ୍ଦା କରିଛି। ଶଙ୍ଖ ଭବନ ଠାରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଓ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡଃ ଲେନିନ ମହାନ୍ତି କହିଛନ୍ତି, ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସିଥିବା ଗ୍ରାମବାସୀ ଓ ବିଧାୟକଙ୍କୁ ଏପରି ଉଠାଇନେବା ସମ୍ପୂର୍ଣ୍ଣ ଭାବେ ଅଗଣତାନ୍ତ୍ରିକ। ଏହି ଅଞ୍ଚଳରେ ଏକ କୋଇଲା ସାଇଡିଂ ନିର୍ମାଣ କରାଯାଇ ଶହ ଶହ କୋଇଲା ବୋଝେଇ ଟ୍ରକ ଗ୍ରାମାଞ୍ଚଳ ରାସ୍ତା ଦେଇ ଯିବା ଆସିବା କରୁଛି। ଏହି ସାଇଡିଂ ନିର୍ମାଣ ପାଇଁ ଗ୍ରାମସଭା ଆୟୋଜନ ହୋଇନାହିଁ। ପ୍ରତିଦିନ ଶହ ଶହ କୋଇଲା ବୋଝେଇ ଟ୍ରକ ଗ୍ରାମାଞ୍ଚଳ ରାସ୍ତା ଦେଇ ଯିବା ଆସିବା କରୁଥିବାରୁ, ସ୍ଥାନୀୟ ବାସିନ୍ଦା ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପାଇଁ, ସୁନ୍ଦରଗଡ଼ ବିଧାୟକ ଯୋଗେଶ ସିଂହ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ସହିତ ଏହି ରାସ୍ତାର ଦାୟିତ୍ୱରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଚିଠି ଲେଖି ଏହି ରାସ୍ତା କୋଇଲା ବୋଝେଇ ଟ୍ରକ ଯିବାପାଇଁ ଉପଯୋଗୀ ନୁହେଁ ବୋଲି ଜଣାଇଥିଲେ। ଶ୍ରୀ ମିଶ୍ର ଆହୁରି କହିଥିଲେ, ଏହି ସମ୍ବନ୍ଧରେ ଗ୍ରାମବାସୀଙ୍କ ତରଫରୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଏକ ମାମଲା ରୁଜୁ ହୋଇଥିଲା। ଯାହାର ଶୁଣାଣି ଆସନ୍ତା ଜୁନ ୨୫ ତାରିଖକୁ ଧାର୍ଯ୍ୟ ହୋଇଛି। ମାମଲା ଉଚ୍ଚ ନ୍ୟାୟାଳୟରେ ଶୁଣାଣି ହେବାକୁ ଥିବାବେଳେ ଓ ଗ୍ରାମବାସୀ ମାନେ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରୁଥିବା ବେଳେ, ଗ୍ରାମବାସୀଙ୍କ ସହ ଜଣେ ଲୋକ ପ୍ରତିନିଧିଙ୍କୁ ଯେଉଁଭଳି ଭାବେ ଉଠାଇ ନିଆଯାଇଛି, ତାହା ଗଣତନ୍ତ୍ର ପ୍ରତି କୁଠାରଘାତ। କାହା ଇଙ୍ଗିତରେ ଏହି ଅଗଣତାନ୍ତ୍ରିକ କାର୍ଯ୍ୟ ହୋଇଛି ତାହା ସ୍ପଷ୍ଟ ହେବା ଦରକାର ବୋଲି ଶ୍ରୀ ମିଶ୍ର ପ୍ରଶ୍ନ କରିଛନ୍ତି। ଡଃ ଲେନିନ ମହାନ୍ତି କହିଥିଲେ, ଜଣେ ଜନ ପ୍ରତିନିଧିଙ୍କୁ ଏପରି ଅଗଣତାନ୍ତ୍ରିକ ଭାବେ ଅଟକ ରଖିବାକୁ ବିଜୁ ଜନତା ଦଳ ତୀବ୍ର ନିନ୍ଦା କରୁଛି। ଗ୍ରାମବାସୀଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ, ବେନିୟମ ଭାବେ ସାଇଡିଂ ନିର୍ମାଣ କାହା ସ୍ୱାର୍ଥରେ ବୋଲି ଡଃ ମହାନ୍ତି ପ୍ରଶ୍ନ କରିଛନ୍ତି।

**ରଥଯାତ୍ରା ଖର୍ଚ୍ଚ ୩୪ କୋଟି**

# ମାଉସୀ ମା'ର ପୋଡ଼ପିଠା ପାଇଁ ଟଙ୍କା ନିଅଣ୍ଟ

**ପୁରୀ, ୩୦।୫ (ସମିସ):** ରଥଯାତ୍ରା ପାଇଁ ପ୍ରତିବର୍ଷ ବଜେଟ୍ ବଢୁଛି। ଗତବର୍ଷ ଏହା ୨୩ କୋଟିରେ ସୀମିତ ଥିବା ବେଳେ ଏବର୍ଷ ୩୪କୋଟିରେ ପହଞ୍ଚିଛି। ଅର୍ଥାତ୍ ଗୋଟିଏ ବର୍ଷରେ ବଜେଟ୍ ବଢ଼ିଛି ୧୧କୋଟି। କିନ୍ତୁ ରଥଯାତ୍ରାର ଗୋଟିଏ ଅଂଶ ମାଉସୀ ମା'ର ପୋଡ଼ପିଠା ପାଇଁ ଖର୍ଚ୍ଚ ବଢୁନି। ୨୦୧୫ରେ ଛେନା, ଘିଅ, ଚିନି ଆଦି ଦାମ୍ ଯାହା ଥିଲା, ତାହା ହିଁ ରହିଛି। ୧୦ ବର୍ଷରେ କୌଣସି ସାମଗ୍ରୀର ଖର୍ଚ୍ଚ ବଢ଼ିନି। ଏକଥା ଆମେ କହୁନୁ; କହୁଛି ଶ୍ରୀମନ୍ଦିର ପ୍ରଶାସନ। ପ୍ରତିବର୍ଷ ସେବକଙ୍କ ପ୍ରାପ୍ୟ ପାଉଣା ଏବଂ ଖେଇ ବଢ଼ି ଚାଲିଥିବା ବେଳେ ମାଉସୀ ମା'ଙ୍କ ସ୍ନେହର ପୋଡ଼ପିଠା ପ୍ରତି କିନ୍ତୁ ଅବହେଳା ଏବଂ ଅଣଦେଖା କରାଯାଉଛି। ପ୍ରତିବର୍ଷ ମନ୍ଦିର ପକ୍ଷରୁ ଶ୍ରୀମନ୍ଦିର ନୀତି ପ୍ରଶାସକଙ୍କୁ ଖେଇ ବୃଦ୍ଧି ପାଇଁ ଚିଠି କରାଯାଉଛି। ହେଲେ, ନୀତି ପ୍ରଶାସକ ସାଜିଛନ୍ତି ନିଦାବିଷ୍ଣୁ। ତଥାପି, ପୋଡ଼ପିଠା ମାନରେ କି ପରିମାଣରେ ହ୍ରାସ କରାଯାଉନି ବରଂ ଚାହିଦାକୁ ଦେଖି ବଢ଼ିବଢ଼ି ଚାଲିଛି।

ମହାପ୍ରଭୁ ହେଉଛନ୍ତି ଭୋଜନପ୍ରିୟ। ସେଥିପାଇଁ ଠାକୁରଙ୍କ ନିକଟରେ ଷାଠିଏ ପଉଟି ଭୋଗ ଓ ଛପନ ପ୍ରକାର ବ୍ୟଞ୍ଜନର ବ୍ୟବସ୍ଥା ରହିଛି। ତଥାପି ପିଠା ଖାଇବା ପାଇଁ ମହାପ୍ରଭୁଙ୍କର ଥାଏ ବିଶେଷ ଅଭିରୁଚି। ପ୍ରତିଦିନ ବିଭିନ୍ନ ପ୍ରକାର ପିଠା ଠାକୁରଙ୍କୁ ଭୋଗ ଲାଗିଥାଏ। ଏହା ସତ୍ତ୍ୱେ



**ପୋଡ଼ପିଠା ବାବଦ ଖେଇ ମିଳୁଛି ୩୫୦୦ ଟଙ୍କା**
**ଅର୍ଥରାଶି ବୃଦ୍ଧିକୁ ଶ୍ରୀମନ୍ଦିର ପ୍ରଶାସନର ଅଣଦେଖା**

ମାଉସୀ ମା'ଙ୍କଠାରୁ ପୋଡ଼ପିଠା ଖାଇବା ପାଇଁ ଅପେକ୍ଷା କରିଥା'ନ୍ତି ମହାପ୍ରଭୁ। ଶ୍ରୀଗୁଣ୍ଡିଚା ଯାତ୍ରାରେ ଯାଇ ବାହୁଡ଼ିବା ବେଳେ ମହାପ୍ରଭୁ ମାଉସୀ ମା' ଘରେ ପୋଡ଼ପିଠା ଖାଇ ଶ୍ରୀମନ୍ଦିର ଫେରିଥା'ନ୍ତି ବୋଲି ଜନଶ୍ରୁତି ରହିଛି। ମହାପ୍ରଭୁଙ୍କ ମାନବୀୟ ଲୀଳାରେ ଏହି ପରମ୍ପରା କେଉଁ ଅନାଦି କାଳରୁ ରହିଆସିଛି।

ପ୍ରତିବର୍ଷ ହେରାପଞ୍ଚମୀଠାରୁ ମାଉସୀ ମା' ମନ୍ଦିରରେ ପୋଡ଼ପିଠା ପ୍ରସ୍ତୁତି ଆରମ୍ଭ ହୋଇଥାଏ। ଛେନା, ଅଟା, ଚିନି, ଲବଙ୍ଗ, ପିସ୍ତାବାଦାମ ଏବଂ ଦେଶୀ ଗାଈ ଘିଅ ମିଶାଯାଇ ଏକ ମିଶ୍ରଣ ପ୍ରସ୍ତୁତ କରାଯାଇଥାଏ। ବାହୁଡ଼ା ଦିନ ରଥ ମାଉସୀ ମା' ମନ୍ଦିର ନିକଟରେ ଅଟକିବା ପରେ ପୂଜାପଣ୍ଡା ସାମନ୍ତ ଆସି ମାଉସୀ ମା' ନିକଟରେ ଭୋଗ କରିବା ପରେ ରଥାରୂଢ଼ ଠାକୁରଙ୍କୁ ଏହାକୁ ସମର୍ପଣ କରିଥା'ନ୍ତି। ଏହାକୁ ସର୍ପମଣୋହୀ ଭୋଗ କୁହାଯାଏ। ବର୍ଷକୁ ଥରେ ଏହି ପୋଡ଼ପିଠା ମିଳୁଥିବାରୁ ଏହାକୁ ପାଇବା ପାଇଁ ଭକ୍ତଙ୍କ ମଧ୍ୟରେ ନାହିଁ ନ ଥିବା ଆଗ୍ରହ ଦେଖିବାକୁ ମିଳେ।

ପୋଡ଼ପିଠା ପ୍ରସ୍ତୁତି ପାଇଁ ପୂର୍ବରୁ ମାତ୍ର ୫୦୦ଟଙ୍କା ଶ୍ରୀମନ୍ଦିର ପ୍ରଶାସନ ଖେଇ ଆକାରରେ ଦେଉଥିଲା। ୨୦୧୫ ନବକଳେବର ବର୍ଷ ଏହି ଖେଇ ଅର୍ଥ ୩୫୦୦ ଟଙ୍କାକୁ ବୃଦ୍ଧି କରାଯାଇଥିଲା। ଇତିମଧ୍ୟରେ ୧୦ ବର୍ଷ ବିତିଗଲାଣି; ପୋଡ଼ପିଠା ପାଇଁ ଆବଶ୍ୟକ ସାମଗ୍ରୀ ଛେନା, ଶୁଦ୍ଧ ଘିଅ, ଲବଙ୍ଗ, ଅଳେଇଚ, ଅଟା, ପିସ୍ତା, ଜାଳେଣୀ କାଠର ଦର ବୃଦ୍ଧି ପାଉଥିଲେ ମଧ୍ୟ ଖେଇ ରାଶି ବଢୁନି। ଏନେଇ ପ୍ରତିବର୍ଷ ମାଉସୀ ମା' ମନ୍ଦିର ପକ୍ଷରୁ ଶ୍ରୀମନ୍ଦିର ନୀତି ପ୍ରଶାସକଙ୍କୁ ପୋଡ଼ପିଠା ବାବଦ ଖେଇ ଅର୍ଥ ବୃଦ୍ଧି ପାଇଁ ଚିଠି କରାଯାଉଛି। ଅତି କମ୍‌ରେ ୨୦ ହଜାର ଟଙ୍କା ଖର୍ଚ୍ଚ ହେଉଛି। ତଥାପି ଭକ୍ତଙ୍କ ଚାହିଦା ପୂରଣ ହୋଇପାରୁନାହିଁ। ତେଣୁ ଏ ବାବଦ ଅର୍ଥରାଶି ବୃଦ୍ଧି କରାଗଲେ ଅଧିକ ପରିମାଣର ପୋଡ଼ପିଠା ପ୍ରସ୍ତୁତ କରାଯାଇ ଶ୍ରଦ୍ଧାଳୁଙ୍କୁ ପ୍ରଦାନ କରାଯାଇପାରନ୍ତା ବୋଲି ଅନୁରୋଧ କରାଯାଇଛି। ହେଲେ ନୀତି ପ୍ରଶାସକ କିଛି ଶୁଣୁନାହାନ୍ତି। ଯେଉଁଠି ରଥଯାତ୍ରା ପାଇଁ ୩୪କୋଟି ଟଙ୍କା ଖର୍ଚ୍ଚ କରାଯାଉଛି, ସେଠି ମାଉସୀ ମା'ର ପୋଡ଼ପିଠା ପାଇଁ ଟଙ୍କା ନିଅଣ୍ଟ ପଡ଼ିବା ହାସ୍ୟାସ୍ପଦ ବୋଲି ଚର୍ଚ୍ଚା ହେଉଛି।

# କୋରମ ଅଭାବ: କାଟ ଖାଇଲା ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା

**ନିଶ୍ଚିନ୍ତକୋଇଲି ବ୍ଲକ୍**

**ନିଶ୍ଚିନ୍ତକୋଇଲି, ୩୦।୫(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅଧ୍ୟକ୍ଷାଙ୍କ ବିରୁଦ୍ଧରେ ହୋଇଥିବା ଅନାସ୍ଥା ପ୍ରସ୍ତାବ କୋରମ୍ ଅଭାବରୁ କାଟ ଖାଇଯାଇଛି। ଫଳରେ ବ୍ଲକ ଅଧ୍ୟକ୍ଷା ରୋଜି ସେଠୀଙ୍କ ପଦ କାଏମ ରହିଛି। ଆସନ୍ତା ଏକ ବର୍ଷ ପର୍ଯ୍ୟନ୍ତ ଆଉ କେହି ପଞ୍ଚାୟତ ସମିତି ସଭ୍ୟ/ସଭ୍ୟା ଏହି ଅଧ୍ୟକ୍ଷ ପଦକୁ ନେଇ ଅନାସ୍ଥା ଆଗତ କରିପାରିବେ ନାହିଁ ବୋଲି ଜଣାଯାଇଛି। ଏହି ଅନାସ୍ଥା ଭୋଟରେ ବିଜେଡିର ବାଜିମାତ୍ ହୋଇଥିବା ବେଳେ ମାହାଙ୍ଗାର ପୂର୍ବତନ ବିଧାୟକ ପ୍ରତାପ ଜେନାଙ୍କ ରାଜନୈତିକ ଗୋଟି ଚାଳନା ସଫଳ ହୋଇଥିବା କୁହାଯାଉଛି। ସେହିପରି ବ୍ଲକ୍ ଅଧ୍ୟକ୍ଷା ତାଙ୍କ ପ୍ରତିକ୍ରିୟାରେ ଧର୍ମର ଜୟ ହୋଇଛି ବୋଲି କହିଛନ୍ତି।

ଏହି ବ୍ଲକରେ ବିଜେଡି ସମର୍ଥନରେ ଅଧ୍ୟକ୍ଷା ନିର୍ବାଚିତ ହୋଇଥିଲା ବେଳେ ୩୧ଜଣ ପଞ୍ଚାୟତ ସମିତି ସଭ୍ୟସଭ୍ୟା ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। କଟକ ସଦର ଉପଜିଲ୍ଲାପାଳଙ୍କ ପକ୍ଷରୁ ଏହାକୁ କାଏମ୍ ରଖାଯାଇ ଗତ ୧୩ ତାରିଖରେ ଅନାସ୍ଥା ସଂକ୍ରାନ୍ତରେ ଆଲୋଚନା ପାଇଁ ବୈଠକ ଓ ଆବଶ୍ୟକ ପଡ଼ିଲେ ଭୋଟ କରାଯିବାକୁ ତାରିଖ ଧାର୍ଯ୍ୟ କରାଯାଇଥିଲା। ମାତ୍ର ନିର୍ବାଚନ ଅଧିକାରୀ ଅସୁସ୍ଥତାରୁ ଛୁଟିରେ ରହିବା ଯୋଗୁଁ ଅନାସ୍ଥା ଭୋଟ ବାତିଲ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହାକୁ ୩୦ ତାରିଖ ଶୁକ୍ରବାର ଦିନ କରିବା ପାଇଁ ଉପଜିଲ୍ଲାପାଳଙ୍କ ପକ୍ଷରୁ ୮୨ ଜଣ ପଞ୍ଚାୟତ ସମିତିସଭ୍ୟ ସଭ୍ୟାଙ୍କୁ ସୂଚନା ଦିଆଯାଇଥିଲା। ପୂର୍ବାହ୍ନ ୧୧ଟାରୁ ୧୨ଟା ପର୍ଯ୍ୟନ୍ତ ବୈଠକ ଓ ୧୨.୩୦ରେ ଆବଶ୍ୟକ ପଡ଼ିଲେ ଭୋଟ ହେବା ପାଇଁ ସମୟ ମଧ୍ୟ ଧାର୍ଯ୍ୟ କରାଯାଇଥିଲା। ହେଲେ ନିର୍ଦ୍ଧାରିତ ସମୟ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ରୋଜି ସେଠୀଙ୍କ ସମେତ ୮ ଜଣ ସଭ୍ୟ ସଭ୍ୟା ଉପସ୍ଥିତ ହୋଇଥିଲେ। ଏହି ଅନାସ୍ଥାରେ ମୋଟ୍ ୮୬ଜଣ ସଭ୍ୟ ସଭ୍ୟାଙ୍କୁ ଅଂଶଗ୍ରହଣ କରିବା ପାଇଁ ଚିଠି ଦିଆଯାଇଥିଲା। ଅନାସ୍ଥା ବୈଠକରେ କୋରମ୍ ହେବା ପାଇଁ ମ୍ୟାଜିକ୍ ନମ୍ବର ୫୮ର ଆବଶ୍ୟକ ଥିଲା। ହେଲେ ଅନାସ୍ଥା ସପକ୍ଷବାଦୀମାନେ ବୈଠକରେ ଉପସ୍ଥିତ ନ ହେବାରୁ କୋରମ୍ ଅଭାବରୁ ବୈଠକ ବନ୍ଦ କରାଯାଇଥିବା ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ପ୍ରକାଶ କରିଛନ୍ତି। ଫଳରେ ରୋଜି ସେଠୀ ପୂର୍ବଭଳି ବ୍ଲକ ଅଧ୍ୟକ୍ଷା ପଦ କାଏମ ରହିଥିବା ସେ କହିଛନ୍ତି।

## ଆଜିର ରାଶିଫଳ

**ମେଷ:** ଦିନଟି ଶୁଭଫଳ ପ୍ରଦାନ କରିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ବ୍ୟବହାରରେ ଖୁସି ହେବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ।

**ବୃଷ:** ବିବାହ ପ୍ରସ୍ତାବ ସ୍ଥିର ହେବ। ସମାଜରେ ପ୍ରତିଷ୍ଠା ବଢ଼ିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। କୋର୍ଟ ମାମଲାରେ ସଫଳତା ହାସଲ କରିବେ। ମହିଳାମାନେ କିଣାକିଣିରେ ଅଧିକ ଖର୍ଚ୍ଚ କରିବେ।

**ମିଥୁନ:** ରାଜନୀତିରେ ସଫଳତା ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ବାଦବିବାଦ ତଥା ଧାରକରଜରୁ ଦୂରେଇ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**କର୍କଟ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ଜନିତ ସମସ୍ୟାର ସମାଧାନ ହେବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ଏକାଗ୍ରତାର ସହ କାମ କରିବେ। ସନ୍ତାନ ସୁଖ ପ୍ରାପ୍ତ ହେବ।

**ସିଂହ:** ବନ୍ଧୁ ମିଳନ ଯୋଗ ଅଛି। ଘରେ ପୂଜାପାଠ ଆୟୋଜନ କରିବେ। ପ୍ରେମ ସମ୍ବନ୍ଧରେ ତିକ୍ତତା ଦେଖା ଦେବ। ଜୀବନସାଥୀଙ୍କଠାରୁ ଉପହାର ପାଇବେ। କାର୍ଯ୍ୟକ୍ଷେତ୍ରରେ ସମସ୍ୟା ଦୂର ହେବ।

**କନ୍ୟା:** ଭାଇଭଉଣୀଙ୍କ ମଧ୍ୟରେ ଭୁଲ ବୁଝମଣା ଦୂର ହେବ। ସକାରାତ୍ମକ ଚିନ୍ତାଧାରାରେ କାର୍ଯ୍ୟ କରିବେ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଛାତ୍ରଛାତ୍ରୀଙ୍କୁ ପରିଶ୍ରମର ଉଚିତ ଫଳ ମିଳିବ।

**ତୁଳା:** ବୁଝିବିଚାରି ନିଷ୍ପତ୍ତି ନିଅନ୍ତୁ। କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସରକାରୀ ଚାକିରି ପାଇଁ ସମୟ ଲାଗିବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଦାମ୍ପତ୍ୟ ଜୀବନରେ ମତଭେଦ ସୃଷ୍ଟି ହେବ।

**ବିଛା:** ଅଫିସ୍ କାର୍ଯ୍ୟ ଠିକ୍ ସମୟରେ ପୂରା କରିବେ। ବରିଷ୍ଠ ଅଧିକାରୀ କାମ ପାଇଁ ପ୍ରଶଂସା କରିବେ। ଗରିବ ଲୋକଙ୍କୁ ସାହାଯ୍ୟ କରିବେ। ତୈଳାକ୍ତ ଖାଦ୍ୟ ପଦାର୍ଥରୁ ଦୂରେଇ ରହିବେ।

**ଧନୁ:** ଶାନ୍ତ ମନରେ କାର୍ଯ୍ୟ କରିବେ। ବ୍ୟବସାୟରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ଆର୍ଥିକ ସ୍ଥିତି ମଜଭୁତ ହେବ। ପରିବାର ସଦସ୍ୟଙ୍କୁ ସମୟ ଦେବେ।

**ମକର:** ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବନ୍ଧୁଙ୍କ ସହ ଆଲୋଚନା କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ।

**କୁମ୍ଭ:** ଇଚ୍ଛା ପୂରଣ ହେବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ବିରୋଧୀଙ୍କଠାରୁ ଦୂରେଇ ରହିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

**ମୀନ:** ମନ ପ୍ରସନ୍ନ ରହିବ। ନୂଆ ଯୋଜନା ସହ କାମ ଆରମ୍ଭ କରିବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ସାଙ୍ଗସାଥୀଙ୍କ ସହିତ ସମୟ ଅତିବାହିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଦିନରେ

- ୧୭୨୫-ଭାରତୀୟ ବୀରରମଣୀ ଅହଲ୍ୟାବାଇ ହୋଲ୍‌କରଙ୍କ ଜନ୍ମ।
- ୧୯୫୯- ତିବ୍ବତୀୟ ଧର୍ମଗୁରୁ ଦଲାଇଲାମା ଭାରତରେ ଶରଣ ନେଲେ।
- ୧୯୬୪- ବମ୍ବେରେ ଇଲେକ୍ଟ୍ରିକ୍ ଟ୍ରାମ୍ ଶେଷଥର ପାଇଁ ଚାଲିଲା।
- ୧୯୯୬- ବେଞ୍ଜାମିନ୍ ନେତାନ୍ୟାହୁ ଇସ୍ରାଏଲର ପ୍ରଧାନମନ୍ତ୍ରୀ ହେଲେ।
- ୨୦୦୮ - ବିଶ୍ୱର ମହାନ୍ ସ୍ପ୍ରିଣ୍ଟର୍ ଉସେନ୍ ବୋଲ୍ଟ ୯.୭୨ ସେକେଣ୍ଡରେ ୧୦୦ ମିଟର ଦୌଡ଼ି ବିଶ୍ୱ ରେକର୍ଡ କଲେ।

# ବିଶ୍ୱ ତମାଖୁ ବର୍ଜନ ଦିବସ

## ଧୂଆଁ ନେଉଛି ଜୀବନ



ସ୍ୱାସ୍ଥ୍ୟ ଉପରେ ତମାଖୁର କୁପ୍ରଭାବ ବିଷୟରେ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ମେ ୩୧ ତାରିଖକୁ 'ବିଶ୍ୱ ତମାଖୁ ବର୍ଜନ ଦିବସ' ବା 'ୱାର୍ଲଡ୍ ନୋ ଟୋବାକୋ ଡେ' ଭାବେ ପାଳନ କରାଯାଏ। ତମାଖୁ ସେବନ ଏବେ ଏକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଭାବେ ଉଭା ହେବା ସହ ଏହା ବାର୍ଷିକ ଲକ୍ଷ ଲକ୍ଷ ଲୋକଙ୍କ ମୃତ୍ୟୁର କାରଣ ପାଲଟିଛି। ତମାଖୁ ସେବନର ବ୍ୟାପକତା ଓ ଜନସ୍ୱାସ୍ଥ୍ୟ ଉପରେ ଏହାର ନକାରାତ୍ମକ ପ୍ରଭାବକୁ ଦୃଷ୍ଟିରେ ରଖି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ୧୯୮୭ ମସିହାରୁ ତମାଖୁ ବର୍ଜନ ଦିବସ ପାଳନର ପରିକଳ୍ପନା କରିଥିଲା। ୧୯୮୮ ମସିହା ମେ ୩୧ ତାରିଖରେ ପ୍ରଥମ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଥିଲା। ତମାଖୁ ସେବନ ନିୟନ୍ତ୍ରଣ ପାଇଁ ଆଗୁଆ ପଦକ୍ଷେପ ଗ୍ରହଣ କରିବା ଏବଂ ଧୂମପାନ କରୁଥିବା ବ୍ୟକ୍ତିଙ୍କୁ ଏଥିରୁ ନିବୃତ୍ତ ରହିବାରେ ସାହାଯ୍ୟ କରିବା ଏହି ଦିବସ ପାଳନ କରିବାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ଲୋକଙ୍କୁ ତମାଖୁ ସେବନ ଜନିତ ସ୍ୱାସ୍ଥ୍ୟ ସମସ୍ୟା, ଏହାର ଭୟାବହତା ଏବଂ ଏଥିରୁ ଦୂରେଇ ରହିବା ପାଇଁ ସଚେତନତା ସୃଷ୍ଟି କରିବା ହେଉଛି ଏହି ଦିବସର ମୂଳ ଉଦ୍ଦେଶ୍ୟ। ତମାଖୁ ସେବନ ଶରୀର ପ୍ରତି କ୍ଷତିକାରକ ଥିଲେ ମଧ୍ୟ କିଛି ଲୋକ ଜାଣିଶୁଣି ଏହାକୁ ସେବନ କରୁଛନ୍ତି, ଆଉ କିଛି ଲୋକ ସଚେତନତାର ଅଭାବ ଯୋଗୁ ଖରାପ ପ୍ରଭାବ ବିଷୟରେ ଜାଣି ନ ପାରି ସେବନ କରୁଛନ୍ତି। ତମାଖୁ ଦ୍ୱାରା ଆମ ଶରୀରରେ ଅନେକ ପ୍ରାଣଘାତୀ ରୋଗ ହୋଇଥାଏ। ଏହାଦ୍ୱାରା କର୍କଟ, ହୃଦ୍‌ରୋଗ, ଶ୍ୱାସରୋଗ ଆଦି ରୋଗ ହେବା ଆଶଙ୍କା ଥାଏ। ତମାଖୁ କେବଳ ଆମର ସ୍ୱାସ୍ଥ୍ୟ ନୁହେଁ, ବରଂ ପରିବେଶକୁ କ୍ଷତିଗ୍ରସ୍ତ କରିଥାଏ। ଏଥିରେ ମୁଖ୍ୟ ରସାୟନ ହେଉଛି ନିକୋଟିନ୍। ଯାହାର ଅତ୍ୟଧିକ ସେବନ ସ୍ୱାସ୍ଥ୍ୟ ପାଇଁ ହାନିକାରକ। ଗର୍ଭସ୍ଥ ଶିଶୁର ସ୍ୱାସ୍ଥ୍ୟ ଉପରେ ମଧ୍ୟ ଏହା ପ୍ରଭାବ ପକାଇଥାଏ। ଗର୍ଭପାତ, ସମୟ ପୂର୍ବରୁ ଜନ୍ମ ଓ ମୃତ ଛୁଆ ମଧ୍ୟ ଜନ୍ମ ହେବାର ଆଶଙ୍କା ରହିଛି। ଅନ୍ୟପଟେ କ୍ରମାଗତ ତମାଖୁ ସେବନ ଦ୍ୱାରା ମଣିଷର ପ୍ରତିଟି ଅଙ୍ଗ ପ୍ରଭାବିତ ହୁଏ। ଯାହାଫଳରେ ବ୍ୟକ୍ତି ମୃତ୍ୟୁମୁଖରେ ପଡ଼େ। ଏ ଦୃଷ୍ଟିରୁ ଏହାକୁ 'ନିରବ ଘାତକ' ବୋଲି ମଧ୍ୟ କୁହାଯାଏ। ତମାଖୁର ହାନିକାରକ ପ୍ରଭାବ କେବଳ ଧୂମପାନ କରୁଥିବା ବ୍ୟକ୍ତିଙ୍କ ମଧ୍ୟରେ ସୀମିତ ନାହିଁ; ଯେଉଁ ଲୋକେ ଏହାକୁ ସେବନ ନ କରି ମଧ୍ୟ ଧୂଆଁ ସଂସ୍ପର୍ଶରେ ଆସୁଛନ୍ତି ସେମାନଙ୍କର ମଧ୍ୟ ହୃଦ୍‌ରୋଗ, ଶ୍ୱାସକ୍ରିୟାରେ ସମସ୍ୟା, କର୍କଟରେ ଆକ୍ରାନ୍ତ ହେବା ଆଶଙ୍କା ରହୁଛି। ପ୍ରତିବର୍ଷ ଏହି ଦିବସ ପାଇଁ ଏକ ସ୍ୱତନ୍ତ୍ର ଥିମ୍ ରହିଥାଏ। ଚଳିତ ବର୍ଷ ଏହି ଦିବସର ଥିମ୍ ରହିଛି, "Unmasking the Appeal: Exposing Industry Tactics on Tobacco and Nicotine Products."


## ପ୍ରକୃତ ମାନବତା

# ଖରାରୁ ବଳଦକୁ ଦେଲେ ସୁରକ୍ଷା

ଏକଦା ଗ୍ରାମାଞ୍ଚଳରେ ଯାତାୟତ ଏବଂ ଜିନିଷ ପରିବହନର ମାଧ୍ୟମ ଥିଲା ବଳଦ ଗାଡ଼ି। ଏବେ କାଁ ଭାଁ ବଳଦ ଗାଡ଼ି ଦେଖିବାକୁ ମିଳୁଛି। ଏହାରି ଭିତରେ ସାମାଜିକ ଗଣମାଧ୍ୟମରେ ଏମିତି ଏକ ବଳଦ ଗାଡ଼ିର ଫଟୋ ସେୟାର୍ କରାଯାଇଛି; ଯାହାକି ଚର୍ଚ୍ଚାର ପ୍ରସଙ୍ଗ ହେବା ସହ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ତେବେ ଏହି ଫଟୋଟି ମାନବତା ଏବଂ ପ୍ରାଣୀଙ୍କ ପ୍ରତି ସମ୍ବେଦନଶୀଳତାର ଏକ ସୁନ୍ଦର ଉଦାହରଣ ସୃଷ୍ଟି କରିଛି। ସେହିପରି ବଳଦ ଗାଡ଼ି ଉପରେ ବନ୍ଧା ଯାଇଥିବା ଅଖା ହେଉଛି ଏହାର ମୁଖ୍ୟ ଆକର୍ଷଣ। କାରଣ ବଳଦଟିକୁ ଖରାରୁ ସୁରକ୍ଷା ଦେବା ଲାଗି ଏହି ବ୍ୟବସ୍ଥା କରାଯାଇଛି। ଅନ୍ୟପଟେ ବଳଦଗାଡ଼ି ମାଲିକଙ୍କ ଏହି ବ୍ୟବସ୍ଥାକୁ ଦେଖି ତାଙ୍କର ଖୁବ୍ ପ୍ରଶଂସା କରାଯାଉଛି। ଫଟୋରୁ ଦେଖିବାକୁ ମିଳୁଛି ଯେ, ବଳଦଗାଡ଼ିରେ ବାଉଁଶ ଲାଗିଛି ଏବଂ ଏହା ଉପରେ ଅଖାକୁ ବନ୍ଧା ଯାଇଛି। ଯେଭଳି ଏହା ବଳଦକୁ ଖରାରୁ ଛାୟା ପ୍ରଦାନ କରିବ। ଅବଶ୍ୟ ଏହି ବ୍ୟବସ୍ଥା ଯୋଗୁଁ ଖରାରେ ବି ବଳଦଟି ଗାଡ଼ିକୁ ଆରାମରେ ଟାଣିପାରିବ ବୋଲି କୁହାଯାଉଛି। ଅନ୍ୟପଟେ ଏହି ବ୍ୟବସ୍ଥା ପ୍ରକୃତ ମାନବତାର ଉଦାହରଣ ସୃଷ୍ଟି କରିଛି। ସେହିପରି ପ୍ରାଣୀଙ୍କୁ କେବଳ କାମରେ ନୁହେଁ, ବରଂ ସେମାନଙ୍କର ଯତ୍ନ ନେବା ଦରକାର ବୋଲି ଲୋକେ କହିଛନ୍ତି।



# ଦୀପିକାଙ୍କ ଉପରେ ଖପ୍ପା ସନ୍ଦୀପ



ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ୍ ସବୁବେଳେ ବିବାଦରୁ ଦୂରେଇ ରହିଥାନ୍ତି। ଏବେ କିନ୍ତୁ ଦୀପିକାଙ୍କ ନାମ ଏକ ବଡ଼ ବିବାଦ ମଧ୍ୟରେ ଛନ୍ଦି ହୋଇଯାଇଛି। ସନ୍ଦୀପ ରେଡ୍ଡି ଭାଙ୍ଗାଙ୍କ ଅଭିନୀତ 'ସ୍ପିରିଟ୍'ରୁ ଦୀପିକାଙ୍କୁ ବାଦ୍ ଦିଆଯାଇଛି ବୋଲି ନିକଟରେ କିଛି ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଥିଲା। ଏହାପରେ ଫିଲ୍ମର କାହାଣୀ ଲିକ୍ ହୋଇଥିବା ଚର୍ଚ୍ଚା ହେବାକୁ ଲାଗିଲା। ଏଥିପାଇଁ ସନ୍ଦୀପ ଏବେ ଦୀପିକାଙ୍କ ଉପରେ ଖପ୍ପା। ଏଥିପାଇଁ ସେ ଦୀପିକା ଏବଂ ତାଙ୍କ ପିଆର୍ ସଂସ୍ଥାକୁ ଦାୟୀ କରିଛନ୍ତି। ସନ୍ଦୀପ ଦୀପିକାଙ୍କ ନାଁ ନ ନେଇ ଟ୍ୱିଟ୍ ମାଧ୍ୟମରେ ତାଙ୍କୁ ଟାର୍ଗେଟ୍ କରିଛନ୍ତି। ସେ ଏଥିରେ ଉଲ୍ଲେଖ କରିଛନ୍ତି ଯେ- 'ଯେତେବେଳେ ମୁଁ କୌଣସି କଳାକାରଙ୍କୁ ଫିଲ୍ମର କାହାଣୀ ଶୁଣାଏ ସେତେବେଳେ ତାଙ୍କ ଉପରେ ଶତ ପ୍ରତିଶତ ଭରସା କରେ। ଆମେ ଭିତରେ NDA(Non Disclosure Agreement) ହୋଇଥାଏ। ତୁମଠାରୁ ଜଣେ ଛୋଟ ଅଭିନେତ୍ରୀଙ୍କୁ ନୀଚା ଦେଖାଇ ତଥା ମୋ କାହାଣୀକୁ ପ୍ରକାଶ କରି ତୁମେ କେମିତିକା ମଣିଷ ଜଣେଇ ଦେଲ। ଜଣେ ଫିଲ୍ମ ନିର୍ମାତା ଭାବେ ମୁଁ ମୋର କାହାଣୀ ଲାଗି ବର୍ଷ ବର୍ଷ ଧରି ପରିଶ୍ରମ କରିଛି, ମୋ ପାଇଁ ଫିଲ୍ମ ନିର୍ମାଣ ସବୁଠୁ ବଡ଼ କଥା। ତୁମେ ଏସବୁ ବୁଝିପାରିବ ନାହିଁ। ଆଗକୁ ପୂରା କାହାଣୀ କହିଦେବ। କାରଣ ମୋତେ ଏସବୁରୁ କିଛି ଫରକ ପଡ଼େନା।' ଏଠାରେ ପ୍ରକାଶ ଥାଉ କି, ଦୀପିକାଙ୍କ କିଛି ସର୍ତ୍ତ ପାଇଁ ସନ୍ଦୀପ ତାଙ୍କୁ ଫିଲ୍ମରୁ ବାଦ୍ ଦେଇଥିଲେ ବୋଲି ଅନେକ ରିପୋର୍ଟରେ ପ୍ରକାଶ ପାଇଥିଲା। ସିଫ୍ଟରେ ୮ ଘଣ୍ଟା କାମ କରିବେ, ତେଲୁଗୁ ସଂଳାପ କହିବେ ନାହିଁ, ଅଧିକ ପାରିଶ୍ରମିକ ନେବେ, ଲାଭରୁ ମଧ୍ୟ ସେୟାର୍ ନେବେ ବୋଲି ଦୀପିକା ସନ୍ଦୀପଙ୍କ ନିକଟରେ ସର୍ତ୍ତ ରଖିଥିଲେ ବୋଲି କୁହାଯାଉଛି। ଏନେଇ ବିଧିବଦ୍ଧ ଭାବେ କେହି କିଛି କହି ନ ଥିଲେ ସୁଦ୍ଧା ଦୀପିକାଙ୍କୁ 'ସ୍ପିରିଟ୍'ରୁ ବାଦ୍ ଦେଇ ସନ୍ଦୀପ ତ୍ରିପ୍ତି ଦିମ୍ରିଙ୍କୁ ସାଇନ୍ କରିଥିଲେ। ତେବେ ଦୀପିକା ବୋଲଡ୍ ସିନ୍ ପାଇଁ ଏହି ଫିଲ୍ମ ଛାଡ଼ି ଦେଇଥିବା କିଛି ରିପୋର୍ଟରେ ପ୍ରକାଶ ପାଇଛି।

# ସୁମନ

### ସକାଳ ଶିଶୁ କୁଇଜ୍-୧୬୬

(୧) କେଉଁ ଯନ୍ତ୍ର ସାହାଯ୍ୟରେ ଦୁଗ୍ଧର ଘନତ୍ୱ ମପାଯାଏ?
ଉତ୍ତର: ______

(୨) ଭାରତର ପ୍ରଥମ ମହିଳା ରାଜ୍ୟପାଳଙ୍କ ନାମ କ'ଣ?
ଉତ୍ତର: ______

(୩) 'ବୈଦେହୀଶ ବିଳାସ'ର ରଚୟିତା କିଏ?
ଉତ୍ତର: ______

(୪) ଜାତୀୟ ହସ୍ତତନ୍ତ ଦିବସ କେବେ ପାଳନ କରାଯାଏ?
ଉତ୍ତର: ______

(୫) ଲିଓନେଲ ମେସିଙ୍କର କେଉଁ ଖେଳ ସହ ସମ୍ପର୍କ ରହିଛି?
ଉତ୍ତର: ______

**ଗତ ସପ୍ତାହର କୁଇଜ୍ ବିଜେତା**
- ଅବିନାଶ ପାତ୍ର, ଧୁଷୁରୀ, ଭଦ୍ରକ
- ଆଶିଷ କୁମାର ଜେନା, ମାହାଙ୍ଗା
- ଲିପ୍‌ସା ପଟ୍ଟନାୟକ, ବାରିପଦା

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।

ଆମର ଯୋଗାଯୋଗ ଠିକଣା
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯

## ଶିବ ବିବାହ



ଜଗଦୀଶ ସାହୁ

ବିବାହ କରିବେ ଦେବ ଦମ୍ପତି
ଭକତ ଜନଙ୍କ ପୂଣ୍ୟ ସମ୍ପତ୍ତି
ବରବେଶ ହେବେ ଭୋଳା ଶଙ୍କର
ମାତା ପାର୍ବତୀ କନିଆଁ ତାଙ୍କର
ଆନ ଦେବା ଦେବୀ ବରଯାତିରି
ନାଚ ଗୀତ ପାଇଁ ନାହିଁ ଖାତିରି
ବାଜୁଥିବ ବାଜା ଢୋଲ ନିଶାଣ
ଭାବରେ ତରଳି ଯିବ ପାଷାଣ
ଶୋଭା ଦରଶନେ ଆଖି ଝଲସି
ଭକ୍ତ ମନ ପ୍ରାଣ ଉଠେ ଉଲସି
ଶିବ କୃପାବିନା ସବୁ ଅସାର
ପ୍ରଭୁ ଆଶିଷରେ ହସୁ ସଂସାର ।■

ସଞ୍ଜପଡ଼ା, ହିନ୍ଦୋଳ
ଢେଙ୍କାନାଳ
ମୋ- ୯୦୭୮୧୮୫୬୧୬

## ଥିଲେ ଘରେ ବୋଉ ଝରେ ହସମହୁ

ସବୁଠୁ ସୁନ୍ଦର ଲିପାପୋଛା ଘର
ଝୋଟି ଚିତାଥାଏ କାନ୍ଥେ
ଘରକୁ କରଇ ମନ୍ଦିର ଠୁ ଭଲ
ବୋଉ ତା'ର ଦୁଇହାତେ ॥
ଘର ପଛପଟେ ସୁନ୍ଦର ବଗିଚା
ଗଛରେ ଫୁଟଇ ଫୁଲ
ଉଡ଼ିଆସି ନିତି ଫୁଲକୁ କରନ୍ତି
ଛିଟ ପ୍ରଜାପତି ଗେଲ ॥
ଘରଆଗେ ଥିବା ଚଉରାରେ ଦିଏ
ସଞ୍ଜରେ ଦୀପାଳି ବୋଉ
ପୁଅ ଝିଅଙ୍କର ସୁଖ ମନାସୀ ସେ
ଢାଳଇ ହସର ମହୁ ॥
ବୋଉ ତ ପଢ଼ାଏ ପାଠ ବହିଧରି
ମାଆ ସରସ୍ୱତୀ ସାଜି
ଖୁଆଏ ଆହାର ତଡ଼େ ପେଟ ଭୋକ
ଭଲ ଚିଜ ଆଣେ ଖୋଜି ॥
ବୋଉ ଢାଙ୍କିଦିଏ ମଥାରେ ଓଢ଼ଣି
କହେ ସେ ମଧୁର କଥା
ରୋଗ ଜର ବେଳେ ଦେହେ ହାତ ବୋଳେ
ଦୂରହେଇଯାଏ ବଥା ॥
ଥିଲେ ଘରେ ବୋଉ ଝରେ ହସମହୁ
ସୁଖର ସରସୀ ଫୁଟେ
ହଟେ ଅମାରାତି ଫୁଲିଉଠେ ଛାତି
ଆକାଶରେ ଜହ୍ନ ଉଠେ ॥■

କୁଞ୍ଜର –ସଙ୍ଗଳାଇ, ପିପିଲି, ପୁରୀ
ମୋ- ୯୬୭୮୮୨୨୧୯୦



ପ୍ରଶାନ୍ତ କୁମାର ଦାଶ



## ମହୁମାଛି ଦେଲା ଶିକ୍ଷା





ସୁବ୍ରତ କୁମାର ଦାସ


ପ୍ରତିଦିନ ପରି ମହୁମାଛିଟି ମନ ହରଷରେ ଗୁଣୁଗୁଣୁ କରି ଏ ଫୁଲରୁ ସେ ଫୁଲକୁ ଉଡ଼ି ମହୁ ସଂଗ୍ରହ କରୁଥାଏ। ଜଙ୍ଗଲରେ ଘୂରି ବୋଲି ବିଭିନ୍ନ ଫୁଲ, ଫଳରୁ ମହୁ ସଂଗ୍ରହ କରି ଏକ ଝଙ୍କାଳିଆ ଆମ୍ବ ଗଛ ଅଗ ଡାଳରେ ବସାଟିଏ ବାନ୍ଧିଥାଏ। ସେହି ମହୁ ବସାରେ ସଞ୍ଚିଥିବା ମହୁ ଯାକ ଠୁଳ କରି ତାରି ଛୋଟ ଛୋଟ କୋଠରୀ ଭିତରେ ଖୁବ୍ ଯତ୍ନ ସହକାରେ ରଖିଥାଏ। ସବୁ ମହୁମାଛିମାନଙ୍କ ଭିତରେ ରାଣୀ ମହୁମାଛିଟି ସମସ୍ତଙ୍କୁ ମହୁ ସଂଗ୍ରହ କରିବା ପାଇଁ ପରାମର୍ଶ ଦେଉଥାଏ। ଦିନେ ସେହି ଝଙ୍କାଳିଆ ଆମ୍ବ ଗଛ ଡାଳରେ ଆଉ ଏକ କପୋତୀଟିଏ ବସା ବାନ୍ଧିଲା। ସବୁଦିନ ଚଢ଼େଇଟି ତା ବସା ପାଇଁ କାଠି, କୁଟା, ଆଣି ବସା ବାନ୍ଧୁଥାଏ। ଦିନେ କପୋତୀଟି ଲକ୍ଷ୍ୟ କଲା ସବୁ ମହୁମାଛିମାନେ କିପରି ଗୁଣୁଗୁଣୁ ହୋଇ ମହୁବସା ଚାରିପଟେ ଘେରି ରହିଥାନ୍ତି। ମହୁଗୁଡ଼ିକୁ ଖୁବ୍ ଆଦର, ଯତ୍ନ ସହକାରେ ଛୋଟ ଛୋଟ କୋଠରୀ ଭିତରେ ରଖି ତାକୁ ଜଗି ରହିଥାନ୍ତି। ଯେପରି କୌଣସି ପ୍ରାଣୀ ସହଜରେ ତାଙ୍କର ବସାକୁ କ୍ଷତି ନ ପହଞ୍ଚାଇବ, ସେଥିପାଇଁ ଗଛର ଖୁବ୍ ଅଗ୍ରଭାଗରେ ବସା ତିଆରି କରିଥାନ୍ତି। ଦିନେ କପୋତୀଟି ବସାକୁ ସଅଳ ଫେରି ଆସି ରାଣୀ ମହୁମାଛି ପାଖକୁ ଗଲା। ରାଣୀ ମହୁମାଛି କପୋତୀକୁ ଦେଖି ପଚାରିଲା, ଭଉଣୀ ଆଜି ଏତେ ସଅଳ ଫେରି ଆସିଲ ଯେ! କପୋତୀଟି ଉତ୍ତର ଦେଲା, କିଛି ଦୁଷ୍ଟ ମାଙ୍କଡ଼ ଦଳ ଆସି ଏ ଡାଳରୁ ସେ ଡାଳକୁ ଡେଉଁଛନ୍ତି। ତେଣୁ ମୋ ବସାକୁ ଭାଙ୍ଗି ଦେବେ ଭାବି ମୁଁ ସଅଳ ଫେରି ଆସିଲି। କିନ୍ତୁ ରାଣୀ ଗୋଟିଏ କଥା ମୋ ମନକୁ ପ୍ରଶ୍ନ ଆସୁଛି। ରାଣୀ ମହୁମାଛି ପଚାରିଲା, କହୁନା ଭଉଣୀ। କପୋତୀ ପଚାରିଲା; ଆଚ୍ଛା ରାଣୀ ମହୁମାଛି କହିଲ, ତୁମେ ଏତେ ପରିଶ୍ରମ କରି ଏ ଫୁଲରୁ ସେ ଫୁଲକୁ ଉଡ଼ି, କେତେ ଫୁଲରୁ ମହୁ ସଂଗ୍ରହ କରି ଆଣି ସଞ୍ଚୟ କରି ରଖୁଛ, ହେଲେ ଶେଷରେ ଏ ମଣିଷମାନେ ତୁମ ବସା ଭାଙ୍ଗି ଦେଇ ମହୁ ସବୁ ଚୋରି କରି ନେଉଛନ୍ତି। ତୁମର ଏତେ ଦିନର ପରିଶ୍ରମ, ଚେଷ୍ଟା ସବୁ ତ ବୃଥା ହେଉଛି। ରାଣୀ ମହୁମାଛି ଉତ୍ତର ଦେଲା, ତୁମେ ଠିକ୍ କଥା କହୁଛ ଭଉଣୀ; ହେଲେ ଆମେ ତ ଛୋଟ ପ୍ରାଣୀ, କ'ଣ କରିପାରିବୁ। ଯାହାର ସ୍ୱଭାବ ଯାହା, ତାକୁ କ'ଣ ବଦଳାଇ ହେବ। ମଣିଷମାନେ ଏହାକୁ ଚୋରି କରି ନେଉଛନ୍ତି ସତ, ହେଲେ ମହୁ ତିଆରି କରିବାର ଗୁଣ ବା କୌଶଳ ତ ଚୋରି କରି ପାରୁନାହାନ୍ତି। ତେଣୁ ସେହି ଗୁଣ ବା କୌଶଳ ବଳରେ ଆମେ ପୁଣି ମହୁ ତିଆରି କରି ସଞ୍ଚିପାରୁଛୁ। ଯାହାକୁ କୌଶଳ ଜଣାଥିବ, ସେ କେବେ ହାରିବ ନାହିଁ। ମହୁମାଛି ଏକ ଉତ୍ତମ ଶିକ୍ଷା ଦେଲା ବୋଲି କପୋତୀଟି ବୁଝି ପାରିଲା ଏବଂ ମନେ ମନେ ମହୁମାଛିଙ୍କ ଅସୀମ ଧୈର୍ଯ୍ୟ ଆଉ ଗୁଣ ପାଇଁ ପ୍ରଶଂସା କଲା।■

ରାଜେନ୍ଦ୍ରପୁର, ବାରିକପୁର ବଜାର, ଭଦ୍ରକ
ମୋ: ୯୪୩୭୭୩୧୯୦୩






ପ୍ରିୟସ୍ମିତା ଶୁଭଦର୍ଶିନୀ
ଅଷ୍ଟମ ଶ୍ରେଣୀ
କେନ୍ଦ୍ରୀୟ ବିଦ୍ୟାଳୟ ନଂ-୩
ମଞ୍ଚେଶ୍ୱର, ଭୁବନେଶ୍ୱର





ରାହୁଲ ଡାକୁଆ
ସପ୍ତମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ଭୀମଟାଙ୍ଗି, ଭୁବନେଶ୍ୱର





ପ୍ରତୀକ ଅଦାବର
ପଞ୍ଚମ ଶ୍ରେଣୀ
ସରସ୍ୱତୀ ଶିଶୁବିଦ୍ୟାମନ୍ଦିର
ବୀରମହାରାଜପୁର, ସୁବର୍ଣ୍ଣପୁର





କ୍ରିଷ୍ଟାଲ ପଣ୍ଡା
ଦ୍ୱିତୀୟ ଶ୍ରେଣୀ
ବ୍ରିଜୱେଲ ଗ୍ଲୋବାଲ ସ୍କୁଲ
ସରକଣା, ଖୋର୍ଦ୍ଧା

## ଢଗଢମାଳି

- ବହି ଖାତା ଝର କଲମ ଆଦି
ତା'ଦେହେ ରଖନ୍ତି ପିଲା ସାଇତି
ନାନା ରଙ୍ଗ ତା'ର ରୂପ ସୁନ୍ଦର
ପିଲାଏ କରନ୍ତି ତାକୁ ଆଦର
କାନ୍ଧରେ ଝୁଲଇ ସେହି
ବହି ଖାତା ପାଇଁ ତା'ପେଟ ଫୁଲଇ
ପାରିବ ତା'ନାମ କହି।
ଉତ୍ତର-ବସ୍ତାନୀ





- ମିତ ସାଜି ସିଏ ସାହାଯ୍ୟ କରେ
ତାକୁ ଦେଖି ଖରା ବରଷା ଡରେ
ରହିଥାଏ ସିଏ ମଥା ଉପରେ
ଖରା ବରଷାକୁ ସରାଗେ ଧରେ
ଆମକୁ ସୁରକ୍ଷା ଦିଏ
ଆମ ହିତ ପାଇଁ ଜନମ ତାହାର
ନାମଟି କହିବ କିଏ।
ଉତ୍ତର-ଛତା

- ପାଦ ତଳେ ଶୋହେ ଦରବଟିଏ
ଆମ ପାଇଁ ସିଏ କଷଣ ସହେ
ରବର ଚମଡ଼ା ଆଦିରୁ ଜାତ
କରିଥାଏ ସିଏ ସଭିଙ୍କ ହିତ
ଗୋଡ଼ି କଣ୍ଟା ଅବା ଗ୍ରୀଷମ ଉଷ୍ମ
ରକ୍ଷାକରେ ସିଏ ପାଦକୁ ଆମ
କରଇ ମହତ କାମ
ମନ୍ଦିର ବାହାରେ ଥୁଆ ହୁଏ ସିଏ
କୁହ ଦେଖି ତା'ର ନାମ।
ଉତ୍ତର-ଜୋତା

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର
ମୋ- ୭୩୫୫୬୩୪୩୪୬

■ ପ୍ରଥମ ଅନ୍‌ଅଫିସିଆଲ୍ ଟେଷ୍ଟ

## କରୁନ ନାୟାରଙ୍କ ଶତକ

କାଣ୍ଟରବରୀ, ୩୦।୫ (ଏଜେନ୍ସି): ଇଂଲଣ୍ଡ-ଏ ବିପକ୍ଷ ପ୍ରଥମ ଅନଅଫିସିଆଲ ଟେଷ୍ଟ ମ୍ୟାଚ୍ ସ୍ଥାନୀୟ ଲରେନ୍ସ ଗ୍ରାଉଣ୍ଡରେ ଆଜିଠାରୁ ଆରମ୍ଭ ହୋଇଛି। ଏହି ମ୍ୟାଚ୍‌ରେ ଟସ୍ ଜିତି ଇଂଲଣ୍ଡ ଲାୟନ୍ସ ଭାରତ-ଏ'କୁ ପ୍ରଥମେ ବ୍ୟାଟିଂ ଲାଗି ଆମନ୍ତ୍ରଣ କରିଥିଲା। ପ୍ରଥମଦିନ ଶେଷ ଖବର ସୁଦ୍ଧା ଭାରତ-ଏ' ୬୩ ଓଭରରେ ୩ ୱିକେଟ ହରାଇ ୨୫୮ ରନ୍ ସଂଗ୍ରହ କରିନେଇଥିଲା। ଦଳ ପକ୍ଷରୁ କରୁନ ନାୟାର ୧୧୪ (୧୬୫ ବଲ୍, ୧୭ ଚୌକା) ଓ ଧ୍ରୁବ ଜୁରେଲ ୮ ରନ୍‌ରେ ବ୍ୟାଟିଂ କରୁଥିଲେ। ଦୁଇ ଓପନର ଯଶସ୍ୱୀ ଜୟସ୍ୱାଲ ୨୪ ଓ ଅଭିମନ୍ୟୁ ଈଶ୍ୱରନ ୮ ରନ୍‌ରେ ଆଉଟ ହୋଇଥିଲେ। ସର୍ଫରାଜ ଖାନ ୯୨ ରନ୍‌ରେ ଦଳୀୟ ସ୍କୋର ୫୧ ରନ୍‌ରେ ଦଳ ଦ୍ୱିତୀୟ ୱିକେଟ ହରାଇଥିଲା।

**ଭାରତ-ଏ ଏକାଦଶ** : ଅଭିମନ୍ୟୁ ଈଶ୍ୱରନ (ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, କରୁନ ନାୟାର, ସର୍ଫରାଜ ଖାନ୍, ଧ୍ରୁବ ଜୁରେଲ (ୱିକେଟରକ୍ଷକ), ନୀତୀଶ କୁମାର ରେଡ୍ଡି, ଶାର୍ଦ୍ଦୁଳ ଠାକୁର, ହର୍ଷ ଦୁବେ, ଅଂଶୁଲ କାମ୍ବୋଜ, ହର୍ଷିତ ରାଣା, ମୁକେଶ କୁମାର।

## ଦ୍ୱିତୀୟ ଅନ୍‌ଅଫିସିଆଲ୍ ଟେଷ୍ଟ ଖେଳିବେ ରାହୁଲ

ନୂଆଦିଲ୍ଲୀ,୩୦।୫ (ଏଜେନ୍ସି): ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍ ଲାଗି ୧୮ ଜଣିଆ ଦଳରେ ମନୋନୀତ ହୋଇଥିବା ଅଭିଜ୍ଞ ବ୍ୟାଟର ଲୋକେଶ ରାହୁଲ ଭାରତ-ଏ' ପକ୍ଷରୁ ଇଂଲଣ୍ଡ ଲାୟନ୍ସ ବିପକ୍ଷ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ ଖେଳିବେ। ଦିଲ୍ଲୀ କ୍ୟାପିଟାଲ୍ସ ପ୍ଲେ ଅଫ୍‌କୁ ଉନ୍ନିତ ନ ହେବାରୁ ରାହୁଲ ଲଣ୍ଡନ ଯିବାକୁ ପ୍ରସ୍ତୁତ ହୋଇଥିଲେ। ଏ ସମ୍ପର୍କରେ ସେ ବିସିସିଆଇକୁ ଅବଗତ କରିଥିଲେ। ଏଥିଲାଗି ବିସିସିଆଇ ସୋମବାର ରାହୁଲଙ୍କୁ ଲଣ୍ଡନ ପଠାଇବା ଲାଗି ସ୍ଥିର କରିଛି। ଭାରତ-ଏ ବନାମ ଇଂଲଣ୍ଡ ଲାୟନ୍ସ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ଜୁନ୍ ୬ରୁ ଆରମ୍ଭ ହେବ। ଏହା ପରେ ଟେଷ୍ଟ ଦଳର ସମସ୍ତ ଖେଳାଳି ଲଣ୍ଡନରେ ପହଞ୍ଚିବା ପରେ ଜୁନ୍ ୧୩ରେ ଇଣ୍ଟ୍ରା ସ୍କ୍ୱାଡ୍ ବା ନିଜ ନିଜ ମଧ୍ୟରେ ଏକ ଅଭ୍ୟାସ ମ୍ୟାଚ୍ ଖେଳିବେ। ଏହାର ଅର୍ଥ ଜୁନ୍ ୨୦ରେ ଇଂଲଣ୍ଡ ସହ ଭାରତ ପ୍ରଥମ ଟେଷ୍ଟ ଖେଳିବା ପୂର୍ବରୁ କୌଣସି ଅଭ୍ୟାସ ମ୍ୟାଚ୍ ଖେଳିବ ନାହିଁ।

■ ବନ୍ଧୁତ୍ୱପୂର୍ଣ୍ଣ ଚତୁଃରାଷ୍ଟ୍ରୀୟ ଜୁନିଅର ମହିଳା ହକି

## ସୁଟ୍‌ଆଉଟ୍‌ରେ ଚିଲିଠୁ ହାରିଲା ଭାରତ

ରୋସାରିଓ, ୩୦।୫ (ଏଜେନ୍ସି): ଆର୍ଜେଣ୍ଟିନାରେ ଚାଲିଥିବା ବନ୍ଧୁତ୍ୱପୂର୍ଣ୍ଣ ଚତୁଃରାଷ୍ଟ୍ରୀୟ ଜୁନିଅର ମହିଳା ହକିରେ ଭାରତୀୟ ଦଳ ସୁଟ୍‌ଆଉଟ୍‌ରେ ୧-୩ ଗୋଲରେ ଚିଲି ନିକଟରୁ ପରାସ୍ତ ହୋଇଛି। ଏହି ମ୍ୟାଚର ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ ୨ଟି ଲେଖାଏ ଗୋଲ୍ ଦେଇଥିଲେ। ଭାରତ ପକ୍ଷରୁ ସୁଖବୀର କୌର ଓ କନିକା ସିୱାଚ ଏବଂ ଚିଲି ପାଇଁ ଜାସିଣ୍ଟା ସୋଲାରି ଓ ଅଧିନାୟିକା ଲୌରା ମୁଲର୍ ଗୋଲ୍ ସ୍କୋର କରିବା ଫଳରେ ମ୍ୟାଚ୍ ୨-୨ରେ ବରାବର୍ ରହିଥିଲା। ଏହାପରେ ସୁଟ୍‌ଆଉଟ୍‌ରେ କିନ୍ତୁ ଚିଲି ୩-୧ ଗୋଲ୍‌ରେ ବାଜିମାତ୍ କରିନେଇଥିଲା। ଭାରତ ପରବର୍ତ୍ତୀ ମ୍ୟାଚରେ ରବିବାର ଉରୁଗୁଏକୁ ଭେଟିବ।

### ଆଇପିଏଲ୍-୧୮ : ଏଲିମିନେଟର୍‌ରେ ହାରି ଗୁଜରାଟ ବିଦା

# କ୍ୱାଲିଫାୟର-୨ରେ ମୁମ୍ବାଇ-ପଞ୍ଜାବ ଲଢ଼େଇ



ମୁଲାନପୁର, ଚଣ୍ଡିଗଡ, ୩୦।୫ (ଏଜେନ୍ସି)

ଗୁଜରାଟ ଟାଇଟନ୍ସକୁ ୨୦ ରନରେ ପରାସ୍ତ କରି ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱାଧୀନ ମୁମ୍ବାଇ ଇଣ୍ଡିଆନ୍ସ ଚଳିତ ଆଇପିଏଲ୍-୧୮'ର କ୍ୱାଲିଫାୟର-୨ରେ ପ୍ରବେଶ କରିଛି। ଶୁକ୍ରବାର ଏଠାରେ ଅନୁଷ୍ଠିତ ଏଲିମିନେଟର୍ ମୁକାବିଲାରେ ମୁମ୍ବାଇ ପ୍ରଥମେ ବ୍ୟାଟିଂ କରି ୫ ୱିକେଟ୍‌ରେ ୨୨୮ ରନ କରିଥିଲା। ଜବାବରେ ଗୁଜରାଟ ନିର୍ଦ୍ଧାରିତ ଓଭରରେ ୬ ୱିକେଟ୍‌ରେ ୨୦୮ ରନ କରିଥିଲା। ପରାଜୟ ସହ ଶୁବମନ ଗିଲ୍‌ଙ୍କ ଗୁଜରାଟ ଆଇପିଏଲ୍‌ରୁ ବିଦା ନେଇଛି। ଅପରପକ୍ଷରେ ବିଜୟ ସହ ମୁମ୍ବାଇ କ୍ୱାଲିଫାୟର-୨ରେ ପହଞ୍ଚିଛି। ରବିବାର ପଞ୍ଜାବ କିଙ୍ଗ୍‌ସ ଓ ମୁମ୍ବାଇ ମଧ୍ୟରେ କ୍ୱାଲିଫାୟର-୨ ଖେଳାଯିବ। ଏହି ମ୍ୟାଚରେ ଯେଉଁ ଦଳ ଜିତିବ ଜୁନ୍ ୩ (ମଙ୍ଗଳବାର)ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସହ ଫାଇନାଲ ଖେଳିବ। ପୂର୍ବରୁ କ୍ୱାଲିଫାୟର-୧ରେ ବେଙ୍ଗାଲୁରୁ ୮ ୱିକେଟ୍‌ରେ ପଞ୍ଜାବକୁ ହରାଇଥିଲା।

୨୨୯ ରନ୍‌ର ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ଗୁଜରାଟ ଇନଫର୍ମ ଓପନର୍ ସାଇ ସୁଦର୍ଶନଙ୍କ ଦମ୍‌ଦାର ୮୦ ରନ (୪୯ ବଲ୍, ୧୦ ଚୌକା ଓ ୧ ଛକା) ରନ ସତ୍ତ୍ୱେ ବିଜୟୀ ହୋଇପାରି ନ ଥିଲା। ଅନ୍ୟମାନଙ୍କ ମଧ୍ୟରେ ୱାଶିଂଟନ ସୁନ୍ଦର ୨୪ ବଲରେ ୪୮, କୁଶଲ ମେଣ୍ଡିସ ୨୦, ସିର୍ଫାନ ରଦରଫୋର୍ଡ ୨୪ ରନ କରିଥିଲେ। ଅଧିନାୟକ ଶୁବମନ ଗିଲ୍ ୧ ରନ କରି ନିରାଶ କରିଥିଲେ। ବୋଲିଂରେ ମୁମ୍ବାଇ ପାଇଁ ଟ୍ରେଣ୍ଟ ବୋଲ୍ଟ ସର୍ବାଧିକ ୨ଟି ଏବଂ ଅଶ୍ୱିନ କୁମାର, ଯସପ୍ରିତ୍ ବୁମ୍‌ରା ଓ ଗ୍ଲେସନ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ।

ପୂର୍ବରୁ ଏହି ମ୍ୟାଚରେ ଟସ୍ ଜିତି ମୁମ୍ବାଇ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ଓପନର୍ ରୋହିତ୍ ଶର୍ମାଙ୍କ ଦମ୍‌ଦାର ଅର୍ଦ୍ଧଶତକ ବଳରେ ଦଳ ୫ ୱିକେଟ୍‌ରେ ୨୨୮ ରନର ବିଶାଳ ସ୍କୋର କରିଥିଲା। ରୋହିତ ସର୍ବାଧିକ ୮୧ ରନ କରିଥିଲେ। ସେହିଭଳି ଜନି ବେୟାରଷ୍ଟୋ ୨୨ ବଲ୍‌ରୁ ୪୭ ରନ୍ କରି ଆଉଟ ହୋଇଥିଲେ। ଏହି ସ୍କୋରରେ ବେୟାରଷ୍ଟୋ ୪ଟି ଚୌକା ଓ ୩ଟି ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୂର୍ଯ୍ୟକୁମାର ଯାଦବ ୩୩, ତିଳକ ବର୍ମା ୨୫ ଓ ହାର୍ଦ୍ଦିକ ପାଣ୍ଡ୍ୟା ୨୨ ରନ୍ କରିଥିଲେ। ପ୍ରସିଦ୍ଧ କ୍ରିଷ୍ଣା ଓ ସାଇ କିଶୋରଙ୍କୁ ୨ଟି ଲେଖାଏଁ ୱିକେଟ ମିଳିଛି।

### ରୋହିତ୍‌ଙ୍କ ଆଇପିଏଲ୍ କୀର୍ତ୍ତିମାନ

ପ୍ରଥମ ଭାରତୀୟ ବ୍ୟାଟର୍ ଭାବେ ରୋହିତ୍ ଶର୍ମା ଆଇପିଏଲ୍‌ରେ ୩୦୦ ଛକା ମାରିବାର କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଶୁକ୍ରବାର ଗୁଜରାଟ ଟାଇଟନ୍ସ ବିପକ୍ଷ ମ୍ୟାଚରେ ରୋହିତ ୫୦ ବଲରେ ୮୧ ରନର ପାଳି ଖେଳିଥିଲେ। ଯେଉଁଥିରେ ୪ ଛକା ଓ ୯ ଚୌକା ସାମିଲ ଥିଲା। ଏଥିସହ ଆଇପିଏଲ୍‌ରେ ରୋହିତ୍‌ଙ୍କ ଛକା ସଂଖ୍ୟା ୩୦୨ରେ ପହଞ୍ଚିଛି। ୨୭୧ତମ ଆଇପିଏଲ୍ ମ୍ୟାଚରେ ସେ ଏହି ମାଇଲଖୁଣ୍ଟ ଛୁଇଁଛନ୍ତି। ଅନ୍ୟ ଭାରତୀୟଙ୍କ ମଧ୍ୟରେ ବିରାଟ କୋହଲି ୨୯୧, ମହେନ୍ଦ୍ର ସିଂ ଧୋନି ୨୬୪ ଛକା ମାରିଛନ୍ତି। ଆଇପିଏଲ୍‌ରେ ସର୍ବାଧିକ ଛକା ମାରିବାର ରେକର୍ଡ କ୍ରିସ୍ ଗେଲ୍‌ଙ୍କ ନାମରେ ରହିଛି। ଗେଲ୍ ୩୫୭ ଛକା ମାରିଛନ୍ତି। ଏହି ଅର୍ଦ୍ଧଶତକୀୟ ପାଳି ଅବସରରେ ରୋହିତ୍‌ଙ୍କ ଆଇପିଏଲ୍ ରନ୍ ସଂଖ୍ୟା ୭ ହଜାର ଟପିଛି। ବର୍ତ୍ତମାନ ସୁଦ୍ଧା ସେ ଆଇପିଏଲ୍‌ରେ ୨୯.୮୨ ହାରରେ ୭୦୩୮ ରନ କରିଛନ୍ତି। ଆଇପିଏଲ୍‌ରେ ୭ ହଜାର ରନ କ୍ଲବରେ ସାମିଲ ହେବାରେ ବିରାଟ କୋହଲି (୮୬୧୮)ଙ୍କ ପରେ ରୋହିତ୍ ଦ୍ୱିତୀୟ ଭାରତୀୟ ହୋଇଛନ୍ତି।

### କ୍ୱାଲିଫାୟର-୧ ଜିତିଥିବା ଦଳ ୧୧ଥର ଚାମ୍ପିଅନ

## ବେଙ୍ଗାଲୁରୁକୁ ସୁହାଉଛି ଇତିହାସ

ଚଣ୍ଡିଗଡ଼, ୩୦।୫ (ଏଜେନ୍ସି): ଚଳିତ ଆଇପିଏଲ୍‌ରେ ପ୍ରଥମ ଦଳ ଭାବେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଫାଇନାଲରେ ପ୍ରବେଶ କରିଛି। ଦଳର ଏହା ଚତୁର୍ଥ ଫାଇନାଲ। ପୂର୍ବରୁ ୨୦୦୯, ୨୦୧୧ ଓ ୨୦୧୬ରେ ଦଳ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ଏବେ ବେଙ୍ଗାଲୁରୁକୁ ସୁହାଉଛି ଇତିହାସ। ପ୍ଲେ ଅଫ୍ ସିଷ୍ଟମ ଆରମ୍ଭ ହେବାପରଠାରୁ କ୍ୱାଲିଫାୟର-୧ ଜିତିଥିବା ଦଳ ୧୧ଥର ଚାମ୍ପିଅନ ହୋଇଛି। ଏବେ ବେଙ୍ଗାଲୁରୁ କ୍ୱାଲିଫାୟର-୧'କୁ ପ୍ରଭାବୀ ଢ଼ଙ୍ଗରେ ଜିତିଛି ଓ ପୂର୍ବ ଧାରାକୁ ଦେଖିଲେ ଦଳ ପ୍ରଥମ ଟାଇଟଲ ଜିତିବା ରାସ୍ତାରେ ରହିଛି। ୨୦୧୧ରୁ ଆଇପିଏଲ୍‌ରେ ପ୍ଲେ ଅଫ୍ ଫର୍ମାଟ ଆରମ୍ଭ ହୋଇଥିଲା। ଏଥିରେ ଲିଗ୍ ପଏଣ୍ଟ ଟେବଲରେ ପ୍ରଥମ ଦୁଇଟି ସ୍ଥାନ ଅଧିକାର କରିଥିବା ଦଳକୁ ଫାଇନାଲରେ ପ୍ରବେଶ କରିବାକୁ ଦୁଇଟି ସୁଯୋଗ ଦିଆଯାଇଥିଲା। ପ୍ଲେ ଅଫ୍ ଲାଗୁ ହେବା ପରେ ୧୪ଟି ଫାଇନାଲ ଖେଳାଯାଇଛି ଓ କ୍ୱାଲିଫାୟରରେ ଜିତିଥିବା ଦଳ ମାତ୍ର ୩ଟି ଫାଇନାଲରେ ପରାଜିତ ହୋଇଛନ୍ତି। ୨୦୧୮ରୁ ୨୦୨୪ର ଫାଇନାଲ ରେକର୍ଡକୁ ଦେଖିଲେ ଚେନ୍ନାଇ ସୁପର କିଙ୍ଗ୍‌ସ ୨୦୧୮, ୨୦୨୧, ୨୦୨୩, ମୁମ୍ବାଇ ଇଣ୍ଡିଆନ୍ସ ୨୦୧୯ ଓ ୨୦୨୦, ଗୁଜରାଟ ଟାଇଟନ୍ସ ୨୦୨୨ ଓ କୋଲକାତା ନାଇଟ୍ ରାଇଡର୍ସ ୨୦୨୪ରେ କ୍ୱାଲିଫାୟର-୧ ଜିତିବା ପରେ ଟାଇଟଲ ହାସଲ କରିଥିଲେ। ଏହି ଟ୍ରେଣ୍ଡକୁ ଦେଖିଲେ ଅହମ୍ମଦାବାଦ୍‌ରେ ଜୁନ୍ ୩ ତାରିଖ ଫାଇନାଲରେ ରଜତ ପାଟିଦାରଙ୍କ ନେତୃତ୍ୱରେ ଓ ବିରାଟ କୋହଲିଙ୍କ ଉତ୍ସାହରେ ବେଙ୍ଗାଲୁରୁ ପ୍ରଥମ ଟାଇଟଲ ଜିତିବାକୁ ଦୃଢ଼ ଆଶା ପୋଷଣ କରିଛି। ଫାଇନାଲ ଖେଳିବା ପୂର୍ବରୁ ଦଳକୁ ଭଲ ବିଶ୍ରାମ ମିଳିଛି ଓ ବେଙ୍ଗାଲୁରୁ ଏଥିରୁ ଫାଇଦା ନେବ ବୋଲି ଆଶା କରାଯାଉଛି।

### ୧୯ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ୍

## ମିଶୁଙ୍କ ଅର୍ଦ୍ଧଶତକ; ପାରାଦୀପ ବିଜୟୀ



କଟକ,୩୦।୫(ସମିସ): ୧୯ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଆଜି ଅନୁଷ୍ଠିତ ଏକ ମ୍ୟାଚ୍‌ରେ ପାରାଦୀପ ୫ ୱିକେଟରେ ଗଞ୍ଜାମକୁ ପରାସ୍ତ କରିଛି। ଅଡଶପୁର ଗ୍ରାଉଣ୍ଡରେ ଗଞ୍ଜାମ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଓଦା ପଡ଼ିଆ ଯୋଗୁଁ ମ୍ୟାଚ୍ ୩୬ ଓଭର ବିଶିଷ୍ଟ ଖେଳାଯାଇଥିଲା। ନରସିଂହ ତ୍ରିପାଠୀଙ୍କ ୪୮ରନ, ଆଦର୍ଶ ପଟ୍ଟନାୟକଙ୍କ ୩୬ରନ ସହାୟତାରେ ଗଞ୍ଜାମ ସମସ୍ତ ୱିକେଟ ହରାଇ ୧୫୩ରନ ସଂଗ୍ରହ କରିଥିଲା। ପାରାଦୀପର ଜ୍ୟୋତି ସାମନ୍ତରାୟ ଏବଂ ଆୟୁଷ ପରିଡ଼ା ୩ଟି ଲେଖାଏ ୱିକେଟ ଦଖଲ କରିଥିଲେ। ୩୩.୪ ଓଭରରେ ୫ ୱିକେଟ ହରାଇ ପାରଦୀପ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ମିଶୁ ସିଂହ ୮୭ବଲରୁ ଅପରାଜିତ ୯୦ରନ ସଂଗ୍ରହ କରି ଦଳକୁ ଜିତାଇଥିଲେ। ମିଶୁଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଛି।

ଡ୍ରିମସ କ୍ରିକେଟ ଗ୍ରାଉଣ୍ଡରେ କଟକ-ଏ ୧୬୬ରନରେ ପୁରୀକୁ ହରାଇଥିଲା। ଆଦିତ୍ୟ ରାୟଙ୍କ ୯୨ରନ ବଳରେ କଟକ-ଏ ସମସ୍ତ ୱିକେଟ ହରାଇ ୨୦୬ରନ କରିଥିଲା। ଅନୀଲ ସାହୁ ୪୦ରନ କରିଥିଲେ। ପୁରୀ ତରଫରୁ ବାବୁଶାନ ମାଝୀ ୪ଟି ୱିକେଟ ଅକ୍ତିଆର କରିଥିଲେ। ତେବେ ୨୦୭ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ପୁରୀ ମାତ୍ର ୪୦ରନରେ ଅଲଆଉଟ ହୋଇଥିଲା। କଟକ-ଏର ପିୟୂଷ ମନ୍ତ୍ରୀ ୩ଟି, ସତ୍ୟଜିତ ସାହୁ ଓ ଜନ୍ମେଜୟ ଜେନା ୨ଟି ଲେଖାଏ ୱିକେଟ ହାସଲ କରିଥିଲେ। ରେଭେନ୍ସା ଗ୍ରାଉଣ୍ଡ-୧ରେ ଭୁବନେଶ୍ୱର-ଏ ୮ ୱିକେଟରେ ନୂଆପଡାକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ନୂଆପଡାର ଇନିଂସ୍ ୮୪ରନରେ ସୀମିତ ରହିଥିଲା। ଭୁବନେଶ୍ୱର-ଏର ଦିବ୍ୟେନ୍ଦୁ ପଣ୍ଡା ୧୦ରନ ବିନିମୟରେ ୪ଟି ୱିକେଟ ଦଖଲ କରିଥିଲେ। ୨୨.୧ ଓଭରରେ ଭୁବନେଶ୍ୱର-ଏ ଦୁଇ ୱିକେଟ ହରାଇ ବିଜୟୀ ହୋଇଥିଲା। ଦିବ୍ୟେନ୍ଦୁଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଛି। ବିଡାନାସୀ ଗ୍ରାଉଣ୍ଡରେ କନ୍ଧମାଳ ଡିଏଲଏସ୍ ପଦ୍ଧତିରେ ୩ ରନରେ ବାଲେଶ୍ୱରକୁ ହରାଇଥିଲା। ବାଲେଶ୍ୱର ୧୬୪ରନରେ ଅଲଆଉଟ ହୋଇଥିଲା। ଜବାବରେ କନ୍ଧମାଳ ୪୪ଓଭର ସୁଦ୍ଧା ୭ ୱିକେଟ ହରାଇ ୧୬୨ରନ କରିଥିବା ବେଳେ ବର୍ଷା ଯୋଗୁଁ ଖେଳ ବାତିଲ ହୋଇଥିଲା। ଅନ୍ୟ ଏକ ମ୍ୟାଚ୍‌ରେ ବରଗଡ ୩୯ରନରେ ରାଉରକେଲାକୁ ହରାଇଥିଲା।

## ଏସୀୟ ଭାରୋତ୍ତୋଳନ ଟ୍ରାଏଲ୍ସରେ ୬ ଓଡ଼ିଆ



ଭୁବନେଶ୍ୱର,୩୦।୫ (ସମିସ): କାଜାଖସ୍ତାନରେ ଜୁଲାଇ ୨ରୁ ୧୦ ତାରିଖଯାଏ ହେବାକୁ ଥିବା ଏସୀୟ ଯୁବ ଓ କନିଷ୍ଠ ଭାରୋତ୍ତୋଳନ ଚାମ୍ପିଅନସିପ୍ ଟ୍ରାଏଲ୍ସ ଲାଗି ଲାଗି ଓଡ଼ିଶାରୁ ୬ଜଣ ପ୍ରତିଯୋଗୀ ମନୋନୀତ ହୋଇଛନ୍ତି। ପଟିଆଲାରେ ଏହି ଟ୍ରାଏଲ୍ସ ଜୁନ୍ ୧ ଓ ୨ରେ ଖେଳାଯିବ। ଏଥିରେ ଭାଗନେବାକୁ ମନୋନୀତ ହୋଇଥିବା ପ୍ରତିଯୋଗୀମାନେ ହେଲେ ୫୬ କେଜି ଯୁଥ୍‌ରେ ମୁକେଶ ଗମାଙ୍ଗ, ୬୦ କେଜି କନିଷ୍ଠରେ ସଦାନନ୍ଦ ବରିହା, ୭୯ କେଜି କନିଷ୍ଠ ବାଳକ ବିଭାଗରେ ହୃଦାନନ୍ଦ ଦାସ, ୪୪ କେଜି ଯୁଥ୍‌ରେ ଜ୍ୟୋତ୍ସ୍ନା ଶବର, ୫୮ କେଜି ବାଳିକାରେ ମିନା ସାନ୍ତା (ଏ) ଓ ୬୩ କେଜି କନିଷ୍ଠ ବିଭାଗରେ ବିଦୁସ୍ମିତା ଭୋଇ।

### ସର୍ବଭାରତୀୟ ସିଭିଲ ସର୍ଭିସ ଚେସ୍

## ଓଡ଼ିଶାର ଉତ୍କଳ ଚାମ୍ପିଅନ




ଭୁବନେଶ୍ୱର, ୩୦।୫ (ସମିସ): ଓଡ଼ିଶାର ଆଇଏମ୍ ଉତ୍କଳ ରଞ୍ଜନ ସାହୁ ଗୋଆରେ ଅନୁଷ୍ଠିତ ସର୍ବଭାରତୀୟ ସିଭିଲ ସର୍ଭିସ ଚେସ୍ ଚାମ୍ପିଅନ ହୋଇଛନ୍ତି। ଏହି ପ୍ରତିଯୋଗିତାରେ ସେ ଏକକ ବିଭାଗରେ ୯ ରାଉଣ୍ଡରୁ ସର୍ବାଧିକ ୮ ପଏଣ୍ଟ ପାଇଥିଲେ। ଏଥିରେ ସେ ୭ଟି ବିଜୟ ଥିଲାବେଳେ ୨ ରାଉଣ୍ଡ ଖେଳ ଡ୍ର ରହିଥିଲା। ଗତବର୍ଷ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ମଧ୍ୟ ଉତ୍କଳ ଟାଇଟଲ ବିଜୟୀ ହୋଇଥିଲେ। କିନ୍ତୁ ଓଡ଼ିଶାର ତାରକା ଖଚିତ ଖେଳାଳି ରଞ୍ଜନ ମହାନ୍ତି, ମନୋଜ ପାଣିଗ୍ରାହୀ, ସୌମ୍ୟରଞ୍ଜନ ମିଶ୍ର ଓ ଉତ୍କଳଙ୍କୁ ନେଇ ଗଠିତ ଟିମ ଦଳଗତ ବିଭାଗରେ ପଦକ ଜିତିବାରେ ଅସମର୍ଥ ହୋଇଥିଲେ। ଅବଶ୍ୟ ଏଥିରେ ଉତ୍କଳ.ସମସ୍ତ ମ୍ୟାଚ୍‌ରେ ବିଜୟୀ ହୋଇ ଆଉ ଏକ ସ୍ୱର୍ଣ୍ଣ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଅଲ୍ ଓଡ଼ିଶା ଚେସ ସଂଘ ସମ୍ପାଦକ ଦେବବ୍ରତ ଭଟ୍ଟ ଉତ୍କଳଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ସାଟେଲାଇଟ୍ କପ୍ ଫେନସିଂ

## ଫ୍ରାନ୍ସ ଗସ୍ତରେ ୯ ଓଡ଼ିଆ ପାରା ଖେଳାଳି




ଭୁବନେଶ୍ୱର,୩୦।୫ (ସମିସ): ଫ୍ରାନ୍ସରେ ହେବାକୁ ଯାଉଥିବା ସାଟେଲାଇଟ କପ୍ ଫେନସିଂ ପ୍ରତିଯୋଗିତା ଲାଗି ୯ଜଣ ଓଡ଼ିଆ ପାରା ଫେନ୍ସର ମନୋନୀତ ହୋଇଛନ୍ତି। ଏଥିରେ ଭାରତରୁ ୧୭ଜଣ ପ୍ରତିଯୋଗୀ ଭାଗ ନେଉଛନ୍ତି। ଓଡ଼ିଆ ଫେନ୍ସରମାନେ ହେଲେ ଭି ରମେଶ ରାଓ, ରାଖାଲ ସେଠୀ, ପୂଜାସ୍ୱନୀ ନାୟକ, ମାଳତୀ ପାନୌରେ, ସିଲା ମନ୍ତ୍ରୀ, ପବିତ୍ର ସାହୁ, ମଧୁସ୍ମିତା ସାହୁ, ଓମ୍ପ୍ରକାଶ ବେହେରା ଓ ରୁଦ୍ରନାରାୟଣ ବେହେରା। ସମସ୍ତ ଖେଳାଳିଙ୍କୁ ଓଡ଼ିଶା ପାରା ସ୍ପୋର୍ଟ୍ସ ଆସୋସିଏସନ ସଭାପତି ଶୁଭମନାସିଛନ୍ତି।

### ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍

## ଗୁଲ୍‌ବୀରଙ୍କ ଡବଲ୍; ପୂଜାଙ୍କୁ ଐତିହାସିକ ସ୍ୱର୍ଣ୍ଣ

ଗୁମି, ୩୦।୫ (ଏଜେନ୍ସି)



ଦକ୍ଷିଣ କୋରିଆରରେ ଚାଲିଥିବା ୨୬ତମ ଏସିଆନ୍ ଆଥ୍‌ଲେଟିକ୍ସ ଚାମ୍ପିଅନସିପର ଶୁକ୍ରବାର ଭାରତ ୩ଟି ସ୍ୱର୍ଣ୍ଣପଦକ ଜିତି ଚତୁର୍ଥ ଦିବସକୁ ସ୍ମରଣୀୟ କରିଛି। ପୂଜା ସିଂ, ଗୁଲ୍‌ବୀର ସିଂହ ଓ ଆଗାସାରା ନନ୍ଦିନୀ ପୋଡିୟମର ପ୍ରଥମ ସ୍ଥାନରେ ରହି ଦେଶକୁ ଗୌରବାନ୍ୱିତ କରିଛନ୍ତି।

ପୂଜା ମହିଳା ହାଇଜମ୍ପରେ କ୍ୟାରିୟର ଶ୍ରେଷ୍ଠ ୧.୮୯ ମିଟର ଉଚ୍ଚକୁ ଡେଇଁ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ଏହି ସମ୍ମାନଜନକ ଚାମ୍ପିଅନସିପ୍ ଇତିହାସରେ ୨ୟ ଭାରତୀୟ ମହିଳା ହାଇଜମ୍ପର ଭାବେ ସେ ଏହି ସଫଳତା ପାଇଛନ୍ତି। ପୂଜାଙ୍କ ପୂର୍ବରୁ ୨୦୦୦ ସଂସ୍କରଣରେ ବବି ଆଲୋସିୟସ ପ୍ରଥମ ଭାରତୀୟ ମହିଳା ଭାବେ ଏହି କ୍ରୀଡ଼ାର ହାଇଜମ୍ପରେ ସ୍ୱର୍ଣ୍ଣପଦକ ଜିତିଥିଲେ। ସେହିଭଳି ପୁରୁଷ ୫୦୦୦ ମିଟର ଦୌଡ଼କୁ ଗୁଲ୍‌ବୀର ସିଂହ ୧୩ ମିନିଟ୍ ୨୪.୭୭ ସେକେଣ୍ଡରେ ଫିନିଶ କରି ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲେ। ଥାଇଲାଣ୍ଡର କିଏରନା ତୁନ୍ତିଭାଟେ (୧୩:୨୪.୯୭) ୨ୟ ଓ ଜାପାନର ନାଗିୟା ମୋରି (୧୩:୨୫.୦୬) ୩ୟ ସ୍ଥାନ ହାସଲ କରିଥିଲେ। ଗୁଲ୍‌ବୀର ଏସିଆନ୍ ଆଥ୍‌ଲେଟିକ୍ସ ଚାମ୍ପିଅନସିପର ଚଳିତ ସଂସ୍କରଣରେ ୨ୟ ସ୍ୱର୍ଣ୍ଣପଦକ ଜିତି ବିରଳ ସଫଳତା ପାଇଛନ୍ତି। ପ୍ରଥମ ଦିବସରେ ସେ ୧୦ ହଜାର ମିଟରରେ ଚାମ୍ପିଅନ ହୋଇଥିଲେ। ଦିବସରେ ଦେଶକୁ ତୃତୀୟ ସ୍ୱର୍ଣ୍ଣପଦକ ମହିଳା ହେପ୍ଟାଥଲନରେ ନନ୍ଦିନୀ ଆଗାସାରା ଭେଟି ଦେଇଥିଲେ। ନନ୍ଦିନୀ ମୋଟ୍ ୫୯୪୧ ସ୍କୋର କରି ପୋଡିୟମର ପ୍ରଥମ ସ୍ଥାନ ହାସଲ କରିଥିଲେ। ଏଥିରେ ଚୀନର ଲିଉ ଜିଙ୍ଗି (୫୮୬୯) ରୌପ୍ୟ ପଦକ ଜିତିଥିଲେ। ଅପରପକ୍ଷରେ ପୁରୁଷ ୪ ଗୁଣା ୧୦୦ ମିଟର ରିଲେ ରେସ୍‌ରେ ଭାରତୀୟ ଦଳ ଅଯୋଗ୍ୟ ଘୋଷିତ ହୋଇଥିଲା। ପଦକ ଦାବିଦାର ଥିବା ଭାରତୀୟ ରିଲେ ଦଳ ଧାର୍ଯ୍ୟ (୨୦ ମିଟର) ଦୂରତା ବାହାରେ ବାଟନ ଅଦଳବଦଳ କରିବାରେ ବିଫଳ ହୋଇଥିଲେ।

### ଆଜି ସ୍ୱର୍ଣ୍ଣ ପାଇଁ ଦୌଡ଼ିବେ ଅନିମେଶ



ଓଡ଼ିଶାର ତାରକା ଧାବକ ଅନିମେଶ କୁଜୁର ପୁରୁଷ ୨୦୦ ମିଟର ଇଭେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଜାତୀୟ ରେକର୍ଡ ଅଧିକାରୀ ଅନିମେଶ ଏହି ଦୂରତାକୁ ୨୦.୮୧ ସେକେଣ୍ଡରେ ଫିନିଶ କରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ପ୍ୟାରିସ ଅଲିମ୍ପିକ୍ସ ସେମିଫାଇନାଲିଷ୍ଟ ଜାପାନର ଉଜୱା ତୋୱା ୨୦.୬୭ ସେକେଣ୍ଡ ସହ ପ୍ରଥମ ସ୍ଥାନରେ ରହି ଫାଇନାଲରେ ପହଞ୍ଚିଛନ୍ତି। ଶନିବାର ଫାଇନାଲ ଅନୁଷ୍ଠିତ ହେବ।

### ଫ୍ରେଞ୍ଚ ଓପନ୍

## ୩ୟ ରାଉଣ୍ଡରେ ଜୋକୋଭିଚ୍



ପ୍ୟାରିସ, ୩୦।୫ (ଏଜେନ୍ସି): ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ତଥା ଫ୍ରେଞ୍ଚ ଓପନ୍‌ର ୧୨୪ତମ ସଂସ୍କରଣରେ ବିଶ୍ୱର ଏକ ନମ୍ବର ଖେଳାଳି ଆରିନା ସାବାଲେଙ୍କା ବିଜୟ ଅଭିଯାନ ଜାରି ରଖି ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ମହିଳା ଏକକ ତୃତୀୟ ରାଉଣ୍ଡ ମୁକାବିଲାରେ ବେଲାରୁଷର ସାବାଲେଙ୍କା ୬-୨, ୬-୩ ସିଧାସଳଖ ସେଟ୍‌ରେ ସର୍ବିୟାର ଓଲଗା ଡାନିଲୋଭିକଙ୍କୁ ହରାଇଛନ୍ତି। କ୍ରମାଗତ ୪୦ ସପ୍ତାହ ଧରି ଏକ ନମ୍ବର ର୍‌ୟାଙ୍କ୍ ବଜାୟ ରଖିଥିବା ସାବାଲେଙ୍କା ପ୍ରି-କ୍ୱାର୍ଟରରେ ଆମେରିକାର ଆମାଣ୍ଡା ଆନିଶିମୋଭାଙ୍କୁ ଭେଟିବେ। ସେହିଭଳି ମହିଳା ବିଭାଗର ଅନ୍ୟ ଏକ ମ୍ୟାଚରେ ଇଗା ସ୍ୱିଆଟେକ ମଧ୍ୟ ସହଜ ବିଜୟ ସହିତ ପ୍ରି-କ୍ୱାର୍ଟରରେ ପହଞ୍ଚିଛନ୍ତି। ତୃତୀୟ ରାଉଣ୍ଡର ଏହି ମ୍ୟାଚରେ ପୋଲାଣ୍ଡର ସ୍ୱିଆଟେକ ୬-୨, ୭-୫ ସେଟ୍‌ରେ ରୋମାନିଆର ଜ୍ୟାକଲିନ୍ କ୍ରିଷ୍ଟିଆନଙ୍କୁ ପରାସ୍ତ କରିଥିଲେ। ରୁଷିଆର ଲିଉଡମିଲା ସାମସୋନୋଭା ମଧ୍ୟ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।

ପୁରୁଷ ବିଭାଗରେ ୨୪ଥରର ଗ୍ରାଉଣ୍ଡସ୍ଲାମ ବିଜେତା ସର୍ବିୟାର ନୋଭାକ ଜୋକୋଭିଚ ତୃତୀୟ ରାଉଣ୍ଡରେ ସ୍ଥାନ ପକ୍କା କରିଛନ୍ତି। ଗୁରୁବାର ରାତିରେ ଅନୁଷ୍ଠିତ ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ଜୋକୋଭିଚ୍ ୬-୩, ୬-୨, ୭-୬ (୧) ସେଟ୍‌ରେ ଫ୍ରାନ୍ସର କ୍ରୋଏଣ୍ଟିନା ମୌତେତ୍‌ଙ୍କୁ ମାତ୍ ଦେଇଥିଲେ। ପୁରୁଷ ବିଭାଗରେ ଅନ୍ୟ ଖେଳାଳିଙ୍କ ମଧ୍ୟରେ ବିଶ୍ୱର ଏକ ନମ୍ବର ମାନ୍ୟତା ଜାନ୍ନିକ ସିନ୍ନର, ନରୱେର କାସ୍ପର ରୁଡ୍, ଇଟାଲୀର ଲୋରେଞ୍ଜୋ ମୁସେଟ୍ଟି ତୃତୀୟ ରାଉଣ୍ଡରେ ପହଞ୍ଚିଛନ୍ତି।

## ସିଙ୍ଗାପୁର ଓପନ ସେମିରେ ସାତ୍ତ୍ୱିକ-ଚିରାଗ

ସିଙ୍ଗାପୁର,୩୦।୫ (ଏଜେନ୍ସି): ଭାରତର ଏକ ନମ୍ବର ଯୋଡି ସାତ୍ତ୍ୱିକ ସାଇରାଜ ର୍‌ୟାଙ୍କିରେଡ୍ଡି ଓ ଚିରାଗ ସେଟ୍ଟୀ ଏଠାରେ ଚାଲିଥିବା ସିଙ୍ଗାପୁର ଓପନ ବ୍ୟାଡ୍‌ମିଣ୍ଟନ ପୁରୁଷ ଡବଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଭାରତର ଏହି ଯୋଡି ୨୧-୧୭, ୨୧-୧୫ରେ ବିଶ୍ୱର ନଂ-୧ ଯୋଡି ଗୋ ଜେ ଫେଇ ଓ ନୁର ଇଜ୍ଜୁଦ୍ଦିନଙ୍କୁ ପରାସ୍ତ କରିଛନ୍ତି। ଏହି ମ୍ୟାଚ୍‌ଟି ୩୯ ମିନିଟ୍‌ରେ ଶେଷ ହୋଇଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS